
# ସମାରୋହ

ମାର୍ଚ୍ଚ ୨୦୨୬ www.samaroha.in



# KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**



Bringing SMILE
to the Rural Life...
Agritech
Education
Green Energy
Power & Steel
Mining
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com





## ସମାରୋହ ପୁରସ୍କାର - ୨୦୨୬

- ଦୁର୍ଗାମାଧବ ସ୍ମୃତି ପୁରସ୍କାର (ଗଳ୍ପ) - କମଳା ପ୍ରସାଦ ମହାପାତ୍ର
- ଦୁର୍ଗାମାଧବ ସ୍ମୃତି ପୁରସ୍କାର (କବିତା) - ସ୍ୱୟଂପ୍ରଭା ରଥ
- ଫକିର ମୋହନ ସ୍ମୃତି ପୁରସ୍କାର (ପ୍ରବନ୍ଧ) - ସୁଚେତା ରାଉତ
- ଫକିର ମୋହନ ସ୍ମୃତି ପୁରସ୍କାର (ରମ୍ୟରଚନା) - ପ୍ରଭାତ କୁମାର ମହାପାତ୍ର
- ସମାରୋହ ସମ୍ମାନ ୨୦୨୬ - ଅଶ୍ୱିନୀ କୁମାର ମିଶ୍ର
- ରାଧାମାଧବ ସ୍ମୃତି ପୁରସ୍କାର (ଅନୁବାଦ) - ବିନୋଦିନୀ ପାତ୍ର
- ସମାରୋହ ସାରସ୍ୱତ ସାଧନା ପୁରସ୍କାର ୨୦୨୬ - ବାସନ୍ତୀ ଦାସ











# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )


**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟ୍‌ଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ
**ପ୍ରଚ୍ଛଦପଟ୍ଟ ଚିତ୍ର:**
ସାଇସ୍ମିତା ପ୍ରଧାନ

**Volume - 35 Issue - 6**
**March - 2026**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*


## ସୂଚୀପତ୍ର

### ପ୍ରବନ୍ଧ


**ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର କଂସ ମହାରାଜା**
ଅଧ୍ୟାପକ ପବିତ୍ର ମୋହନ ବାରିକ...... ୬
**ସାମ୍ରାଜ୍ୟବାଦୀ ଶକ୍ତିର ଦାଦାଗିରି** ବିନୋଦ......... ୯


### କଥା ଓ କାହାଣୀ


**ମଞ୍ଜୁଳା କନ୍ୟା** କାଳିନ୍ଦୀ ଚରଣ ଭଞ୍ଜ......... ୧୨
**ନିସଙ୍ଗ ପଦାତିକ** ଡଃ ସୁକାନ୍ତ ମହାରଣା......... ୧୭
**କୁନିଅପାର ହସ** ମନୋଜ କୁମାର ଜେନା...... ୨୩
**ବିଶୁ ମହାରାଣା ସୁତ** ପଦ୍ମନାଭ ସାହୁ............... ୨୬
**ଭ୍ରମ..** ମୂଳହିନ୍ଦୀ- ନୀଲମ୍ ଏଚ୍ ତୋଲଓ୍ୱାନୀ
ଅନୁବାଦ- ଦେବସ୍ମିତା ବେହେରା......... ୨୯
**ସ୍ୱପ୍ନ ନଗରୀର ଅନ୍ଧାରୀ ଗୁହା** ସୁଷମା ପରିଜା................୩୦
**ଓଡ଼ିଆ ଅସ୍ମିତା !** ବୀରେଶ୍ୱର ମହାନ୍ତି...........୩୪
**ଫାର୍ମ ହାଉସ** ମୂଳ ଲେଖା - ଆଣ୍ଟନ ଚେକୋଭ
ଅନୁବାଦକ - ଚିତ୍ତରଂଜନ ପଟ୍ଟନାୟକ...... ୩୬
**ଜୀବନ ରେଖା** ଚୌଧୁରୀ ବରଦାପ୍ରସନ୍ନ ଦାସ..୪୦
**ସର୍ବଶ୍ରେଷ୍ଠ ଦାନୀ** ରବିନାରାୟଣ ଦାଶ...........୪୩


### କବିତା


**ଭାଗ୍ୟର ଖେଳ** ପ୍ର. ଗିରିଜା ଶଙ୍କର ଶର୍ମା...... ୪୫
**ଲେଉଟାଣି କଥା** ବସନ୍ତ କୁମାର ମିଶ୍ର........... ୪୫
**ତିନୋଟି କବିତା** ଡ. ଲିଙ୍ଗରାଜ ରଥ............ ୪୬
**ଛୁଞ୍ଚ ସୂତା** ଅକ୍ଷୟ ପାତ୍ର.................. ୪୬
**ଆହେ ଦୟାମୟ** ବିଭୂତି ଭୂଷଣ ତ୍ରିପାଠୀ........ ୪୭
**ତୁମ ଲାଜ ଅଭିମାନ** ପ୍ରଶାନ୍ତ କୁମାର ଦାଶ.......... ୪୭
**କାରିଗର** ରୀନାରାଣୀ ରାଉତରାୟ........ ୪୮
**ମନପକ୍ଷୀ** ଡ.ଚନ୍ଦ୍ରକଳା ନାୟକ.......... ୪୮
**ମୁଁ ଏବେ ବୁଢ଼ା ନାଉରି** ଜୟଶ୍ରୀ ପଟ୍ଟନାୟକ........... ୪୯
**ପାଦ ଚିହ୍ନ** ଶିବ ଶଙ୍କର ଦାସ............. ୪୯
**ପଛ ପୃଷ୍ଠା** ମନୋରଂଜନ ଶରଣ.........୫୦
**ଆମର ଗୀତ ଶିଖିବା** ସ୍ନେହା ରଥ.................. ୫୦
**ଝିଅଟିଏ ମୁଁ ଝିଅଟିଏ** ଇତିଶ୍ରୀ ପତି..................୫୧
**ଏଇ ଜୀବନ !** ରାହାସ କୁମାର ବେହେରା.... ୫୧
**ଠେକରା** ମୋହନ କୁମାର ସ୍ୱାଇଁ........ ୫୨

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

**ପରିଚାଳନା ସଂପାଦିକା**


**ସମାରୋହ ଆଜୀବନ ପୃଷ୍ଠପୋଷକ**

- **ଡା. ଅମରେନ୍ଦ୍ରନାଥ ଦାସ**
- **ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ**
- **ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**


## ଧର୍ମ


**ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଗଜୋଦ୍ଧାରଣ ବେଶ**

ଇଂ ପ୍ରଶାନ୍ତ କୁମାର ଆଚାର୍ଯ୍ୟ.......... ୫୩


## ତନ୍ମାତ୍ର


**ବରବଧୂ**.......................................................... ୫୬


## ଖେଳ ଓ ଖେଳାଳୀ


**ସଲାମ୍ ଟିମ୍ ଇଣ୍ଡିଆ**

**ଟି-୨୦ ବିଶ୍ୱକପ୍ ୨୦୨୬** .................................... ୫୭



**ପଢ଼ନ୍ତୁ ! ପଢ଼ନ୍ତୁ !**

**ମାସିକ ଓଡ଼ିଆ ପତ୍ରିକା**





**ଯୋଗାଯୋଗ ଠିକଣା**

**ସହଯୋଗୀ ସଂପାଦକ : ସମାରୋହ**

**ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩**

**ଫୋନ୍ ନମ୍ବର : ୦୬୭୪-୨୩୫୪୮୭୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬**

E-mail: thesamaroha@gmail.com



| | | |
|---|---|---|
| **ସମାରୋହର ଦେୟ** | ବାର୍ଷିକ................. ଟ. ୩୦୦.୦୦ | ଦ୍ୱିବାର୍ଷିକ............... ଟ. ୬୦୦.୦୦ |
| | ୩ ବର୍ଷ ପାଇଁ...........ଟ. ୯୦୦.୦୦ | ୫ ବର୍ଷ ପାଇଁ...........ଟ. ୧୫୦୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* | |

# ସଂ ପା ଦ କୀ ୟ

କାଲି ନଅ ମାର୍ଚ୍ଚର ଖବରକାଗଜରେ ଭାରତ ବିଶ୍ୱବିଜେତା ଏବଂ କାହାଦ୍ୱାରା ଏହି ସଫଳତା ମିଳିଲା ତାଙ୍କ ନାମ ପ୍ରକାଶ ପାଇଥିଲା। ବୋଧେ କିଛିଦିନ ପୂର୍ବେ ବାହାରିଥିଲା ଜଳୁଛି ବିଶ୍ୱ ଥମୁନି ଯୁଦ୍ଧ। ବର୍ତ୍ତମାନ ଯୁଦ୍ଧ ଶୁଣିଲେ ସମସ୍ତଙ୍କର ଛାତିରେ ଭୂକମ୍ପ ଆସୁଛି। କାରଣ ଏ ଯୁଦ୍ଧ ନୁହେଁ ପ୍ରଳୟର ପୂର୍ବାଭାସ। କ୍ରିକେଟ ଖେଳରେ ବାହାରିଲା ଆଜି ମହାମୁକାବିଲା, ଅହମ୍ମଦାବାଦ ଉପରେ ନଜର, ଭାରତ ଖେଳିଛି ଦୁଇଟି ମ୍ୟାଚ୍ ଜିତିଛି ଏକ ପରାଜିତ ଏକ। ମ୍ୟାଚ୍ ଜିତିବା ହାରିବା ସଙ୍ଗେ ଦେଶ ବିଦେଶର କୌଣସି ସମ୍ପର୍କ ନାହିଁ। ଜେନେଭାରେ ଇରାନ, ଆମେରିକା ପରମାଣୁ ଆଲୋଚନା ବିଫଳ ହେବାପରେ ଅତର୍କିତ ଭାବେ ଇରାନ ଉପରେ ଇସ୍ରାଏଲ ଓ ଆମେରିକାର ପ୍ରବଳ ଆକ୍ରମଣ ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେଇଛି। ବୋଧେ ସମଗ୍ର ବିଶ୍ୱରେ ଯେଉଁମାନେ ଶାନ୍ତିକାମୀ ଅଛନ୍ତି ସେମାନଙ୍କର ସ୍ୱଚ୍ଛ ହୃଦୟରେ ଗଢ଼ା ଇମାରତ୍ ଭାଙ୍ଗି ପଡ଼ିବାର ଦେଖାଯାଉଛି। ମୋ ମତରେ ଅନେକ ଲୋକ ଯୁଦ୍ଧ ଚାହୁଁନାହାନ୍ତି। ଶାନ୍ତି ହିଁ ଦରକାର ସମସ୍ତଙ୍କ ପାଇଁ। କିନ୍ତୁ "ଗୋଠ ମାତିଲେ ଖଣ୍ଡିଆ ଘୋଡ଼ା ବି ମାତିଯାଏ"। ଯାହା ଦେଖାଯାଉଛି ଏହି ଅବସ୍ଥାକୁ ଦେଖି ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା କରାଯାଉଛି। ଏହା ଆଶଙ୍କା ନୁହେଁ ଦୂରଦୃଷ୍ଟି ରଖିବା ସମ୍ଭବ ହେଉନାହିଁ। ଲାଲବାହାଦୁର ଶାସ୍ତ୍ରୀ ଶାନ୍ତିର ଦୂତ ଭାବେ ତାସ୍‌କେଣ୍ଟ ଯାଇଥିଲେ ଓ ତାଙ୍କରି ଲାଗି ଶାନ୍ତି ବିରାଜିତ କରିଥିଲା। ଯେତେବେଳେ ଆମେରିକାରେ ଟ୍ରମ୍ପ୍ ଜିତିକରି ଆସିଲେ ସେତେବେଳେ ସମସ୍ତେ ଚିନ୍ତିତ ହୋଇଥିଲେ ପାଗଳ ଆସିଲାଣି କ'ଣ ନା କ'ଣ କରିବ ତାର ଠିକ୍ ଠିକଣା ନାହିଁ। ତୃତୀୟ ବିଶ୍ୱଯୁଦ୍ଧ ହେଲେ କଣ ନା କଣ ଘଟିବ ସମସ୍ତେ ଜାଣନ୍ତି। କାରଣ ସେ ଯୁଗର ଶାସ୍ତ୍ରୀଙ୍କ ଭଳି ଶୁଦ୍ଧ ହୃଦୟ ଓ ପବିତ୍ର ଆତ୍ମା କେହି ନାହାଁନ୍ତି। ତଥାପି ସାରା ବିଶ୍ୱବାସୀଙ୍କୁ ମୋ ଭଳି ଜଣେ ଚଉରାନବେ ବର୍ଷିୟା ବୃଦ୍ଧା କହୁଛି ଶାନ୍ତିର ବାର୍ତ୍ତା ସମସ୍ତେ ହୃଦୟଙ୍ଗମ କରନ୍ତୁ ଏବଂ ଏ ବିଷୟକୁ ଚିନ୍ତା କରି ଶାନ୍ତିର ବାର୍ତ୍ତା ପ୍ରଚାର କରିବାକୁ ଚେଷ୍ଟା କରନ୍ତୁ। ତେବେ ଯାଇଁ ଯୁଦ୍ଧର ଏ ଯେଉଁ ଭୟ ଉତ୍ପନ୍ନ ହୋଇଛି ତାହା ଧିରେ ଧିରେ ମଉଳିଯିବ। ତେଣୁ ମଧ୍ୟପ୍ରାଚ୍ୟର ଏଇ ରାଜନୈତିକ ଉତ୍ତେଜନା ସୃଷ୍ଟି କରିଛି ଧ୍ୱଂସ ଲୀଳା। ରୁଷ୍, ୟୁକ୍ରେନ୍ ସମେତ ବିଶ୍ୱର ଏକାଧିକ ଦେଶ ମଧ୍ୟରେ ଜାରି ରହିଛି ଯୁଦ୍ଧ ସ୍ଥିତି। ଏପରି ମନୋବୃତ୍ତି ଓ ଅବସ୍ଥାକୁ ନେଇ ଯେଉଁଠି ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା କରାଯାଇଛି, ଅନେକ ମଧ୍ୟ ଭାବୁଛନ୍ତି ବାବାବଙ୍ଗା ଓ ନୋଷ୍ଟ୍ରାଡମ୍‌ସ ଦୁଇହଜାର ଛବିଶ ମସିହାକୁ ନେଇ କରିଥିବା ଭବିଷ୍ୟତବାଣୀ ସତ୍ୟ ହେବାକୁ ଯାଉଛି। ପରମାଣୁ ବୋମା ବିଷୟରେ ସମସ୍ତେ ଜାଣନ୍ତି। ମୁହୂର୍ତ୍ତକରେ ସାରାବିଶ୍ୱକୁ ଧ୍ୱଂସ କରିଦେଇପାରେ।

ଆଉ ମଧୁସୂଦନ ରାଓ ଯେଉଁ ଗୀତ ଲେଖିଥିଲେ "ମଧୁମୟ ସୃଷ୍ଟି, ସୁଧାମୟ ସୃଷ୍ଟି ଏ ସୃଷ୍ଟି ଅମୃତମୟ ହେ।" ସେହି ଉକ୍ତିକୁ ଆମର ଅହଂକାର ଧ୍ୱଂସ କରିବାକୁ ବସିଛି। ଭଗବାନ୍ ସମସ୍ତଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ଆଖିରୁ କଳା ଚଷମା, ନୀଳ ଚଷମା, ହଳଦିଆ ଚଷମା ଫିଙ୍ଗିଦେଇ ନିଜ ମସ୍ତିଷ୍କକୁ ଥଣ୍ଡା ରଖନ୍ତୁ ଏତିକି ଅନୁରୋଧ। ଆଉ ଆଗକୁ ଯିବି ନାହିଁ। ସମୟ ତୀବ୍ର ଗତିରେ ଆଗେଇ ଚାଲିଛି। ଆମେ ଚାହିଁଲେ ଏ ସୃଷ୍ଟି ରହିବ ଆମେ ମାତିଲେ ଧ୍ୱଂସର ଲୀଳା ଦେଖିବାକୁ ପାଇବା। ତେଣିକି ସୃଷ୍ଟି ବ୍ୟକ୍ତି ବିଶେଷଙ୍କ ଉପରେ ଭାରଦେଇ "ସୃଷ୍ଟିକର୍ତ୍ତା ସର୍ବବ୍ୟାପକ ସତ୍ତାଙ୍କୁ ଆଉଗି ପ୍ରଣାମ କରି ଆନ୍ତରିକ ଅନୁରୋଧ- ସେ ସମସ୍ତିଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ନହେଲେ ଏବେ ଓଡ଼ିଶାରେ ପ୍ରମୁଖ ରାଜନୈତିକ ଦଳମାନେ ଯେଉଁ ଆଚରଣ ଧରିଛନ୍ତି ତାଙ୍କର ପରିବର୍ତ୍ତନ ହେବନାହିଁ। କାରଣ ଅହଂକାର ସମସ୍ତଙ୍କୁ ଗ୍ରାସ କରି ଚାଲିଛି।"

ହରିଓଁ ତତ୍‌ସତ୍, ଆଶା
ସୃଷ୍ଟିର ସମସ୍ତ ବିଷୟ ପରିବର୍ତ୍ତିତ ହୋଇ ଭାରତର
ମହନୀୟତା ଜଗତକୁ ଉଦ୍‌ବୁଦ୍ଧ କରୁ ଏତକ ମାତ୍ର ପ୍ରାର୍ଥନା।
ବ୍ରହ୍ମାର୍ପଣମସ୍ତୁ

ପ୍ରବନ୍ଧ

# ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର କଂସ ମହାରାଜା

**ଅଧ୍ୟାପକ ପବିତ୍ର ମୋହନ ବାରିକ**

ଦେବ, ନର, ବାନର, ନାଗ ଓ ଅସୁର ବିଭିନ୍ନ ବର୍ଗର ଧନୁକୁ ଶ୍ରେଷ୍ଠ ଅସ୍ତ୍ର ରୂପେ ବ୍ୟବହାର କରି ନିଜର ଶକ୍ତି, ସାମର୍ଥ୍ୟ, ଶୌର୍ଯ୍ୟ, ବୀର୍ଯ୍ୟ, ଧୈର୍ଯ୍ୟର ଚରମ ନିଦର୍ଶନ ପ୍ରଦର୍ଶନ କରିଥିଲେ। ଧନୁକୁ ନେଇ ଅନେକ ଯାତ୍ରା, ଉତ୍ସବ, ମହୋତ୍ସବ, ପ୍ରଭୃତି ପୁରାଣ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ ପାଳନ କରାଯାଇ ଆସୁଅଛି। ପୌଷ ମାସରେ ଧନୁଯାତ୍ରା ଆୟୋଜିତ ହୁଏ। ପୌଷ ମାସର ସଂକ୍ରାନ୍ତି ଧନୁ ସଂକ୍ରାନ୍ତି ନାମରେ ଖ୍ୟାତ। ଏହି ସମୟରେ ଧନୁ ମୁଆଁ ପ୍ରସ୍ତୁତ କରାଯାଏ। ନୟାଗଡ ରାଜ ଦରବାରର କବି ଉତ୍କଳ ଘଣ୍ଟ ଯଦୁମଣି ମହାପାତ୍ର ହାସ୍ୟ ରସାତ୍ମକ ଶୈଳୀରେ ରାଜାଙ୍କ ଉଦ୍ଦେଶ୍ୟରେ ଧନୁ ମୁଆଁ କଥା ଉଲ୍ଲେଖ କରିଛନ୍ତି -

"ଧନୁ ମାସ ଗଲା ହନୁ ନ ଚଳିଲା
କହିବାକୁ ବଡ଼ଲାଜ
ମୁଆଁ ଖାଇବାକୁ ମୁଁ ଆଁ କରିଅଛି
ଆଜ୍ଞା ହେଉ ଦେବରାଜ।"

ପୁରାଣ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ଧନୁ ଏକ ପ୍ରମୁଖ ଅସ୍ତ୍ର ଭାବେ ବ୍ୟବହାର କରାଯାଇ ଆସୁଅଛି। ଆଦିବାସୀ ସମାଜରେ ବର୍ତ୍ତମାନ ମଧ୍ୟ ଧନୁକୁ ମୁଖ୍ୟ ଅସ୍ତ୍ର ରୂପେ ବ୍ୟବହାର କରାଯାଉଅଛି। ଧନୁର ମହିମା ଓ ମାହାତ୍ମ୍ୟ ଅସାଧାରଣ। ରାମାୟଣ ଓ ମହାଭାରତ ଯୁଗରେ ଧନୁ ଅସ୍ତ୍ରର ବହୁଳ ବ୍ୟବହାର ଦେଖିବାକୁ ମିଳେ। ବୃଷଧ୍ୱଜ ରାଜା ଯଜ୍ଞ ବ୍ରହ୍ମ ଏହି ବାଉଁଶ ଗଛକୁ କାଟି ସାତ ଖଣ୍ଡରେ ପରିଣତ କଲେ। ପ୍ରଥମ ଖଣ୍ଡରେ ଶିବଧନୁ ପିନାକ, ଦ୍ୱିତୀୟ ଖଣ୍ଡରେ ଇନ୍ଦ୍ରଙ୍କ ଧନୁ ଆଦ୍ରାବଳୀ, ତୃତୀୟ ଖଣ୍ଡରେ ନାରାୟଣଙ୍କ ପାଇଁ ସାରଙ୍ଗ ଧନୁ, ଚତୁର୍ଥ ଖଣ୍ଡରେ ପର୍ଶୁରାମଙ୍କ ବୈଷ୍ଣବ ଧନୁ ପଞ୍ଚମ ଖଣ୍ଡରେ ଶ୍ରୀରାମଙ୍କ ପାଇଁ କୋଦଣ୍ଡ ଧନୁ, ଷଷ୍ଠ ଖଣ୍ଡରେ ଅର୍ଜୁନଙ୍କ ଗାଣ୍ଡିବ ଧନୁ ଓ ସପ୍ତମ ଖଣ୍ଡରେ ବଂଶୀ ପ୍ରସ୍ତୁତ କଲେ। ପୁରାଣ ଯୁଗରେ ଧନୁକୁ ନେଇ ଦୁଇଟି ଯାତ୍ରା ଆୟୋଜିତ ହୋଇଥିଲା। ତ୍ରେତୟା ଯୁଗରେ ମିଥିଳା ନଗରୀରରେ ରାଜାଜନକଙ୍କ ଦ୍ୱାରା ଅନ୍ୟଟି ଦ୍ୱାପର ଯୁଗରେ ମହାରାଜା କଂସ ନିଜର ଭଣଜାକୁ ବିନାଶ କରିବା ପାଇଁ ଉଦ୍ଦେଶ୍ୟମୂଳକ ଭାବରେ ଅଭିସନ୍ଧି ରଖି ଧନୁଯାତ୍ରା ଉତ୍ସବ ଆୟୋଜନ କରିଥିଲେ। ବର୍ତ୍ତମାନ ଏହି ଦୁଇଯାତ୍ରା ଚୈତ୍ର ଓ ପୌଷ ମାସରେ ପାଳନ କରାଯାଉଅଛି। ଚୈତ୍ର ଶୁକ୍ଳ ନବମୀ ତିଥିରୁ କିଛିଦିନ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ରାମଲୀଳା ମାଧ୍ୟମରେ ଧନୁଯାତ୍ରା ଆୟୋଜିତ ହେଉଅଛି। ଅନ୍ୟଟି ପୌଷ ଶୁକ୍ଳ ଚତୁର୍ଥୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦୀର୍ଘ ୧୧ଦିନ ଧରି ପାଳନ କରାଯାଏ। ମୁଖ୍ୟତଃ ପଶ୍ଚିମ ଓଡ଼ିଶାରେ ପୁରାଣ ପ୍ରସିଦ୍ଧ କଂସ ମହାରାଜାଙ୍କର ଦ୍ୱାପର ଯୁଗରେ ଆୟୋଜିତ ହୋଇଥିବା ଧନୁଯାତ୍ରା ପାଳିତ ହେଉଥିବାର ଦେଖାଯାଏ। ବଲାଙ୍ଗୀର ଭାଲେର ଗ୍ରାମର ଭଗବତ ସାହୁଙ୍କ ଘରେ ଧନୁଯାତ୍ରା ୧୯୨୧ ମସିହାରୁ ପାଳିତ ହେଉଥିଲା କିନ୍ତୁ ୨୦୦୫ ମସିହାରୁ ଗ୍ରାମବାସୀଙ୍କ ସହଯୋଗରେ ୭ଦିନ ଧରି ପାଳିତ ହେଉଅଛି। ସମ୍ଭବତ ଭାଲେର ଗ୍ରାମର ଧନୁଯାତ୍ରା ପଶ୍ଚିମ ଓଡ଼ିଶାର ସର୍ବପୁରାତନ ଧନୁଯାତ୍ରା ଯାହା ୧୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରମ କରିସାରିଛି। ଭାଲେର ଗ୍ରାମ ଗୋପପୁର ଓ ବଲାଙ୍ଗୀର ସହରର ଐତିହାସିକ କୌଶଳ କଳା ମଣ୍ଡଳ ପଡିଆ ମଥୁରା ନଗର ମହାରାଜା କଂସଙ୍କ ଦରବାର ରୂପେ ଉପସ୍ଥାପନ କରାଯାଏ। ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ଧନୁଯାତ୍ରାମାନଙ୍କ ମଧ୍ୟରେ ବରଗଡର ସ୍ଥାନ ସ୍ୱତନ୍ତ୍ର

ଭାଲେର ଗ୍ରାମ ଗୋପପୁର ଓ ବଲାଙ୍ଗୀର ସହରର ଐତିହାସିକ କୌଶଳ କଳା ମଣ୍ଡଳ ପଡିଆ ମଥୁରା ନଗର ମହାରାଜା କଂସଙ୍କ ଦରବାର ରୂପେ ଉପସ୍ଥାପନ କରାଯାଏ। ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ଧନୁଯାତ୍ରାମାନଙ୍କ ମଧ୍ୟରେ ବରଗଡର ସ୍ଥାନ ସ୍ୱତନ୍ତ୍ର ଓ ଅଦ୍ୱିତୀୟ। ବରଗଡ ଧନୁଯାତ୍ରାର ଐତିହ୍ୟ ଓ ଇତିହାସ ଅତ୍ୟନ୍ତ ମନୋମୁଗ୍ଧକର। ଏହା ବିଶ୍ୱର ସର୍ବ ବୃହତ ମୁକ୍ତାକାଶ ରଙ୍ଗମଞ୍ଚର ମାନ୍ୟତା ପାଇଛି।

ଓ ଅଦ୍ୱିତୀୟ। ବରଗଡ ଧନୁଯାତ୍ରାର ଐତିହ୍ୟ ଓ ଇତିହାସ ଅତ୍ୟନ୍ତ ମନୋମୁଗ୍ଧକର। ଏହା ବିଶ୍ୱର ସର୍ବ ବୃହତ ମୁକ୍ତାକାଶ ରଙ୍ଗମଞ୍ଚର ମାନ୍ୟତା ପାଇଛି। ବରଗଡ଼ ଧନୁଯାତ୍ରାର ଆରମ୍ଭ ସମୟକୁ ନେଇ ଗବେଷକମାନଙ୍କ ମଧ୍ୟରେ ଭିନ୍ନମତ ପ୍ରକାଶ ପାଇଥାଏ। କେତେକ ତଥ୍ୟରୁ ଜଣାଯାଏ ୧୯୪୮ ମାଘ ପଞ୍ଚମୀ ମଧ୍ୟ ରାତ୍ରରେ ରାମଜୀ ମନ୍ଦିରରେ କୃଷ୍ଣଜନ୍ମ ହେବା ସହିତ ବରଗଡ ଧନୁଯାତ୍ରାର ଶୁଭାରମ୍ଭ ହୋଇଥିଲା। ୧୯୧୫ ମସିହାରୁ ବରଗଡ ସହରରେଧନୁଯାତ୍ରା ଛୋଟକାଟିଆ ଭାବରେ ପାଳନ କରାଯାଉଥିବାର କେତେକଙ୍କ ମତରୁ ଜଣାଯାଏ। ଅନ୍ୟ କେତକଙ୍କ ତଥ୍ୟ ଅନୁଯାୟୀ ଭଟଲି ଅଞ୍ଚଳରେ ଲୀଳା ସୁଆଙ୍ଗକୁ ଦେଖି ସେ ସମୟର କିଛି ଯୁବକଙ୍କ ପରିକଳ୍ପନାର ଫଳ ସ୍ୱରୂପ ଆଜିର ବରଗଡରେ ଆୟୋଜିତ ହେଉଥିବା ବିଶ୍ୱବିଖ୍ୟାତ ଧନୁଯାତ୍ରା ମହୋତ୍ସବ। ଅନ୍ୟ ଏକ ତଥ୍ୟରୁ ଜଣାଯାଏ ଭଟଲି ଥାନା ଅନ୍ତର୍ଗତ ଭୁଲିଆଡିହ ଗ୍ରାମରେ ଧନୁଯାତ୍ରା ଦେଖି ଧର୍ମପ୍ରାଣ ବ୍ୟକ୍ତି କାଙ୍ଗାଳି ନାୟକ ଉତ୍ସାହିତ ହୋଇ ବରଗଡରେ ଧନୁଯାତ୍ରା ଆରମ୍ଭ ପାଇଁ ମନସ୍ଥ କଲେ। ତାଙ୍କ ନେତୃତ୍ୱରେ ଗୌନ୍ତିଆ ଭୁଷଣ କରଙ୍କ ସଭାପତିତ୍ୱରେ ତଳିପଡାର ରାମଜୀ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହିବୈଠକରେ ଧନୁଯାତ୍ରାର ପରିକଳ୍ପନା କରାଯାଇଥିଲା। ଏହି ସଭାରେ ମାର୍ଫତଦାର ଗୌନ୍ତିଆ ରଘୁମଣିଦାସ, ଲକ୍ଷପତି ଦାଶ, ଚନ୍ଦ୍ରମଣି ଦାଶ, ଲଳିତ ଦାଶ, ଗୌନ୍ତିଆ ଲଳିତ ମୋହନ ସାହୁ, ମୁକ୍ତାର ରାମକୃଷ୍ଣ ହୋତା, କପିଳ ଦାଶ ପ୍ରମୁଖ ଯୋଗଦାନ କରିଥିବାର ଜଣାଯାଏ।

୧୯୪୭ ମସିହାରେ ଧନୁଯାତ୍ରାର ଆୟୋଜନ ହୋଇଥିଲା। ଓ ସେହି ବର୍ଷ ଧନୁ ସଂକ୍ରାନ୍ତିରେ ହାଟପଦାରେ ଇନ୍ଦ୍ରଧ୍ୱଜ ସ୍ଥାପନ କରାଯାଇଥିବାର ଜଣାଯାଏ। ୧୯୪୭ ମସିହାରେ ଧନୁଯାତ୍ରା ଆରମ୍ଭ ହୋଇଥିବା ଯୁକ୍ତିଯୁକ୍ତ ମନେ ହୁଏ। ଚଳିତବର୍ଷ ବରଗଡ ଧନୁଯାତ୍ରା ୭୮ବର୍ଷରେ ପଦାର୍ପଣ କରିଛି ତେଣୁ ଏହା ୧୯୪୭ରୁ ଆରମ୍ଭ ହୋଇଥିବା ଏହା ପ୍ରମାଣିତ କରୁଛି। ସ୍ୱାଧୀନତା ପ୍ରାପ୍ତିର ପରିପ୍ରେକ୍ଷୀରେ ଧନୁଯାତ୍ରାର ଆୟୋଜନ ଏହା ଯଥେଷ୍ଟ ମହତ୍ତ୍ୱ ରଖିଥାଏ। ଅତ୍ୟାଚାରୀ ଇଂରେଜ ସରକାରଙ୍କର କୁଶାସନକୁ କଂସ ମହାରାଜାଙ୍କର ଦୁରାଚାର ସହିତ ପରିକଳ୍ପନା କରି ଏହି ଧନୁଯାତ୍ରାର ଆୟୋଜନ, ଏଥିରେ ଦ୍ୱିମତ ନାହିଁ। ବରଗଡ ଧନୁଯାତ୍ରାର ପରିସମାପ୍ତି ଦିନ ପୌଷପୂର୍ଣ୍ଣିମା ଅଟେ। ପୌଷ ପୂର୍ଣ୍ଣିମା ପଶ୍ଚିମ ଓଡ଼ିଶାରେ ପୁଷିପୁନି ନାମରେ ଖ୍ୟାତ। ପୂର୍ବେ ପଶ୍ଚିମ ଓଡ଼ିଶାରେ ପୁଷିପୁନି ଦିନ ଗୌନ୍ତିଆ ବା ଜମିଦାରମାନେ ନିଜ ଜମି ବାଡ଼ି କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ମୂଲିଆ, ମଜୁରିଆ, ଶ୍ରମିକମାନଙ୍କୁ ଚୁକ୍ତିଭିତ୍ତିକ ଏକ ବର୍ଷ ପାଇଁ ନିଯୁକ୍ତି ଦେଉଥିଲେ। ଶ୍ରମିକ କୃଷକ ଓ ଅବହେଳିତ ଶ୍ରେଣୀର ସ୍ୱର ବରଗଡ଼ ଧନୁଯାତ୍ରା। ତତ୍କାଳୀନ ସମୟରେ ହେମାଳି (ମୂଲିଆ, ମଜୁରିଆ, ଶ୍ରମିକ, ରିକ୍ସାଚାଳକ)ମାନେ ବିନା ପାରିଶ୍ରମିକରେ ହାଟପଦା ବାଳିକା ବିଦ୍ୟାଳୟ ପାଖରେ କଂସ ମହାରାଜାଙ୍କର ମଞ୍ଚ ପ୍ରସ୍ତୁତ କରୁଥିଲେ। କାଙ୍ଗାଳି ନାୟକ ବରଗଡ଼ ଧନୁଯାତ୍ରାର ଆଦ୍ୟ ଉଦ୍ୟୋକ୍ତା। ସେ ଥିଲେ ଶ୍ରମିକ ମଜୁରିଆମାନଙ୍କର ନେତା। ଶ୍ରମିକ ଓ କୃଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଥିଲା ବରଗଡ ଧନୁଯାତ୍ରା ଆରମ୍ଭ କରିବା ଦିଗରେ। ବରଗଡ ଗୋପପୁର ରୂପେ ସ୍ଥାନ ନିରୂପଣ ହେଲା। ଜିରା ନଦୀକୁ ଯମୁନା ନଦୀର ମାନ୍ୟତା ପ୍ରଦାନ କରାଗଲା। ବିପିନି ବାବୁ ମଞ୍ଚକୁ ଫୁଲରେ ସଜାଉଥିଲେ। ବିଜୁଳିବତୀ ନଥିବାରୁ ପେଟ୍ରୋମାକ୍ସ ଲାଇଟ ଜାଳି ଧନୁଯାତ୍ରା ଉତ୍ସବ ପାଳନ କରାଯାଉଥିଲା। କଂସ ଭୂମିକାରେ ପ୍ରଥମେ ବୁନ୍ଦି ରଥ ଓ ଅକ୍ରୁର ଭୂମିକାରେ ପର୍ଶୁରାମ ପୂଜାରୀଙ୍କୁ ଚୟନ କରାଯାଇଥିଲା। କଂସ ମହାରାଜା ଶଗଡ ଗାଡ଼ିରେ ମଥୁରା ନଗର ବରଗଡ ସହର ପରିଭ୍ରମଣ କରୁଥିଲେ। ପରେ ଫୁଲଚାନ୍ଦ ଅଗ୍ରୱାଲଙ୍କ ପୁରୁଣା ମଡେଲ ଗାଡିରେ ନଗର ପରିକ୍ରମା କରିଥିଲେ। ପ୍ରଥମେ ପଦମପୁରର ଜମିଦାର କରିଥିଲେ। ଏହା ଆଜିଯାଏଁ ବଳବତ୍ତର ରହିଅଛି। ୧୯୫୦ରୁ ୧୯୫୭, ୧୯୬୦ରୁ ୧୯୬୭ ଯାଏଁ ବିଭିନ୍ନ କାରଣରୁ ବରଗଡରେ ଧନୁଯାତ୍ରା ହୋଇନାହିଁ। ତିଥି ଅନୁଯାୟୀ ୧୯୭୨ ଓ ୧୯୮୩ ଅନୁଷ୍ଠିତ ହେଉଥିଲା। ୧୯୬୨ରେ ଭାରତ ଚୀନ ଯୁଦ୍ଧ ପାଇଁ ୧୨ ଦିନ ଧରି ଧନୁଯାତ୍ରା ଆୟୋଜିତ ହୋଇଥିଲା। ଛାତ୍ର ଆନ୍ଦୋଳନ ପାଇଁ ୧୯୬୪ ମସିହାରେ ୧୧ଦିନ ପର୍ଯ୍ୟନ୍ତ ଯାତ୍ରା ଚାଲିଥିଲା। ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୧ଦିନ ଧରି ଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ଧନୁଯାତ୍ରା କୋଭିଡ କରୋନାପାଇଁ ଦୁଇ ବର୍ଷ ବନ୍ଦ ଥିଲା। ୨୦୨୨/୨୦୨୩ ମସିହାରେ ଅନୁଷ୍ଠିତ ଧନୁଯାତ୍ରା ୭୫ ବର୍ଷରେ ପଦାର୍ପଣ କରିଥିଲା। ଚଳିତ ୨୦୨୫/୨୦୨୬ ବର୍ଷର ଧନୁଯାତ୍ରା ୭୮ବର୍ଷରେ ପଦାର୍ପଣ କରିଛି। ଚଳିତ ବର୍ଷ କଂସ ମହାରାଜା ଭୂମିକାରେ ଅବତୀର୍ଣ୍ଣ ହେବେ ସୁଶୀଲ ମେହେର। ଚୟନ ପ୍ରକ୍ରିୟାରେ ୪୪ଜଣ ଆଶାୟୀ ପ୍ରତିଯୋଗୀଙ୍କୁ ଅଭିନୟରେ ପଛରେ ପକାଇ ସେ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ବରଗଡ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାରେ ୧୦ଜଣ କଳାକାର କଂସ ଭୂମିକାରେ ସଫଳ ଅଭିନୟ କରି ଆସିଛନ୍ତି। ୧୯୪୭ ପ୍ରଥମ ଧନୁଯାତ୍ରାରେ କଂସ ଭୂମିକାରେ ହାସ୍ୟ ଅଭିନେତା ଦେଓଗାଁର ବୁନ୍ଦି ରଥ ଅଭିନୟ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ। ଏହି ସମୟରେ ଅକ୍ରୁର ଭୂମିକାରେ ପର୍ଶୁରାମ ପୂଜାରୀ, କୃଷ୍ଣ କର, ବଳରାମ ଭୂମିକାରେ ମୁରାରୀ ମିଶ୍ର ଅଭିନୟ କରିଥିଲେ ବରଗଡ ନିବାସୀ ଭୀମସେନ ତ୍ରିପାଠୀ। ବରଗଡ ଧନୁଯାତ୍ରାରେ ତୃତୀୟ କଂସ ଭୂମିକାରେ ଅଭିନୟ କରି କିମ୍ବଦନ୍ତୀ ସୃଷ୍ଟି କରିଛନ୍ତି ବରଗଡ ଭେଡେନ ନିକଟ ତାଳମେଣ୍ଡା ଗ୍ରାମର ଯୁଧିଷ୍ଠିର ଶତପଥୀ। ଦୁଇଟି ପର୍ଯ୍ୟାୟରେ ୧୫ ଥର କଂସ ଭୂମିକାରେ ସେ ଅଭିନୟ କରିଛନ୍ତି। ୧୯୫୯ରୁ ୧୯୭୧ ପର୍ଯ୍ୟନ୍ତ ପୁନର୍ବାର ୧୯୭୪ରୁ ୧୯୮୩ ମସିହା ପର୍ଯ୍ୟନ୍ତ କଂସ ମହାରାଜା ଭୂମିକାରେ ଅଭିନୟ କରିଥିଲେ। ଯୁଧିଷ୍ଠିର ଶତପଥୀଙ୍କ ନିଖୁଣ ଅଭିନୟ ପାଇଁ ଜନମାନସରେ ସେ ଅନେକ ସମ୍ମାନର ଅଧିକାରୀ ଥିଲେ। ତାଙ୍କ ଅବର୍ତ୍ତମାନରେ ମଧ୍ୟ ସେ ଦର୍ଶକଙ୍କ ସ୍ମୃତିପଟରେ ଯୁଧିଷ୍ଠିର ମହାରାଜା ଭାବରେ ରହିଛନ୍ତି। ଯୁଧିଷ୍ଠିର ଶତପଥୀଙ୍କ ଉଚ୍ଚକୋଟୀର ମର୍ମସ୍ପର୍ଶୀ, ନିଖୁଣ ଓ ବାସ୍ତବ ଅଭିନୟ ପାଇଁ ସେ ଆଜି ମଧ୍ୟ ସ୍ମରଣୀୟ।

ଅନେକ ତାଙ୍କୁ ଯୁଧିଷ୍ଠିର ମହାରାଜା ଓ କଂସ ମହାରାଜା ବୋଲି ସମ୍ବୋଧନ କରୁଥିଲେ। ତାଙ୍କ ବିୟୋଗର ୩୦ ବର୍ଷ ପରେ ମଧ୍ୟ ସେ ରହୁଥିବା ବରଗଡ ପଞ୍ଚାୟତ କଲେଜ ଗଳିକୁ ଲୋକେ କଂସ ଗଳି ଆଜି ମଧ୍ୟ କହୁଛନ୍ତି। ସଂସ୍କୃତ, ଓଡ଼ିଆ, ହିନ୍ଦୀରେ ବିଶେଷ ଜ୍ଞାନ ନଥିବା ଯୁଧିଷ୍ଠିର ଶତପଥୀଙ୍କ ଭାଷାଜ୍ଞାନ, ସ୍ପଷ୍ଟ ଉଚ୍ଚାରଣ, ମାର୍ମିକ ଅଭିନୟ ସମସ୍ତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ରଖିଥିଲା। ସେ ବରଗଡ କୋର୍ଟରେ ଡିଡି ରାଇଟର ଭାବେ କାର୍ଯ୍ୟରତ ଥିଲେ। ସେ ଅଭିନୟରୁ ଓ ନଗର ପରିଭ୍ରମଣ କରୁଥିବା ସମୟରେ ଜରିମାନା ଅର୍ଥକୁ ଗରିବ ଲୋକଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ। ସମସ୍ୟା ସମାଧାନ ପାଇଁ କର୍ତ୍ତୃପକ୍ଷଙ୍କୁ ଯେପରି ଲାଗୁଥିଲା ଆଦେଶ ଦେଉଥିଲେ ଓ ଆବେଦନ ରଖୁଥିଲେ ସତେ ଯେପରି ରାଜୁଡା ଶାସନ ଫେରି ଆସିଛି। ରାଧେଶ୍ୟାମ ଦାସ ବରଗଡ, ଦେବେନ୍ଦ୍ର ବିଶ୍ୱାଳଙ୍କ ପାଲି ଅତାବିରା, ବରଗଡ, ନିକାଞ୍ଚଳ ଦାଶ, ସୋହେଲା ବରଗଡ, ତ୍ରୈଲୋକୀ ନାଥ ମହାରଣା, ପୋଲିସ ଅଫିସର ରଥବାବୁ, ଗୋପାଳ କୃଷ୍ଣ ସାହୁ (ଏଲି) ବଲାଙ୍ଗୀର, ହୃଷିକେଶ ଭୋଇ ଚିଟୋଲି ବରଗଡ, ଭୁବନେଶ୍ୱର ପ୍ରଧାନ କଂସ ମହାରାଜା ଭୂମିକାରେ ତାଙ୍କର ଅଭିନୟ କରି ଆସିଛନ୍ତି। ସଂଜୀବ ଦାଶ ଦିନକ ପାଇଁ କଂସ ଭୂମିକାରେ ଅଭିନୟ କରିଥିଲେ। ବରଗଡ ଧନୁଯାତ୍ରାରେ ଦୀର୍ଘ ୨୩ ଥର କଂସ ଭୂମିକାରେ ନିଖୁଣ ଅଭିନୟ କରିଥିବା ଗୋପାଳ ସାହୁ (ଏଲି) ପେସାରେ ଜଣେ ପୋଲିସ କର୍ମଚାରୀ ଓ ନିଶାରେ ଅଭିନୟ ପ୍ରତି ବିଶେଷ ଆଗ୍ରହୀ। ସଂଯୋଗର କଥା ସେ ତାଙ୍କ ବାପା ମାଆଙ୍କର ଅଷ୍ଟମ ସନ୍ତାନ ଓ ତାଙ୍କ ନାମ ଗୋପାଳ। ସେ ବର୍ଣ୍ଣବୋଧ, ମହିଷାସୁର ବଧ, ସାବିତ୍ରୀ ସତ୍ୟବାନ ନାଟକ, ଚଳଚ୍ଚିତ୍ର 'ସବୁ ମାୟାରେ ବାୟା', 'କିଏ ପର କିଏ ଆପଣା', ସମ୍ବଲପୁରୀ ଚଳଚ୍ଚିତ୍ର 'ଭୁଖା'ରେ ସଫଳ ଅଭିନୟ କରିଥିଲେ। ସେ ତାଙ୍କ ଅଭିନୟରେ ଶ୍ରେଷ୍ଠତା ପାଇଁ ୧୯୮୮ରେ ଆମେରିକାର ଉର୍ବଶୀ ସଂସ୍ଥା, ୧୯୯୪ ମସିହାରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ୧୯୯୬ରେ ପୁରୀ ଶ୍ୟାମଶ୍ରୀ ଅନୁଷ୍ଠାନ, ୨୦୦୭ରେ ରାଜୀବ ଗାନ୍ଧୀ ଫୋରମ ପ୍ରଭୃତି ସଂସ୍ଥା ପକ୍ଷରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। କଂସ ମହାରାଜା ଭୂମିକାରେ ଅଭିନୟ କରି ଶ୍ରୀ ଭୁବନେଶ୍ୱର ପ୍ରଧାନ ନିଜର ଉତ୍କର୍ଷତା ଓ ଶ୍ରେଷ୍ଠତାର ପରିଚୟ ଦେଇଛନ୍ତି। କଂସ ମହାରାଜା ଶ୍ରୀ ଭୁବନେଶ୍ୱର ପ୍ରଧାନଙ୍କ ଦରବାରରେ ପ୍ରବାଦ ପୁରୁଷ ଶ୍ରୀ ବିଜୁ ପଟ୍ଟନାୟକ, ପୂର୍ବତନ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଓ ବର୍ତ୍ତମାନର ଲୋକଙ୍କର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିମନ୍ତ୍ରିତ ସମ୍ମାନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। କଳିଙ୍ଗ ସମ୍ରାଟ ବିଜୁ ପଟ୍ଟନାୟକ ମଥୁରା ସମ୍ରାଟ ମହାରାଜା କଂସ ଶ୍ରୀ ଭୁବନେଶ୍ୱର ପ୍ରଧାନଙ୍କ ଦରବାରରେ ୧୦ ମିନିଟ ବିଳମ୍ବରେ ପହଞ୍ଚିଥିଲେ। କଂସ ମହାରାଜାଙ୍କ ନିର୍ଦ୍ଦେଶରେ ତାଙ୍କୁ ୧୦ ଲକ୍ଷ ସ୍ୱର୍ଣ୍ଣ ମୁଦ୍ରା ଜରିମାନା କରାଯାଇଥିଲା। ଏଥିପାଇଁ ବିଜୁବାବୁ ଜରିମାନା ସ୍ୱରୂପ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ୧୯୮୩ ମସିହା ପର୍ଯ୍ୟନ୍ତ କଂସ ଭୂମିକାରେ ଅଭିନୟ କରୁଥିବା କଳାକାରମାନେ ଶେଷ ଦିନ ଅଭିନୟ କରୁନଥିଲେ। ତାଙ୍କୁ 'ମଲା କଂସ' ବୋଲି କୁହାଯାଉଥିଲା। ସାଧାରଣତଃ ଶ୍ରମିକ, ମଜୁରିଆ, ରିକ୍ସା ଚାଳକମାନେ ଧନୁଯାତ୍ରାର ଶେଷ ଦିନ କଂସ ବଧ ପରିପ୍ରେକ୍ଷୀରେ 'ମଲା କଂସ' ରୂପେ ଅଭିନୟ କରନ୍ତି। କୁନ୍ଦୁରୁ ନାମକ ଜଣେ ରିକ୍ସା ଚାଳକ ମଲା କଂସ ଭୂମିକାରେ ସର୍ବାଧିକ ଥର ଅଭିନୟ କରିଥିଲେ। କଂସ ଭୂମିକାରେ ଅଭିନୟ କଲେ ବଂଶରେ କେହି ରହିବେନି ବୋଲି ଭୟ ରହିଥିଲା। ସେଥିପାଇଁ କିଏ କଂସ ଭୂମିକାରେ ଅଭିନୟ ପାଇଁ ଇଚ୍ଛା ପ୍ରକାଶ କରୁନଥିଲେ। ତେଣୁ ଏକ ପ୍ରବାଦ ଥିଲା –

'କଂସ ରାଜାର ବଂଶ ବୁଡୁ
କଂସ ମଲେ ଖାଏମା ଲଡୁ'।

ବରଗଡ ଧନୁଯାତ୍ରାର ପରିସମାପ୍ତି ପରେ କଂସ ଭୂମିକାରେ ଅଭିନୟ କରୁଥିବା କଳାକାର ଶ୍ରୀ କ୍ଷେତ୍ର ଧାମ ପୁରୀକୁ ଆସି ମହୋଦଧିରେ ସ୍ନାନ ପୂର୍ବକ ଶ୍ରୀ ଜଗନ୍ନାଥ ଓ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରନ୍ତି। ଶ୍ରୀକୃଷ୍ଣ ଭଗବାନଙ୍କ ପ୍ରତି ସେ କରିଥିବା ଅବିଚାର ଓ ଅନ୍ୟାୟର ପ୍ରାୟଶ୍ଚିତ ପାଇଁ ନୀଳାଚଳ ଧାମରେ ଉପସ୍ଥିତ ହୁଅନ୍ତି। ଏପରି ପରିକଳ୍ପନା ଆମ ଓଡ଼ିଆ ଜାତିର ସାମ୍ୟ, ମୈତ୍ରୀ, ପ୍ରୀତି ଓ ଏକତାର ପ୍ରତୀକ। ପଶ୍ଚିମ ଓଡ଼ିଶାରେ ନୂଆଖାଇ, ଶୀତଳ ଷଷ୍ଠୀ ପରି ବରଗଡ ଧନୁଯାତ୍ରା ସାଧାରଣ ଜନତାର ପ୍ରତିନିଧିତ୍ୱ କରେ। ସମାଜର ସବୁ ବର୍ଗର ବ୍ୟକ୍ତି ବିଶେଷଙ୍କୁ ଏକତ୍ରିତ କରିବାର ସାମର୍ଥ୍ୟ ରଖେ ବରଗଡର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା। ଧାର୍ମିକ, ସାମାଜିକ ଓ ସାଂସ୍କୃତିକ ସଙ୍ଗମର ପବିତ୍ର ସ୍ଥଳ ବରଗଡ ଧନୁଯାତ୍ରା। ଏହା କଳାକାର, ଦର୍ଶକ, ଶ୍ରଦ୍ଧାଳୁ, ଗବେଷକମାନଙ୍କର ମହାକୁମ୍ଭ।

*ଇତିହାସ ବିଭାଗ, ସନାତନ ହରିଚନ୍ଦନ ମହାବିଦ୍ୟାଳୟ*
*ମଦନପୁର, ଖୋର୍ଦ୍ଧା – ୭୫୨୦୫୪*
*ଦୂରଭାଷ: ୮୮୯୫୧୯୦୪୭୫*

# ସାମ୍ରାଜ୍ୟବାଦୀ ଶକ୍ତିର ଦାଦାଗିରି

ବିନୋଦ

ବିଶ୍ୱରେ ଗଣତନ୍ତ୍ର ରହିଛି ନା ସମରବାଦ ରହିଛି ? ବିଶ୍ୱରେ ଜାତିସଂଘ ରହିଛି ନା ନାହିଁ ? ସମସ୍ତ ଅର୍ନ୍ତଜାତୀୟ ସଂଗଠନର ଶକ୍ତି କ'ଣ ? ରକ୍ତକ୍ଷୟୀ ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବି କାହିଁକି ଦେଶ-ଦେଶ ମଧ୍ୟରେ ଲଢ଼େଇ ଚାଲିଛି ? ଏହି ଯୁଦ୍ଧ କିମ୍ବା ଛାୟାଯୁଦ୍ଧ ପଛରେ କାହାର ହାତ ? ଦୁଇ ଦେଶ ମଧ୍ୟରେ ବିବାଦ ହେଉ ବା କୌଣସି ରାଷ୍ଟ୍ରର ଆଭ୍ୟନ୍ତରୀଣ କନ୍ଦଳ ହେଉ- କାହିଁକି ସ୍ୱାଧୀନ ବିଶ୍ୱରେ ତୃତୀୟ ମହାଶକ୍ତିର ପ୍ରବେଶ ଘଟୁଛି ? ଗୋଟିଏ ଦେଶର ପ୍ରାକୃତିକ ସମ୍ପଦକୁ ଲୁଣ୍ଠନ କରିବାକୁ କାହିଁକି ସାମ୍ରାଜ୍ୟବାଦୀ ଶକ୍ତି ମେଣ୍ଟ ବାନ୍ଧୁଛନ୍ତି ? ଏସବୁ ପ୍ରଶ୍ନର ଉତ୍ତର ସାଧାରଣତଃ ଗୋଟିଏ ଦେଶକୁ ଆକ୍ଷେପ କରିଥାଏ। ତାହା ହେଉଛି ଆମେରିକା।

ସାରା ମଣିଷ ଜଗତ ସମାନ ବୋଲି ଅନେକ ଦାର୍ଶନିକ କହିଆସିଛନ୍ତି। ପ୍ରଥମରୁ ପୃଥିବୀରେ ହିଁ ଆଦିମ କମ୍ୟୁନିଷ୍ଟ ସମାଜ ତିଆର ହୋଇଥିଲା। ମାତ୍ର ଜଗତ ସଭ୍ୟ ହେବା ସହ ଦାସବାଦ, ସାମନ୍ତବାଦ, ପୁଞ୍ଜିବାଦ ଓ ସାମ୍ରାଜ୍ୟବାଦ ଜାରି ରହିଛି। ପୁଞ୍ଜିବାଦ ଓ ସାମ୍ରାଜ୍ୟବାଦ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଏହି ଦୁଇ ଆଧାରର ମୂଳ ରାଷ୍ଟ୍ର ହେଉଛି ଆମେରିକା। ସାରା ବିଶ୍ୱ ଉପରେ ସାମରିକ, ଅର୍ଥନୈତିକ ଦାସତ୍ୱବାଦ ଲଦି ଦେବା ଲାଗି ଆମେରିକା ଗତ ଶହେ ବର୍ଷ ଧରି ଯେଉଁ ଯୋଜନା କରିଆସୁଛି ତାହାର ଫଳ ହୋଇଛି ଅନେକ ରକ୍ତକ୍ଷୟୀ ଯୁଦ୍ଧ। ଯୁଦ୍ଧ ନାମରେ ମାନବିକତା ଉପରେ ହମଲା କରାଯାଇଛି। କୋଟି କୋଟି ଲୋକଙ୍କୁ ମରଣ ମୁହଁକୁ ଠେଲି ଦିଆଯାଇଛି।

ସାରା ମଣିଷ ଜଗତ ସମାନ ବୋଲି ଅନେକ ଦାର୍ଶନିକ କହିଆସିଛନ୍ତି। ପ୍ରଥମରୁ ପୃଥିବୀରେ ହିଁ ଆଦିମ କମ୍ୟୁନିଷ୍ଟ ସମାଜ ତିଆର ହୋଇଥିଲା। ମାତ୍ର ଜଗତ ସଭ୍ୟ ହେବା ସହ ଦାସବାଦ, ସାମନ୍ତବାଦ, ପୁଞ୍ଜିବାଦ ଓ ସାମ୍ରାଜ୍ୟବାଦ ଜାରି ରହିଛି। ପୁଞ୍ଜିବାଦ ଓ ସାମ୍ରାଜ୍ୟବାଦ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଏହି ଦୁଇ ଆଧାରର ମୂଳ ରାଷ୍ଟ୍ର ହେଉଛି ଆମେରିକା। ସାରା ବିଶ୍ୱ ଉପରେ ସାମରିକ, ଅର୍ଥନୈତିକ ଦାସତ୍ୱବାଦ ଲଦି ଦେବା ଲାଗି ଆମେରିକା ଗତ ଶହେ ବର୍ଷ ଧରି ଯେଉଁ ଯୋଜନା କରିଆସୁଛି ତାହାର ଫଳ ହୋଇଛି ଅନେକ ରକ୍ତକ୍ଷୟୀ ଯୁଦ୍ଧ। ଯୁଦ୍ଧ ନାମରେ ମାନବିକତା ଉପରେ ହମଲା କରାଯାଇଛି। କୋଟି କୋଟି ଲୋକଙ୍କୁ ମରଣ ମୁହଁକୁ ଠେଲି ଦିଆଯାଇଛି।

ଏହାର ସଦ୍ୟତମ ଉଦାହରଣ ବେନେଜୁଏଲାକୁ ଆମେରିକାର ଟାର୍ଗେଟ।

ଭେନେଜୁଏଲାରେ ଯେତିକି ତୈଳ ଗଚ୍ଛିତ ଅଛି ସେହି ଦେଶ ଯଦି ବର୍ତ୍ତମାନ ହାରରେ ବ୍ୟବହାର କରେ ତେବେ ତାହା ୧୩୦୦ ବର୍ଷ ଯିବ। ଦେଶର ଗଚ୍ଛିତ ତୈଳ ପରିମାଣ ହେଉଛି ୩୦୦ ବିଲିୟନ ବ୍ୟାରେଲ। ଏକ ବ୍ୟାରେଲ ହେଉଛି ୧୫୯ ଲିଟର। ତେଣୁ ସେହି ହିସାବରେ ଭେନେଜୁଏଲାରେ ଗଚ୍ଛିତ ତୈଳ ପରିମାଣ ଅସୀମିତ। ଏହି ସମ୍ପଦକୁ ଲୁଣ୍ଠନ କରିବାକୁ ଆମେରିକା ପଣ ବାନ୍ଧିଛି।

କେବଳ ଭେନେଜୁଏଲା ନୁହେଁ, ବିଶ୍ୱର ଅନେକ ରାଷ୍ଟ୍ର ଉପରେ ନିଜର ସ୍ୱାର୍ଥ ଲାଗି ହମଲା କରିଛି ଆମେରିକା।

ଏକଥା ସତ ଯେ, ଭେନେଜୁଏଲାରେ ନିଶା ଦ୍ରବ୍ୟର ଚୋରାଚାଲାଣ ବ୍ୟାପକ ଭାବେ ଚାଲିଛି। ଏହା ଆଜି ନୁହେଁ କି କାଲି ନୁହେଁ, ବର୍ଷ ବର୍ଷ ଧରି ଏହି ସୁବୃହତ ର୍ୟାକେଟ ଚାଲିଆସିଛି। ଭେନେଜୁଏଲାର ଅର୍ଥନୀତି ବି ଏଥିରେ ବଶୀଭୂତ ହୋଇଯାଇଛି। ଏହି ଚୋରାଚାଲାଣ ରୋକିବା ଉଚିତ। ମାତ୍ର ଏହାର ଅର୍ଥ ନୁହେଁ ଯେ, ଏହି କାରଣକୁ ଦର୍ଶାଇ ଗୋଟିଏ ରାଷ୍ଟ୍ର ଉପରେ ଅନ୍ୟ ଏକ ରାଷ୍ଟ୍ର ଦାଦାଗିରି କରିବା। ଖୋଦ୍ ଆମେରିକାରେ ଅପରାଧ, ଗୁଳିକାଣ୍ଡ, ଆଇନଶୃଙ୍ଖଳା ଗୁରୁତର ସମସ୍ୟା ଭାବେ ରହିଛି। ମାତ୍ର ଆମେରିକା ଏସବୁକୁ ଗୁରୁତ୍ୱ ନଦେଇ ଅନ୍ୟ ରାଷ୍ଟ୍ରରେ କ'ଣ ହେଉଛି ତାହା ଉପରେ ଗୁରୁତ୍ୱ ଦେଉଛି।

ସମଗ୍ର କାରିବିୟାନ ରାଷ୍ଟ୍ର ସମୂହ ଉପରେ ନିଜର ପ୍ରାଧାନ୍ୟ ବିସ୍ତାର ଲାଗି ଯୋଜନା କରୁଛି ଆମେରିକା। କାରିବିୟାନ ରାଷ୍ଟ୍ର ସମୂହରେ ଅଛନ୍ତି ୧୩ଟି ରାଷ୍ଟ୍ର। ସେଗୁଡ଼ିକ ହେଲା ଆଣ୍ଟିଗୁଆ ଓ ବାର୍ବୁଡା, ବାହାମାସ,

ବାର୍ବାଡୋସ, କ୍ୟୁବା, ଡୋମିନିକା, ଡୋମିନିକାନ ରିପବ୍ଲିକ, ଗ୍ରେନେଡା, ହାଇତି, ଜାମାଇକା, ସେଣ୍ଟ କିଟ୍ସ, ସେଣ୍ଟ ଲୁସିଆ, ସେଣ୍ଟ ଭିନସେଣ୍ଟ-ଗ୍ରେନେଡାଇନ୍ସ, ତ୍ରିନିଦାଦ-ଟବାଗୋ। ଏହା ବ୍ୟତୀତ ଆଉ କିଛି ରାଷ୍ଟ୍ର ଅଛନ୍ତି ଯେଉଁଗୁଡ଼ିକ ଆମେରିକା, ବ୍ରିଟେନ, ନେଦରଲ୍ୟାଣ୍ଡସ ଓ ଫ୍ରାନ୍ସ ନିୟନ୍ତ୍ରଣରେ ରହିଛନ୍ତି। କାରିବିୟାନ ରାଷ୍ଟ୍ରଗୁଡ଼ିକରେ ଦ୍ରୁତ ପରିବର୍ତ୍ତନ ଘଟୁଥିବାବେଳେ ଏହି ରାଷ୍ଟ୍ରଗୁଡ଼ିକ ଉପରେ ନିୟନ୍ତ୍ରଣ ଜାହିର ଲାଗି ଆମେରିକା ଭେନେଜୁଏଲାକୁ ମାଧ୍ୟମ କରିଛି। ଏହା ଦ୍ୱାରା ଆମେରିକା କାରିବିୟାନ ରାଷ୍ଟ୍ରସମୂହରେ ନିଜର ଅଧିକାର ସାବ୍ୟସ୍ତ କରିବା ସହ ଭେନେଜୁଏଲାର ତୈଳ ସମ୍ପଦ ଉପରେ ମାଲିକାନ ଜାହିର କରିବ। ବିଶ୍ୱର ମୋଟ ତୈଳ ସମ୍ପଦରୁ କେବଳ ଭେନେଜୁଏଲାରେ ଏକ ପଞ୍ଚମାଂଶ ଥିବାରୁ ଏହା ଉପରେ ଲୋଲୁପ ଦୃଷ୍ଟି ପଡ଼ିବା ସ୍ୱାଭାବିକ।

ଭେନେଜୁଏଲାର ରାଷ୍ଟ୍ରପତି ତଥା ୟୁନାଇଟେଡ ସୋସାଲିଷ୍ଟ ପାର୍ଟି ନେତା ନିକୋଲାସ ମାଦୁରୋଙ୍କୁ ଗାଦିଚ୍ୟୁତ କରିବା ଲାଗି ଆମେରିକା ପ୍ରାଣପଣେ ଉଦ୍ୟମ କରିଆସୁଛି। ପୂର୍ବରୁ ରାଷ୍ଟ୍ରପତି ହ୍ୟୁଗୋ ସାଭେଜଙ୍କୁ ବି ଗାଦିଚ୍ୟୁତ କରିବା ଲାଗି ଆମେରିକା ଉଦ୍ୟମ କରିଥିଲା। ଭେନେଜୁଏଲା ଦୈନିକ ୧ ନିୟୁତ ବ୍ୟାରେଲ ତୈଳ ଉତ୍ପାଦନ କରୁଥିବାବେଳେ ଏହି ହାର ବିଶ୍ୱସ୍ତରର ୦.୮ ପ୍ରତିଶତ। ଭେନେଜୁଏଲାରେ ସମାଜବାଦୀ ଶାସନ ଆସିବା ପରେ ତୈଳ ଉତ୍ପାଦନକୁ ସୁନିୟନ୍ତ୍ରିତ କରାଯାଇଛି ଏବଂ ଦେଶର ଭବିଷ୍ୟତ ଲାଗି ଏକ ସୁସଂହତ ଯୋଜନା କରାଯାଇଛି। ମାତ୍ର ଏହି ବିପୁଳ ତୈଳ ରିଜର୍ଭ ଉପରେ ଦୃଷ୍ଟି ପକାଇଛି ଆମେରିକା। ଭେନେଜୁଏଲା ଉପରେ ଅନ୍ତର୍ଜାତୀୟ କଟକଣା ଯୋଗୁ ଦେଶର ଅନେକ ଅର୍ଥନୈତିକ ସଙ୍କଟରେ ସନ୍ତୁଳିତ ହେଉଛି। ଫଳରେ ଦେଶର ତୈଳ ଶିଳ୍ପ ବି ପ୍ରଭାବିତ ହେଉଛି। ବିଗତ ୨୦୦୫ରୁ ଭେନେଜୁଏଲା ବିରୋଧରେ ଆମେରିକା ତୈଳ କଟକଣା ଜାରି କରିଆସିଛି। ଏପରିକି ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ପ୍ରଥମ ପାଳି ଶାସନ କାଳରେ ୨୦୧୯ରେ ରାଷ୍ଟ୍ରାୟତ୍ତ କମ୍ପାନି ପେଟ୍ରୋଲିୟସ ଡେ ଭେନେଜୁଏଲା ପକ୍ଷରୁ ଆମେରିକାକୁ ପଠାଯାଉଥିବା ତୈଳ ରପ୍ତାନକୁ ନିଷିଦ୍ଧ କରାଯାଇଥିଲା।

ଅନ୍ୟ ଯେକୌଣସି ରାଷ୍ଟ୍ର ତୁଳନାରେ ଆମେରିକା ଅଧିକ ତୈଳ ଉତ୍ପାଦନ କରୁଛି। ମାତ୍ର ଏହା ବିଶେଷ କରି ଭେନେଜୁଏଲା ତୈଳକୁ ଗୁରୁତ୍ୱ ଦେଉଛି। ଆମେରିକାର ତୈଳରେ ଗ୍ୟାସୋଲିନ ତିଆରି କରିବା ସହଜ। ମାତ୍ର ଭାରୀ ଶିଳ୍ପ, ବଡ଼ କାରଖାନା ଆଦି ଲାଗି ଆମେରିକୀୟ ତୈଳ ସକ୍ଷମ ହୋଇପାରୁନାହିଁ। ଫଳରେ ଭେନେଜୁଏଲା ତୈଳ ଉପରେ ଅଧିକ ଭରସା ରଖୁଛି ଆମେରିକା। ଉନ୍ନତମାନର ଡିଜେଲ ପାଇବା ଲାଗି ଆମେରିକା ସର୍ବଦା ଉଦ୍ୟମ କରିଆସିଛି। ଭେନେଜୁଏଲାରେ ଯଦି ଶାସନ ପରିବର୍ତ୍ତନ ହୁଏ ତେବେ ସେଠାରେ ଏକ ପପେଟ ସରକାର କାମ କରିବ ଏବଂ ଆମେରିକାର ତୈଳ ସ୍ୱାର୍ଥ ସଫଳ ହେବ। ଏହା ଦ୍ୱାରା କେବଳ ଆମେରିକା ନୁହେଁ ଆମେରିକାର ବନ୍ଧୁ ରାଷ୍ଟ୍ରଗୁଡ଼ିକ ବି ଲାଭବାନ ହେବେ। ଯଦି ଭେନେଜୁଏଲାରେ ଶାସନ ପରିବର୍ତ୍ତନ ହୁଏ ତେବେ କେବଳ ଆମେରିକୀୟ ତୈଳ କମ୍ପାନି ଉପକୃତ ହେବେ ନାହିଁ ବରଂ ଭୌଗଳିକ ରାଜନୀତିରେ ବି ଆମେରିକା ଲାଭବାନ ହେବ। ଏଥିଲାଗି କୌଣସି ପ୍ରକାରେ ଭେନେଜୁଏଲାରେ ଶାସନ ପରିବର୍ତ୍ତନ ଲାଗି ଆମେରିକା ହୀନ ଉଦ୍ୟମ କରୁଛି।

ବିଶ୍ୱରେ ଯେଉଁ ଦୁଇ ରାଷ୍ଟ୍ରର ତୈଳ ସବୁଠାରୁ ଉନ୍ନତମାନର ସେହି ଦୁଇ ରାଷ୍ଟ୍ର ହେଉଛନ୍ତି ରୁଷିଆ ଓ ଭେନେଜୁଏଲା। ପାରସ୍ପରିକ ଶତ୍ରୁତା ଓ ଅନ୍ୟାନ୍ୟ କାରଣ ଦୃଷ୍ଟିରୁ ରୁଷିଆଠାରୁ ତୈଳ କିଣିବା ଆମେରିକା ଲାଗି ସମ୍ଭବ ନୁହେଁ। ପୁଣି ରୁଷିଆ ସହ ସାତ ଦଶନ୍ଧିର ବନ୍ଧୁତା, ତୈଳ ଭାଗିଦାରିତା, ଉନ୍ନତ ତୈଳ ସମ୍ପଦକୁ ଦୃଷ୍ଟିରେ ରଖି ଆମେରିକା ଚାପ ସତ୍ତ୍ୱେ ଭାରତ ରୁଷିଆଠାରୁ ତୈଳ ଆମଦାନୀ ବନ୍ଦ କରିବ ନାହିଁ।

ଏହି ପରିପ୍ରେକ୍ଷୀରେ ଆମେରିକାକୁ ଚାଲେଞ୍ଜ ଦେବା ଲାଗି ଅର୍ଗାନାଇଜେସନ ଅଫ ଦି ପେଟ୍ରୋଲିୟମ ଏକ୍ସପୋର୍ଟିଂ କଣ୍ଟ୍ରିସ ବା ଓପେକ୍ ରାଷ୍ଟ୍ରଗୋଷ୍ଠୀ ସମ୍ମିଳିତ ଉଦ୍ୟମ କରିବା ଆବଶ୍ୟକ। ଓପେକରେ ସଦସ୍ୟ ଥିବା ଆଲଜେରିଆ, କଙ୍ଗୋ, ଗିନି, ଗାବୋନ, ଇରାନ, ଇରାକ, କୁଏତ, ଲିବ୍ୟା, ନାଇଜେରିଆ, ସାଉଦିଆରବ, ୟୁନାଇଟେଡ ଆରବ ଏମିରେଟସ ଓ ଭେନେଜୁଏଲା ଏକ ହେବାର ଆବଶ୍ୟକତା ରହିଛି। ମାତ୍ର ସାଉଦିଆରବ ଓ ୟୁଏଇ ସହ ଆମେରିକା ଭଲ ସମ୍ପର୍କ ରଖୁଛି। ତେଣୁ ଓପେକରେ ଫାଟ ସୃଷ୍ଟି କରିବା ଆମେରିକା ଲାଗି ବଡ଼କଥା ନୁହେଁ।

ଆମେରିକାର ଦାଦାଗିରିକୁ ଭାରତ ସର୍ବଦା ମୁଣ୍ଡପାତି ସହିନେଇଛି କିମ୍ବା ନୀରବ ସମର୍ଥନ ଦେଇଆସିଛି। କୌଣସି ଯୁଦ୍ଧ ବା ଆକ୍ରମଣ କ୍ଷେତ୍ରରେ ଭାରତ ଆମେରିକାକୁ ବିରୋଧ କରିନାହିଁ। କେବଳ ଅତି ଯତ୍ନର ସହ କିଛି ଗୋଟିଏ ବାକ୍ୟ ଜାରି କରିଦେଇ ଭାରତ ସୁବିଧାରେ ରହିବା ଲାଗି ଚାହିଁ ଆସିଛି। ରୁଷ-ୟୁକ୍ରେନ ଯୁଦ୍ଧ କ୍ଷେତ୍ରରେ ଭାରତ କହୁଛି ଆଲୋଚନା କରିଆରେ ଶାନ୍ତି ପ୍ରତିଷ୍ଠା ହେଉ। ଯୁଦ୍ଧରେ ଦୁଇ ରାଷ୍ଟ୍ର ତଳିତଳାନ୍ତ ହେଲେଣି ମାତ୍ର ଭାରତ ଏହି ଦିପଦ ଛଡ଼ା ଅନ୍ୟ କିଛି କହିବା ଦେଖାଯାଉନାହିଁ। ଇରାକ ଉପରେ ଆମେରିକାର ଆକ୍ରମଣ ବେଳେ ବି ଭାରତ ଚୁପ୍ ବସିଥିଲା। ଅନ୍ତର୍ଜାତୀୟ ରାଜନୀତି କ୍ଷେତ୍ରରେ ଭାରତ କେବଳ ଏକ କାଗଜ ବାଘର ଭୂମିକା ନେଇ ଆସିଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

ନିଜର ସ୍ୱାଧୀନତା ଲାଗି ଭେନେଜୁଏଲାବାସୀଙ୍କୁ କମ୍ ମୂଲ୍ୟ ଦେବାକୁ ପଡ଼ିନାହିଁ। ସ୍ପେନର ସାମ୍ରାଜ୍ୟବାଦୀ ଶକ୍ତି କବଳରୁ ଭେନେଜୁଏଲା ସମେତ କଲମ୍ବିଆ, ଇକ୍ୟୁଏଡର, ପେରୁ, ପାନାମା, ବଲିଭିଆକୁ ମୁକ୍ତ କରିବା ଲାଗି ସାଇମନ ଜୋ ବୋଲିଭାରଙ୍କ ନେତୃତ୍ୱରେ ଯେଉଁ ସଂଗ୍ରାମ ଚାଲିଥିଲା ତାହାକୁ ବଳପୂର୍ବକ ଅପହରଣ କରିନେବା ଲାଗି ଆଧୁନିକ ବିଶ୍ୱରେ ଆମେରିକା ଯୋଜନା ଚଳାଇଛି।

ଭେନେଜୁଏଲାରେ ଅର୍ଥନୈତିକ ଦୁର୍ଦ୍ଦଶା, ଡ୍ରଗ ଟ୍ରାଫିକିଂ ଆଦି ସମସ୍ୟା ଭିତରେ ଆମେରିକାର ଦାଦାଗିରି ଦେଶବାସୀଙ୍କୁ ଦୁର୍ବିସହ କରିଛି।

ଭେନେଜୁଏଲାର ବିଭିନ୍ନ ସ୍ଥାନରେ ଆମେରିକା ସାମରିକ ଘାଟି ନିର୍ମାଣ କରିଚାଲିଛି ଯାହା କି ଶୀତଳ ଯୁଦ୍ଧ ପରଠାରୁ କେବେ ଦେଖାଯାଇ ନଥିଲା। ପ୍ରାୟ ୫ ହଜାର କିଲୋମିଟର ଦୂରରେ ଥିବା ଏକ ଦେଶର ଉତ୍ଥାନ ଲାଗି ଚେଷ୍ଟା ନ କରି ଏହାକୁ ତଳିତଳାନ୍ତ କରିବା ସହ ଶୋଷଣ କରିବା ଲାଗି ଯୋଜନା ଚଳାଇଛି ଆମେରିକା। ବଡ଼ କଥା ହେଉଛି ଅନ୍ତର୍ଜାତୀୟ ସ୍ତରରେ ରହିଥିବା ଜାତିସଂଘ, ଅନ୍ତର୍ଜାତିକ ନ୍ୟାୟାଳୟ ଆଦି ସଂସ୍ଥା କେବଳ ନାମକୁ ମାତ୍ର ରହି ଆମେରିକାର ସବୁ ନିଷ୍ପତ୍ତିକୁ ସବୁଜ ସଙ୍କେତ ଦେଇଚାଲିଛନ୍ତି।

ଆମେରିକାର ଯେ କୌଣସି ପଦକ୍ଷେପକୁ ବି ସ୍ୱୀକାର କରୁଛନ୍ତି ୟୁରୋପୀୟ ୟୁନିଅନ, ନାଟୋ, ଗ୍ରୁପ-୭ ଆଦି ଗୋଷ୍ଠୀ। କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ବ୍ରିଟେନ ଓ ଆମେରିକାକୁ ନେଇ ଗଠିତ ଗ୍ରୁପ-୭ ସର୍ବଦା ପୁଞ୍ଜିବାଦୀ ସ୍ୱାର୍ଥରେ ଲିପ୍ତ ଅଛନ୍ତି ଏବଂ ଆମେରିକାର ସ୍ୱାର୍ଥ ପ୍ରତି ସେମାନେ ଗୁରୁତ୍ୱ ଦେଇଥାନ୍ତି। ସାରା ବିଶ୍ୱରେ ଆମେରିକା ନିଜର ସାମରିକ

ଘାଟି କରିବାରେ କୌଣସି ଅସୁବିଧା ନାହିଁ, ମାତ୍ର କୌଣସି ଦେଶରେ ଯଦି ଆଭ୍ୟନ୍ତରୀଣ ବିବାଦ ଦେଖାଦେଲା କିମ୍ବା କୌଣସି ଦୁଇ ଦେଶ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ କାରଣକୁ ନେଇ ସଂଘାତ ସୃଷ୍ଟି ହେଲା କିମ୍ବା କୌଣସି ରାଷ୍ଟ୍ରର ପ୍ରାକୃତିକ ସମ୍ପଦ ହାସଲ ଆଦି କ୍ଷେତ୍ରରେ ଆମେରିକା ବଳପୂର୍ବକ ହସ୍ତକ୍ଷେପ କଲା ତେବେ ସେ କ୍ଷେତ୍ରରେ କୌଣସି ଭୁଲ୍ ନାହିଁ। ବିଶ୍ୱର ପ୍ରାୟ ୮୦ ରାଷ୍ଟ୍ରର ବିଭିନ୍ନ ସାମରିକ, ଭୌଗଳିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଥିବା ୭୫୦ଟି ସ୍ଥାନରେ ଆମେରିକା ସାମରିକ ଘାଟି ନିର୍ମାଣ କରିଛି। ଏହା କିପରି ଆଇନ ସମ୍ମତ ହେଲା ? ଆମେରିକାର ଏହି ପଦକ୍ଷେପକୁ ଜାତିସଂଘ କେବେ ବିରୋଧ କରିଛି କି ?

ଭେନେଜୁଏଲାରେ ଚାଲିଥିବା ଡ୍ରଗ ଟ୍ରାଫିକିଂ (!) ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଆମେରିକାକୁ କ୍ଷମତା ପ୍ରଦାନ କରାଯାଇନାହିଁ କିମ୍ବା ଆମେରିକାକୁ ଜାତିସଂଘ କହିନାହିଁ କିମ୍ବା ବିଶ୍ୱ ସମୁଦାୟ ଆମେରିକାର ହସ୍ତକ୍ଷେପ ଚାହିଁନାହାନ୍ତି। ଏହା ପରେ ବି ଆମେରିକା କାହିଁକି ଏକ ରାଷ୍ଟ୍ର ଉପରେ ଅନ୍ୟାୟ ଭାବେ ହମଲା କରିବା ଲାଗି ଯୋଜନା କରୁଛି ?

ଖୋଦ୍ ଆମେରିକାରେ ଯେ ସ୍ୱଚ୍ଛ ନିର୍ବାଚନ ହେଉଛି ଏହାର ଗ୍ୟାରେଣ୍ଟି କେହି ଦେଇପାରିବେ ନାହିଁ। ଏପରିକି ଗତ ୨୦୨୧ ନିର୍ବାଚନରେ ହାରିଯିବା ପରେ ଟ୍ରମ୍ପ ଅଭିଯୋଗ କରିଥିଲେ ଯେ, ସେହି ନିର୍ବାଚନ ସତ୍ ଉପାୟରେ ହୋଇନାହିଁ। ତେଣୁ ସେ ଓ ତାଙ୍କର କର୍ମୀ ବିକ୍ଷୋଭ କରିଥିଲେ। ଏବେ କିପରି ଟ୍ରମ୍ପ କହୁଛନ୍ତି ଭେନେଜୁଏଲା ଶାସକ ମାଦୁରୋ ବଳପୂର୍ବକ ଶାସନ ଅକ୍ତିଆର କରିଛନ୍ତି ବୋଲି ?

୧୯୬୨ରେ ଘଟିଥିବା କ୍ୟୁବା କ୍ଷେପଣାସ୍ତ୍ର ସଂକଟ (Cuban Missile Crisis) ର ଚିତ୍ର ଏବେ ସ୍ମରଣକୁ ଆସୁଛି। ସେହିବର୍ଷ ଆମେରିକା ବିରୋଧରେ ପୂର୍ବତନ ସୋଭିଏତ ରାଷ୍ଟ୍ରସଂଘ ବା ୟୁଏସଏସଆରର ଟକ୍କର ଆମେରିକାକୁ ଆତଙ୍କିତ କରିଥିଲା। ଏହି ୧୩ ଦିନିଆ ସଙ୍କଟକୁ କ୍ୟୁବା କ୍ଷେପଣାସ୍ତ୍ର ସଂକଟ କୁହାଯାଏ। କ୍ୟୁବା ବିରୋଧରେ ଆମେରିକାର ଯୋଜନାକୁ ବିରୋଧ କରି କ୍ୟୁବାରେ ସୋଭିଏତ ରାଷ୍ଟ୍ରସଂଘ ପକ୍ଷରୁ ଆଣବିକ କ୍ଷେପଣାସ୍ତ୍ର ମୁତୟନ କରାଯାଇଥିଲା। ସେହିପରି ବ୍ରିଟେନ, ଇଟାଲୀ ଓ ତୁର୍କୀରେ ଆମେରିକା ଆଣବିକ କ୍ଷେପଣାସ୍ତ୍ର ମୁତୟନ କରିଥିଲା। ୧୬ ରୁ ୨୮ ଅକ୍ଟୋବର ୧୯୬୨ ଯାଏ ଏହି ଅସ୍ଥିରତା ଚାଲିଥିଲା ଯାହାକୁ ଅକ୍ଟୋବର ସଂକଟ ବି କୁହାଯାଏ। ୧୩ ଦିନ ପରେ ଏହି ସମସ୍ୟାର ଅନ୍ତ ଘଟିଥିଲା। ତେଣୁ ଆମେରିକାକୁ ଚାଲେଞ୍ଜ ଦେବାରେ ୟୁଏସଏସଆର ପ୍ରମୁଖ ଭୂମିକା ଗ୍ରହଣ କରୁଥିଲା। ମାତ୍ର ୧୯୯୧ ରେ ୟୁଏସଏସଆରର ବିଭାଜନ କରେ ଆମେରିକା କ୍ରମଶଃ ସର୍ବଶକ୍ତିମାନ ହୋଇଆସିଛି। ଆମେରିକାକୁ ସିଧାସଳଖ ଚାଲେଞ୍ଜ ଦେବା ପରି ଶକ୍ତି ନାହାନ୍ତି। ଯଦିଓ ଚୀନ, ନର୍ଥକୋରିଆ ଓ ରୁଷିଆ ସେହି ଭୂମିକା ନିର୍ବାହ କରୁଛନ୍ତି ମାତ୍ର ନିଜର ସ୍ୱାର୍ଥ ଦୃଷ୍ଟିରୁ ଏହି ତିନି ରାଷ୍ଟ୍ର ସେତେଟା ସଫଳ ହୋଇପାରୁନାହାନ୍ତି।

ତେବେ ୧୯୬୨ ପରଠାରୁ ଆମେରିକା କାରିବିୟାନ ଅଞ୍ଚଳରେ ନିଜର ସାମରିକ ଉପସ୍ଥିତି ବଳବତ୍ତର ରଖିଛି। ସେଠାରେ ହଜାର ହଜାର ସୈନ୍ୟ, ଅତ୍ୟାଧୁନିକ ଡ୍ରୋନ, ଲଢୁଆ ବିମାନ, କ୍ରୁଇଜର, କ୍ଷେପଣାସ୍ତ୍ର, ବିମାନବାହୀ ଯୁଦ୍ଧଜାହାଜ ୟୁଏସଏସ ଗେରାଲଡ୍ ଫୋର୍ଡ, ସ୍ପେସାଲ ଅପରେସନ ହେଲିକପ୍ଟର ଆଦି ମୁତୟନ କରିଛି। କେବଳ ଏତିକି ନୁହେଁ, ଭେନେଜୁଏଲା ସମେତ ଅନେକ ରାଷ୍ଟ୍ରରେ କୁଖ୍ୟାତ ମାର୍କିନ ଗୁଇନ୍ଦା ସଂସ୍ଥା ସିଆଇଏକୁ ସକ୍ରିୟ ରଖାଯାଇଛି ଏବ ଦେଶଗୁଡ଼ିକର ଆଭ୍ୟନ୍ତରୀଣ ତଥ୍ୟ ଆମେରିକା ହାସଲ କରୁଛି। ଏଥିଲାଗି ଅପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରାଯାଉଛି।

ଦକ୍ଷିଣ ଆମେରିକା, ମେକ୍ସିକୋ, କେନ୍ଦ୍ରୀୟ ଆମେରିକା ଆଦି ଅଂଚଳର ରାଷ୍ଟ୍ରକୁ ନେଇ ଗଠିତ ଲାଟିନ ଆମେରିକା ଉପରେ ଆମେରିକାର ପ୍ରାଧାନ୍ୟ ଦଶନ୍ଧି ଦଶନ୍ଧି ତଳୁ ରହିଆସିଛି। ଏହାକୁ ୨୦୦୦ରୁ ଭେନେଜୁଏଲାର ସମାଜବାଦୀ ଶାସକ ହ୍ୟୁଗୋ ସାଭେଜ ବିରୋଧ କରିଆସୁଥିଲେ। ତାଙ୍କ ପରେ ଭେନେଜୁଏଲା ରାଷ୍ଟ୍ରପତି ମାଦୁରୋ ବି ଆମେରିକାକୁ ବିରୋଧ କରିଆସୁଛନ୍ତି। ଏହି କାରଣରୁ ଭେନେଜୁଏଲାରେ ଶାସନ ପରିବର୍ତ୍ତନ ଲାଗି ଆମେରିକା ହୀନ ଉଦ୍ୟମ କରୁଛି।

ଏହା ପୂର୍ବରୁ ୧୯୮୯ରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜର୍ଜ ବୁଶ୍ ପାନାମା ଉପରେ ଆକ୍ରମଣ କରିଥିଲେ। ପାନାମାର ଶାସକ ଜେନେରାଲ ମାନୁଏଲ ନୋରିଏଗାଙ୍କୁ ହଟାଇବା ଲାଗି ଆମେରିକା ଆରମ୍ଭ କରିଥିଲା ଅପରେସନ ଜଷ୍ଟ କଜ୍। ଏହି ଅପରେସନ ବଳରେ ପାନାମା ଶାସକ ନୋରିଏଗା ହଟିବା ସହ ଆତ୍ମସମର୍ପଣ କରିଥିଲେ। ଏପରିକି ପାନାମା ଡିଫେନ୍ସ ଫୋର୍ସେସ ବା ପିଡିଏଫକୁ ହଟାଇଦିଆଯାଇ ଗିଲିରମୋ ଏଣ୍ଡରାଙ୍କୁ ପପେଟ ଶାସକ ଭାବେ ଅବସ୍ଥାପିତ କରାଯାଇଥିଲା।

କୌଣସି ଦେଶରେ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ ସେହି ରାଷ୍ଟ୍ର କରିବା ଉଚିତ। ଭାରତରେ ହିନ୍ଦୁ ଓ ମୁସଲମାନ ସମସ୍ୟା ଲାଗି ରହିଛି। ସରକାରୀ ପ୍ରୋତ୍ସାହନ ବି କିଛି କ୍ଷେତ୍ରରେ ମିଳୁଛି। ଆମେରିକା ଏଥିରେ ହସ୍ତକ୍ଷେପ କରିପାରିବ କି ? ଏଥିରେ ଜଡ଼ିତ ଥିବା ଫାଶିଷ୍ଟ ଶକ୍ତିଙ୍କୁ କରାୟତ୍ତ କରିପାରିବ କି ? ଯଦି ନୁହେଁ ତେବେ ଅନ୍ୟ ରାଷ୍ଟ୍ର ଉପରେ କାହିଁକି ଆମେରିକା ହସ୍ତକ୍ଷେପ କରୁଛି ?

ଭେନେଜୁଏଲାର ଅର୍ଥନୀତି ମୁଖ୍ୟତଃ ତୈଳ ଉପରେ ନିର୍ଭର କରେ। ଏହି ରାଷ୍ଟ୍ର ୭୦ ଭାଗ ଖାଦ୍ୟ ଆମଦାନୀ କରେ। ଏହି କାରଣରୁ ଭେନେଜୁଏଲାକୁ ହାତରେ ନମାରି ଭାତରେ ମାରିବାକୁ ବି ଆମେରିକା ଯୋଜନା ପ୍ରସ୍ତୁତ କରିଛି।

ଭେନେଜୁଏଲାରେ ସୃଷ୍ଟ ସଂକଟ ଆଜିକାଲିର ନୁହେଁ। ୨୦୧୦ରୁ ଏହି ସବୁ ସମସ୍ୟା ମୁଣ୍ଡ ଟେକିଛି। ତାହାର ସମାଧାନ ଲାଗି ବି ସରକାର ଯୋଜନା କରିଆସୁଛନ୍ତି। ଏସବୁ ଭିତରେ ଆମେରିକା ଦାଦାଗିରି ଜରିଆରେ ଭେନେଜୁଏଲାର ମେରୁଦଣ୍ଡ ଭାଙ୍ଗି ଦେବା ଲାଗି ଯୋଜନା କରୁଛି।

କେବଳ ବର୍ତ୍ତମାନ ଭେନେଜୁଏଲା ଉପରେ ନୁହେଁ, ୧୯୧୭ରେ ବି ଆମେରିକା ଭେନେଜୁଏଲାରେ ବିଦ୍ରୋହ ସୃଷ୍ଟି କରିଥିଲା। ୧୯୨୩ରେ ମେକ୍ସିକୋରେ ହସ୍ତକ୍ଷେପ କରି ରପ୍ତାନି ପ୍ରଭାବିତ କରିଥିଲା। କୁଏତ ଉପରେ ଇରାକର ହସ୍ତକ୍ଷେପକୁ ଆଳ କରି ୨୦୦୩ରେ ଇରାକ ଉପରେ ହମଲା କରିଥିଲା। ଏହି ଯୁଦ୍ଧରେ ଅନେକ ନିରୀହ ଇରାକବାସୀ ପ୍ରାଣ ହରାଇଥିଲେ। କେବଳ ତୈଳ ସ୍ୱାର୍ଥ ଲାଗି ଏହି ହମଲା କରାଯାଇଥିଲା।

୧୭୭୬ରୁ ବର୍ତ୍ତମାନ ଯାଏ ଆମେରିକା ବିଶ୍ୱର ବିଭିନ୍ନ ରାଷ୍ଟ୍ର ଉପରେ ୪୦୦ରୁ ଅଧିକ ଥର ହସ୍ତକ୍ଷେପ ବା ହମଲା କରିସାରିଲାଣି। ଏବେ ବି ଭେନେଜୁଏଲା ସମେତ ବିଭିନ୍ନ ରାଷ୍ଟ୍ରରେ ଆମେରିକା ହସ୍ତକ୍ଷେପ ଜାରିରଖିଛି।....

*ଭୁବନେଶ୍ୱର*
*ଦୂରଭାଷ: ୯୪୩୭୧୬୪୭୬୪*

କଥା ଓ କାହାଣୀ

# ମଙ୍ଗୁଳା କନ୍ୟା

**କାଳିନ୍ଦୀ ଚରଣ ଭଞ୍ଜ**

ଆମ ଏଇ ଛୋଟ ସହରଟି ଆଜି ଉତ୍ସବ ମୁଖରିତ। ପ୍ରତି ଛକରେ ସୁଶୋଭିତ ତୋରଣ, ଅପୂର୍ବ ସାଜସଜ୍ଜାରେ ତରଙ୍ଗାୟିତ ଝଲମଲ।

ପ୍ରତି ତୋରଣରେ ଲେଖା ହୋଇଛି –

WELCOME
RASMI
WEDS
BINOD

ଷ୍ଟେଜ୍‌ରୁ ଭାସି ଆସୁଛି ଆଧୁନିକ ରସରସିଆ, ରଙ୍ଗ ପରିହାସ, ରଙ୍ଗରସର ସଙ୍ଗୀତ। ସଙ୍ଗୀତରେ ବୁଢ଼ାବୁଢ଼ୀ, ପିଲାଛୁଆ ଉନ୍ମତ୍ତ। ବିରାଟକାୟ ଟେଣ୍ଟର ବ୍ୟବସ୍ଥା ହୋଇଛି। ଅତିଥିଙ୍କ ପାଇଁ ଆମିଷ, ବୋତଲ ଟେକା ଗେଷ୍ଟମାନଙ୍କ ପାଇଁ ଖନ୍ଦାଶାଳରେ ମଟନ, ଚିକେନ, ବିରିଆନୀର ବ୍ୟବସ୍ଥା। ଚିତାକଟା କୌପୀନମରା, ସତସଙ୍ଗିଆଙ୍କ ପାଇଁ ବିନା ପିଆଜ ରସୁଣରେ ଖିରୀ, ପୁରୀ, ମିଠା ଓ ଅନ୍ୟାନ୍ୟ ସୁସ୍ୱାଦୁ ବ୍ୟଞ୍ଜନ ଭରପୂର।

ଦଳଦଳ ଲୋକ ଆସୁଛନ୍ତି। ଖାଇପିଇ କନ୍ୟା ପିତାମାତାଙ୍କୁ ଧନ୍ୟବାଦ ଦେଇ ଯାଉଛନ୍ତି। କନ୍ୟା ରଶ୍ମି ନାନା ଦାମୀ ଅଳଙ୍କାର ଦେହରେ ଲଗାଇ, ପାଟବସ୍ତ୍ର ପରିଧାନ କରି ଏକ ପରମା ସୁନ୍ଦରୀକନ୍ୟା ରୂପରେ ପହଞ୍ଚିଥିଲା ବିବାହ ମଣ୍ଡପରେ। ଏ ରୂପ ରଙ୍ଗ ଦେଖି ଅନେକ ଅନେକ ଯୁବକ ନିଜ ନିଜ ମଧ୍ୟରେ କଥା ହେଉଥିଲେ ଧନ୍ୟ ସେ ଯୁବକ ଯିଏ ଏ ଅପସରା ରୂପୀ କନ୍ୟାକୁ ବିବାହ କରୁଛି। ଭାଗ୍ୟରେ ଥିଲେ ଜୁଟେ। ବର ଜଣେ ଉଚ୍ଚ ପଦାଧିକାରୀ ସରକାରୀ ଅଫିସର। ପୂର୍ବତନ କେନ୍ଦ୍ର ମନ୍ତ୍ରୀଙ୍କର ଏକମାତ୍ର ପୁତ୍ର। ଘର ଆମ ସହରରୁ ମାତ୍ର ଚାଳିଶ କିଲୋମିଟର ଦୂରତ୍ୱରେ। କନ୍ୟାପିତା ଶ୍ରୀକାନ୍ତ ରାଏଙ୍କ ଗୃହରେ ପହଞ୍ଚିବାକୁ ମାତ୍ର ଏକ ଘଣ୍ଟାର ରାସ୍ତା। ବରରଫରେନ କାର୍ ନାନାପୁଷ୍ପମାଳାରେ ସଜ୍ଜିତ। ପଛକୁ ପଛ ଅନେକ ଭି.ଆଇ.ପିଙ୍କ ଗାଡ଼ି ବରଯାତ୍ରୀଙ୍କୁ ନେଇ ଯିବାର ବ୍ୟବସ୍ଥା ହୋଇଛି।

ଏକ ଶୁଭ ମୁହୂର୍ତ୍ତ ଦେଖି ବର ବାହାରିଲା। ଏହି ସମୟରେ ବରର ଦ୍ୱାର ଦେଶରେ ବାଣ ଫୁଟିଲା, ବ୍ୟାଣ୍ଡପାର୍ଟିଙ୍କ ନାଚଗୀତରେ କିଛି ଯୁବକ ଯୁବତୀ ଆଧୁନିକ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନମୋହିଲେ।

ବର ଓ ବରଯାତ୍ରୀଙ୍କୁ ଅତି କମ୍‌ରେ ପଚିଶ କିଲୋମିଟର ରାସ୍ତା ଜାତୀୟ ରାଜପଥରେ ଯିବାକୁ ହେବ।

ରାଜପଥ ସନ୍ଧ୍ୟା ଆରମ୍ଭରୁ ଡକାୟତଙ୍କ ଉତ୍ପାତ, ମଦ୍ୟପଙ୍କ ରାଜତ୍ୱ। ରାସ୍ତା ବଡ ହୋଟେଲ ବା ଢାବାରୁ ମଦ ପିଇ ନିଶାରେ ଗାଡ଼ି ଚଳାନ୍ତି ଡ୍ରାଇଭରମାନେ। ହାତରେ ମୋବାଇଲ ଫୋନରେ ସ୍ତ୍ରୀ ପିଲାଙ୍କ ସହ ଖୁସି ଗପ, ଭାବନ୍ତି ପକ୍ଷିରାଜ ଘୋଡ଼ାରେ ଆକାଶରେ ଉଡୁଛନ୍ତି। ନିଜ ଉପରେ ନିୟନ୍ତ୍ରଣ ନାହିଁ। ଗାଡ଼ିକଥା ପଚାରେ କିଏ। ଏଥିପାଇଁ ଦେଶରେ ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ କୋର୍ଟ ରାସ୍ତାକଡ଼ରୁ ମଦଦୋକାନ ହଟାଇବା ପାଇଁ ଆଦେଶ ଦେଲେ ବି ମାନେ କିଏ ? । ବେପରୁଆ, ନିଶାରେ, ଦ୍ରୁତ ଗତିରେ ଡ୍ରାଇଭରମାନେ ବିଶେଷ କରି ରାତିରେ କେତେ ଯେ ଦୁର୍ଘଟଣା ଘଟାନ୍ତି ତା'ର ହିସାବ ନଥାଏ। ବିପୁଳ ଧନଜୀବନ ନଷ୍ଟହୁଏ।

> ରାତି ପାହି ସକାଳ ହେଲା। ବରକନ୍ୟା କେଉଁଠିକୁ ଯିବେ ଠିକ୍ ହୋଇପାରିନଥିଲା। ବରପିତା କାମ ତୁଲାଇଥିବା ଶଙ୍କର ବାବୁ କହିଲେ ବିବାହ ବିଷୟରେ ନଟର ବାପାମାଆ ବର୍ତ୍ତମାନ ପର୍ଯ୍ୟନ୍ତ ଜାଣନ୍ତି ନାହିଁ। ବରକନ୍ୟାକୁ କେମିତି ଗ୍ରହଣ କରିବେ ? ତାଙ୍କୁ ଖବର ଦିଆଯାଉ। ନୂଆକରି ଯାଉଥିବା ଝିଅଟି ସେଠାରେ କିପରି ଚଳିବ ତା'ର ବ୍ୟବସ୍ଥା କରି ସମ୍ମାନର ସହ ଝିଅଜ୍ୱାଇଁଙ୍କୁ ଛାଡି ଆସିବା।

ରାଜପଥରେ ସବୁ ଗାଡ଼ି ଦ୍ରୁତ ଗତିରେ ଦୌଡ଼ୁଥାନ୍ତି। କୌଣସି କାରଣରୁ ଆଗଗାଡ଼ି ଅଟକିବାର ଲାଲବତିର ସଙ୍କେତ ନ ଦେଇ ରହିଯାଏ। ପଛଗାଡ଼ି ବ୍ରେକ କଷି ନପାରିଲେ ଆଗଗାଡ଼ି ସହ ଧକ୍କା ହୁଏ। ଏଣୁ ପଛରେ ଆସୁଥିବା ଅନ୍ୟଗାଡ଼ିଗୁଡ଼ିକ ଅନୁରୂପ ପରସ୍ପର ସହ ଧକ୍କା କରି ସମ୍ମୁଖ ଗାଡ଼ି ଉପରେ ଚଢ଼ିଯାଇ ଅଟକିଯାଏ ଅଥବା ରାସ୍ତା କଡକୁ ଓଲଟି ପଡେ। ଦ୍ରୁତଗତି ମହାବିପତ୍ତି ଉକ୍ତି ସତ୍ୟ ହୁଏ।

ବରଗାଡ଼ି ଦ୍ରୁତଗତିରେ ଚାଲିଥିଲା। ସମ୍ମୁଖ ଦିଗରୁ ଏକ ମାଲବାହୀ ଟ୍ରକ ନିଜ ବାମ ପାର୍ଶ୍ୱ ରାସ୍ତାରେ ନ ଯାଇ ଡାହାଣ ପାର୍ଶ୍ୱକୁ ମାଡ଼ି ଆସିଲା। ଫଳରେ ବର କାର ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଗଲା। ମଦ୍ୟପ ଡ୍ରାଇଭର ମୁଣ୍ଡରେ ଚେତା ପଶି ଯିବାରୁ ଭୟରେ ଗାଡ଼ିରୁ ଡେଇଁ ଅନ୍ଧାରରେ କେଉଁ ଦିଗରେ ଦୌଡ଼ି ପଳାଇଲା ଜଣାନାହିଁ। ଧକ୍କା ଫଳରେ ବର ଗାଡ଼ି ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇ ବର ଓ ଡ୍ରାଇଭରର ତତ୍‌କ୍ଷଣାତ ମୃତ୍ୟୁ ହୋଇଗଲା। ପଛରେ ବରଯାତ୍ରୀ ଗାଡ଼ିଙ୍କର ଅନେକଙ୍କ ଅବସ୍ଥା ସଂକଟାପନ୍ନ ଥିଲା। ମୋବାଇଲଭ୍ୟାନ ଖବର ପାଇ ମୃତ, ଆହାତ ଲୋକଙ୍କୁପାଖ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

କଥାରେ ଅଛି 'ଦଇବ ଦଉଡ଼ି ମଣିଷ ଗାଈ

ଯେଣିକି ଓଟାରେ ତେଣକି ଯାଇ।'

ଶାସ୍ତ୍ର ଏହାକୁ ସ୍ୱୀକୃତ କରେ ଓ କହେ –

'ଯେନ ଡ୍ରେବ ଭୋକ୍ତବ୍ୟଂ ସୁଖ ବା ଦୁଃଖ ମୋ ବା ...। ଅର୍ଥାତ ଯାହାର ଯେଉଁଠାରେ ସୁଖଦୁଃଖ ଭୋଗିବାର ବିଧାନ ଅଛି ଦୈବ ତାକୁ ସେଠାକୁ ଦଉଡ଼ିରେ ବାନ୍ଧି ନେବା ପରି ହୋଇଥାଏ।

ରାଜପଥରେ ଏକ ବରଯାତ୍ରୀଗାଡ଼ିକୁ ଟ୍ରକ ଧକ୍କା ଦେବା ଯୋଗୁ ଅନେକ ମୃତାହତ ହୋଇ ଡାକ୍ତରଖାନାକୁ ସ୍ଥାନାନ୍ତରିତ ଖବର ପହଞ୍ଚିଲା କନ୍ୟାପିତା ଶ୍ରୀକାନ୍ତ ରାଏଙ୍କ ପାଖରେ। ଆଞ୍ଚଳିକ ନିଉଜ ମଧ୍ୟ ଏହା ଟି.ଭି.ରେ ପ୍ରସାର କଲା। ବରମୃତ୍ୟୁ ଖବର ବିଳମ୍ବରେ ଡାକ୍ତରଖାନାରୁ ମିଳିଲା।

ବରଯାତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଅପେକ୍ଷାରତ ଶ୍ରୀକାନ୍ତବାବୁ, ବ୍ରାହ୍ମଣ, ନାହାକ ଓ ବନ୍ଧୁଗଣ ମଧ୍ୟରେ ଖେଳିଗଲା ବିଷାଦର ଛାୟା। ଶ୍ରୀମତୀ ରାଏ ଖବର ପାଇ ମୁଣ୍ଡପିଟି ବାହୁନିବାକୁ ଲାଗିଲେ। କିନ୍ତୁ ସେ ପର୍ଯ୍ୟନ୍ତ ଖବର ଅଜଣା ଥିଲା ରଶ୍ମିକୁ

ଶ୍ରୀକାନ୍ତ ବାବୁ, ପରିବାରବର୍ଗ ଓ ବ୍ରାହ୍ମଣ ଏହିମୁହୂର୍ତ୍ତରେ କ'ଣ କରାଯାଇପାରେ ବିଚାର ବିମର୍ଷ କଲେ। ବ୍ରାହ୍ମଣ ପଣ୍ଡିତ ରଥଶର୍ମା କହିଲେ –

ଦେଖନ୍ତୁ ମଙ୍ଗନ ଅର୍ଥାତ ବିବାହର ପୂର୍ବଦିବସରେ ମଙ୍ଗଳକୃତ ଶେଷ ହୋଇଛି। ବିବାହ ପୂର୍ବରୁ ଗ୍ରାମଦେବୀଙ୍କ ପାଖରେ ପୂଜାର୍ଚ୍ଚନା ସରିଛି, ଶୁଭ କାର୍ଯ୍ୟ ଉପଲକ୍ଷେ ପାକ୍ ପାଇଁ ଅନୁକୂଳ କରାଯିବା ନୂଆପାଗ ହାଣ୍ଡି ଅର୍ଥାତ୍ ମଙ୍ଗନହାଣ୍ଡି ସ୍ଥାପନ ହୋଇ ସାରିଛି। ଆହୁରି ମଧ୍ୟ ଦେବତାଙ୍କ ନାମରେ ପୂର୍ଣ୍ଣକୁମ୍ଭ ବା ମଙ୍ଗଳ କଳସ ବସିସାରିଛି। ପୁନଶ୍ଚ ସର୍ବୋପରି ଗୃହଦେବୀଙ୍କୁ ନମସ୍କାର କରି କନ୍ୟା ଗୃହରୁ ପୂଜା ମଣ୍ଡପକୁ ଚାଲି ଆସିଛି। ବାକି ରହିଥିଲା ମୁଖ୍ୟତଃ ବେଦୀରେ ବରକନ୍ୟାଙ୍କ ମଧ୍ୟରେ ମାଲ୍ୟାର୍ପଣ ଓ ହସ୍ତଗଣ୍ଠି ବନ୍ଧନ। ମଙ୍ଗୁଳା କନ୍ୟାବିବାହ ନକରି ରହିଯିବା ପରିବାର ଓ କନ୍ୟା ପାଇଁ ଅହିତକର। କନ୍ୟାକୁ ମଧ୍ୟ ସମାଜରେ ନାନା ନିନ୍ଦା ଅପବାଦ ସହିବାକୁ ପଡିବ। ଏଣୁ ଏହି ଶୁଭଲଗ୍ନରେ ଉପଯୁକ୍ତ ଓ ଅଲକ୍ଷଣୀ ବୋଲି ପ୍ରଚାର ହେବ। ବରପାତ୍ର ଦୃଷ୍ଟିରେ ଥିଲେ ନେଇ ଆସି ବିବାହ କରାଇଦେଲେ ମଙ୍ଗଳ ହେବ।

ଶ୍ରୀକାନ୍ତ ବାବୁ ବଡ଼ ଚିନ୍ତାରେ ପଡ଼ି ସମସ୍ତଙ୍କ ସହଯୋଗ ଲୋଡ଼ିଲେ। ଅନେକ ପ୍ରସ୍ତାବ ସାଙ୍ଗସାଥୀ ଦେଲେ। କିନ୍ତୁ ବିଭିନ୍ନ କାରଣରୁ ଗ୍ରହଣଯୋଗ୍ୟ ନଥିଲା। ଯେଉଁମାନଙ୍କୁ ଯୋଗ୍ୟ ବିବେଚିତ କରାଗଲା ସେମାନେ ରହନ୍ତି ଦିଲ୍ଲୀ, ବମ୍ବେ, ଲଣ୍ଡନ ଭଳି ଦୂର ସହରରେ। ତାହା ସମ୍ଭବ ନଥିଲା ଏଇ ରାତି ପାଇଁ।

ରାତି ବଢ଼ିବା ସହ ଉତ୍କଣ୍ଠା ବଢ଼ିଲା। ଏବେ ଶ୍ରୀକାନ୍ତବାବୁ ନିରୁପାୟ ହୋଇ କହିଲେ ସମୟ ହାତରେ ନାହିଁ, ପରିସ୍ଥିତି ଗମ୍ଭୀର, ଚାକିରି ନକରୁ ବୁନିଆଦି ଯାହାବି ହେଉ ଯେ ରଶ୍ମିର ମ୍ୟାଚ କଲାଭଳି ଏକ ସୁନ୍ଦର, ଶିକ୍ଷିତ ଯୁବକର ସନ୍ଧାନ ଦେଇ ବିବାହ କରିବାକୁ ରାଜି କରାଇ ପାରିବ ତାକୁ ପାଞ୍ଚ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ। ଟଙ୍କା ଲୋଭରେ ଲୋକେ ଅନୁସନ୍ଧାନରେ ରହିଲେ। କିନ୍ତୁ ସହସା ମିଳିବେ କେଉଁଠୁ ?

କିଛି ସମୟ ପରେ ଶ୍ରୀକାନ୍ତବାବୁଙ୍କର ଅତି ଆତ୍ମୀୟ ଜଣେ ପାଖକୁ ଆସି କହିଲେ ଶ୍ରୀକାନ୍ତ କିଛି ନଭାବିଲେ ଗୋଟିଏ ସୁନ୍ଦର ପ୍ରସ୍ତାବ ଦେବି। ତାହା ତୁମର ବିଚାର ଉପରେ ନିର୍ଭର କରେ। ଶ୍ରୀକାନ୍ତ ବାବୁ ବିଳମ୍ବ ନକରି କହିଲେ 'କକା କୁହ ଶୀଘ୍ର, ବିଳମ୍ବ କରନା, ରାତି ପାହିବା ଉପରେ।'

ଭଦ୍ରଲୋକ ପାଖକୁ ଲାଗିଆସି କହିଲେ ' ସେ ଯୁବକ କେହି ନୁହେଁ ତୁମ ବିଶ୍ୱସ୍ତ ଡ୍ରାଇଭର ନଟବର। କୁହ ନଟଠାରୁ ସୁନ୍ଦର ଯୁବକ ତୁମ ଦୃଷ୍ଟିରେ କିଏ ଅଛି କି ?'

ପାଠ ବିଷୟରେ ଶୁଣ ସେ ଉଚ୍ଚଶିକ୍ଷିତ, ତା ସେ ଜଣାଏ ନାହିଁ। ଘରେ ବୃଦ୍ଧ ମା' ରୋଗିଣା, ସରକାରୀ ବୃତ୍ତିରେ ପାଠ ପଢ଼ିଛି। ବେକାରୀ ଯୁଗରେ ଚାକିରି କେଉଁଠୁ ମିଳୁଛି। ସେ କିନ୍ତୁ ଚେଷ୍ଟାଚଳାଇଛି। ପାଠପଢ଼ା ସମୟରେ ଲମ୍ୱା ଛୁଟିଦିବସ ଗୁଡ଼ିକୁ ସେ କାମରେ ଲଗାଇ ଡ୍ରାଇଭିଙ୍ଗ ଶିଖି ସାର୍ଟିଫିକେଟ ପାଇଛି। କିଛି ଦିନ ସେ ଟ୍ୟାକ୍ସି ଡ୍ରାଇଭର ଭାବେ ମଧ୍ୟ କାମ କରୁଥିଲା। ଏହି ସହରରେ। ତୁମ ଘରେ ଏକେ ଦେଖାଶୁଣା କରେ। ସେ ଯେପରି ଭଦ୍ର ଓ ସେହିପରି ବିଶ୍ୱସ୍ତ। ନାଁ କ'ଣ ?

ଶ୍ରୀକାନ୍ତ ବାବୁ ଅନେକ କଥା ନଟ ବିଷୟରେ ଶୁଣିଥିଲେ। ଏତେ ଯେ ପାଠ ପଢ଼ିଛି ତାଙ୍କୁ ଜଣା ନଥିଲା। ନଟ ମଧ୍ୟ ତା' ବିଷୟରେ କିଛି ଜଣାଏ ନାହିଁ। ଡ୍ରାଇଭର କାମ ଖୁବ୍ ସୁନ୍ଦର ଭାବେ କରେ। ସମସ୍ତଙ୍କୁ ସମ୍ମାନ ଦିଏ। ଶ୍ରୀକାନ୍ତ ବାବୁ ନଟବରର ପ୍ରସ୍ତାବ ସ୍ତ୍ରୀ ହିରାମଣିଙ୍କ ସହ ପରାମର୍ଶ କଲେ। ରଶ୍ମିକୁ ବୁଝାଇ ଶୁଝାଇ ନଟସହ ବିବାହ କରିବାକୁ ରାଜି କରାଇବା ପାଇଁ।

ରଶ୍ମି ବିବାହ କାର୍ଯ୍ୟ ଅହେତୁକ ବିଳମ୍ବ ହେବାର ଜାଣିପାରିଲା।

ଅତ୍ୟଧିକ ଦୁଃଖରେ ସଖୀମାନଙ୍କ ଗହଳରେ ଭାଗ୍ୟକୁ ନିନ୍ଦା କରି ଅଶ୍ରୁପାତ କରୁଥିଲା। ମା'ଙ୍କୁ ଦେଖି କୋହ ବଢ଼ିଲା। ମାଆ ଝିଅକୁ କିଛି ସମୟ ଆଲିଙ୍ଗନ କରି କହିଲେ 'ଝିଅଲୋ ଏସବୁ ଭାଗ୍ୟର ଲିଖନ। ଏଥିରେ କାହାର କିଛି କରିବାର ନାହିଁ। ଦୁର୍ଘଟଣା ଘଟିଗଲା ବିବାହର ଅବ୍ୟବହିତ ପୂର୍ବରୁ। ଏହା ଯଦି ବିବାହ ପରେ ଯିବା ରାସ୍ତାରେ ଘଟିଥାନ୍ତା। କ'ଣ ହୋଇ ନଥାନ୍ତା ? ଧର୍ଯ୍ୟଧର କଥା ଶୁଣ। ଆଶାକରେ କଥା ରକ୍ଷା କରିବୁ କହି ଶୁଣାଇଲେ – 'ଦେଖ ବିବାହର ସମସ୍ତ ବିଧି ବିଧାନ ସରିଛି। ନିମନ୍ତ୍ରଣ ପତ୍ର ପାଇ ଅତିଥିମାନେ ପ୍ରାୟ ସମସ୍ତେ ଭୁରି ଭୋଜନ ଖାଇ ଫେରିଗଲେଣି। ତୁ ମଙ୍ଗୁଳା କନ୍ୟା। ବିବାହ କରିବାକୁ ହେବ। ବରପାତ୍ର ଖୋଜି ଜଣକୁ ଉପଯୁକ୍ତ ମନେ କରି ତୋର ମତାମତ ନେବାକୁ ପଠାଇଛନ୍ତି ତୋ ପିତା ଓ ଅନ୍ୟ ଗୁରୁଜନମାନେ। ସେ କେହି ନୁହେଁ ଆମ ପ୍ରିୟ ନଟ। ଏହି ଶୁଭ ମୁହୂର୍ତ୍ତ ରାତି ଶେଷ ହେବା ପୂର୍ବରୁ ନଟର ପାଣିଗ୍ରହଣ କରିବାକୁ ନିର୍ଦ୍ଦେଶ ତାଙ୍କର। ବିନା ଦ୍ୱିଧାରେ ପିତାଙ୍କ ଆଦେଶ ଗ୍ରହଣ କରି ବିବାହ ବେଦିକୁ ଯିବା ପାଇଁ ପ୍ରସ୍ତୁତ ହୋଇଯାଆ। ସେଠାରେ ପିତା କନ୍ୟାଦାନ କରିବା ପାଇଁ ଅପେକ୍ଷା କରି ରହିଛନ୍ତି।'

ରଶ୍ମିକୁ ସମ୍ଭାଳେ କିଏ ? କ'ଣ କହିଲୁ ମୁଁ ଏଠାକୁ ସଜେଇ ହୋଇ କନ୍ୟା ବେଶରେ ଅପେକ୍ଷା କରି ବସିଛି ବିବାହ କରିବାକୁ ସେ ନଟିଆ ଡ୍ରାଇଭରକୁ, ଯାହାର କୁଳଗୋତ୍ର ଜଣା ନାହିଁ, ସମାଜରେ ଷ୍ଟାଟସ ନାହିଁ, ଶିକ୍ଷାଦିକ୍ଷା ଜଣାନାହିଁ, ତାକୁ ଜ୍ୱାଇଁ କରିବା ପାଇଁ ବାପା କିପରି ସିଦ୍ଧାନ୍ତ ନେଲେ। ଏହା ସମ୍ଭବ ନୁହେଁ। ଯାହାକୁ ମୁଁ ଛୋଟ ଘରର ପିଲା କହି ଗାଳିଗୁଲଜ କରେ, ଛୋଟ ଭୁଲ୍ ପାଇଁ ଚପଲ ଉଠାଇ ପିଟିବାକୁ ଛାଡ଼େନା ସେ ଡ୍ରାଇଭର ବାପୁଡ଼ା ହେବ ମୋର ସ୍ୱାମୀ। ତା ସହ ମଧୁଶଯ୍ୟା ଯାପନ କରିବି ? ମା' ମୁଁ ବରଂ ଜୀବନ ବ୍ୟାପୀ ଅବିବାହିତ ରହିବି କିନ୍ତୁ ମୁଁ ନଟିଆକୁ ବିବାହ କରିବି ନାହିଁ। ମୁଁ ଜଣେ କ୍ଷୁଦ୍ରଜୀବୀ ଡ୍ରାଇଭରକୁ ବିବାହ କରି ସମାଜରେ ମୁଣ୍ଡଟେକି ଚାଲିପାରିବି କି? କ'ଣ କହିବେ ମୋ ସାଙ୍ଗସାଥୀ ଓ ଅନ୍ୟମାନେ ?

ହୀରାମଣି – ଝିଅ ତୁ ଯାହା କହିଯାଉଛୁ ତା ପୂରାପୂରୀ ସତ୍ୟ କିନ୍ତୁ ଆମେ ପିତାମାତା ହିସାବରେ ଆମର କର୍ତ୍ତବ୍ୟ କରି ଚାଲିଛୁ। ଯାହା କରିଛୁ ବା କରିବାକୁ ଯାଉଛୁ ସେ ସବୁ ତୋର ମଙ୍ଗଳ ପାଇଁ। ମଣିଷ ପରିସ୍ଥିତିର ଦାସ। ନଟବର ଆମର ଜ୍ୱାଇଁ ହେଲେ ସେ ଆଉ ଡ୍ରାଇଭର ହୋଇ ରହିବ ନାହିଁ। ସେ ଓ ତୁ ହେବ ଏ ବିରାଟସମ୍ପତ୍ତିର ମାଲିକ ମାଲିକାଣୀ। ଏଥିରେ ବଦଳିଯିବ ତୁମ ସାମାଜିକ ଷ୍ଟାଟସ ଓ ମର୍ଯ୍ୟାଦା। ଶୀଘ୍ର ମୋ ସାଥିରେ ଚାଲେ। ବିଳମ୍ବ କରନା। ମୋ କଥା ଯଦି ଗ୍ରହଣ ନକରୁ କାଲି ପ୍ରଭାତରୁ ବିବାହ ନକରି ରହିଯାଇଥିବା ମଙ୍ଗୁଳା କନ୍ୟାର ମୁହଁ କେହି ଚାହିଁବେ ନାହିଁ। ମୁଁ ମଧ ସେଥିରେ ସାମିଲ ହେବି। ସେ ଲାଞ୍ଛନା, ଅପମାନ ଶୁଣିବା ଆଗରୁ ମୁଁ ଏଠାରୁ ସିଧା ଯାଇ ପାଖ ନଦୀ, ପୋଖରକୁ ଡେଇଁ ପଡ଼ିବି ବା ପାଖ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବି। ଖୁବ୍ ଶୀଘ୍ର ଏହାର ନିଷ୍ପତ୍ତି ନେ।

ଏଣେ କିଛି ଲୋକ ନଟ ଡ୍ରାଇଭରକୁ ବୁଝାଶୁଝା କରାଇଛନ୍ତି। ତା'ର ନା ନା କୁ ଏମାନଙ୍କ ହଁ ହଁ। ନଟିଆ କହିଲା ତୁମ କଥାରେ ବର ବେଶରେ ବାହାହେବାକୁ ଯିବି ପୁଣି ମାଲିକର ଝିଅକୁ। ସେ ରଶ୍ମି ମ୍ୟାଡାମ କଥା ଶୁଣିଲେ ମୋ ଛାତି ଥରେ। କଥା କଥାକେ ଚପଲ ମାଡ। ଏଇ ଦେଖୁନ ଗତକାଲି ଶାଢ଼ି କିଣି ଫେରୁଥିବା ସମୟରେ କଥାରେ କ'ଣ ଗୋଟାଏ ଓଲମ ବିଲମ ହୋଇଗଲା ଓଃ କି ଗାଳି ? ଖାଲି ଗାଳି ନୁହେଁ ହାଇ ହିଲ୍‌ରେ ଦି ପାହାର ପିଠିରେ କଷିଦେଲେ। ଦେଖ ସେ ଚିହ୍ନ ଏବେବି ପିଠିରେ ଅଛି। ଜଣେ କହିଲା ସେଗୁଡ଼ାକ ପ୍ରେମ ପ୍ରୀତିର ପ୍ରହାର। ସେ ପରଖୁଥିଲା ତୁ କେତେଦୂର ତାକୁ ଭଲପାଉ। ଅନ୍ୟଜଣେ ଶୁଣାଇଲା ଏତେ କାହିଁକି ଫେକଡାମି ଦେଖାଉଚୁ, ଭାଗ୍ୟତୋର ଜୋର ଅଛି, ହାତୀ ତୋ ମୁଣ୍ଡରେ ସୁନାକଳସ ଢାଳିଛି ଶୁଖିଲାଟାରେ ତୁ ବାଳିଆଧରିଛୁ। ଚାଲ ଚାଲ ତୋ ରୁମ୍‌କୁ ବରବେଶରେ ସଜାଇ ବେଦିକୁ ନେବା ଦାୟିତ୍ୱ ଆମର। କାହରୁ ନଟିଆକୁ ଧରି ଆଣିଲେ ଦୁଇଜଣ ତା'ର ରୁମ୍‌କୁ। ଆଗରୁ ଗୃହ ଚାକର ରଙ୍କ ବରସଜ ଧରି ଅପେକ୍ଷା କରିଥିଲା। ଜଣେ ମୁହଁରେ ପାଉଡର ଅନ୍ୟଜଣେ ଅଳତା ଲଗାଇ ଦେଲା। ପୋଷାକ ପିନ୍ଧାଇ ବେକରେ କର୍ପୂରମାଳ ପିନ୍ଧାଇ ଦୁଇ ବାହୁକୁ ଧରି ପହଞ୍ଚାଇ ଦେଲେ ବେଦି ପାଖରେ।

ଏଣେ ରଶ୍ମିର କିଛି ଉପାୟ ନଥିଲା। ବାରିକାଣୀ ନଖି ।ଦେଶ ମୁତାବକ ରଶ୍ମି ଉପରେ ଓଢ଼ଣି ପକାଇ ବେଦିକୁ ନେଇ ପହଞ୍ଚାଇଲା।

ବ୍ରାହ୍ମଣ, ବାରିକ, ନାହାକ ପ୍ରସ୍ତୁତ ଥିଲେ, କନ୍ୟାପିତା ଥିଲେ ଶ୍ରୀକାନ୍ତ ବାବୁ। ନିଜେ ବରପିତା ଖୋଜା ପଡ଼ିବାରୁ ରଶ୍ମିର ମାମୁ ଶଙ୍କର ବାବୁ ବାହାରି କାମ ଚଳାଇଦେଲେ। ବିବାହ କାର୍ଯ୍ୟ ବିଧିବିଧାନରେ ସମ୍ପନ୍ନ ହେଲା।

ରାତି ପାହି ସକାଳ ହେଲା। ବରକନ୍ୟା କେଉଁଠିକୁ ଯିବେ ଠିକ୍ ହୋଇପାରିନଥିଲା। ବରପିତା କାମ ତୁଲାଇଥିବା ଶଙ୍କର ବାବୁ କହିଲେ ବିବାହ ବିଷୟରେ ନଟର ବାପାମାଆ ବର୍ତ୍ତମାନ ପର୍ଯ୍ୟନ୍ତ ଜାଣନ୍ତି ନାହିଁ। ବରକନ୍ୟାକୁ କେମିତି ଗ୍ରହଣ କରିବେ ? ତାଙ୍କୁ ଖବର ଦିଆଯାଉ। ନୂଆକରି ଯାଉଥିବା ଝିଅଟି ସେଠାରେ କିପରି ଚଳିବ ତା'ର ବ୍ୟବସ୍ଥା କରି ସମ୍ମାନର ସହ ଝିଅଜ୍ୱାଇଁଙ୍କୁ ଛାଡି ଆସିବା। ବର୍ତ୍ତମାନ ଶ୍ରୀକାନ୍ତ ବାବୁଙ୍କ ଗୃହରେ ବିବାହ ପରବର୍ତ୍ତୀ ସମସ୍ତ ଫରମାଲିଟି ପାଳନ କରାଯାଉ। କଥାଟି ସମସ୍ତଙ୍କ ମନକୁ ପାଇଲା।

ଝିଅଜ୍ୱାଇଁଙ୍କ ପାଇଁ ଚଉଠି ରାତିରେ ଯାହା ଯାହା ଫରମାଲିଟି ସବୁ ବ୍ୟବସ୍ଥା ହୋଇଥିଲା। ଅଷ୍ଟମଙ୍ଗଳା ପର୍ଯ୍ୟନ୍ତ ସମସ୍ତ ବିଧିବିଧାନ ରଶ୍ମିର ମାଆ ହୀରାମଣି କରାଇଥିଲେ। ହେଲେ ମଧ ଏସବୁକୁ ଗ୍ରହଣ କରିନଥିଲା ରଶ୍ମି। ମାଆବାପାଙ୍କ ତାଡ଼ନାରେ ସମାଜର ନିୟମ କାନୁନକୁ ଉପର ମନରେ ପାଳୁଥିଲା। ମନରେ ସେ ଅପୂର୍ବ ସୁନ୍ଦରୀ, ଏକ ପ୍ରତିଷ୍ଠିତ ଖାନଦାନୀର ଅଲିଅଳି କନ୍ୟା, ଶିକ୍ଷିତା, ଆଧୁନିକା। ସମାଜରେ କୌଣସି ଷ୍ଟାଟସ୍ ନଥାଇ ଏକ ଗରିବ ଘରର ପୁଅ ଡ୍ରାଇଭରର ପତ୍ନୀ ହେବା ପାଇଁ

ସେ ଚାହୁଁନଥିଲା । ପୁନଶ୍ଚ ନଟବରର ଶିକ୍ଷା ଉପରେ ପୂରାପୂରି ସନ୍ଦେହ ରହିଥିଲା ରଶ୍ମିର ।

ଦିନେ ମା' ହୀରାମଣି ରଶ୍ମିକୁ କହିଲେ ସମାଜର ନିୟମରେ ତୋତେ ଶାଶୂଘରକୁ ଯିବାକୁ ହେବ । ଅତୀତଭୁଲି ନୂଆ କରି ସଂସାର ଗଢ଼ିବାକୁ ହେବ । ପୂର୍ବରୁ ଖବର ଦେଇ ହୀରାମଣି ରଶ୍ମିକୁ ସାଥିରେ ଧରି ସମୁଦିଙ୍କ ଘରେ ପହଞ୍ଚିଲେ । ଛୋଟ ଘରେ ବଡ଼କୁଣିଆ ହେଲେ ବି ଖୁବ୍ ଆଦର ଗୌରବରେ ରଶ୍ମିକୁ ଘରକୁ ନେଲେ । ହୀରାମଣି ଓ ସାଥିରେ ଯାଇଥିବା ଲୋକଙ୍କୁ ଯଥା ମାନମର୍ଯ୍ୟାଦା ଜଣାଇଥିଲେ ନଟପରିବାର ।

ରଶ୍ମି କାହା ସହ କଳି ଝଗଡା ନକଲେ ମଧ୍ୟ ସର୍ବଦା ନିରବ ଓ ଗମ୍ଭୀର ରହେ । ନିଜର ଦୈନନ୍ଦିନ କାର୍ଯ୍ୟ କରିଚାଲେ । ଶାଶୁଶ୍ୱଶୁରଙ୍କ ସେବା ଦୂରେ ଥାଉ ନଟର ବେଡ ରୁମ୍‌କୁ ପାଦ ପକାଏନା । ସାହି ପଡୋଶୀ ରଶ୍ମିର ଆଚରଣ ଦେଖି ନାନା କଥା କୁହନ୍ତି । ନଟବର ନାଗର ସାଜି ବଡ଼ଘରେ ବିବାହ କରି ଭୋଗୁଛି ଓ ଭୋଗାଉଛି । ଛିଃ ଏ କି ନକଲା ?

ଗତ ଏକ ମାସ ମଧ୍ୟରେ ନଟ ପ୍ରତି ଶନିବାର ସନ୍ଧ୍ୟାରେ ସହରକୁ କୋଚିଙ୍ଗ ବା ଇଣ୍ଟରଭିୟୁ ପାଇଁ ଯାଇ ରବିବାର ରାତିରେ ଫେରେ । ଗୋଟିଏ ଛୋଟରୁମ୍‌ରେ ତା'ର ପଢ଼ା ବହି ରଖି ପଢ଼ାପଢ଼ି କରି ଚାବିଟି ଲୁଚାଇ ରଖେ । ନଟର ଏ ପ୍ରକାର ଗତିବିଧିରେ ସନ୍ଦେହ ଜାତ ହେଲା । ସେ ଘର ଭିତରେ କ'ଣ ନଟ ରଖିଛି ? ଜାଣିବା ପାଇଁ ପ୍ରବଳ ଇଚ୍ଛା କଲା । ପାଖରେ ଚାବି କାଠିନାହିଁ । ସେ ବିଷୟରେ ଅନ୍ୟମାନେ କିଛି ଜାଣନ୍ତି ନାହିଁ, କହିଲେ । ଦିନେ ନଟର ଅନୁପସ୍ଥିତିରେ ଶାଶୂଙ୍କ କଥା ନମାନି ଘରର ତାଲା ଭାଙ୍ଗି ଯାହା ଦେଖିଲା ସେଥିରେ ସେ ପ୍ରବଳ ଆଶ୍ଚର୍ଯ୍ୟ ହେଲା । କାନ୍ଥରେ ଟଙ୍ଗା ଯାଇଛି ପୃଥିବୀର ବିଶିଷ୍ଟ ଜ୍ଞାନୀ ପଣ୍ଡିତଙ୍କ ଫଟୋ ସହ ଅନେକ ସ୍କୁଲ କଲେଜରୁ ପାଇଥିବା ପ୍ରଶଂସାପତ୍ର । ଛୋଟ ଟେବୁଲ୍ ଓ କାଠ ର୍ୟାକ୍‌ରେ ଭର୍ତ୍ତି ହୋଇଛି ଆଇ.ଏ.ଏସ, ଓ.ଏ.ଏସ୍ ଓ ବ୍ୟାଙ୍କ ପିଓ ପରୀକ୍ଷା ପାଇଁ ବିଭିନ୍ନ ପୁସ୍ତକ ଓ ମେଗାଜିନ । ନଟର ଡିଗ୍ରୀ ସାର୍ଟିଫିକେଟ, ମାର୍କସିଟ୍ ଦେଖି ରଶ୍ମି ନିଜକୁ ଅତି ନ୍ୟୂନ ମନେ କରି ଲଜ୍ଜିତ ହେଲା । ଭାବିଲା ଏତ ସାଧାରଣ ଲୋକ ନୁହେଁ ।

କିଛି ଦିନ ପରେ ନଟର ବାପାମାଆ ଭାବିଲେ ବୋହୂଟି ଏଠି ଚଳିପାରୁନାହିଁ । ଆମର ସେବାଯତ୍ନ ନକଲେବି ସ୍ୱାମୀ ସହ ତା'ର ସମ୍ପର୍କ ନାହିଁ । ମନମାରି ବସୁଛି,ଖାଇବା ରହିବାରେ ସୁଖ ଶାନ୍ତି ନାହିଁ । ତା' ଘରକୁ ଯାଇ ମନ ବୁଝିଲେ ଯଦି ଚାହେଁ ପୁନଶ୍ଚ ଆସିବ । ପୁଅ ନଟର ମତାମତ ନେଇ ବୋହୂକୁ ବାପ ଘରେ ଛାଡ଼ି ଦେଇ ଆସିବା ପାଇଁ ପ୍ରସ୍ତୁତ ହେଲେ ।

ନଟର ଅନୁପସ୍ଥିତିରେ ଡାକପିଅନ ଏକ ରେଜିଷ୍ଟ୍ରି ଚିଠିକୁ ନଟର ପିତା ରିସିଭ୍ କରି ରଖିଥିଲେ । ସନ୍ଧ୍ୟାବେଳେ ନଟଫେରିବା ପରେ ଚଠିଟିକୁ ବଢ଼ାଇ ଦେଲେ ବୃଦ୍ଧପିତା । ଚିଠିଟିକୁ ନଟ ତା' ଷ୍ଟାଡିରୁମ୍‌ରେ ଖୋଲି ଦେଖିଲା ସେ ଆଇ.ଏ.ଏସ୍ ପାଇଁ ସିଲେକ୍ଟ ହୋଇଛି । ପୁନଶ୍ଚ ଓଡ଼ିଶା ପିଲାଙ୍କ ମଧ୍ୟରେ ପ୍ରଥମ ହୋଇଛି । ଆସନ୍ତା ଦୁଇ ସପ୍ତାହ ବା ଜୁଲାଇ ୧୫ ତାରିଖରେ ସେ ଟ୍ରେନିଙ୍ଗ ନେବାକୁ ଛଅମାସ ପାଇଁ ଯିବ ।

ଖୁସିର ସୀମା ନଥିଲା ନଟର । ଭଗବାନଙ୍କୁ କୋଟି ପ୍ରଣାମ କରି ତା'ର ଶ୍ରମ ସାର୍ଥକ ହୋଇଥିବାରୁ ଧନ୍ୟବାଦ ଜଣାଇଲା । ଅନ୍ୟ କାହାକୁ ଏ ସମ୍ବାଦ ଦେଇନଥିଲା ନଟ । କେବଳ ବାପାମାଆଙ୍କୁ ଶୁଣାଇଥିଲା ସେ ଚାକିରି ପାଇଛି, ଛଅମାସ ପାଇଁ ଟ୍ରେନିଙ୍ଗ ନେବାକୁ ଯିବ । ପରେ କେଉଁଠି ପୋଷ୍ଟିଙ୍ଗ ହେବ ସରକାର ଠିକ୍ କରିବେ । ଏକଥା ଏବେ କାହାକୁ ନ କହି ଚୁପ୍ ରହିବାକୁ ବାପାମାଆଙ୍କୁ ଅନୁରୋଧ କରିଥିଲା ।

କାର୍ ଆଣି ଦ୍ୱାର ଦେଶରେ ଛିଡ଼ା କରାଇ ଦେଲା ନଟ । ଶୀଘ୍ର ବାହାରି ଗାଡ଼ିରେ ବସିବାକୁ ସମସ୍ତଙ୍କୁ କହିଲା । ପ୍ରଥମେ ରଶ୍ମି ତା' ବ୍ରିଫ୍‌କେଶ ଓ ଅନ୍ୟାନ୍ୟ ଆବଶ୍ୟକ ଜିନିଷ ଡିକିରେ ରଖିଦେଇ ପଛ ସିଟରେ ବସିଗଲା । ବାପବୁଢ଼ା ବସିଲେ ଡ୍ରାଇଭର ନଟ ସିଟ୍ ପାର୍ଶ୍ୱରେ । ପରେ ବୃଦ୍ଧା ସରସ୍ୱତୀ ରଶ୍ମି ପାଖରେ ବସିଗଲେ ଗାଡ଼ି ଚାଲିଲା ।

ବାଟରେ ନଟ ସମସ୍ତଙ୍କୁ କୋଲ୍ଡଡ୍ରିଙ୍କ ଓ ପଇଡ଼ ପାଣି ପିଇବା ପାଇଁ ଯାଚିଥିଲେ । ବାପା -ମାଆ ପିଇଲେ । ଶାଶୂ ସରସ୍ୱତୀ ବୋହୂ ରଶ୍ମିକୁ କୋଲ୍ଡଡ୍ରିଙ୍କ ଜବର କରି ପିଇବାକୁ ଚେଷ୍ଟା କରିଥିଲେ କିନ୍ତୁ ସେ ଗ୍ରହଣ କରିନଥିଲା ।

କାର୍ ଶ୍ରୀକାନ୍ତ ବାବୁଙ୍କ ଫାଟକରେ ଛିଡ଼ା କରାଇବା ମାତ୍ରେ ରଶ୍ମି ଡୋର ଖୋଲି ଫୋନ୍ କରି ଦୌଡ଼ି ଚାଲିଲା । ମା' ହୀରାମଣି ରୁମ୍‌କୁ । ହିରାମଣୀ କାର୍ ପହଞ୍ଚିବାର ଶବ୍ଦ ଶୁଣି ତଳକୁ ଆସୁଥିଲେ । ରଶ୍ମି ଦେଖିଦେଇ ଭୋ ଭୋ କରି କାନ୍ଦି ମାଆଙ୍କୁ କହି ଶୁଣାଇଲା 'ଏନ୍ତୁଡ଼ି ଶାଳରୁ ନମାରି ରଖିଲୁ କାହିଁକି ? ଗୋଟିକ ପରେ ଗୋଟିଏ ଦୁଃଖ ଭୋଗୁଛି । ନର୍କପୁରକୁ ଠେଲିଦେଲୁ । ଇନ୍ଦ୍ରପୁରରେ ଖୁଆଇ ପିଆଇ ବଢ଼ାଇ ମଙ୍ଗୁଳା କନ୍ୟାଦୋଷ କଟିବା ପାଇଁ, ମୋତେ ବାଡ଼ୁଅ ନ ରଖିବା ଉଦ୍ଦେଶ୍ୟରେ ଠେଲିଦେଲୁ ଝୁଡ଼ି ଝୁପୁଡ଼ି ଅବହେଳିତ ଗୃହକୁ । ସେଠି କିପରି ରହେ, କ'ଣ ଖାଏ ପଚାରିଛୁ । ଏହିପରି ଅନେକ କଥା କହିଗଲା ।

ଗେଷ୍ଟ ରୁମ୍‌ରେ ହୀରାମଣି ସମୁଦି ଓ ସମୁଦୁଣୀଙ୍କୁ ନମସ୍କାର ଜଣାଇ ବସିଲେ । ଏହି ସମୟରେ ସେଠି ପହଞ୍ଚିଲେ ଶ୍ରୀକାନ୍ତ ବାବୁ ଓ ବରପିତା ସାଜିଥିବା ଶାଳକ ଶଙ୍କର ବାବୁ । ନଟର ପିତା ବୃଦ୍ଧ ହରିବାବୁ କହିଲେ 'ଦେଖନ୍ତୁ ପାଣିରୁ ମାଛକୁ ବାହାର କରି ଆଣିଲେ ଯେପରି ଛଟପଟ ହୋଇ କଷ୍ଟ ପାଏ ଜଳଖେତ ଥାଏ ଜୀବନ ରକ୍ଷା ପାଇଁ । ରଶ୍ମି ସେହିପରି କେତେଗୁଡ଼ିଏ ମାସ ଆମ ଗରିବ ଘରେ କଷ୍ଟକରି ଚଳିଛି । ସେଥିପାଇଁ ତାକୁ ଧନ୍ୟବାଦ ଦେଉଛୁ । ବୋହୂ ଭାବେ ତାକୁ ଆମେ ଯଥାମାନ୍ୟ ଦେବାକୁ ଆମେ ଭୁଲିନାହୁଁ । ସେ କିନ୍ତୁ ସୁଖୀ ନଥିଲା । ଘର କଥା ମନେ ପକାଇ ଦୁଃଖ ପାଉଥିଲା । ଆମେ ଭାବିଲୁ ଧନୀ ଘର ଝିଅ ଗରିବ ଘରେ ବୋହୂ ହୋଇ କଷ୍ଟ କରି ଜୀବନ କାଟିବା ଅପେକ୍ଷା ସବୁଦିନ ପାଇଁ ବାପଘରେ ସୁଖଭୋଗୁ । ସେଥିପାଇଁ ରଶ୍ମିକୁ ଛାଡ଼ିଦେଇ ଯିବା ପାଇଁ ଆସିଛୁ ।'

ହରିବାବୁଙ୍କ ଗୁରୁତ୍ୱପୂର୍ଣ୍ଣ କଥାର ସାରାଂଶ ଭଲ ଭାବରେ ବୁଝି ପାରିଥିଲେ ଶ୍ରୀକାନ୍ତ ବାବୁ ଓ ଅନ୍ୟମାନେ ।

ନଟର ମା' ସରସ୍ୱତୀ ଆରମ୍ଭ କଲେ 'ଶୁଣୁଛି ନଟ ଆମର ଗୋଟଏ ବଡ଼ ଚାକିରି ପାଇଛି। ପ୍ରଥମେ ସେ ଛଅ ମାସ ପାଇଁ ଟ୍ରେନିଙ୍ଗରେ ଯିବା ପରେ ସରକାର ତାକୁ ପୋଷ୍ଟିଙ୍ଗ କେଉଁଠି କରିବେ ଜଣା ନାହିଁ। ତେଣୁ ନଟ ଆମ ପାଖରେ ରହିବ ନାହିଁ। ଯୁବତୀ ବୋହୂକୁ ନେଇ ଆସି ଆପଣଙ୍କ ଦାୟିତ୍ୱରେ ଛାଡ଼ି ଆମେ ଶାନ୍ତିରେ ନିଃଶ୍ୱାସ ମାରିବୁ।'

ପାଖରେ ବସିଥିବା ରଶ୍ମିର ମାମୁ ଶଙ୍କର ବାବୁ ମଜାରେ କହିଲେ 'ଆରେ ନଟ ତୁ କେଡ଼େ ବଡ଼ ଚାକିରି ପାଇଛୁ ଯେ ବାପା ମାଆ ତୋର ନଜାଣି ଖୁବ୍ ଗର୍ବିତ, ବଡ଼େଇ କଥା କହୁଛନ୍ତି। ସତ ନା ମିଛ ? ସେ ଚିଠିଟା ତୋ ପାଖରେ ଅଛି ଦେଖାଇଲୁ।

ନଟ ଅଳ୍ପ ହସିଦେଇ ଚିଠିଟି ପକେଟରୁ ବାହାର କରି ନମ୍ରତାର ସହ ବଢ଼ାଇ ଦେଲା ଶଙ୍କରବାବୁଙ୍କୁ। ଚିଠିଟିକୁ ଆମୂଳଚୂଳ ପଢ଼ି ଶଙ୍କର ବାବୁ ଏତେ ଖୁସି ହୋଇଗଲେ ଯେ ଚେୟାର ଛାଡ଼ି ନଟକୁ ଅଭିନନ୍ଦନ ଜଣାଇଲେ। କହିଲେ ଆରେ ନଟ ତୁ ତୋ ବାପା ମାଆଙ୍କର ଏକା ନୁହେଁ, ତୁ ଓଡ଼ିଶାର ଗର୍ବ। ସର୍ବଭାରତୀୟ ସ୍ତରରେ ଆଇ.ଏ.ଏସ୍. ପାଇ କୁଳ ଉଜ୍ଜ୍ୱଳ କଲୁ। ଆମର ଜ୍ୱାଇଁ ହୋଇଥିବାରୁ ଆମେ ବି ଖୁବ୍ ଗର୍ବିତ। କେହି ନହେଲେ ମୁଁ ତୋର ପ୍ରତିଭା ଜାଣିଥିଲି। ତାହା ଥିଲା ଲୁକ୍କାୟିତ। ଶ୍ରୀକାନ୍ତ ବାବୁ କହିଲେ ଆଜି ଓଡ଼ିଶାର ପ୍ରତି କାଗଜରେ ଓଡ଼ିଆ ପିଲାଙ୍କ ନାଁ ବାହାରିଛି। ସମୟ ନଥିଲା ପଢ଼ିବାକୁ କହି ସମାଜ ପୃଷ୍ଠା ଓଲଟାଇ ପଢ଼ିଲେ। ସେଥିରେ ନଟବର ମହାପାତ୍ର ଓଡ଼ିଶା ପିଲାଙ୍କ ଭିତରେ ପ୍ରଥମ ହୋଇଥିବାର ଖବର ଥିଲା। ପାଖରେ ଅନ୍ୟ ଏକ କାଗଜରେ ନଟର ଫଟୋ ମଧ୍ୟ ବାହାରିଛି। ଯାହା ହେଉ ନଟ ଆମର ନାଁ ରଖିଲା କହି ଆଲିଙ୍ଗନ କଲେ।'

ରଶ୍ମି ଏକ କବାଟ କଣରେ ତା' ବିରୁଦ୍ଧରେ କ'ଣ କ'ଣ କହୁଛି ଶୁଣୁଥିଲା। ନଟ ଆଇ.ଏ.ଏସ୍ ପାଇ ଜିଲ୍ଲା ମାଜିଷ୍ଟ୍ରେଟ ହେବ, ଦେଶ ଚଳାଇବ କଥାଟା ଯେତେବେଳେ କାନରେ ବାଜିଲା ଖୁବ୍ ଆନନ୍ଦିତ ହେଲା। ସେ ଜଣେ ଆଇ.ଏ.ଏସ୍‌ର ସ୍ତ୍ରୀ ହେବାର ସୁଯୋଗ ଜୁଟିବାର ବାଟ ଫିଟିଗଲା ବୋଲି ଭାବିଲା।

ଆଲୋଚନା ମଧ୍ୟରୁ ହୀରାମଣି ରଶ୍ମି ପାଖକୁ ଯାଇ କହିଲେ 'ଝିଅ ବିଳମ୍ବ କରନା ଏହି ସୁଯୋଗରେ ତୁ ତୋ ଶାଶୂ, ଶ୍ୱଶୁର ଓ ନଟଙ୍କୁ କ୍ଷମା ମାଗି ଫେରିଯା। ସ୍ୱାମୀ ତୋର ସର୍ବସ୍ୱ, ଇହକାଳ ପରକାଳର ଦେବତା।'

ରଶ୍ମି ଆସି ପହଞ୍ଚିବା ଆଗରୁ ତା' ଶାଶୂ, ଶ୍ୱଶୁର ଗାଡ଼ିରେ ବସି ସାରିଥିଲେ। ନଟ ସମସ୍ତଙ୍କୁ ପ୍ରଣାମ ଜଣାଇ ଗାଡ଼ି ଷ୍ଟାଟ୍ କରି ଚାଲିଗଲା ପଛକୁ ଆଉ ସେମାନେ ଅନାଇ ନାହାନ୍ତି।

*୭୮୯-ଲକ୍ଷ୍ମୀସାଗର*
*ଭୁବନେଶ୍ୱର-୬*
*ଦୂରଭାଷ: ୯୩୩୭୮୮୭୮୯୮*

## କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ



ଗଳ୍ପ ସଂକଳନ
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ
- ପୂର୍ଣ୍ଣ ପ୍ରତ୍ୟୁଷ
- ଶେଷ ସାକ୍ଷାତ

ଉପନ୍ୟାସ
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାଜାଇ
- ଶେଷଦୃଶ୍ୟ
- ମହାନାୟକ
- ପ୍ରିୟ ପଞ୍ଚକ

ସଂପାଦନା
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ
- ଝିଅ

9437163002

# ନିସଙ୍ଗ ପଦାତିକ

## ଡଃ ସୁକାନ୍ତ ମହାରଣା

ପୁତ୍ ନାମକ ନର୍କରୁ ଉଦ୍ଧାର କରେ ବୋଲି ତା ନାଁ ପୁତ୍ର । ଇହପରକାଳ ପାଇଁ ବାପର ତ୍ରାଣକର୍ତ୍ତା । ପିତା ପୁତ୍ର ପାଇଁ ସ୍ୱର୍ଗ ସଦୃଶ : ପିତା ଧର୍ମ ପିତା ସ୍ୱର୍ଗ ପିତାହି ପରମ ତପ, ପିତରି ପ୍ରିତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତା ।

କିନ୍ତୁ ଆଜି ଆଖି କ'ଣ ନ ଦେଖୁଛି ? କାମ କ'ଣ ନ ଶୁଣୁଛି ?

ମୋ ଆଖି ଆଗରେ ମୋର ଅନ୍ତରଙ୍ଗ ବନ୍ଧୁ ମହିଆର ରକ୍ତ ଜୁଡୁବୁଡୁ ଅସୀତ୍ ଦେହ ନିଶ୍ଚଳ ପଡ଼ି ରହିଥିଲା । କିଛିକାଳ ଆଗରୁ ଘଟି ଯାଇଥିଲା ଏକ ଅମାନୁଷିକ ମର୍ମାହନ୍ତ କାଣ୍ଡ । ଘଟଣାର ଖଳନାୟକ ଥିଲା ନିଜ ଔରସ ଜାତ ପୁଅ । କୋଉ ଇତର ପରିବାର ପରି ଅଶିକ୍ଷିତ, ମୁର୍ଖ, ଭାଗାବଣ୍ଡ ପୁଅ ନୁହେଁ, ଖୋଦ୍ ଉଚ୍ଚ ଶିକ୍ଷିତ ଉଚ୍ଚପଦରେ ଅଧିଷ୍ଠିତ ସମାଜରେ ଜଣେ ଭଦ୍ର ମଣିଷର ପରିଚୟ ବହନ କରିଥିବା ଯୋଗ୍ୟପୁଅ । ବୃତ୍ତିରେ ଆଇ. ଆଇ.ଟି ଇଂଜିନିୟର । ଜ୍ଞାନୀ ବାପର ଜ୍ଞାନୀ ପୁଅ । ଯାହାକୁ ନେଇ ଦିନେ ଗର୍ବ କରୁଥିଲା ମହିଆ ଏବଂ ଆମେ ବନ୍ଧୁ ମହଲ ।

ତାକୁ ସାନ୍ତ୍ୱନା ଦେବାପାଇଁ ମୋର ଭାଷା ନଥିଲା କି ସାହସ । ମହିଆର ଲାସ୍ ଆଗରେ ଠିଆ ହୋଇବି ସେ ମୃତ ବୋଲି ମୁଁ ଗ୍ରହଣ କରିପାରୁନଥିଲି । ସ୍ୱପ୍ନ ଅବା ସିନେମାର ଛବିଭଳି ମୋ ଅଖି ଆଗରେ ଭାସୁଥିଲା ଏ ଦୃଶ୍ୟ । ମହିଆ କ'ଣ ସତରେ ମରିପାରେ ? ଜୀବନ ସାରା ମୋ ସହିତ ବିତିଥିବା ଅନେକ ମଧୁର ପ୍ରତିଯୋଗିତାରେ ଜିତିଯାଉଥିବା ମୋର ଅନ୍ତରଙ୍ଗ ପ୍ରତିଦ୍ୱନ୍ଦ୍ୱୀ କଣ ଶେଷରେ ଏମିତି ଦୟନୀୟ ଭାବରେ ହାରିଯାଇପାରେ ?

ଶୋକ ବିଧ୍ୱସ୍ତା କଳ୍ପନା ଭାଉଜ (ମହିଆର ସ୍ତ୍ରୀ କୁ ମୁଁ ଭାଉଜ ବୋଲି ଡାକେ, ଜନ୍ମକୁଣ୍ଡଳୀନୁସାରେ ସେ ମୋଠୁ ସାତଦିନ ବଡ କିନା) ସ୍ୱାମୀର ପାଦ ଉପରେ ମୁଣ୍ଡପିଟି ଛୁଟେଇ ଦେଇଥିଲା ମର୍ମଥରା ବିଳାପର ଧାରା ।

ତାଙ୍କ ମୁହଁରେ ଥିଲା ଶୋକବତୁରା ଉତ୍କଟ ଭର୍ତ୍ସନାର ବାଣୀ, ପୁଅର ଅପକର୍ମକୁ ନିନ୍ଦିତ କରି; କିନ୍ତୁ ସେଥିରେ ଅଭିସମ୍ପାତର ଲେଶମାତ୍ର ସତ୍ତା ନଥିଲା । ପୁଅ ଯେତେବଡ ଅପରାଧ କଲେବି ମା ପାଖରେ ସଦା କ୍ଷମଣୀୟ । ମା ସବୁବେଳେ ମା ହିଁ ।

ଦାଉ ଦାଉ ହୋଇ ଜଳୁଥିବା ତାଙ୍କ ମଥାରେ ସିନ୍ଦୂର ଟୋପାଟା ଲୁହ ଝାଳରେ ବତୁରି କ୍ରମେ ବିଲିବିଲା ହୋଇ ଉଠୁଥିଲା । ଆଉ କିଛି ସମୟପରେ ମଥାରୁ ସମ୍ପୂର୍ଣ୍ଣ ଲିଭିଯିବ, ନିଶ୍ଚିହ୍ନ ହୋଇଯିବ ସବୁ ଦିନ ପାଇଁ । ତାକୁ ସାନ୍ତ୍ୱନା ଦେବାପାଇଁ ମୋର ଭାଷା ନଥିଲା କି ସାହସ । ମହିଆର ଲାସ୍ ଆଗରେ ଠିଆ ହୋଇବି ସେ ମୃତ ବୋଲି ମୁଁ ଗ୍ରହଣ କରିପାରୁନଥିଲି । ସ୍ୱପ୍ନ ଅବା ସିନେମାର ଛବିଭଳି ମୋ ଅଖି ଆଗରେ ଭାସୁଥିଲା ଏ ଦୃଶ୍ୟ । ମହିଆ କ'ଣ ସତରେ ମରିପାରେ ? ଜୀବନ ସାରା ମୋ ସହିତ ବିତିଥିବା ଅନେକ ମଧୁର ପ୍ରତିଯୋଗିତାରେ ଜିତିଯାଉଥିବା ମୋର ଅନ୍ତରଙ୍ଗ ପ୍ରତିଦ୍ୱନ୍ଦ୍ୱୀ କଣ ଶେଷରେ ଏମିତି ଦୟନୀୟ ଭାବରେ ହାରିଯାଇପାରେ ?

ଅମରତ୍ୱ ସାଙ୍ଗରେ ଧରି କେହି ଆସିନଥାଏ ଏ ସଂସାରକୁ । ମୃତ୍ୟୁ ଅବଧାରିତ । ଶରୀର ଧରି ଆସିଥିବା ପ୍ରତ୍ୟେକ ପ୍ରାଣୀଙ୍କୁ ଅବଶ୍ୟ ଦିନେ କବଳିତ କରିବ ମୃତ୍ୟୁ । କିନ୍ତୁ ମହିଆ ଭଳି ଦାରୁଣ ଦୟନୀୟ ଅପମୃତ୍ୟୁକୁ ବରଣ କରିବାକୁ କେହି କ'ଣ ଚାହିଁଥାଏ ? ନା ସୁଖରେ ନା ଦୁଃଖରେ ?

ଗତବର୍ଷ ଜଗା ଯାଇଥିଲା । ସେ ବି ଥିଲା ଆମ ଗାଁ ସାଙ୍ଗ ଓ ଘନିଷ୍ଠ ବନ୍ଧୁ । ଜଗାଟା ସିନା ପାଠରେ ଦୁର୍ବଳ, ଖେଳକୁଦ ଆଦି ଶାରୀରିକ ବ୍ୟାପାରରେ ମହାବୀର । ଆମ ଦୁଇଜଣଙ୍କୁ ଏକାବେଳେ ଆଗପଛରେ ବସେଇ ସାଇକେଲ୍ ଛୁଟେଇ ନେଇଯିବ ରାଜରାସ୍ତାରେ । ତା ମନଜାଣି ଠାକୁରେ ତାକୁ ମିଲିଟାରୀ ଚାକିରି ଦେଲେ । ସେ ଛୁଟିରେ ଗାଁ କୁ ଆସିଲେ ତା ସହ କେତେ ଭୋଜିଭାତ, ମଉଜ୍ ମଜ୍‌ଲିସ୍ ହୋଇଛି । ସେ ଆଣିଥିବା

ଉତ୍କୃଷ୍ଟ ବିଦେଶୀ ଥ୍ରୀ-ଏକ୍ସ ରମ୍‌ର ପାର୍ଟି ଜମିଛି ତା ଘରେ । ଅବସର ନେଇ ସେ ଗାଁ ରେ ରହିଲା । ତେଣୁ ତା ସହିତ ଦେଖା ସାକ୍ଷାତ୍ ମିଳାମିଶାରେ ଭଟ୍ଟା ପଡିଯାଇଥିଲା ।

ମୁଁ ତା ମରଣ ଖବର ଜାଣିଲା ବେଳକୁ ଦୁଇଦିନ ଆଗରୁ ସେ ଗାଁ ମଶାଣିରେ ଜଳିପୋଡି ପାଉଁଶ ହୋଇଯାଇଥିଲା । ମୁଁ ତା ଅନ୍ତିମ ସଂସ୍କାରରେ ଯୋଗ ଦେଇ ପାରିଲି ନାହିଁ । ସେଥିପାଇଁ ମୋ ମନରେ ସବୁଦିନ ପାଇଁ ଅବସୋସ ରହିଗଲା । ଆଜି ମହିଆ ଚାଲିଗଲା । ମୁଁ ଏକ୍‌ବାର ଏକା ହୋଇଗଲି । ନିସଙ୍ଗ ।

ମୋ ଆଖି ଲୁହରେ ଟଳମଳ ହେଉଥିଲା । ଆବେଗ ରୁନ୍ଧି ହେଉଥିଲା ଛାତିରେ । ମୁଁ ତାକୁ ମନେ ମନେ ସମ୍ବୋଧୁଥିଲି, ନିଷ୍କଳରେ :

ମହିଆରେ, ତୁ ଶୋଇଛୁ କ'ଣ ଉଠୁ । ଆସ୍ ସାଙ୍ଗହୋଇ ଭୋଜି କରିବା । ବିଅର ପାର୍ଟି କରିବା । ଗୁଲିଖଟି କରିବା । ତୁ ତୋ ନୂଆ ଲେଖା ଗପ କାହାଣୀ କହିବୁ, ଆମେ ଶୁଣିବୁ । ତୁ ଏମିତି ଚାଲିଯାଇ ପାରିବୁନି ମତେ ଏକାକୀ ଛାଡିଦେଇ ।

ମହିଆ ମୋର ପିଲାଦିନର ସାଙ୍ଗ । ସାଙ୍ଗ ହୋଇ ପାଠପଢା; ସ୍କୁଲ୍ ଚାରିବର୍ଷ, କଲେଜ୍ ଚାରିବର୍ଷ । ଏକାଠି ପଢିଛୁ, ଖେଳିଛୁ, ସିନେମା ଯାଇଛୁ, ଭୋଜି କରିଛୁ (ସେତେବେଳେ ମଦ ଆମ ପରିସର ଭିତରକୁ ପଶିନଥିଲା), ଅପର ନିକଟରେ ଆପଣା ମନର ଗୋପନ କଥା ଖୋଲି ଦେଇଛୁ ।

ମହିଆଟା ପ୍ରକୃତରେ ଖୁବ୍ ଟ୍ୟାଲେଣ୍ଟେଡ୍ ଥିଲା । ପାଠ ପଢିବା କ୍ଷେତ୍ରରେ ଯେମିତି, ଡିବେଟ୍, ଏସେ, କ୍ୱିଜ୍ ଭଳି ବିଭିନ୍ନ କମ୍ପିଟିସନ୍‌ରେ ବି ସେମିତି । ଭାବନାଦର୍ଶର ସମଭାବ ଆମକୁ ପରସ୍ପରର ନିକଟତର କରାଇଥିଲା, ପକ୍ଷୀଦଳ ଏକତ୍ର ବିହାର କଲାପରି । ମୁଁ ତାକୁ ତା ଭଲ ନାଁ ମହୀଧର ବଦଳରେ ମହିଆ ବୋଲି ଡାକୁଥିଲି ଓ ସେ ମୋତେ ବିକ୍ରମ ପରିବର୍ତ୍ତେ ବିକୁ । ପାଠବହି ଛଡା ଲୁଚେଇ ଲୁଚେଇ ବହୁ ଶସ୍ତା ଡିଟେକ୍ଟିଭ୍ ଓ ଉପନ୍ୟାସ ପଢିବାର ପ୍ରଭାବ ଆମ କଅଁଳ ମନ ମପରେ ପଡିଥିଲା । ଅନ୍ୟ ଅନେକ ଦୁଷ୍ଟାମୀ ବ୍ୟତୀତ ଶ୍ରେଣୀର ଝିଅପିଲାମାନଙ୍କୁ ନେଇ ନାନା ବିଚିତ୍ର କାଣ୍ଡକାରଖାନା ରଚିବା ଓ ପ୍ରେମକବିତା ଲେଖିବାରେ ଆମେ ମାହିର୍ ଥିଲୁ । କହିବାକୁ ଗଲେ ସେଇ କଅଁଳ ବୟସରେ ମନରେ ରୋମାଣ୍ଟିକ୍ ପଣ ପ୍ରକଟି ଉଠିଥିଲା । ଶ୍ରେଣୀର ଜନୈକା ସୁନ୍ଦରୀ ଝିଅ ପ୍ରଭାସିନୀ ଖୁଣ୍ଟିଆ ନାଁରେ ପ୍ରେମ କବିତା ଲେଖିବା ସମେତ ତାର ରୂପଗୁଣକୁ ଝୁରିହୋଇ ତାକୁ ନିରୋଳାରେ ପାଇବାକୁ ହାଇଁପାଇଁ ହେବା ଏବଂ ତାକୁ ଏକତରଫା ପ୍ରେମ କରିବାଯାଏ ଅନେକ କଥା ଥିଲା ଆମ ଦୁହିଁଙ୍କ ଗୋପନ କାରବାର ।

କିନ୍ତୁ ଦୁର୍ଭାଗ୍ୟକୁ ମୋ ହାତ ଲିଖିତ ଏକ ପ୍ରେମ କବିତା ଅଙ୍କ ପଢାଉଥିବା ବିମଲ୍ ସାରଙ୍କ ହାତରେ ଧରାପଡିଲା ଏବଂ ବେଶ୍ ଭଲରକମ୍‌ର ଉତ୍ତମ ମଧ୍ୟମ ମୋତେ ଭୋଗେଇଲା । ବିରିମାଡ ଦେଖି କୋଳଥ ଚୋପା ହେଲାପରି ସେଇଦିନୁ ମହିଆ କବିତା ଲେଖା ଛାଡିଦେଲା । ମୁଁ କିନ୍ତୁ ଲୁଚେଇ ଲୁଚେଇ ଲେଖାଜାରି ରଖିଲି । କେତେଜଣ ସମ୍ପର୍କୀୟଙ୍କ ବିବାହ ଉତ୍ସବ ପାଇଁ ଉପହାର ପତ୍ର ଲେଖିବା ମୋର କିଶୋର ଜୀବନର ଏକ ପ୍ରମୁଖ ହବି ଥିଲା ।

ପ୍ରକୃତରେ ସେକାଳର ଦିନଗୁଡିକ ଥିଲା ସ୍ୱପ୍ନାଚ୍ଛନ୍ନ, କୋମଳ ଏବଂ ସ୍ନିଗ୍ଧ ।

ଯୁଗ ସିନା ପୁରୁଣା ହୁଏ, କଥା କିନ୍ତୁ ପୁରୁଣା ହୁଏନା । ମହିଆ ଥିଲା ପ୍ରଚଣ୍ଡ ଇଣ୍ଟ୍ରୋଭର୍ଟ୍ । ସେଣ୍ଟିମେଣ୍ଟାଲ ଓ ସମ୍ବେଦନଶୀଳ । ବୋଧହୁଏ ସେଇଥିପାଇଁ ସେ ପରବର୍ତ୍ତୀ ଜୀବନରେ ଗଳ୍ପ ଲେଖାରେ ମନ ଦେଲା ଓ ସେଥିରେ ସଫଳ ବି ହେଲା । ଏବଂ ଏ ଦିଗରେ ତାକୁ ସାହାଯ୍ୟ କଲା ତାର ପ୍ରଫେସନ୍, ଅଧ୍ୟାପକ ଚାକିରି । ଲେଖାଲେଖିରେ ସ୍ୱୀକୃତି ସ୍ୱରୂପ ତାକୁ ମିଳିଲା କେତୋଟି ଛୋଟବଡ ପୁରସ୍କାର ସହିତ ରାଜ୍ୟ ସାହିତ୍ୟ ଆକାଡେମୀ ପୁରସ୍କାର । ସେଦିନ ସୂଚନା ଭବନରେ ଏକ ଭବ୍ୟ ସମାରୋହରେ ମହିଆ ତାର ଉପନ୍ୟାସ 'ଶର୍ବରୀର ସୂର୍ଯ୍ୟ' ପାଇଁ ଆକାଡେମୀ ସଭାପତିଙ୍କ ହାତରୁ ଏ ପୁରସ୍କାର ଗ୍ରହଣ କଲା । ପୁଷ୍ପଗୁଚ୍ଛ, ମାନପତ୍ର ସହିତ ଏକ ଲକ୍ଷ ଟଙ୍କା ନଗଦ । ଏହି ସ୍ମରଣୀୟ ମୁହୂର୍ତ୍ତରେ ଦର୍ଶକ ଗ୍ୟାଲେରୀରେ ଉପସ୍ଥିତ ଥିଲୁ ତା ସ୍ତ୍ରୀ କଳ୍ପନା ଭାଉଜଙ୍କ ସହିତ ମୁଁ ଓ ପତ୍ନୀ ଅଳକା ।

ସ୍କୁଲ ପରେ ଗାଁ ପାଠ କଲେଜ୍‌ରେ ଭର୍ତ୍ତି । ଆଇ. ଏସ୍. ସି ପରେ ବି.ଏସ୍.ସି । ପି.ସି.ଏମ୍ ରେ ସେ ଫିଜିକ୍ସ ଅନର୍ସ ନେଲା ଓ ମୁଁ ସି.ବି.ଜେଡ୍ ରେ ଜୁଲୋଜି । କଲେଜ୍‌ରେ ମହିଆର ସୁନାମ ଥିଲା ଜଣେ ଶାନ୍ତ ଏବ ବିନୟୀ ଛାତ୍ରଟିଏ ଭାବରେ । ମାଛିକୁ ମ' କହିବ ନାହିଁ । ଝିଅମାନଙ୍କୁ ଦେଖି ଦୂରରୁ ବାଟ ଭାଙ୍ଗେ । ତା ପାଠ ଭଲତ ସେ ଭଲ । ମୁଁ କିନ୍ତୁ ଥିଲି ବିଛୁଆତି; ଦିବ୍ୟ ବୋହିଆଟିଏ । ଝିଅମାନଙ୍କୁ କମେଣ୍ଟ ମାରିବା, ବହୁ ଝିଅଙ୍କ ସହିତ ମିଶିବା, ଆଳାପ କରିବା (କହିପାରନ୍ତି ଫ୍ଲର୍ଟ୍ କରିବା) ଆଦିରେ ଧୂରନ୍ଧର । ତା'ଛଡା ମୁଁ ଟିକେ ହ୍ୟାଣ୍ଡସମ୍ ଟୋକା ଥିଲିନା (ଏକଥା ମୁଁ କହୁନି, କହୁଥିଲେ ପୁଅଝିଅ ନିର୍ବିଶେଷରେ ମୋର ଅନେକ ସାଙ୍ଗ) ଝିଅମାନଙ୍କୁ ଫସେଇବା ଥିଲା ମୋ ପାଇଁ ହାତ ଫୁଟ୍‌କିର ଖେଳ ।

କଳ୍ପନା ଭାଉଜଙ୍କ ମର୍ମ ଫଟା ବିଳାପର ଅନ୍ତରାଳରେ ବାହାରୁ ଶୁଭୁଥିଲା ମୃଦୁ କୋଳାହଳ । ମୁଁ ପୁଣି ଅତୀତ ମନସ୍କ ହେଲି । ବି.ଏସ୍.ସି.ରେ ମହିଆ ଫାଷ୍ଟକ୍ଲାସ୍ ଅନର୍ସ ଓ ଡିଷ୍ଟିଙ୍କ୍‌ସନ୍ ପାଇ ବାଣୀବିହାରରେ ଫିଜିକ୍ସରେ ପି.ଜି କଲା । ମତେ କିନ୍ତୁ କାଲି ଅନର୍ସରେ ସନ୍ତୁଷ୍ଟ ହେବାକୁ ପଡିଲା । ଅଗତ୍ୟା ପି.ଜି.ରେ ସିଟ୍ ନପାଇ ଆଡ୍‌ମିସନ୍ କରିଦେଲି ଏମ୍.ଏସ୍. ଲ କଲେଜରେ । ଏଇଠୁ ଆମ ଭିତରେ ସମ୍ପର୍କ ସଂସର୍ଗରେ କିଛିଟା ଭଟ୍ଟା ପଡିଲା । କିନ୍ତୁ ସମୟ ସୁବିଧା ପାଇଲେ ଆମେ ମଝିରେ ମଝିରେ ପରସ୍ପରଙ୍କୁ ଭେଟିବାରେ ହେଳା କରୁ ନଥିଲୁ । ଏକତ୍ର ଗୁଲିଖଟି କରିବା, ମଉଜ୍ ମସ୍ତି କରିବା ଓ ସିନେମା ଯିବା ଜାରି ରହିଥିଲା ।

ସତରେ କେତେ ସୁନ୍ଦର ଆଉ ଉପଭୋଗ୍ୟ ଥିଲା ସେଇଦିନ ସବୁ, ଯାହା ପଉଷର ଅପରାହ୍ନ ପରି କୁଆଡେ ମିଳେଇଗଲା । ତା ପରେ ଆମ

ଦୁହିଁଙ୍କର ଜୀବନ ଯାତ୍ରାର ଦିଗ ବଦଳିଗଲା । ସେ ହେଲା ଅଧ୍ୟାପକ ଆଉ ମୁଁ ଏକ ଭିନ୍ନ ଗୁଳାରେ ମୋ ଜୀବନ ରଥକୁ ଗଡାଇନେଇ କିଛିଦିନ ପ୍ରାକ୍ଟିସ୍ କଲାପରେ ଜଏନ୍ କଲି ହାଇକୋର୍ଟରେ ଏ.ଜି.ଏ ଏବଂ ପରେ ଏ.ଜେ.ଏସ୍, ଭୁବନେଶ୍ୱର । ମୋର ବୃତ୍ତିଗତ ଜୀବନ କଟିଲା ଭୁବନେଶ୍ୱର ଓ କଟକ ମଧ୍ୟରେ । ସେ କିନ୍ତୁ ଘୂର୍ଣ୍ଣିବାତ୍ୟାରେ ବୃନ୍ତଚ୍ୟୁତ ପତ୍ର ପରି ବଦଳି ପରେ ବଦଳିରେ ସାରା ଓଡିଶା ଘୂରିବୁଲିଲା । କିନ୍ତୁ ଶେଷ ଜୀବନରେ ପୁଣିଥିଲା ଏକତ୍ର ହେବା ଯୋଗ । ଦୁହିଁଙ୍କର ଅବସର ଜୀବନ ବିତିଲା ଏଇ ଭୁବନେଶ୍ୱରରେ ।

ଗୋଟିଏ ସହରରେ ରହି ଆମେ ଆମର ପୁରୁଣା ବନ୍ଧୁତ୍ୱକୁ ପୁଣି ଘଷିମାଜି ଚକ୍‌ଚକ୍ କଲୁ ମଝି ମଝିରେ ଭୋଜି, ପାର୍ଟି, ଡ୍ରିଙ୍କସ୍ ଓ ଗୁଲିଖଟି ମାଧ୍ୟମରେ ।

କିଏ ଜଣେ ଲେକ୍‌ଚର୍ ଦେଲାଣି । ମହିଆର ଭଡାଟିଆ କିଶୋର ମହାନ୍ତି । କିଏ ଜାଣିଥିଲା ପ୍ରଧାନ ସାର୍‌ଙ୍କ ଉଚ୍ଚଶିକ୍ଷିତ ସୁପ୍ରତିଷ୍ଠିତ ପୁଅ ତାଙ୍କୁ ମାରିଦେବ ଏମିତି ନିଷ୍ଠୁର ଭାବରେ ?

ଭୋର ସମୟ । ସ୍ୱାମୀ ସ୍ତ୍ରୀ ବିଛଣା ଛାଡି ନଥିଲେ । ବିଶ୍ୱଜିତ୍ ବାବୁ ଛୁରୀଟିଏ ଧରି ରୁମ୍‌ରେ ପଶିଲେ । ବାପମୁହଁରେ ତକିଆଟିଏ ଚାପିଧରି ଫଳକଟା ଛୁରୀରେ.... ଆଃ ଆଉ କ'ଣ କହିବ ସେକଥା ? ଯେତେ ନିନ୍ଦାକଲେ ବି ଯଥେଷ୍ଟ ହେବ ନାହିଁ ।

– ଆଜିକାଲି ପୁଅର ବାପ ହେବାକୁ ଡର ମାଡିଲାଣି । ଆଉ ଜଣେ ମନ୍ତବ୍ୟ ଦେଲେ ।

– ମ୍ୟାଡାମ୍‌ଙ୍କର ହାଉଳିଖିଆ ଛିନ୍‌କାନିଆ ଚିତ୍କାର ପୁଣି ମୁଁ ଧାଇଁ ଆସିଲି । ମୋ ପରେ ପରେ ଆଉ କେତେଜଣ ପାଖ ପଡୋଶୀ । ତାଙ୍କୁ ନେଇ ଆସିଲୁ ଏଇ ହସ୍‌ପିଟାଲ୍ । କିନ୍ତୁ ସେତେବେଳକୁ ପିଣ୍ଡରେ ନଥିଲା ପ୍ରାଣ । ତାଙ୍କ ଘରେ ଥରେ ପେଚା ପଶିଥିଲା । ସେଥିପାଇଁ କ'ଣ ଏତେବଡ ଅନର୍ଥ ଘଟିଲା ?

ଥାଉ ଥାଉ କିଶୋର ବାବୁ, ଆଉ କହିବା ଦରକାର ନାହିଁ । ମୁଁ ସବୁ ବୁଝିଗଲି । ତା'ପରେ ତମେ ଫୋନ୍ କଲ ତା ଝିଅ ଅନନ୍ୟା ପାଖକୁ ହାଇଦ୍ରାବାଦ, ଭାଇମାନଙ୍କ ପାଖକୁ ଆଉ ମୋ ପାଖକୁ । ପ୍ରଧାନ ସାର୍ ସିରିଅସ୍ । ଆମ୍ରି ହସ୍‌ପିଟାଲ୍ ଏମର୍‌ଜେନ୍‌ସି ୱାଡକୁ ଶୀଘ୍ର ଆସନ୍ତୁ ।

ଜଣେ ଟେନାଣ୍ଟ ଭାବରେ ତମେ ତମର କର୍ତ୍ତବ୍ୟ କରିଛ । ଧନ୍ୟବାଦ୍ । ତମ ଫୋନ୍ କଲ୍ ପାଇ ମୁଁ ଆସି ଦେଖୁଛି ମୋ ସାଙ୍ଗ ମହିଆର ପ୍ରାଣହୀନ ଦେହ । ଆପାଦ ମସ୍ତକ ଆବୃତ କରିଥିବା ଧଳା ବସ୍ତ୍ରଭିଜି ଉକୁଟି ଉଠିଛି ନାଲି ରକ୍ତର ଦାଗ । ଆଉ ତା ସ୍ତ୍ରୀ କଳ୍ପନା ଭାଉଜଙ୍କ ମର୍ମଥରା ବିଳାପ ।

ଜଣେ ସାଧୁ ପ୍ରବଚକ କହୁଥିଲେ – ଏ ସଂସାରରେ ତିନୋଟି ହେଲା ସତ୍ୟ ଓ ସାରକଥା । ୧. ରିଟର୍ଣ୍ଣ ଟିକେଟ୍ ଇଜ୍ ବୁକ୍‌ଡ୍ ୨. ଡେଟ୍ ଆଣ୍ଡ ଟାଇମ୍ ନଟ୍ ନୋନ୍ ୩. ଲଗେଜେସ୍ ନଟ୍ ଆଲାଉଡ୍ । ଚମତ୍କାର କଥା । ମହିଆର ରିଟର୍ଣ୍ଣ ତାରିଖ ପଡିଗଲା । ସେ ଚାଲିଗଲା । ଲୌକିକତା ଦୃଷ୍ଟିରେ ସେ ନିଜ ପୁଅ ହାତରେ ଗଲା । ଯେଉଁ ପୁଅ ବାପାକୁ ପୁତ୍ ନାମକ ନର୍କରୁ ଉଦ୍ଧାର କରିଥାନ୍ତା ସେ ତାକୁ ସେଇ ନର୍କକୁ ଠେଲିଦେଲା ।

ମହିଆ ମୁହଁରୁ ତା ପୁଅ ବିଷୟ ଶୁଣି ମୁଁ ଜାଣିଥିଲି ସେ ତାକୁ ଚିଡାଉଛି, ଅଶାନ୍ତି ଦଉଛ ; କିନ୍ତୁ ମୁଁ କ'ଣ ଜାଣିଥିଲି ସେ ତାକୁ ଜୀବନରେ ମାରିଦେବ ? କେତେ ଜଘନ୍ୟ ପାପ କଥା, କେତେ ବିଡମ୍ବନା ?

ସେ କେତେଥର କହିଛି, ଏଭଳି ପୁଅ ସହ ଏକତ୍ର ରହିବା ଅପେକ୍ଷା ବରଂ ନିସଙ୍ଗତା ଢେର ଭଲ । ସେ କଥା ସତ ପ୍ରମାଣିତ ହେଲା ।

ଏଇ କେଇଦିନ ତଳେ ଭେଟ ହୋଇଥିଲା ତା ସହିତ ଶେଷଥର ପାଇଁ । ମୋ ସ୍ତ୍ରୀ ଅଳକା ଥିଲା ବାଙ୍ଗାଲୋରରେ ସାନ ପୁଅ ପାଖରେ । ମୁଁ ଥିଲି ଘରେ ଏକା ଆମେ ଚାରିଜଣ ପିଲାଦିନର ସ୍କୁଲ ସାଙ୍ଗ ଏକାଠି ହୋଇଥିଲୁ । ଗୁଲିଖଟି ସାଙ୍ଗକୁ ଜମିଥିଲା ବିଅର୍ ପାର୍ଟି ଓ ଭୋଜି । ମହିଆ ଆମ ସହିତ ପିଏ ସିନା ମଦକୁ ଅନ୍ତର୍ମନରୁ ଘୃଣାକରେ । ଅନ୍ୟଥର ପରି ସେଦିନ ବି ଅନେକ କଥା କହିଥିଲା ମହିଆ ତାର ବାହାରକୁ ପରିପୂର୍ଣ୍ଣ ସୁଖୀ ଲାଗୁଥିବା ଶୃଂଖଳାହୀନ ବିପର୍ଯ୍ୟସ୍ତ ସଂସାର ବିଷୟରେ, ଯେତେ ବେଳେ ମୁଁ କ୍ୟାନ୍ ବିଅର୍ ଗ୍ଲାସ ଧରି ପାଟିକୁ ନେଉନେଉ ପଚାରିଥିଲି– ଆଉ କ'ଣ ମହିଆ ତୋ ପୁଅ ବୋହୂର ଖବର ?

ସେ ମୁହଁ ଶୁଖେଇ ଆରମ୍ଭ କରିଥିଲା ତା ଜୀବନର ନିରାଶାଭରା କାହାଣୀ–

ପୁଅଟା ଆଉ ମଣିଷ ସ୍ତରରେ ନାହିଁରେ । ଜହ୍ଲାଦ ପାଲଟିଗଲାଣି, ଜହ୍ଲାଦ । ଉଚ୍ଛୃଂଖଳା , ଔଦ୍ଧତ୍ୟ ଆଉ ଅହଂକାରରେ ସବୁ ସୀମା ଟପିଗଲାଣି । ଘରଟାକୁ ନର୍କ କରିସାରିଲାଣି । ଆମ ବାପ ମା' ଦି'ଟାଙ୍କୁ ଲିଟ୍‌ରାଲି କନ୍ଦେଇ ଦେଲାଣି । ଭାବିଥିଲୁ ବ୍ୟାଚେଲର୍ ଅଛି ବୋଲି ଏମିତି ହେଉଛି; ବାହାଘର ପରେ ସବୁ ଠିକ୍ ହୋଇଯିବ । କିନ୍ତୁ ବିଡ଼ମ୍ବନା ଯେ ସେକଥା ଘଟିଲା ନାହିଁ । ବୋହୁ ଆସିଲେ ତା ଚରିତ୍ର ବଦଳିବ କ'ଣ, ବରଂ ବୋହୂହେଲା ସେଥିରେ କ୍ୟାଟାଲିଷ୍ଟ । ପୁଅ ବୋହୂ ଏକାଠି ବସି ତୋ ଆଗରେ ମଦ ପିଇବେ ଆଉ ତୋତେ ବି ଯାଚିବେ, 'ବାପା ଟିକେ ନଉନ !' ତୋତେ କେମିତି ଲାଗିବ ? ମୁଣ୍ଡ ଛିଣ୍ଡି ପଡିବନି ? ମୁଁ ଯେ ଷୋଳଅଣା ସାଧୁ ସେକଥା କହୁନାହିଁ । ମୁଁ କ'ଣ ଏମିତି କେବେକେବେ ଟିକେ ପିଇଦେଉନି ? (ଯେମିତି ଆଜି) ତୋ ପରି ସାଙ୍ଗମାନଙ୍କ ସହିତ ଏକାଠି ବସି ? ତା ବୋଲି ଘରେ ପୁଅବୋହୂଙ୍କ ସହିତ... ? ଏକଥା ଆଉ କାହାଘରେ ହେଲେ ହେଉଥିବ, ମୋ ଘରେ ଚଳିବ ନାହିଁ । କସ୍ମିନ୍ କାଳେ ନୁହେଁ ।

ପୁଅଟା ପିଇଲା ପିଇଲା, ବୋହୂଟାବି ତୁମ ଆଗରେ... ? ପଚାରିଲା କୈଳାସ ମୋ ଗ୍ଲାସ୍‌ରେ ଦ୍ୱିତୀୟଥର ବିଅର ଢାଳୁଢାଳୁ ।

ହଁ ରେ ଭାଇ ! କର୍ମ ଅବଳକୁ ଘୋଡାମୁହାଁ ବୋହୁଟିଏ ଜୁଟିଛି । ପ୍ରଥମେ ପ୍ରଥମେ ପୁଅ ବୋହୂଙ୍କର ଭଲ ପଡୁଥିଲା । ସମ୍ପର୍କରେ ପାଣି ଗଳିବ ନାହିଁ । ଗୁରୁଜନ ଲଘୁଜନ ଖାତିର ନାହିଁ । ହାତ ଧରାଧରି, ଅଂଟା ଧରା ଧରି... କ'ଣ କହିବି ସେ ଲାଜ କଥା ? କିନ୍ତୁ ପରେ ବିଲେଇ ଛିଙ୍କିଦେଲା କି କ'ଣ ଦୁହିଁଙ୍କ ଭିତରେ ନିତି ଝଗଡା । ବହୁତ ବାଛି ବାଛି

ନିଜ ଇଚ୍ଛାରେ ବାହାହୋଇଥିବା ସ୍ତ୍ରୀ ସହିତ ଏବେ ଅହିନକୁଳ ସମ୍ପର୍କ । ଶେଷରେ ବୋହୁଟାବି ଘରଛାଡି ପାର୍ ।

ହଁଅଁ ଏତେ କଥା ହୋଇଗଲାଣି ଏ ଭିତରେ ? ମୁଁ ପଚାରିଲି ।

ଦଶ ବାର ଦିନ ହେବ । ଆଉ ଆସିବକି ନାହିଁ ସନ୍ଦେହ । ସେଇଦିନୁ ଯାର ମଦନିଶାଟା ସୀମା ଟପିଯାଇଛି । ଦିନକୁ ଦି'ତିନି ଥର ବୋତଲ ଧରି ନବସିଲେ ନଚଳେ । ତା'ପରେ ଘରେ ସମସ୍ତଙ୍କ ଉପରେ ସିଙ୍ଗିସିଙ୍ଗି । ସାମାନ୍ୟ କଥାରେ ବିରକ୍ତି । ଖାଇବା ଥାଳି ଉପରେ ନିତି ଅଭିଯୋଗ । ଫିଙ୍ଗାଫୋପଡ଼ା । ଜିନିଷ ପତ୍ର ଭଙ୍ଗାରୁଜା । ରାଗଟା ସବୁବେଳେ ନାକ ଆଗରେ । ଦୁର୍ବାସାଙ୍କ ଅବତାର !

ତାକୁ ଟିକେ ଦେଖାଉନ କେଉଁ ସାଇକ୍ଲୋଜିଷ୍ଟକୁ ? ପାଟିକୁ ମୁଠିଏ ଚେନାଚୁର୍ ପକେଇ କହିଲା ବନ୍ଧୁ ଧର୍ମାନନ୍ଦ ।

କିନ୍ତୁ ଚେଇଁ ଶୋଇଥିବ ଯିଏ, ତାକୁ ଉଠେଇବ କିଏ ? ତା ଭଳି ଉଚ୍ଛୃଂଖଳ ଉନ୍ମାଦ ଭଦଭ୍ରାନ୍ତ ଯୁବକକୁ ମନେଇ ସେ ଯାଇ ନେଇ ପାରିଲେ ତ ! ସେ ତ ସାଇକ୍ଲୋଜିଷ୍ଟକୁ ପାଠ ପଢେଇଦେଲା ଲୋକ ! ତାକୁ ପଢେଇବ କିଏ ? ଅଧାପୂର୍ଣ୍ଣ ଗ୍ଲାସ୍‌ଟିକୁ ଟିପୟ ଉପରେ ରଖି କହିଥିଲା ମହିଆ ।

ତାହେଲେ କ'ଣ ବେହୁଟା ଡିଭୋର୍ସ.... ? ମୁଁ ପଚାରିଲି ସିଗାରେଟ୍ ଧୂଆଁ କିଛି ଛାଡିଦେଇ ।

ଧରିନେ ସେଇଆ । କହିଦେଇ ଚୁପ୍ ହୋଇଗଲା ମହିଆ ଓ ଅଧା ଗ୍ଲାସଟିକୁ ମୁହଁକୁ ନେଲା ।

ଆମେ ଭାବିଥିଲୁ ଆମ ବନ୍ଧୁମାନଙ୍କ ମଧ୍ୟରେ ମହୀଧର ହିଁ ସବୁ ଠୁଁ ବେଶୀ ସୁଖୀ ଆଉ ଭାଗ୍ୟବାନ୍, କାହିଁକିନା ତା ପୁଅଟା ଜଣେ ଆଇ.ଆଇ.ଟି ଇଂଜିନିୟର ଆଉ ତା ପାଖରେ ଅଛି । ଭଲ ମନ୍ଦରେ.... । ଯୋଡି ଥିଲା କୈଳାସ ।

ସେ କହିଲା ନିର୍ଲିପ୍ତ ହତାଶାର ହସ । ସେ କଥା ଦୂର ମରିଚୀକା ପରି । ପାଖରୁ ଦେଖିଲେ ସବୁ ଶୂନ୍ୟ ।

ପ୍ରକୃତରେ ମୁଁ ଆଜିଯାଏ ମହିଆର ସୁଖୀ ପରିବାର କଥା ଭାବି ତା'ପ୍ରତି ଈର୍ଷାନ୍ୱିତ ହୋଇଛି । ଏବଂ ମୋ ନିଜ ସ୍ଥିତିକୁ, ମୋର ନିସଙ୍ଗ ଜୀବନକୁ ନିନ୍ଦିଛି । ପୁଅ ପାଠପଢି ଶେଷରେ ବାପ ମା, ଘର ପରିବାର, ଆପଣାଦେଶ ଜନ୍ମମାଟିକୁ ଛାଡି ଦୂର ବିଦେଶରେ ରହିଲେ କେଉଁ ବାପ-ମା ସୁଖରେ ରହିବେ ? ଓଷାବ୍ରତ ପର୍ବପର୍ବାଣିରେ ମା ପଣତରେ ଆଖିର ଲୁହ ପୋଛେ । ପିଲା ପାଖରେ ନାହାନ୍ତି, ପାଟିକୁ କ'ଣ ଭଲମନ୍ଦ ରୁଚିବ ?

ମହିଆ ଆଉ କେତେକେତେ ଥର କେତେ ଅକେଜନ୍‌ରେ ଖୋଲି ଦେଇଛି ତା ଜୀବନର ଅଙ୍ଗେନିଭା କଥା । କ'ଣ କହିବି ଭାଇ, ଖଜୁରୀ ଗଛର କିଗୁଣ ଗାଇବି.... ? ତା ମା କହିଲା ପରି ଅଜରା ଜନ୍ମକଲେ ମଲ, ଅଜରା ହାତ ଧଇଲେ ମଲ । ପୁଅବୋହୂ ଦୁହିଁଙ୍କ ଦ୍ୱାରା ଚିରଉପେକ୍ଷିତ ଆମ ଦୁଇପ୍ରାଣୀଙ୍କ ଜୀବନ । କି କି ବିଚିତ୍ର ଚିନ୍ତା ଆଉ ପାଗଳାମୀ ତା ମୁଣ୍ଡରେ ପଶୁଛି ତାର କଳନା ନାହିଁ । ଘରସାରା ଜିନିଷଗୁଡା ଆଣି ଏମିତି ଖୁନ୍ଦି ଦେଲାଣି ଯେ ଅଠରଶ ସ୍କୋୟାରଫୁଟ୍‌ର ଘର, ଗୋଡ ବୁଲେଇବାକୁ ଜାଗାନାହିଁ । ଏମିତି ଦିନ ନାହିଁ ଯେଉଁଦିନ ଅନ୍‌ଲାଇନ୍‌ରେ କିଛିକିଛି ଜିନିଷ ଆସି ଘରେ ନପହଂଚିଛି । ଘରେ କେଇଜଣ ମଣିଷ, ସେଥିରେ ଦି'ଦିଟା ଜ୍ୟାଂଟ ସାଇଜ୍ ଫ୍ରୀଜ୍, ଦୁଇଟା ୱାସିଙ୍ଗମେସିନ୍, ତିନିସେଟ୍ ଏଲ୍.ଇ.ଡ଼ି ଫ୍ଲାଟ୍ ଟିଭି, ଦି'ଦି ସେଟ୍ ସୋଫା, ଦି ଦି'ଟା ଡାଇନିଂ ଟେବୁଲ୍, ଦଶ ପନ୍ଦର ଚେୟାର୍, ଚାରିପାଂଚ ଟେବୁଲ୍ , ଦୁଇଦୁଇଟା ମାଇକ୍ରୋ ଓଭନ୍, ତିନିତିନିଟା ଗ୍ୟାସ୍ ଚୁଲା, କେତେକେଣ ଇଲେକ୍ଟ୍ରୋନିକ୍ ଜିନିଷ ଓଗେର୍ ଓଗେର୍ । ପଇସାଟାକୁ ଯେମିତି ମାଟି ଗୋଡି ଜ୍ଞାନ, ଲକ୍ଷ୍ମୀଙ୍କୁ ହତାଦାର । ଦି'ପଇସା କମୋଉଚି ବୋଲି ଧରାକୁ ସରା ମଣୁଛି । ପୁଅ ଯେମିତି, ବୋହୂ ସେମିତି । ଏକା ନାଉର ମଂଜି । ଶାଶୁ ଶ୍ୱଶୁରଙ୍କର ଅଧିକାର ନାହିଁ ବୋହୂକୁ ଘରକରଣା ନେଇ ପଦେ କହିବେ । ଶାଶୁ ପ୍ରଥମେ ପ୍ରଥମେ ପଦେ ଦି ପଦ କହି ମୁହଁ ଛିଞ୍ଚଡା ଜବାବ୍ ଶୁଣିଲା । ତା'ପରେ ଆପଣା ଛାଏଁ ଚୁପ୍ । ଆଲୋସଖୀ ଆପଣା ମହତ ଆପେରଖି । ଘରର ଲକ୍ଷ୍ମୀ, ବିଛଣା ଛାଡିବ ନଅଟାରେ । କିଚେନ୍‌ରୁ କଫି ବନେଇ ଏକୁଟିଆ ବସି ପିଇବ । ଶାଶୁ ଶ୍ୱଶୁରଙ୍କୁ ପଦେ ପଚାରିବ ନାହିଁ । ମୁହଁରେ ସତେ ଯେମିତି ତାଲାଟିଏ ପଡିଛି । ଆଉ କେଉଁ ଘରକୁ ଯାଇଥିଲେ ଦିବ୍ୟ ସୁଖ କରୁଥାନ୍ତା; ଏଟି ଆସି ଠକି ଯାଇଛି । ମୁହଁଟାକୁ କରିଥିବ ଧାନଉଁସା ହାଣ୍ଡିପରି । କାହାକୁ ଉଁ କି ଚୁଁ ପଦେ କଥା ନାହିଁ । ଭାଇ ଏ ଘର ନା ନର୍କ ?

ଆମ ଉତ୍ତରକୁ ଅପେକ୍ଷାନକରି ସେ କହିଚାଲେ- ଶାଶୁଟାକୁ ଚାକରାଣୀ ଭଳି ବ୍ୟବହାର । ଘରକୁ ରୋଷେୟାଣୀ ଆସୁଛି । କିନ୍ତୁ ଅଧେକାମ ଶାଶୁ କରିବ । ବୋହୂଟା ଟିକେ ହାତ ହଲେଇବ ନାହିଁ । ଘରେ ଶ୍ୱଶୁରଟା ଥିବ; ସେ ଖାଇଲାଣି କି ନାହିଁ ପଚରାଉଚରା ନାହିଁ । ସ୍ୱାମୀସ୍ତ୍ରୀ ଯୋଡିହୋଇ ଖାଇବା ଟେବୁଲ୍‌ରେ ବସିଯିବେ । ମା' ବାଢିଦେବ । ପୁଣି ଡାଲି ତିଅଣ ଉପରେ ନାକଟେକା ଯେ କାହିଁରେ କ'ଣ ! ଅଭିଯୋଗର ସୀମା ନାହିଁ । ଫିଙ୍ଗା ଫୋପଡା, ଭାତ ଥାଳିରୁ ଉଠିଯିବା ଏସବୁ ନିତ୍ୟ ନୈମିତ୍ତିକ କଥା । ଏଥିରେ କେଉଁ ବାପ ମା ଖୁସିରେ ରହିବେ । ବୁଝିଲୁ ବିକୁ, ନିଜ ପୁଅକୁ ସଂସ୍କାର ଦେବାରେ ମୋର ବୋଧେ କେଉଁଠି ତ୍ରୁଟି ରହିଗଲା ।

ମୁଁ ବନ୍ଧୁ ସୁଲଭ ଉପଦେଶ ଦିଏ । ନୀରବ ରହ, ସହିଯା ସବୁ । ଆଜିକାଲିକା ବୋହୂ, କଥାପଦେ ସହିବେ ନାହିଁ । କଥା କଥାକେ ଜେଲ୍ ମୁହଁ ଦେଖେଇଦେବେ ।

ସେ ଆପଣା କର୍ମକୁ ନିନ୍ଦେ । ପୁଅଟା ପୁଅ ନୁହେଁତ ଗୋଟାଏ କାଳଗ୍ରହ । କଥାରେ ଟିକିଏ କଅଁଳ ପଣ ନଥାଏ । ଅତି ଟାଆଁସା କର୍କଶ କଥା । ରାଗଟି ନାକ ଆଗରେ । ପାନରୁ ଚୁନ ଖସିଲେ ପ୍ରଳୟ । କହିହେଉନଥିବ କି ସହିହେଉନଥିବ । ପଞ୍ଜରାବଦ୍ଧ ପଶୁପରି ମନର ଯନ୍ତ୍ରଣା ମନରେ ମାରି ଆପଣା ଭାଗ୍ୟକୁ ନିନ୍ଦି ପଡିରହିବା କଥା ।

ଥରେ ସେ ତା ପୁଅ ଉପରେ ଏମିତି ଏକ ମନ୍ତବ୍ୟ ଦେଲା, ଯାହା

ମୋତେ ସ୍ତବ୍ଧ ବିସ୍ମିତ କରିଦେଲା । କହିଲା– ବୁଝିଲୁ ବିକୁ ! ବେଳେବେଳେ ମନେ ହେଉଛି ଏମିତି ପୁଅର ବାପ ମା ହେବା ଅପେକ୍ଷା ବରଂ ଅପୁତ୍ରିକ ରହିବା ଶତଗୁଣେ ଭଲ । ପୁତ୍ର ଅତ୍ୟାଚାର କେତେଦୂର ଗଲେ ବାପ ମୁହଁରୁ ଏମିତି କଥା ବାହାରେ !

ରୁଣ୍ଡ ହୋଇଥିବା ପଡୋଶୀମାନଙ୍କ ମଧ୍ୟରୁ କିଛିଲୋକ କାମ ବାହାନାରେ ଚାଲିଗଲେଣି । ଭିଡ ପତଳା ହୋଇଗଲାଣି । ଏବେ ଅପେକ୍ଷା ପୋଲିସ୍‌କୁ । ପୋଲିସ୍ ଆସିବ, ଲାସ୍ ଯିବ ପୋଷ୍ଟମଟମ୍ ପାଇଁ । ତେଲ ସରିଗଲେ ଦୀପଶିଖା ମିଞ୍ଜିମିଞ୍ଜି ଜଳିଲା ପରି ଭାଉଜଙ୍କ ବିଳାପର ସ୍ୱରକ୍ରମେ ଶିଥିଳ ହୋଇ ଆସୁଥିଲା । ମୁଁ ପଚାରିଦେଲି ପଦେ– ଭାଉଜ କଥାଟା କେମିତି ଏତେଦୂର ... ?

ସେ ଶାଢୀ କାନିରେ ଲୁହ ପୋଛିଲେ । ତାଙ୍କ ମୁହଁରୁ ଶୁଭିଲା ଅଜସ୍ର ଦୁଃଖ ବିଜଡିତ ସ୍ୱର– କ'ଣ କରିବ ଭାଇ । ଅଜାଗା ଘା, ଦେଖି ହେଉନି କି ଦେଖେଇ ହେଉନି । ଅତି ସାମାନ୍ୟ କଥା, ତମେ ଶୁଣିଲେ ହସିବ । କାଲି ସନ୍ଧ୍ୟାରେ ବାପପୁଅ ଟିଭି ପାଖରେ ବସିଥିଲେ । କ'ଣ ହେଲା କେଜାଣି, ସେ ତ ସାପ ଭଳି ଫଁ କରି ଉଠିଲା । କଥା କ'ଣ ନା ଗେଣ୍ଡୁଫୁଲ ଦଳିଆଙ୍କ ବିରୁଦ୍ଧରେ ଦୀପଦଳର କିଏ ଜଣେ କ'ଣ କଟୂ ମନ୍ତବ୍ୟ ଦେଲା । ସେଥିରେ ସେ ଲାଙ୍ଗୁଡରେ ଠିଆ । ଖାଲି ଡେଇଁଲା ଫୁରୁକୁଟି ପରି । ମୁହଁକୁ ଯାହା ଆସିଲା କହିଗଲା । ଯାଙ୍କର ଭୁଲ ହେଲା ଏ ଚୁପ୍ ହୋଇ ରହିପାରିଲେ ନାହିଁ । ପଦେ କହିଦେଇ ତା ଲାଙ୍ଗୁଡରେ ହାତ ମାରିଦେଲେ । ଦଶନା ସମ୍ବିଧାନରେ ଏଇଆ ଲେଖି ଅଛି । ବିରୋଧିଦଳର ଭୂମିକା... ଇତ୍ୟାଦି । ସେଇଠୁ ନିଆଁରେ ଘିଅଢାଳିଲା ପରି ସେ ହେଲା ଆହୁରି ପ୍ରଚଣ୍ଡ, ଆହୁରି ଉଗ୍ର । ସମ୍ବିଧାନ ? ମାଇଁ ଫୁଟ୍ ! ସବୁ ଫାଲତୁ କଥା, ବିରୋଧୀ ମାନେ ଖାଲି ରାଜନୀତି....ଇତ୍ୟାଦି । ବାପପୁଅଙ୍କ ଭିତରେ ଟିକେ କଥାକଟାକଟି ... । ସେଇଠୁ ସେ ଭଙ୍ଗାରୁଜା କଲା । ଟେବୁଲ୍‌ଟା ଟେକି ଓଲଟେଇ ଦେଲା । କାଚ ପ୍ଲେଟ୍‌ଟା ଝଣ କରି ଭାଙ୍ଗି ଟୁକୁଡା ହୋଇଗଲା । ଭଙ୍ଗାକାଚ ଖଣ୍ଡ ଘରସାରା ଖେଳେଇ ହୋଇ ପଡିଲା । ଇଏ ସହି ପାରିଲେ ନାହିଁ ।

ଜିନିଷ ଭାଙ୍ଗିଲା ନାହିଁ ଯେ ଆମକୁ ମାଡ ମାଇଲା । ସେ ବି ରାଗିଲେ । କହିଲେ– ମୋ ଘର ଜିନିଷ ଭାଙ୍ଗିବାକୁ ତୁ କିଏ ?

ଏଇଠି ତ ତା'ଠି କାଳିସୀ ଲାଗିଗଲା । ନିଜ ମଥାକୁ ଚାପୁଡା ମାଇଲା । ବାଳଝିଙ୍କିଲା । ମୁଁ ଆଉ ମୁହୂର୍ତ୍ତେ ରହି ପାରିବି ନାହିଁ ଏ ଘରେ । ଏଇ ମୁହୂର୍ତ୍ତରେ ଚାଲିଯାଉଛି ।

ତା'ର ପ୍ରଚଣ୍ଡ ରୂପ ଦେଖି ମୁଁ ଡରିଗଲି । ବାପ ବି ଥଣ୍ଡା ହୋଇଗଲା । ମୁଁ ତା ହାତ ଓଠ ଧରି ବୁଝେଇଲି । ନେହୁରା ହେଲି । ବାପାରେ ! ବାପଟା ଜନ୍ମ ଦେଇଛି, କ'ଣ ଟିକେ କହିଦେଲା ବୋଲି ସେଇ କଥାକୁ ଧରିଛୁ ? ମୋ ବାପାଟା ପରା । ଶାନ୍ତ ହୋଇଯା । ଥଣ୍ଡା ହୋଇଯା ।

ସେ କିନ୍ତୁ ଶୁଣିଲା ନାହିଁ । ମୋ ହାତ ଛିଂଚାଡି ଦେଇ ସେମିତି ରଡିରଡି ତା ରୁମ୍‌କୁ ଚାଲିଗଲା । କବାଟ କିଳିଦେଲା । ମୁଁ ଯେତେ ଡାକିଲି, କବାଟ ବାଡେଇଲି ଶୁଣିଲା ନାହିଁ । ମୋର ଭୟ ହେଲା କାଳେ ସେ ତା'ର ଜୀବନ ଉପରେ କ'ଣ ନାଇଁ କ'ଣ କରିଦେବ । କିନ୍ତୁ .... ! ସେ ପୁଣି କାନ୍ଦିଲେ । କିଛି ସମୟପରେ କହିଲେ– ସମସ୍ତେ ଉପାସ ଶୋଇଲୁ । ରାତି ସାରା ଅନିଦ୍ରାରେ ଛଟପଟ । ସେ ଖାଲି ପରିସ୍ରା ଉଠୁଥାନ୍ତି ପାଣିପିଉଥାନ୍ତି । ପାହାନ୍ତା ବେଳକୁ ପରିସ୍ରାକରି ସାରିଆସି ଭିତରୁ କବାଟ ନକିଳି ଶୋଇଲେ । ଥଣ୍ଡା ଥଣ୍ଡା ଟିକେ ଛାଇନିଦ ଲାଗି ଆସିଥିବ । ସେଇଠୁ ସେ ଟୋକା ପଶିଆସି... ! କ୍ରନ୍ଦନର ରୋଳ ପଡିଲା ଓ ସେଥିରେ ଶବ୍ଦସବୁ ଫେଣ୍ଟି ହୋଇ ବାହାରିଲେ –

ଯାଙ୍କ ଅସ୍ତବ୍ୟସ୍ତ କୁନ୍ଥାଣ ଶୁଣି ମୋ ନିଦ ଭାଙ୍ଗିଗଲା । ଦେଖିଲି ବିଶୁ ତକିଆଟାକୁ ତାଙ୍କ ମୁହଁ ଉପରେ ମାଡି ବସି.... ! ମୁଁ ପାଟିକଲି – ଏ କ'ଣ କରୁଚୁ ବିଶୁ ? ସେ ମୋ ମନା ମାନିବା ଅବସ୍ଥାରେ ନଥିଲା । ଯେମିତି ପଣକରି ଆସିଥିଲା ଆଜି ବାପ ଛାତିରେ ଛୁରୀ ଭୁସି ତାକୁ ଆଉ ପାରିକୁ ପଠେଇବ । ବିକ୍ରମ ବାବୁ ! ଏତେ ପାଠ ପଢି ଏତେ ବଡ ଚାକିରି କଲା ସିନା, ମୋ ପୁଅଟା ପଣିଷ ହେଲାନି ଜହ୍ଲାଦ, ପଶୁ ପାଲଟି ଗଲା । ସେ ପୁଣି କ୍ରନ୍ଦନରେ ବୁଡିଗଲେ ।

ବୋହୂଟା କେଇଦିନ ତଳୁ ଚାଲିଯାଇଛି । ନ ହେଲେ ସେ ଥିଲେ ହୁଏତ... !

ମୁଁ ଆଶ୍ୱାସନା ଦେଲି, ସବୁ ଯୋଗର କଥା ଭାଉଜ । ଇଶ୍ୱରଙ୍କ ଇଚ୍ଛା ନହେଲେ ଗଛର ପତ୍ରଟିଏ ବି ହଲେନାହିଁ । ମର୍ତ୍ତ୍ୟ ମଣ୍ଡଳେ ଦେହବହି, ଦେବତା ହୋଇଲେ ମରଇ । ଦିନେ ତ ସମସ୍ତେ ଯିବା, କିଏ ଆଗ କିଏ ପଛ । ତାର ଡାକରା ଆସିଲା ସେ ଚାଲିଗଲା । ଆଉ ଶୋକ କରି କି ଲାଭ ?

(କେଜାଣି କାହିଁକି ଗୋଟାଏ ଅନ୍ୟ ପ୍ରକାର ଭାବ ଆସିଲା ମୋ ମନରେ । ବିଷାଦର ଜହ୍ନକୁ କ୍ଷଣଟିଏ ପାଇଁ ମେଘ ଢାଙ୍କିଦେଲା । ) ମୋତେ ଲାଗିଲା ମୁଁ ତାଙ୍କ ଶାଢୀ କାନିରେ ତାଙ୍କ ଲୁହ ପୋଛିଦେବି କି ? ତାଙ୍କୁ ମୋ ଛାତି ଉପରକୁ ଆଉଜେଇ ଆଣି... ! ଆମ ଭାଉଜଟି ଭାରି ସୁନ୍ଦରୀ ନଥିଲେ କି ବୟସ ବେଳେ ? କିନ୍ତୁ ସେଇ ଦୁଷ୍ପ୍ରାପ୍ୟ ଓ ସ୍ୱପ୍ନିଳ ଇଚ୍ଛାମାନେ ପରକ୍ଷଣରେ ଉଭେଇଗଲେ ଲଢେଇରେ ହାରି ଦୁର୍ବଳ ପଶୁଟିଏ ଲାଙ୍ଗୁଡଜାକି ପଳାଇଗଲାପରି । ଏବଂ ମେଘ କୋଳରୁ ଜହ୍ନ ମୁକୁଳି ଆସିଲା ।

ମହିଆ ଥରେ କହିଥିଲା ବୁଝିଲୁ ବିକୁ ! ରାଜନୀତି ମଣିଷ ଉପରେ ଏତେ ଗଭୀର ପ୍ରଭାବ ପକାଇପାରେ ଏକଥା ମୋ ପୁଅକୁ ନ ଦେଖିଲେ କେହି ବୁଝିପାରିବ ନାହିଁ । ହଁ ଜଣେ ସାଧାରଣ ଭୋଟର୍ ଭାବରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ସମର୍ଥନ କରିବାର ଅଧିକାର ତୁମର ଅଛି । କିନ୍ତୁ ତା ବୋଲି ତା ସହିତ ଏତେ ଆସକ୍ତ ଏତେ ଗଭୀର ଭାବରେ ଜଡିତ ହେବା ପଛରେ କି ଲଜିକ୍ ଅଛି ? ଉପର ସ୍ତରରେ ପରସ୍ପର ବିରୋଧୀ ନେତାମାନେ ତାଙ୍କ ତାଙ୍କ ଭିତରେ କୋଳାକୋଳି ହେଉଥିବେ, ନିଜ ରାଜନୈତିକ ଆଦର୍ଶକୁ ତୁଚ୍ଛକରି ଚଉକି ଲୋଭରେ ଏ ଦଳରୁ ସେ

ଦଳକୁ ମାଙ୍କଡ଼ ଡିଆଁ ମାରୁଥିବେ, ଏଣେ ତାଙ୍କୁ ନେଇ ଆମେ ନିଜ ନିଜ ଭିତରେ ଲଢୁଥିବା, ଇଏ କି ପ୍ରକାର ମନସ୍ତତ୍ତ୍ୱ? କି ପ୍ରକାର ଲଜିକ୍ ? ମୋ ପୁଅ ଆଗରେ ତାର ସମର୍ଥିତ ଦଳ ଅଥବା ନେତା ବିରୁଦ୍ଧରେ ତମେ ପଦୁଟିଏ କହିକରି ଦେଖ, ତମର ତ୍ରାହି ନାହିଁ । ତମକୁ ନାକ ନ ଘଷେଇ ସେ ଛାଡିବ ନାହିଁ । ସେମିତି ଟି.ଭି. ହେଉକି ନିଉଜ୍ ପେପର ହେଉ ଯଦି କେଉଁଟିରେ ସେ ଏକଥା ଦେଖିଲା, ତାହେଲେ ପ୍ରଳୟ ରଚିଦେବ । ସେଥିପାଇଁ ସେ ଆସୁଥିବାର ଦେଖିଲେ ମୁଁ ଟି.ଭି ଚାନେଲ୍ ବଦଳେଇ ଦିଏ ନିଉଜ୍‌ରୁ ଯାଏ ଏଣ୍ଟରଟେନ୍‌ମେଣ୍ଟ ଅଥବା ଆଧାତ୍ମିକ ଚାନେଲ୍‌କୁ। ତା ଭୟରେ ମୁଁ ମୋ ପସନ୍ଦର କଥା କହିପାରିବି ନାହିଁ, ଟି.ଭି ଦେଖିପାରିବି ନାହିଁ, ଏମିତି ନିଜ ପସନ୍ଦର ପେପର୍ ବି ପଢ଼ିପାରିବି ନାହିଁ । ସବୁଥିରେ ସେନ୍‌ସର୍ ।

ଆଉ ତୀର୍ଥ ଭ୍ରମଣ କଥା । ତୋ ପୁଅ ଆମେରିକାରେ ଅଛି ବୋଲି ତୁ ଦି'ଦି ଥର ଆମେରିକା ଯାଇ ନାଏଗ୍ରୀ ୱାଟର ଫଲ୍ ଫ୍ଲୋରିଡାର ଡିଜ୍‌ନି ଆଇଲ୍ୟାଣ୍ଡ, ଅନେକ ମ୍ୟୁଜିୟମ୍, ହ୍ରଦ ଆଦି କେତେ ଦର୍ଶନୀୟ ସ୍ଥାନ ବୁଲି ଦେଖି ଆସିଲୁ ନା ନାହିଁ ? ଏଠି ଇଚ୍ଛାହେଲେ ଆଜି ଏ ତୀର୍ଥ କାଲି ସେ ତୀର୍ଥ ଦର୍ଶନରେ ଯାଉଛୁ ନା ନାହିଁ? ତୋର କହିବାକୁ କିଏ ଅଛି ? କିନ୍ତୁ ଆମ ସ୍ୱାମୀସ୍ତ୍ରୀଙ୍କୁ ସେ ସବୁ ମନା । ତମେ ଆଉ କାହା ସାଥିରେ ଯାଇପାରିବ ନାହିଁ । ତୁମକୁ ମୁଁ ନେବି ।

କିନ୍ତୁ କେତେଟା ଜାଗାକୁ ନେଲୁଣ୍ତ ? ତମେ ତମର ସ୍ୱାମୀ-ସ୍ତ୍ରୀ ଚାଲିଯାଉଛ ଆମ ବାପ ମା ଦି'ଟାଙ୍କୁ ପଚାରୁଛ ? ଆମେ ଆଉ କେଇଦିନ ବଂଚିବୁ ? ପାଚିଲା ଡାଳ, କେତେବେଳେ ଝଡିପଡିବୁ କିଏ ଜାଣେ ? ଚାକିରି କାଳରେ ଯେତେବେଳେ ବଳ ବୟସ ଥିଲା କୁଆଡେ ବୁଲିଯାଇନୁ। ସଂସାର ଜଂଜାଳରେ ବୁଡିରହି କାଟିଦେଇଛୁ ସମୟ । ରିଟାୟର୍ ପରେ ଏଇ ଅବସ୍ଥା। ଏମିତି ଖାଲି ଘର ଭିତରେ ବସିବସି ରଟ୍ କରିବା କଥା। ବେଳ ଆସିଗଲେ, ସବୁ ଛାଡିଛୁଡ଼ି ଦେଇ ପାର୍ ।

ଆରେ ଆମେ କ'ଣ ତୋତେ ପଇସା ମାଗୁଛୁ ? ମୋ ପେନ୍‌ସନ୍ ପଇସାରେ ମୁଁ ଯିବି । ମୋ ସ୍ୱୀଟିକୁ ନେବି । ମରିଗଲେ କ'ଣ ପଇସା ସ୍ୱର୍ଗକୁ ନେଇଯିବି ?

ବୁଝିଲୁ ବିକୁ, ଏ ସବୁ ଦୃଷ୍ଟିରୁ ତୁ ହିଁ ସତରେ ସୁଖୀ, ବଡ ଭାଗ୍ୟବାନ୍। ଆଉ ଆଉ ସାଙ୍ଗମାନେ ବି । ପୁଅ ଦୂରରେ ଥିଲେ ବାପ ପୁଅ ଭିତରେ ଅବେଗିକ ସମ୍ପର୍କ ବଜାୟ ରହେ । ହାତୀ ଜଙ୍ଗଲରେ ଥିଲେ ବି ରାଜାଙ୍କର। ସର୍ବଦା ଆଶଙ୍କାରେ ଜୁଡୁବୁଡୁ କୋଳାହଳପୂର୍ଣ୍ଣ ଅସଜଡା ଜୀବନ ଅପେକ୍ଷା ବରଂ ନିସଙ୍ଗତା ଭଲ । ପ୍ରେମ, ବନ୍ଧୁତ୍ୱ, ଅପତ୍ୟ ଓ ସମ୍ପର୍କର ମଂଜିବୁଣିଥାଏ ନିସଙ୍ଗତା । ନିସଙ୍ଗତା ପ୍ରେମର ପ୍ରତୀକ, ସବୁଜ ସର୍ଜନାର ପ୍ରତୀକ ।

ତୋ ପୁଅ ୟୁ.ଏସ୍.ଏରେ ଥାଉ ବା ଅଷ୍ଟ୍ରେଲିଆରେ, ସେ ସବୁଦିନେ ତୋର ପୁଅ ଆମ ତୁ ତା'ର ବାପା । ସେଇ ସମ୍ପର୍କ ସବୁଦିନେ ସତେଜ ସବୁଜ ହୋଇ ରହିଥିବ ।

ପ୍ରଗଳ୍‌ଭତା ଓ ଭାବପ୍ରବଣତାରେ ଉତୁରି ଉଠୁଥିଲା ମହିଆ । ସାହିତ୍ୟ, ଦର୍ଶନର ଭାଷା ଉଛୁଳି ଉଠୁଥିଲା ମୁହଁରୁ ।

ମଣିଷ କେତେବେଳେ ଏକୁଟିଆ ଥାଏ କି ? ଏକୁଟିଆ ବେଳେ ସାଥୀହେବାକୁ ଅଛନ୍ତି ବଗିଚାର ଫୁଲ, ପୁରୁଣା ଗୀତ, ପୁରୁଣା ଚିଠି, ସାହିତ୍ୟ, ଦୂର ବନ୍ଧୁ ସହ ଲେଟିଫୋନ୍‌ରେ ବାର୍ତ୍ତାଳାପ, ଆକାଶ, ମେଘ, ଜହ୍ନ ଆଉ ଦୂରଦେଶରେ ଥିବା ପ୍ରିୟଜନର ସ୍ମୃତି ।

ପ୍ରକୃତରେ ମହିଆ ସେଦିନ ଠିକ୍ କହିଥିଲା । ମୁଁ ମିଛୁଟାରେ ତା ଉପରେ ବିରକ୍ତ ହେଉଥିଲି ଯାହା । ତାର ପୁଅ ବୋହୂର ଭରପୂର ସଂସାର, ତାର ମୋଟା ଅଙ୍କର ପେନ୍‌ସନ୍ ଆଉ ତା ଲେଖାଲେଖି ସାହିତ୍ୟ ଓ ପୁରସ୍କାର ଏସବୁକୁ ଇର୍ଷା କରୁଥିଲି । ଈର୍ଷା ଓ କୃତ୍ରିମ କ୍ରୋଧରେ ମୁଁ ତାକୁ ମଧୁର ପରିହାସାତ୍ମକ ଜିଘାଂସ ଫିଙ୍ଗୁଥିଲି, ଶଳା ପିଣ୍ଡାଓଲୁ ମାଷ୍ଟର । ....ଇତ୍ୟାଦି ଇତ୍ୟାଦି ।

କିନ୍ତୁ ଏବେ ମୁଁ ଅନୁଭବ କରୁଛି ଯେ ମଣିଷର ପ୍ରକୃତ ସାଥୀ ହେଉଛି ତା ନିସଙ୍ଗତା । ତାକୁ ଆପଣେଇ ନେବାର କୌଶଳ ହିଁ ତାର ଚିରସାଥୀ; କାହିଁକିନା ଦିନେନାଦିନେ ମଣିଷ ଏକୁଟିଆ ହିଁ ହେବ ।

ଆଜି ମହିଆ ଏକୁଟିଆ ହୋଇଗଲା । କୋଳାହଳ, ଶବ୍ଦ ଆଲୁଅର ପ୍ରାବଲ୍ୟ, ଘଟଣା ବି ଘଟଣାରେ ଅତିଷ୍ଠ ହୋଇପଡିଥିବା ଜୀବନକୁ ବାୟ ବାୟ କହିଚାଲିଗଲା । ତାର ଚିର ଉପେକ୍ଷିତ ଶେଷହୀନ ଯନ୍ତ୍ରଣାମୟ ଜୀବନରୁ ମୁକ୍ତିନେଇ ଚାଲିଗଲା । ପତ୍ନୀ,ପୁତ୍ର, ପୁତ୍ରବଧୂର କୋଳାହଳ ଓ ଗଣ୍ଡଗୋଳ ଭିତରେ ସେ ଥିଲା ଏକାକୀ, ନିସଙ୍ଗ ପଦାତିକ । ଆଲୋକର ଅନୁପସ୍ଥିତ ଯେମିତି ଅନ୍ଧାର, ଆଲୋକର ପ୍ରାବଲ୍ୟ ମଧ୍ୟ ତହୁଁରୁ ବଳି ଆମା ଅନ୍ଧକାର ।

କଞ୍ଚନା ଭାଉଜ ପୁଣି ଆରମ୍ଭ କଲେ, ସେ ଚଣ୍ଡାଳ କୁଆଡେ ଫେରାର ହୋଇଯାଇଛି । ତାକୁ ପୋଲିସ୍ ତ ଧରିବ । କିନ୍ତୁ ମୁଁ କହିଦେଉଛି ସେ ମୁଖାଗ୍ନି ଦେବନାହିଁ । ଦେବ ମୋ ଝିଅ ଅନି । ଏକଥା ତାଙ୍କର ଇଚ୍ଛାଥିଲା । ସେ ଆସୁଛି । ଏମରଜେନ୍‌ସି ବୁକିଂକରି ଫ୍ଲାଇଟ୍‌ରେ ବସି ସାରିଲାଣି । ଆଉ ଟିକେ ପରେ ଆସି ପହଂଚିବ । ଫ୍ଲାଇଟ୍‌ରେ ହାଇଦ୍ରାବାଦ୍ ଏମିତି କେତେବାଟ କି ?

ମୁଁ ଅଳକା ପାଖକୁ ଫୋନ୍‌କରି ଜଣେଇଦେଲି; ମୋ ଡେରି ହେବ। ତମେ ବ୍ୟସ୍ତହେବ ନାହିଁ। ମତେ ସ୍ୱର୍ଗଦ୍ୱାର ଯାଏ ଯିବାକୁ ପଡ଼ିବ ଶବ ସାଥିରେ।

*ପ୍ଲଟ -୨୯, ଭାଗବତ ସନ୍ଧାନ, ରସୁଲଗଡ,*
*ଭୁବନେଶ୍ୱର-୭୫୧୦୨୫*
*ଦୂରଭାଷ: ୭୯୭୮୧୪୮୫୨୭*

# କୁନିଅପାର ହସ

## ମନୋଜ କୁମାର ଜେନା

ସ୍ମୃତି ଭୁବନେଶ୍ୱରରେ ତା ମନ ମୁତାବକ ଭଡ଼ାଘର ଖୋଜି ଖୋଜି ନୟାନ୍ତ ହୋଇଗଲାଣି । ଘର ମାଲିକ ତିନି ମାସ ହେବ ତାକୁ ବସେଇ ଉଠେଇ ଦେଉନାହାନ୍ତି । ତାଙ୍କ ପୁରୁଣା ଘରକୁ ଭାଙ୍ଗି ବିଲ୍ଡର ଦ୍ୱାରା ଫ୍ଲାଟ ତିଆରି କରିବା ପାଇଁ ଘର ମାଲିକର ଯୋଜନା । ସ୍ୱାମୀ ଶୁଭେନ୍ଦୁଙ୍କର କଂପାନୀ ଚାକିରି । ସେ ଏପରି କର୍ମବ୍ୟସ୍ତ ଯେ ଘର ଖୋଜିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ । ତା ଛଡ଼ା ସେ ଏତେ ଏଣ୍ଟରପ୍ରାଇଜିଂ ନୁହନ୍ତି ବୋଲି ସ୍ମୃତି ଅନୁଭବ କରିଛି । ତାଙ୍କର ଚାକିରି ଭଲ ତ ସେ ଭଲ । ଭଲ ଭଡ଼ା ଘରଟିଏ ମିଳିଲାବେଳକୁ ଭଡ଼ା ଏପରି ଆକାଶଛୁଆଁ ଯେ ତାହା ତା କ୍ଷମତାର ବାହାରେ ।

ଭଡ଼ା ଘର ଚିନ୍ତା ତା ଛାତିକୁ କୋରି ପକାଉଥିବା ବେଳେ ବହଳ ଅନ୍ଧାର ଭିତରେ ସ୍ମୃତି ଆଖି ଆଗରେ ଝଲସି ଉଠିଲା ଆଲୋକର ଏକ କ୍ଷୀଣ ରେଖା । ମନେ ପଡ଼ିଗଲା ତା ଗାଁର କୁନି ଅପା କଥା । ସେ ଭୁବନେଶ୍ୱରରେ କେଉଁଠି ରହୁଛି ବୋଲି କାହାଠାରୁ ଶୁଣିଥିଲା ।

> ସକରାତ୍ମକ ମାନସିକତାର ପ୍ରତିମୂର୍ତ୍ତି ହେଉଛି କୁନିଅପା । ବୟସ ଗଡ଼ି ଯାଇଥିଲେ ବି ସେ କେବେ ଭାଙ୍ଗିଯାଏନା । ତାଠାରୁ ସାତସାନ ଗାଁ ଝିଅମାନଙ୍କର ବାହାଘର ବେଳେ ସେ ମାଡ଼ିଯାଏ ମହା ଆନନ୍ଦରେ । ଗାଁ ଝିଅମାନଙ୍କୁ ସଜେଇ ଝିଅମାନଙ୍କୁ ବେଦୀକୁ ଆଣିଲା ବେଳେ ହସରେ ଫାଟି ପଡୁଥାଏ କୁନିଅପା । ଅତିଥିମାନଙ୍କୁ ସତ୍କାର କଲାବେଳେ ତା ହାତଗୋଡ଼ ତଳେ ଲାଗେନା ।

କୁନିଅପା ଥିଲା ଏକ ଅଭାବୀ ପରିବାରର ଝିଅଟିଏ । ସେ ଥିଲା ବଡ଼ଝିଅ, ତା ତଳକୁ ଚାରି ଭାଇ । ଭାରି ଖୁସିବାସିଆ ଝିଅ । ସବୁବେଳେ ହସରେ ଉଚ୍ଛୁଳି ପଡୁଥିବ । ତାର ଗୋରା ତକ ଗାଲରେ ତା ହସଟି ତୋଫା ଜହ୍ନପରି ଉଦ୍‌ଭାସିତ ହୁଏ । ତା ଘରର ଅଭାବ ଅସୁବିଧା, ଯନ୍ତ୍ରଣା ଯାତନା ସତ୍ତ୍ୱେ ତା ମୁହଁରେ ଦାଉ ଦାଉ ଜଳୁଥାଏ ଆଉଟା ସୁନା ପରି ପୋଷେ ତାଜା ହସ । ରଜ ପର୍ବରେ, କୁଆଁର ପୁନେଇଁରେ ଝିଅମାନେ ନୂଆ ପୋଷାକରେ ସଜବାଜ ହୋଇ ଗାଁ ଦାଣ୍ଡରେ ଛାତି ଫୁଲେଇ ଚାଲିଲା ବେଳେ କୁନିଅପା ତାଙ୍କ ପଛରେ ପଡ଼େନା । ତାର ପୁରୁଣା ଫ୍ରକଟି ଇସ୍ତ୍ରୀ କରି ପିନ୍ଧି ରାସ୍ତାରେ ହସର ଫୁଆରା ଛୁଟେଇ ଚାଲିଥିବ । ମନେ ହେବ ତା ଫ୍ରକଟି ସବୁଠୁ ଆକର୍ଷଣୀୟ । ଉପାସ ଥିଲେ ବି ପେଟେ ତୋରାଣି ପିଇ ପ୍ରଜାପତି ପରି ଆନନ୍ଦରେ ଉଡ଼ି ବୁଲୁଥିବ ।

କୁନିଅପା ଥିଲା ପାହାନ୍ତି ପହରର ପକ୍ଷୀଟିଏ ପରି । ତା ଆଖିରେ ସାତ ଦରିଆର ଢେଉ ହେଉଥାଏ ଝଲମଲ । ଗୋରା ତକ ତକ ତରଙ୍ଗାୟିତ ତନୁ ବଲ୍ଲରୀ, ତୋଫା ଜହ୍ନ ପରି ମୁହଁ, ଲଲାଟ ଦେଶରେ ଚୂର୍ଣ୍ଣ କୁନ୍ତଳର ଅନୁପମ ନୃତ୍ୟ । ମୁହଁ ପଛରେ ଢେଉ ଢେଉକା କେଶର ଝରଣା । ବୟସ ହେଲାପରେ କୁନି ଅପାର ଅନେକ ପ୍ରସ୍ତାବ ଆସିଲା । କୁନିଅପା ତ ଗୋଟିଏ ଚାଉଳରେ ଗଢ଼ା । ତା'ର ଅପରୂପ ସୌନ୍ଦର୍ଯ୍ୟରେ ପୁଅ ପରିବାର ମୁଗ୍ଧ ହୋଇଯାଆନ୍ତି । ଦେବାନେବା ବିଷୟରେ କଥାବାର୍ତ୍ତା ବେଳେ କୁନିଅପାର ବାପା ନିଛକ ସତ କଥା ଓଗାଳି ଦିଅନ୍ତି । ବଡ଼ ବଡ଼ କଥା କହି ଦେଇ ନ ପାରିଲେ, ପଛେ ତାଙ୍କ ଗେହ୍ଲା ଝିଅଟି ଦହଗଞ୍ଜ ହେବ । ତେଣୁ ସେ ସ୍ପଷ୍ଟ କହନ୍ତି– ମୋର ଘର ଡିହ ଛଡ଼ା ଦୁଇ ଏକର ଡିପ ଜମି । ସେ ଜମି ଚାଷ କରି ଯାହା ପାଉଛି ସାତପରାଣି ପରିବାର ମୁହଁରେ ଦିଟା ଦାନା ଦେଉଛି । ଶାଢ଼ି କେଇ ଖଣ୍ଡ ଛଡ଼ା ମୁଁ କିଛି ଯୌତୁକ ଦେଇ ପାରିବିନି । କହିଲାବେଳେ ତାଙ୍କ ଆଖି ଓଦା ଓଦା ହୋଇଯାଏ । ବାହାଘର ଭାଙ୍ଗିଯାଏ ।

କୁନି ଅପାର ବୋଉ ଆଖିରୁ ଲୁହ ଶୁଖେନା । ଗାଁ ଲୋକଙ୍କ କଟାକ୍ଷ – ଝିଅଟାକୁ ବୁଢ଼ୀ କଲଣି, ତଥାପି ମା ବାପା ଯୋଡ଼ାକ ନିଧଡ଼କ । ଜମି ଦି ଏକର ବିକିକି ସିନା ଝିଅକୁ ଉଠାଇ ଦିଅନ୍ତେ । ତାପରେ ଯାହା ହୁଅନ୍ତା, ଦେଖାଯାଆନ୍ତା ।

କଥା ଗୁଡ଼ାକ ତୀର ହୋଇ କୁନିଅପାର ବୋଉର କଳିଜାକୁ ଖିନ୍‌ଭିନ୍ କରିଦିଏ । ଜମି ଦି ଏକର ବିକିଦେଲେ ସେମାନେ ଦାଣ୍ଡର ଭିକାରୀ ହୋଇଯିବେ । ଖାଇବାକୁ ଦିମୁଠା ଦାନା ପାଇବେନି । ଏକଥା ସେ ଅନୁଭବ କରନ୍ତି ।

କୁନିଅପା କିନ୍ତୁ ବିନ୍ଦାସ । ହସି ହସି କହେ-ବାହା ହେଲେ ଭଲ । ବାହା ନ ହେଲେ ଆହୁରି ଭଲ । ମୁଁ ଏବେ ଖୋଲା ଆକାଶର ଚଢେଇ ପରି ନୀଳ ଆକାଶରେ ଉଡୁଛି । ଚିନ୍ତା ନାହିଁ କି ଦକ ନାହିଁ । ଶାଶୂ, ଶ୍ୱଶୁର, ନଣନ୍ଦଙ୍କ ଜଞ୍ଜାଳରେ ମୁଁ ଅଧା ଦିନରେ ବୁଢ଼ୀ ହୋଇଯିବି । ଜମି ବିକ୍ରି କରି ବାହାଘର କରିବା ପ୍ରଶ୍ନ ଉଠୁନି । ମୋରି ପାଇଁ ଆମ ପରିବାର ଅଭାବ ଅନଟନରେ ସଢ଼ିବେ, ଏହା ମୁଁ ସହି ପାରିବିନି । ହସି ହସି ବୋଉକୁ କହେ-ବୋଉଲୋ, ବାହାଘର ଭାଙ୍ଗିଗଲା ଯେ ଗୋଟେ ଗ୍ରହ କଟିଗଲା । ତୁ ବ୍ୟସ୍ତ ହୋନା । ମୁଁ ପୁରୁଣା ସିଲେଇ ମେସିନ୍ ଆଣି ସାୟା, ବ୍ଲାଉଜ ତିଆରି କରି ଦି ପଇସା ରୋଜଗାର କରିବି । ଆମର ଅଭାବ ଘୁଞ୍ଚିବ । ମୋର ସାନ ଚାରିଭାଇଙ୍କୁ ପାଠ ପଢ଼େଇ ମଣିଷ କରିବି । ମୁଁ ତୋର ବଡ଼ପୁଅ । ମୁଁ ବାହା ହେବିନି ବୋଲି ନିଷ୍ପତ୍ତି ନେଇଛି । ତୁ କାହିଁକି ଏତେ ଲୋକଙ୍କୁ ଡାକି ଲୀଳା ଲଗାଉଛୁ ?

ସକରାତ୍ମକ ମାନସିକତାର ପ୍ରତିମୂର୍ତ୍ତି ହେଉଛି କୁନିଅପା । ବୟସ ଗଡ଼ି ଯାଇଥିଲେ ବି ସେ କେବେ ଭାଙ୍ଗିଯାଏନା । ତାଠାରୁ ସାତସାନ ଗାଁ ଝିଅମାନଙ୍କର ବାହାଘର ବେଳେ ସେ ମାଡ଼ିଯାଏ ମହା ଆନନ୍ଦରେ । ଗାଁ ଝିଅମାନଙ୍କୁ ସଜେଇ ଝିଅମାନଙ୍କୁ ବେଦୀକୁ ଆଣିଲା ବେଳେ ହସରେ ଫାଟି ପଡୁଥାଏ କୁନିଅପା । ଅତିଥିମାନଙ୍କୁ ସତ୍କାର କଲାବେଳେ ତା ହାତଗୋଡ଼ ତଳେ ଲାଗେନା ।

ସ୍ମୃତି ସବୁବେଳେ ଭାବେ କୁନିଅପା କେତେ ସ୍ୱଚ୍ଛନ୍ଦ, ସ୍ୱତଃସ୍ଫୁର୍ତ୍ତ ଓ ସାବଲୀଳ । ତାର ଚଳଣି, ଚମକ ଓ ଚାହାଣିର ଅନନ୍ୟତା, ଆବେଗ ଓ ଅନୁରାଗର ମଧୁରତା ସ୍ମୃତିକୁ ମୁଗ୍ଧ କରେ । ସମସ୍ତ ପ୍ରତିକୂଳତା ସତ୍ତ୍ୱେ ଜୀବନ ଯେ ସମ୍ଭାବନାପୂର୍ଣ୍ଣ, ଏହି ଭାବନା ଓ ଆଶ୍ୱାସନା କୁନିଅପା ଜୀବନର ପୁଞ୍ଜି । ତାର ଆଶାୟୀ ଆଖିରେ ଫୁଟନ୍ତା ଚମ୍ପାର ସୁନେଲି ଚମକ । ମଧୁର ମିଛ କହି ଅନ୍ୟର ମୁହଁରେ ହସ ଫୁଟାଏ ।

ଗାଁରେ ସମସ୍ତେ ସ୍ଥିର ନିଶ୍ଚିତ ହେଲେ ଯେ କୁନିଅପା ଚିରକୁମାରୀ ହୋଇ ରହିଯିବ । ଷାଠିଏ ମହଣ ଘିଅ ହେବ ନା ରାଧା ନାଚିବ । ଗାଁରେ ସଞ୍ଜ ନଇଁଗଲେ ଟୁପୁରୁ ଟୁପୁରୁ କଥା ହୁଏ ଅନ୍ଧାର । ଲାଜର ଓଢ଼ଣା ଫାଙ୍କରେ ଦିକ୍ ଦିକ୍ କରି ଚାହିଁଥାନ୍ତି ତାରାମାନେ । ସ୍ମୃତି ଭାବେ ନିରନ୍ଧ୍ର ଅନ୍ଧାର ଭିତରେ ଦିନର ଚାହି ଚାପରା ଶୁଣି ଶୁଣି କୁନିଅପାର ଆଖି ଚିରି ଝରି ପଡୁଥିବ କେଇଟୋପା ଲୁହ । ସେ ନିଜ ଭିତରେ ଜାକି ଜୁକି ରଖୁଥିଲା ନିଜକୁ ପ୍ରତିଦିନ ମରିମରି ବଞ୍ଚି ରହିଥିବା ଅମରି ଲଟାଟିଏ ଭଳି । ତାର ଉଚ୍ଛୁଳା ହସ ଭିତରେ ନିଶ୍ଚୟ ଲୁଚିଥିବ ଅନ୍ତରର ଦହନ, କ୍ଷତର ଗଭୀରତା, ଜ୍ୱଳନର ପ୍ରଖରତା । ଜୀବନକୁ ସାଧନାର ବେଦୀରେ ଦୀପଟିଏ କରି ନିଜକୁ ନିର୍ଦ୍ଵନ୍ଦରେ ନିଃଶେଷ କରିଚାଲିଛି । ସ୍ମୃତି ବୁଝିପାରେନା କୁନିଅପାର ହସକୁ, କୁନିଅପାକୁ । କେଉଁ ଧାତୁରେ ସେ ଗଢ଼ା କେଜାଣି ? ତା ଆଖିରେ ଲୁହ, ଛାତିରେ କୋହ, ମୁହଁରେ ଅନିଶ୍ଚିତ ଭବିଷ୍ୟତର ଚିନ୍ତା ସ୍ମୃତି କେବେ ଦେଖିନି ।

ବାହାଘର ପରେ ଭୁବନେଶ୍ୱରରେ ୧୦ବର୍ଷ ରହିଲା ପରେ ରଜକୁ ଥରେ ସ୍ମୃତିର ବାପା ଆସି କହିଲେ-ଜାଣିଲୁନି ନା, କୁନିର ଏହା ଭିତରେ ଗୋଟେ ବଡ଼ଘରେ ବାହାଘର ହୋଇଯାଇଛି । ତାର ଶ୍ୱଶୁର ଚିଫ୍ ଇଂଜିନିୟର । ତାଙ୍କର ଅଚଳାଚଳ ସଂପତ୍ତି । ଭୁବନେଶ୍ୱରରେ ଆଠ ଦଶୋଟି ଘର । ଭଡ଼ା ଯେତିକି ପାଆନ୍ତି, ସେଥିରେ କଚେ ପୁଅ ବାର । କୁନି ଏବେ ରାଜରାଣୀ ସାଜି ଗୋଡ଼ହାତ ଲମ୍ୱେଇ ବସିଛି । ଚାରିପଟେ ଚାକର ଚାକରାଣୀ ଘେରିକି ରହିଛନ୍ତି । ତାର ସାହାଯ୍ୟ ପାଇ ତାର ବାପା ଭାଇ ଘିଅ ମହୁରେ ଭାସୁଛନ୍ତି ।

ତାର ଉତ୍କଣ୍ଠାକୁ ରୋକି ନ ପାରି ସ୍ମୃତି ତାର ବାପାଙ୍କୁ ପଚାରିଲା-ଏତେ ବଡ଼ ଲୋକ ଘର । କୁନିଅପା ଭଳି ଗରିବ ଘରର ଝିଅକୁ କିଭଳି ବୋହୂ କଲେ ?

—ଆଲ୍ଲା ଯେତେବେଳେ ଦିଅନ୍ତି ଛପର ଫାଡ଼ି କରି ଦିଅନ୍ତି । ଆମ ଗାଁର ବଡ଼ କଣ୍ଟ୍ରାକ୍ଟରର ଝିଅକୁ ଦେଖିବାକୁ ଚିଫ୍ ଇଞ୍ଜିନିୟର ସପରିବାର ଆସିଥିଲେ । ତାଙ୍କ ଏକମାତ୍ର ପୁଅ ସହ ବାହାଘର ପଡ଼ିଥିଲା । ଅତିଥିମାନଙ୍କ ସତ୍କାର କରିବା ପାଇଁ ସେ କୁନିକୁ ନିୟୋଜିତ କରିଥିଲେ । କୁନିର ଚାଲି ଚଳନ, କଥାବାର୍ତ୍ତା, ଢଙ୍ଗ ଢାଙ୍ଗ, ଅପୂର୍ବ ରୂପ ଲାବଣ୍ୟ ଦେଖି ଚିଫ୍ ଇଞ୍ଜିନିୟର ଏପରି ମୁଗ୍ଧ ହୋଇଗଲେ ଯେ ବିନା ଯୌତୁକରେ ବାହାଘରର ଦୁଇପଟ ଖର୍ଚ୍ଚ କରି କୁନିକୁ ବୋହୂ କରିନେଲେ । କଣ୍ଟ୍ରାକ୍ଟରଙ୍କ ଝିଅର ଏକବର୍ଷ ପରେ ଅନ୍ୟ ଜାଗାରେ ବାହାଘର ହେଲା ।

କୁନି ଅପାର ଅପ୍ରତ୍ୟାଶିତ ଭାଗ୍ୟୋଦୟ ବିଷୟଶୁଣି ସ୍ମୃତି ଆନନ୍ଦରେ କୁରୁଳି ଉଠୁଥିଲା । ମଣିଷ ଯାହାକୁ ହୃଦୟରୁ ଭଲ ପାଏ, ତାର ଶୁଭ ସମାଚାର ଶୁଣିଲେ ମଣିଷ ଏକ ଅପୂର୍ବ ଖୁସିରେ ବିଭୋର ହୋଇଯାଏ ।

ଏବେ ପାଞ୍ଚ ବର୍ଷ ପରେ କୁନିଅପା କଥା ମନେ ପଡ଼ିବାରୁ ସ୍ମୃତି ତାର ବାପାଙ୍କୁ ଫୋନ୍ କରି କୁନିଅପାର ଠିକଣା ସଂଗ୍ରହ କଲା । ଗୌତମ ନଗରରେ କୁନି ଅପା ତ ଅନେକ ଘରର ମାଳିକାଣୀ । ସେଥିରୁ ଗୋଟିଏ ଭଡ଼ାଘର ପାଇଗଲେ ତା ମୁଣ୍ଡ ଉପରେ ପାହାଡ଼ ଭଳି ଜମି ଉଠିଥିବା ଚିନ୍ତା ଦୂର ହୋଇଯିବ । ପୁଣି ଭାବୁଥିଲା-ଘର ମାଲିକମାନେ ଚିହ୍ନା ପରିଚିତ, ବନ୍ଧୁବାନ୍ଧବ ଲୋକଙ୍କୁ ଘର ଭଡ଼ା ଦିଅନ୍ତିନି । ସେମାନଙ୍କ ଘର ଭଡ଼ା ବଢ଼ାଇବାକୁ କିମ୍ବା ସେମାନଙ୍କୁ ଘରୁ ବାହାର କରିବାକୁ ତାଙ୍କ ମନରେ ସଂକୋଚ ଜାତହୁଏ । ତେଣୁ କୁନିଅପା ତାକୁ ଘର ଭଡ଼ା ନ ଦେଇ କିଛି ବାହାନା ଦେଖାଇ ମନା କରିଦେଇପାରେ ।

ଏଭଳି ଅନିଶ୍ଚିତତା ଭିତରେ ସ୍ମୃତି ରବିବାର ଦିନ ଅପରାହ୍ଣରେ କୁନିଅପାର ଗୌତମନଗର ଘରେ ପହଞ୍ଚିଲା । ସୁନ୍ଦର ଆକର୍ଷଣୀୟ ଘର ଗୁଡ଼ିକୁ ଦେଖି ମୁଗ୍ଧ ହୋଇଥିଲା ସ୍ମୃତି । କୁନିଅପା ତା ଘରର ପୋର୍ଟିକୋରେ ଏକ ଝୁଲନ୍ତା ଦୋଳିରେ ରାଜଜେମା ପରି ଝୁଲୁଥିଲା । ଦେହରେ ନୀଳ ବନାରସୀ ପାଟ, ବେକରେ ପାଞ୍ଚଭରି ସୁନାର ଏକ ଚିକ୍‌ମିକ୍ କରୁଥିବା ମନମତାଣିଆ ହାର, ତାର ଗୋରା ତକ ତକ ହାତରେ ପ୍ରଶସ୍ତ ସୁନା ବାଉଟିର ମେଲଣ । ଚକା ମୁହଁର ଦୁଇପଟେ ଦୁଇ ଓଜନଦାର ଇୟରିଂ । ପାଟିରେ ପାଟିଏ ପାନ । ପାନର ଲାଲରଙ୍ଗରେ ତାର ଓଠ ଲାଲ ଟହଟହ ହୋଇ ଝଲସୁଥିଲା । ପ୍ରଥମକରି କୁନିଅପାର ତାମ୍ବୁଳ ରଙ୍ଗରଞ୍ଜିତ ଆକର୍ଷଣୀୟ ଅଧରକୁ ଦେଖି ଉଲ୍ଲସିତ ହେଉଥିଲା ସ୍ମୃତି । କୁନିଅପାକୁ ଐଶ୍ୱର୍ଯ୍ୟର ଐରାବତ ଓ ପ୍ରାଚୁର୍ଯ୍ୟର ପାହାଡ଼ ଉପରେ ଦେଖି ସ୍ତମ୍ଭୀଭୂତ ହୋଇଥିଲା ସ୍ମୃତି । ସ୍ମୃତିକୁ ଦେଖି କୋଟି ଆଦର କରି କୋଳେଇନେଲା

କୁନିଅପା । କିଛି ସମୟ ହସ ଖୁସିରେ କଥାବାର୍ତ୍ତା ପରେ ସ୍ମୃତି ଥରିଲା ଥରିଲା କଣ୍ଠରେ କହିଲା- କୁନି ଅପା, ମୁଁ ବଡ଼ ବିପଦରେ ପଡ଼ିଛି । ଏ ବିପଦରୁ ତୁ ହିଁ ମୋତେ ରକ୍ଷା କରିପାରିବୁ । ଘର ମାଲିକ ଘର ଛାଡ଼ିବାକୁ ବାରମ୍ବାର ଧମକ ଦେଉଛି । ବସେଇ ଉଠେଇ ଦେଉନି । ଆମେ ଦୁଇପ୍ରାଣୀ ଚିନ୍ତାରେ ଭୋକ ଶୋଷ ଭୁଲି ଗଲୁଣି । ତୁମର ତ ଏତେ ଘର, ମୋତେ ଗୋଟିଏ ଦୁଇ ବଖୁରିଆ ଘରଟିଏ ଭଡ଼ା ଦେଲେ ମୁଁ ତୋର ଋଣୀ ହୋଇଯିବି କୁନି ଅପା ।

କୁନିଅପା ହସରେ ଉଛୁଳି ପଡ଼ି କହିଲା-ଏଟା ଗୋଟାଏ କଥା । ତୁ କହିବାକୁ ଥଅମମ ହେଉଛୁ । ଆମର ଗୋଟିଏ କ୍ୱାର୍ଟର ଖାଲି ଅଛି, ମୁଁ ତାକୁ ତୋ ପାଇଁ ରଖିବି । ମୋ ସୁନା ଭଉଣୀଟା ମୋ ପାଖରେ ରହିବ । ମୋର ମନ କେତେ ଖୁସି, ତୁ ବିଶ୍ୱାସ କରିପାରିବୁନି । ଭଡ଼ା କଥା ଚିନ୍ତା କରନା, ଅନ୍ୟମାନେ ଯାହା ଦେଉଛନ୍ତି, ତୁ ସେତିକି ଦେବୁ ।

ସ୍ମୃତିର ପିଣ୍ଡରେ ପ୍ରାଣ ପଶିଗଲା । ଅଥଳ ଜଳରେ ଭାସି ଯାଉଥିଲା ବେଳେ ଯେମିତି କୂଳଟି ପାଖରେ ପହଞ୍ଚିଗଲା । କୁନି ଅପାର ହାତ ଯୋଡ଼ିକୁ ଜାବୁଡ଼ି ଧରି କହିଲା-କୁନିଅପା, ତୁ ମୋତେ ବଞ୍ଚେଇ ଦେଲୁ । ଦୁଇମାସ ହେବ ବାରଘର ଶୁଖିପିଣ୍ଡା ହୋଇ ମୁଁ ଭାଙ୍ଗି ପଡ଼ିଥିଲି । ଘର ମାଲିକର ନିର୍ଯ୍ୟାତନା ଦିନକୁଦିନ ବଢ଼ି ଚାଲିଥିଲା । ବେଳେ ବେଳେ କହୁଥିଲା- ଶୀଘ୍ର ଘରଛାଡ଼ । ନଚେତ୍ ଇଲେକ୍ଟ୍ରିସିଟି ଓ ପାଣି ତୁମ ଘରକୁ ବନ୍ଦ କରିଦେବି ।

କୁନିଅପା ଘରୁ ଫେରିଲା ପରେ ସ୍ମୃତି ଆଶ୍ୱସ୍ତିର ଆନନ୍ଦରେ ଉଲ୍ଲସିତ ଅନୁଭବ କରୁଥିଲା । ଗୌତମ ନଗର ଭଳି ସମ୍ଭ୍ରାନ୍ତ ସ୍ଥାନରେ ଘରଟିଏ, ପୁଣି ହାତ ପାହାନ୍ତାରେ ମମତାମୟୀ କୁନି ଅପା । ଭଲରେ ମନ୍ଦରେ, ଝଡ଼ରେ ଝଞ୍ଜାରେ ତା ପାଖରେ କୁନିଅପା ଠିଆ ହୋଇ ପଡ଼ିବ ସହାୟତାର ସ୍ତମ୍ଭଟିଏ ସାଜି ।

କୁନି ଅପାର ଭଡ଼ାଘରେ ରହିବାର ଦଶଦିନ ହୋଇଗଲାଣି । ଘର ସଜାଡ଼ିବାରେ ସ୍ମୃତି ଏତେ ବ୍ୟସ୍ତ ଥିଲା ଯେ କୁନିଅପା ଘରକୁ ଯିବ ଯିବ ବୋଲି ଯାଇ ପାରିନି । ସେ ଦିନ ରାତି ଏଗାରଟା ବେଳକୁ ତାକୁ ଛାଇନିଦ ଆସିଲା ବେଳକୁ ଏକ ପ୍ରଚଣ୍ଡ ଚିତ୍କାର ଶୁଣି ଚମକି ପଡ଼ିଲା ସେ । ନିଦ ମଳମଳ ଆଖିରେ ଝରକା ପାଖରେ ଅନାଇଲା ବେଳକୁ ଦେଖିଲା-ଗୋଟିଏ ଲୋକ ହାଫ୍‌ପ୍ୟାଣ୍ଟ ପିନ୍ଧିଛି । ଦେହରେ ବାନ୍ୟାନ୍, କାନ୍ଧରେ ଗାମୁଛା । ମଦଖାଇ ନିଶାରେ ଚୁର୍ । ତାରି ଘର ସାମ୍ନାରେ ତାଣ୍ଡବ ନୃତ୍ୟ କରୁଛି । ଉସ୍ତକୂପରୁ ଜଳ ଉଦ୍‌ଗୀରଣ ହେବାପରି ଅଶ୍ଳୀଳ ଶବ୍ଦଗୁଡ଼ା ତା ପାଟିରୁ ଅନର୍ଗଳ ଓଗାଳି ଚାଲିଛି । ପାଟିରେ ବାଡ଼ ବତା ନାହିଁ । ଦଲାଣ ଉପରେ ଏପରି ଡେଉଁଥାଏ ଯେପରି ଦଲାଣକୁ ଫଟେଇ ଦେବ । ପ୍ରଳୟର ଏ ତାଣ୍ଡବ ଚାଲିଥିବା ବେଳେ ସବୁ ଭଡ଼ାଟିଆମାନେ ଝରକା ପାଖରେ ଠିଆ ହୋଇ ଏହି ଦୃଶ୍ୟକୁ ଉପଭୋଗ କଲାଭଳି ପ୍ରତୀୟମାନ ହେଉଥିଲା । ପ୍ରାୟ ଏକ ଘଣ୍ଟା ପ୍ରଳୟ କଲା ପରେ ଲୋକଟି ଦୁମ୍‌କିନା ତଳେ ବସି ପଡ଼ି କିଛି ସମୟ ପରେ ଦଲାଣ ଉପରେ ଶୋଇପଡ଼ିଲା । ତାପରେ ଚାରିଆଡ଼େ ନିରବତା, ଶୂନ୍ ଶାନ୍ ।

ସ୍ମୃତି ଭାବୁଥାଏ-ଏ ଅସାମାଜିକ ବ୍ୟକ୍ତିଟି କାହିଁକି ଏପରି ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରୁଛି ? ଭଦ୍ର ପରିବାର ଭିତରେ ଅଭଦ୍ର ଆଚରଣ ଓ ଉଚ୍ଚାରଣ କରୁଛି ? କୁନିଅପା ଏହାକୁ ପୋଲିସ୍ ଦ୍ୱାରା ଆରେଷ୍ଟ କରାଇ ତାକୁ ଜବତ୍ କରିବା କଥା । ଏତେ ଲୋକଭିତରେ ଗୋଟିଏ ଲୋକ ପ୍ରଳୟ କରୁଛି, ସମସ୍ତେ ସାଜିଛନ୍ତି ଦର୍ଶକ ଓ ଶ୍ରୋତା । ତାର ଦିଅର ଓଲ୍ଡ଼ ଟାଉନ୍ ଥାନାରେ ପୋଲିସ ଅଫିସର । କାଲି ତାକୁ ସବୁକଥା କହି ତାକୁ କିପରି ଗିରଫ କରାଯିବ, ତାର ବନ୍ଦୋବସ୍ତ କରିବ ବୋଲି ସ୍ମୃତି ନିଷ୍ପତ୍ତି ନେଇଥିଲା । କିନ୍ତୁ ତା ପୂର୍ବରୁ କୁନିଅପା ସଙ୍ଗରେ ଆଲୋଚନା କରିବା ଜରୁରୀ। ଏଭଳି ଅପ୍ରୀତିକର ପରିସ୍ଥିତି ଯେପରି ଆଉ ନ ଉପୁଜେ, ସେଥିପାଇଁ କାର୍ଯ୍ୟାନୁଷ୍ଠାନ ନେବାକୁ କୁନିଅପାକୁ ପରାମର୍ଶ ଦେବ । ସେ ଭାତୁଆ, ମଦୁଆ, ଅଭଦ୍ର ଲୋକଟାକୁ ପାନେ ଚେଙ୍କ ଦେବାକୁ ପଡ଼ିବ । ଏଭଳି ଅଶ୍ଳୀଳ ଶବ୍ଦ ଶୁଣିଲେ, ଛୋଟ ପିଲାମାନଙ୍କ ଉପରେ ଖରାପ ପ୍ରଭାବ ପଡ଼ିବ । ଯେମିତି ହେଲେ ୟାକୁ ବନ୍ଦ କରିବାକୁ ପଡ଼ିବ ।

ସକାଳ ଘରକାମ ସାରି ଅଫିସ ଗଲାପରେ ଓ ପିଲାମାନେ ସ୍କୁଲ ଗଲା ପରେ ସ୍ମୃତି ପହଞ୍ଚିଗଲା କୁନିଅପା ପାଖରେ । ବ୍ୟସ୍ତ ବିବ୍ରତ ସ୍ୱରରେ କହିଲା-କୁନିଅପା, କାଲି ଗୋଟାଏ ଲୋକ ରାତିରେ ମଦ ଖାଇ ତାଣ୍ଡବ କରୁଥିଲା, ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରୁଥିଲା, ସେ କିଏ ? ତୁମେ ତା ନାଁରେ ପୋଲିସ୍ ପାଖରେ ଏଫ୍ ଆଇ ଆର୍ ଦିଅ । ପୋଲିସ୍ ତାକୁ ଗିରଫ କରି ଉତ୍ତମ ମଧ୍ୟମ ଦେଲେ, ସେ ଆଉ ଦିନେ ଏପରି କାର୍ଯ୍ୟ କରିବାକୁ ସାହସ କରିବ ନାହିଁ ।

ସ୍ମୃତି କଥା ଶୁଣି କୁନି ଅପା ହସରେ ଏମିତି ଉଛୁଳି ପଡ଼ିଲା ଯେ, ସେ ଅବାକ୍ ହୋଇଗଲା । କୁନି ଅପା ହସରେ ଜୁଡୁବୁଡୁ ହୋଇ କହିଲା- ଦେଖିଲୁତ ସେ ମହାତ୍ମାଙ୍କର ସଂସ୍କୃତରେ କି ଅଗାଧ ପାଣ୍ଡିତ୍ୟ, କି ସୁନ୍ଦର ଉଚ୍ଚାରଣ । ସେ ଉଦଣ୍ଡ ଦୃଶ୍ୟ ଦେଖି ତୁ ସ୍ତମ୍ଭୀଭୂତ ହୋଇ ଯାଇଥିବୁ । ଶିବଙ୍କ ତାଣ୍ଡବ ନୃତ୍ୟ । ଆମ କଲୋନି ପଡୁଥାଏ, ଉଠୁଥାଏ । ଏତିକି କହିଲା ପରେ ପୁଣି କୁନିଅପା ହସରେ ଫାଟିପଡ଼ି କହିଲା-ବୋକିଟା, ତୁ ଜାଣିନୁକି ? ସେ ପା ତୋ ସମ୍ମାନନୀୟ ଭିଣୋଇ, ମୋର ସ୍ୱାମୀ, ମୋ ଇହକାଳ ପରକାଳର ଦେବତା ।

ପୁଣି କୁନିଅପା ଏପରି ହସିଲା ଯେ ତା ପାନଖିଆ ପାଟିରୁ ଲାଲ ରଙ୍ଗର ତରଳ ସ୍ରୋତ ଓଠର ଉପକୂଳ ଡେଇଁ ଠପ୍ ଠପ୍ ତଳେ ପଡୁଥିଲା । କିନ୍ତୁ କୁନିଅପାର ହସ ବନ୍ଦ ହେଉନଥିଲା ।

ସ୍ମୃତି ଅପଲକ ନୟନରେ କୁନିଅପାକୁ ଆଶ୍ଚର୍ଯ୍ୟ ଚକିତ ହୋଇ ଅନାଇ ରହିଥିଲା ।

***୧୫୭, ଗୌରୀଗାର୍ଡ଼େନ, ଭୁବନେଶ୍ୱର-୨***
***ଦୂରଭାଷ: ୯୫୭୪୩୩୧୯୫୭***

# ବିଶୁ ମହାରାଣା ସୁତ

ପଦ୍ମନାଭ ସାହୁ

ଛାତ ଢ଼ଳେଇ କାମରେ ଆଖି ପକାଉ ପକାଉ ନିହାର ପାଟିକଲା ଆରେ ହେ..ଏକ'ଣ କରୁଛ ! ତୁମମାନଙ୍କର ଦାୟିତ୍ୱ ବୋଲି କିଛି ନାହିଁ। ସରକାରୀ କାମ ଭାବିଲ କି ! ସିମେଣ୍ଟ୍ ବାଲି ଚିପସ୍ ଘୋଳା ମସଲାତକ ଢ଼ାଳି କରଣି, ଉସା, ଗଜ୍‌ବାଡି, ଚହଲାଇ ସମାନ କରିଦେଲେ ହେଲା। ତେଣିକି ମେଘରୁ ବର୍ଷାପାଣି ଗଡୁ  ନଗଡୁଣ୍ଡୁ, ଇ'ଆଡ଼େ ଘର ଭିତରେ ବନ୍ୟା। ତାଗିଦ୍ ଶୁଣି ମିସ୍ତ୍ରୀମାନେ ତତ୍ପର ହୋଇ ଉଠିଲେ। ରେଜାମାନେ କଢ଼େଇରେ ମସଲା ବୋହି ଆଣି ଲୁହାଛଡ଼ ଦେହରେ ଯେଉଁ ଯେଉଁଠି ଢାଳୁଥିଲେ, ହେଳା ନକରି ହେଲ୍‌ପର୍ ଏବଂ ମଜୁରିଆ ତାର ସରଜମିନ୍ ତଦାରଖ ପାଇଁ:ଲାଗି ପଡ଼ିଲେ। - ଭାଇବ୍ରେଟର୍ ଚଳାଅ, ପଞ୍ଚ୍‌ମାରି ଭଲଭାବେ ମସଲା ସେଟ୍‌କର, ଭଏଡ଼୍ ନରହେ ଯେମିତି ନଜର ଦିଅ, ଇତ୍ୟାଦି ଇତ୍ୟାଦି ମିସ୍ତ୍ରୀ ମଜୁରିଆଙ୍କ ଉଚ୍ଚବାଚରେ ଘର ନିର୍ମାଣ ଇଲାକାଟି ମୁଖର ହେଲା। ପରିବେଶ କୋଳାହଳମୟ ହୋଇ ଉଠିଲା। ଟିକିଏ ପୂର୍ବରୁ ଢ଼ଳେଇ ସମ୍ପନ୍ନ ହୋଇଥିବା ଘର ବାରଣ୍ଡାରୁ ଛାତ ସଂଯୋଗ କରୁଥିବା ସିଡ଼ିଦେଇ ଏଥର ଆଇସ୍ତା ତଳକୁ ସେ ଓହ୍ଲାଇଲା। ଭାଗମାପ ଅନୁଯାୟୀ ଚିପସ୍‌ରେ ସିମେଣ୍ଟ୍ ବାଲି ପଡ଼ି ମସଲା ଗୋଳା ହେଉଛି କି ନାଇଁ ନିରୀକ୍ଷଣ କ୍ରିବାକୁ ମିକ୍ସଚର୍ ମେସିନ ପାଖରେ ଆସି ଠିଆହେଲା। ଚନ୍ଦ୍ରଭାଗା ତଟ ସୂର୍ଯ୍ୟମନ୍ଦିରର ଚୂଡ଼ାମାରୁଥିବା ବିଶୁ ମହାରଣା ତନୟ ସମ ନିଷ୍ଠା ସହକାରେ ଘରଛାତ ଢ଼ଳେଇ କାମର ସବୁଦିଗ ପ୍ରତି ସେ ଅନୁଧ୍ୟାନ କରିଚାଲିଲା। ତା' ଜୀବନର ଆଜି ସବୁଠାରୁ ମହାର୍ଘ୍ୟ ଦିବସ। ପ୍ରଭୁ ହେ' କାମଟି ନିର୍ବିଘ୍ନରେ ସମାପନ କରିବାରେ ସହାୟକ ହୁଅ ! ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ମନେମନେ ମୁଣ୍ଡିଆ ମାରି ପ୍ରାର୍ଥନା ଜଣାଇଲା।

> ଗାଡ଼ିବାଲାଙ୍କୁ ବିଦାକରି ମଜୁରୀ ପଇସା ଧରି ଲେଉଟି ମେସିନ୍ ସୁଇଚ୍ ବନ୍ଦକଲା ନିହାର। ଘରର ଛାତ ଉପରେ ଯାଇ ପୁଣି ମିସ୍ତ୍ରୀ ମଜୁରିଆମାନଙ୍କ କାମରେ ଦୃଷ୍ଟି ନିକ୍ଷେପ କଲା। ଢ଼ଳେଇ କାର୍ଯ୍ୟ ଆଗକୁ ବଢ଼ି ଚାଲିଥିଲା। ନିହାର ଦୀର୍ଘଦିନ ହେଲା ମନେମନେ ଜଗି ବସିଥିଲା, ଜୀବନର ଏଇ ଶୁଭଦିନଟି କେବେ ଆସିବ, ଘରର ଛାତ ପଡ଼ିବ।

ମିକ୍ସଚର୍ ମେସିନ୍ କାର୍ଯ୍ୟର ତଦାରଖ କରୁକରୁ ସମୟ ପୂର୍ବାହ୍ନ ଏଗାର ଘଟିକାରୁ ଊର୍ଦ୍ଧ୍ୱ ହେଲା। ତା ସାନ ଭଉଣୀ 'ବେବୀ' ଆସି ଖବର ଦେଲା ଭାଇ, ବାଇକ୍ ଓ ଗାଡ଼ିବାଲାମାନେ ଆସି ତୋତେ ଖୋଜିଲେଣି। ଗ୍ୟାରେଜ୍ ଯାଆ, ଏଠାକା କାମ ମୁଁ ଦେଖୁଛି। ଅନୁଜା ଆଡ଼େ ସ୍ନେହଦୃଷ୍ଟି ଢ଼ାଳି ଘରର ଖଣ୍ଡେ ଦୂରକୁ ରାଜରାସ୍ତା ଧାରେ ବାଇକ୍,ସ୍କୁଟି ଓ ଚାରିଚକିଆ ଗାଡ଼ିର ପୁରୁଣା ଟାୟାର୍ ଥାକମାରି ଚିହ୍ନିତ କରିଥିବା ଆପଣାର ଗ୍ୟାରେଜ୍‌ରେ ଆସି ସେ ଉପସ୍ଥିତ ହେଲା।

ନିହାର ଘରଠାରୁ ରାଜରାସ୍ତାର ବ୍ୟବଧାନ ସ୍ୱଳ୍ପଦୂର। ମାତ୍ର ଅଶି ଶହେ ମିଟର୍‌ର ତଫାତ। ହେଲେ, ମୁଖ୍ୟ ସଡ଼କରୁ ତାଙ୍କ ଘର ପର୍ଯ୍ୟନ୍ତ ଅଣଓଷାରିଆ ପାଦଚଲା ରାସ୍ତା। ସାଇକଲ୍ ସ୍କୁଟି ଓ ବାଇକ୍ ଆଦି ଦୁଇଚକିଆ ଯାନ ଯାହା ଯିବା ଆସିବା କରିପାରେ। ସେଇଥି ପାଇଁ ମ୍ୟାନ୍‌ରୋଡ୍ କଡ଼ ସ୍ଥାନଟିକୁ ସେ ଗ୍ୟାରେଜ୍ କରିଛି। ଗାଡ଼ିର ଟାୟାର୍ ଟିଉବ୍ ହାୱାପ୍ରେସର୍ ଚେକ୍‌ଅପ୍ ଓ ପଙ୍କ୍‌ଚର୍ ମରାମତି ଲାଗି ଦରକାର ହେଉଥିବା ହାୱା ତିଆରି 'ଟାଙ୍କି କମ୍ପ୍ରେସର'୍ ମେସିନ ନିଜ ଟାଇଲିଘର ସଂଲଗ୍ନ ଚାଳିଆରେ ଖଞ୍ଜି ରଖିଛି। ମେସିନ୍‌ରୁ ପାଇପ୍‌ଯୋଡ଼ି ସଡ଼କଯାଏ ହାୱାଆଣି ଗ୍ୟାରେଜ୍ କାମକରେ।

ଆଜି ତାକୁ ଆଦୌ ଫୁରୁସତ ନାହିଁ । ଇ'ଆଡ଼େ ଘରତିଆରି ସେ ପଟେ ଗ୍ୟାରେଜ୍, ଦୁଇଆଡ଼େ ନିଘା ରଖିବା ପାଇଁ ପଡୁଛି। ପୂର୍ବରୁ ଘର ନିର୍ମାଣ କେବଳ ଗ୍ରେଡ଼୍‌ବିମ୍ ପର୍ଯ୍ୟନ୍ତ ହେଇ ଦୀର୍ଘଦିନ ଧରି ଅଟକି ଥିଲା। ଈଶ୍ୱରଙ୍କ କରୁଣାରୁ ଗ୍ୟାରେଜ୍ ରୋଜଗାରରୁ ପ୍ରତ୍ୟହ ଶହେ ଦୁଇଶହ ସାଉଁଟି ମୋଟାଅଙ୍କର ଟଙ୍କାପଇସା ପକେଟ୍‌କୁ ଆସିବାରୁ, କାମରେ ସେ ହାତଦେଲା। ଲୁହାଛଡ଼, ଇଟା, ବାଲି ସିମେଣ୍ଟ୍  ଇତ୍ୟାଦି ନିର୍ମାଣ ସାମଗ୍ରୀ

କିଣି ଧୀରେଧୀରେ ଗଚ୍ଛିତ ରଖିଲା । ସମୟାନ୍ତରେ ମିସ୍ତ୍ରୀ ମଜୁରୀଆ ଲଗାଇ କଲମ୍ ଉପରକୁ ଉଠାଇ କାନ୍ଥଯୋଡ଼ା କାମ ଆଗକୁ ବଢ଼ାଇଥିଲା । ଲିନ୍‌ଟଲ୍ ଢ଼ଳେଇ ଓ କାନ୍ଥ ଯୋଡ଼େଇ ସମ୍ପୂର୍ଣ୍ଣ ହେଲା । ଛାତ ନିର୍ମାଣ ସକାଶେ ସେଣ୍ଟାରିଂ ଶେଷହେଲାରୁ ଇଞ୍ଜିନିୟରଙ୍କ ଉପଦେଶ ମୁତାବକ ଲୁହାରୋଡ୍ ବନ୍ଧାଗଲା । ଘର ତିଆରିର ଏଇତକ କାମ ସାରିବା ପାଇଁ ତାକୁ ବର୍ଷବର୍ଷ ଲାଗିଯାଇଛି ।

ମୁଣ୍ଡିମାରିବା କାର୍ଯ୍ୟରେ ଅବିକା ହାତ ଦେଇଛି । ଘରର ପ୍ଲାଷ୍ଟର୍ ଆଦି ସମ୍ପୂର୍ଣ୍ଣ କାମ ଶେଷ ହେବାକୁ ଆହୁରି ଅଛି ଢ଼େର୍‌ବାଟ । କେବେ ସରିବ ତାହା ଈଶ୍ୱରଙ୍କୁ ଜଣା । ଗରିବ ପରିବାରର ଏଇ ତିନି ବଖୁରିଆ ଛାତଘର ଖଣ୍ଡିକ ମୁଣ୍ଡଗୁଞ୍ଜିବା ପାଇଁ ଖାଲି ବାସଗୃହ ନୁହଁ, ତା' ଠାରୁ ଯଥେଷ୍ଟ ବେଶୀ । ପରିବାରର କୋଣାର୍କ ମନ୍ଦିର କହିଲେ ଚଳେ ।

ସାନଭଉଣୀ ଠାରୁ ଗ୍ୟାରେଜ୍‌ରେ ଗରାଖ ଅପେକ୍ଷା କଲେଣି ଖବର ପାଇ, ପଛକଥା ଭାଲୁଭାଲୁ ମିକ୍ସଚର୍ ମେସିନ୍ ନିକଟରୁ ଆସି ଚାଳିଆରେ ଥୋଇଥିବା 'ଟାଙ୍କି କମ୍ପ୍ରେସର'୍ ସୁଇଚ୍ ସେ ଅନ୍‌କଲା । ମିଟର୍ ଧରି ଗ୍ୟାରେଜ୍‌ରେ ଅପେକ୍ଷାରତ ବାଇକ୍ ଏବଂ ପିକ୍‌ଅପ୍‌ଭ୍ୟାନ୍ ଚକର ପ୍ରେସର୍ ରିଡ଼ିଂ ଯାଞ୍ଚକଲା । ଆବଶ୍ୟକ ଅନୁଯାୟୀ ହାୱାଦେଲା । ଗାଡ଼ିବାଲାଙ୍କୁ ବିଦାକରି ମଜୁରୀ ପଇସା ଧରି ଲେଉଟି ମେସିନ୍ ସୁଇଚ୍ ବନ୍ଦକଲା ନିହାର । ଘରର ଛାତ ଉପରେ ଯାଇ ପୁଣି ମିସ୍ତ୍ରୀ ମଜୁରିଆମାନଙ୍କ କାମରେ ଦୃଷ୍ଟି ନିକ୍ଷେପ କଲା । ଢ଼ଳେଇ କାର୍ଯ୍ୟ ଆଗକୁ ବଢ଼ି ଚାଲିଥିଲା । ନିହାର ଦୀର୍ଘଦିନ ହେଲା ମନେମନେ ଜଗି ବସିଥିଲା, ଜୀବନର ଏଇ ଶୁଭଦିନଟି କେବେ ଆସିବ, ଘରର ଛାତ ପଡ଼ିବ ।

ଆଜିର କାର୍ଯ୍ୟ ବ୍ୟସ୍ତତା ଭିତରେ ବି ଗତଦିନର ଘଟଣାମାନ ତାର ବେଶ୍ ମନେ ପଡୁଥିଲା । ବୁଢ଼ୀମା' ତାକୁ ବାରମ୍ବାର କହୁଥିଲା 'ବୁବୁ'ରେ ପରିସ୍ଥିତିରେ ପଡ଼ି ବହି ବସ୍ତାନିରେ ଡ଼ୋର ବାନ୍ଧିଲୁ । ଖଟିନାଟି, ପରିଶ୍ରମ କରି କେତେ କଷ୍ଟରେ ଯେ ସଂସାର ଚଳାଉଛୁ ସେ କଥା ମୁଁ ଜାଣେ ! ବୋଉ, ଜେଜେମା' ସଭିଙ୍କ କଥା ବୁଝୁଛୁ । ସାନ ଭଉଣୀକୁ ମଧ୍ୟ ପାଠ ପଢ଼ାଇ କଲେଜ୍ ପହଞ୍ଚାଇଲୁଣି । ଆମେ ବରଂ ମୋଟା ବଗଡ଼ା ଖାଇ, ଶସ୍ତା କପଡ଼ାର ଲୁଗାପଟା ପିନ୍ଧି ଦିନ କାଟିବା, ଏଣିକି ଗ୍ୟାରେଜ୍ କମାଣିରୁ କିଛିକିଛି ପଇସା ଜମା ର'ଖ୍ । ଗ୍ରେଡ୍‌ବିମ୍ ପର୍ଯ୍ୟନ୍ତ ହୋଇ ସେଇ ଯେ ସେଦିନ ଠାରୁ ବାକିପଡ଼ିଛି, ଘରଖଣ୍ଡିକ ଯେମିତି ହେଉ ମୁଣ୍ଡିମାରି ଦେ' । ମୋର ଜୀଇଁଥିବା ଭିତରେ କାମଟି ହେଇଗଲେ ତେଣିକି ମୋତେ ଶାନ୍ତି ମିଳିବ । କଥା ଆଗକୁ ବାଢୁଥିଲା, ତୁ କ'ଣ ଭାବୁଛୁ ମୋ ରହିବା ଲାଗି ଛାତଘର ଦରକାର ! ନାଇଁରେ ପାଗଳା, ନାଇଁ । ମୋର ତ ଯିବା ବେଳ । ଖାଲି ନାତି, ନାତୁଣୀ ଏବଂ ମୋ ହିନିକପାଳୀ ବୋହୂଟା ଲାଗି ଯାହା ଲୋଡ଼ା । ତୁମେସବୁ ଘରଭିତରେ ଶୋଇ ସୁଖ ସପନ ଦେଖିଲେ, ରାତି ଆକାଶର ତାରା ହେବାକୁ ମୁଁ ଚାଲିବି.. ଖୁସିଖୁସି ଚାଲିଯିବିରେ.. । ଜେଜେମା'ର ସେ ନୟନ ପିତୁଳା, ଆଦରର ନାତି । ଶ୍ରଦ୍ଧାରେ ତାକୁ 'ବୁବୁ' ବୋଲି ଡ଼ାକେ । ସାନ ଭଉଣୀକୁ 'ବେବୀ' । ସେଇ ନାଆଁରେ ଭାଇ ଭଉଣୀ ଦୁହେଁ ସାହିଭାଇରେ ପରିଚିତ । ଜେଜମା'କୁ ସେ କଥା ଦେଇଥିଲା, ଯେମିତି ହେଉ ଛାତ ଘରଖଣ୍ଡିକ ସମ୍ପୂର୍ଣ୍ଣ କରିବ । ଆଜି ତାହା ଫଳବତୀ ହେବାକୁ ଯାଉଛି ।

ମଜୁରିଆମାନେ ସକାଳ ନଅରୁ କାମରେ ଲାଗିଥିଲେ । ବେଳ ଦି'ପହର ପାରି ହେଲା । ବିରତି ନେଇ ଖିଆପିଆ ପରେ ପୁଣି କାମରେ ଲାଗିବେ । ସେମାନେ ତଳକୁ ଓହ୍ଲାଇଲେ । ନିହାର ଭାବନାର ଅନ୍ତ ଘଟିଲା । ଛାତ ଉପରୁ ସେ ମଧ୍ୟ ତଳକୁ ଆସିଲା । ଦେଖିବାକୁ ପାଇଲା, ନିଜର ଯେଉଁ ବାସଗୃହଟିକୁ ବାରବାର ମରାମତି କଲେ ବି ଗ୍ରୀଷ୍ମର ଟାଣଖରା ତା ଭିତରକୁ ଅବାଧ ପଶି ଆସେ, ଚତୁର୍ମାସିଆ ବର୍ଷାପାଣି ଗଳି ଚଟାଣ ଓ ଲୁଗାପଟା ଓଦା ସରସର କରି ପକାଏ; ବୁଢ଼ୀମା' ତଙ୍କର ସେଇ ପୁରୁଣା ଟାଇଲି ଘରଟାର ଖାଲି ଭିତର ବାହାର ହେଉଛି । ଗୋଡ଼ ତାର ଯେମିତି ତଳେ ଲାଗୁନି । ମନକୁ ମନ ସେ ହସିଲା । ମଜାକିଆ ସ୍ୱରରେ ପଚାରିଲା କ'ଣ କିଲୋ' ଜେଜେମା', ଆଜି କାହିଁକି ଏତେ ହରବର ! କ'ଣ ହେଇଛି ତୋର ! ଜେଜେମା' ତା ଆଡ଼େ ମୁଗ୍ଧ ନୟନରେ ଅନାଇଲା । ଭିତରକୁ ଡ଼ାକଦେଲେ ଆଲୋ' ଏ ବୋହୂ ପୁଅ ଆସିଲାଣି । ତାକୁ ଚଞ୍ଚଳ ଭାତ ବାଢ଼ି ଦେ', ଭୋକ କରିବଣି । ସକାଳ ପହରୁ କ'ଣ ଗଣ୍ଡେ ତୁଣ୍ଡରେ ଦେଇ କାମରେ ଲାଗିଛି ଯେ ଲାଗିଛି । ଥକି ପଡିବଣି । ଅଗଣାରେ ଥିବା ପାଣିଡ୍ରାମ୍‌ରୁ ମଗ୍‌ରେ ଜଳ କାଢ଼ି ହାତଗୋଡ଼ ଧୋଇ ଘରଭିତରକୁ ଯାଇ ଚଞ୍ଚଳ ଖିଆପିଆ ସେ ଶେଷ କରିନେଲା ।

ମିସ୍ତ୍ରୀ ରେଜା କୁଲିମାନେ ଖିଆପିଆ ସାରି କାମରେ ଯୋଗଦେଇ ନଥିଲେ । ପିଣ୍ଡାରେ ପଡ଼ିଥିବା ତକ୍ତପୋଷ ଉପରେ କାନ୍ଥକୁ ଆଉଜି ଘଡ଼ିଏ ବସିଗଲା ନିହାର । ନାନା ଅଭାବ ଅସୁବିଧା ଭିତରେ ଘର ନିର୍ମାଣ କାମର ଏକପ୍ରକାର ପରିସମାପ୍ତି ଘଟୁଥିବାରୁ ଗତଦିନ କଥାଗୁଡ଼ିକ ତାର ଖୁବ୍ ମନେପଡ଼ିଲା । ତାଙ୍କ ଟାୟାର୍ ଗ୍ୟାରେଜ୍ ଥିଲା ସହରକୁ ଲାଗି ଲମ୍ବିଥିବା ଜାତୀୟ ରାଜପଥ କଡ଼ରେ । ବାପା ବିଶେଶ୍ୱର ମହାରଣା ପରିଶ୍ରମୀ ଥିଲେ । ରୋଜଗାର ମନ୍ଦ ନଥିଲା । ଗ୍ୟାରେଜ୍ ପଇସାରେ ପରିବାର ଚଳାଇ ଦି'ପଇସା ସଞ୍ଚି ଏଇ ଛାତ ଘରଖଣ୍ଡିକ ମଧ୍ୟ ଆରମ୍ଭ କରିଥିଲେ । ହେଲେ ବିଧିର ଲିଖନ ଥିଲା ଅନ୍ୟ ପ୍ରକାର । ରାଜରାସ୍ତା ଚାରିଲେନ୍‌ରେ ପରିଣତ ହେବାରୁ ତାଙ୍କ ବେଉସା ଉଜୁଡ଼ିଗଲା । ବାଧ୍ୟହେଇ

ଟାୟାର୍ ଖୋଲିବା ଲିଭର୍, ମାର୍ତ୍ତୁଲ୍ ହାତୁଡ଼ି, ରେଞ୍ଚି ଓ ଟାଙ୍କିପ୍ରେସର୍ ମେସିନ୍ ଆଦି ଗ୍ୟାରେଜ୍ ଯନ୍ତ୍ରପାତି ବୋହି ଆଣି ଘରେ ସେ ଥୋଇଦେଲେ । ତାଙ୍କୁ ଚିନ୍ତା ଘାରିଲା ବେପାର କେଉଁ ସ୍ଥାନରେ ପୁନର୍ବାର ସଜାଡ଼ିବେ ! ପିଲାଛୁଆ ସଂସାର କେମିତି ଚଳାଇବେ ! ହୃଦ୍‌ଘାତରେ ହଠାତ୍ ସେ ଚାଲିଗଲେ । ପରିବାର ଉପରେ ବଜ୍ର ପଡ଼ିଗଲା । ସେତେବେଳକୁ ସେ ନବମ ଶ୍ରେଣୀର ଛାତ୍ର । ସାନ ଭଉଣୀର ବୟସ ମାତ୍ର ନଅବର୍ଷ ।

ଜ୍ଞାତି ପରିଜନ ଏବଂ ସାହିଭାଇ ସହାୟତାରେ ମୃତ ପିତାର ଦାହକାର୍ଯ୍ୟ ଓ ଦଶାହ, ଏକାଦଶାହ ଇତ୍ୟାଦି ଶୁଦ୍ଧିକର୍ମ ଶେଷ ହେଲା । ବୋଉ ଓ ବୁଢ଼ୀ ମା'କୁ ବୁଦ୍ଧିବାଟ ଦେଖା ଯାଉନଥିଲା, କ'ଣ କରିବେ !

ବାପଛେଉଣ୍ଡ ଛୁଆ ଦି'ଟାକୁ କିପରି ମଣିଷ କରିବେ ! ଦୁହିଁଙ୍କ ଅସହାୟତା ବୁଝିବାର କିଛିଟା ବୟସ ତାର ହୋଇଥିଲା । ମହାପ୍ରୁ' ତା ମନରେ ସାହସ ବୋଧହୁଏ ଭରିଦେଲେ ! ବୋଉ ଓ ବୁଢ଼ୀମା'କୁ ସେ କହିଥିଲା, ଏଣିକି ଆଉ ସ୍କୁଲ୍ ଯିବିନି । ଘର ଆଗ ପଟର ସଡ଼କ କଡ଼ରେ ଗ୍ୟାରେଜ୍ ଠିଆ କରିବି । ବାପାଙ୍କ ଠାରୁ ଟାୟାର୍ ଟିଉବ୍ ମରାମତି କାମ ଦେଖିଦେଖି ଶିଖିଛି । କିଛି ନହେଲେ ଚକରେ ହାୱା ଭରି ଦିନକୁ ଶହେ ଦୁଇଶହ ଟଙ୍କା ରେଜଗାର କରିପାରିବି । ଅବସ୍ଥା ଚକ୍ରରେ ପଡ଼ି ବୋଉ ଏବଂ ବୁଢ଼ୀମା' ଶେଷକୁ ତା' କଥାରେ ରାଜି ହୋଇଥିଲେ । ମିସ୍ତ୍ରୀ ଡ଼ାକିଆଣି 'ଟାଙ୍କିପ୍ରେସର୍ ମେସିନ୍'ଟାକୁ ଘରେ ବସାଇ ଇଲେକ୍ଟ୍ରି ସୁଇଚ୍ ସହିତ ସଂଯୋଗ କରାଇଲା । ରାସ୍ତାକଡ଼ ଟାୟାର୍ ଗ୍ୟାରେଜ୍‌ର ସେ ମାଲିକ ହେଲା । 'ବୁବୁ ଟାୟାର୍‌ବାଲା' ନାଆଁରେ ଅଧିକାଂଶ ଡ୍ରାଇଭର୍ ଓ ଗାଡ଼ିମାଲିକ ତାକୁ ଚିହ୍ନିଲେ । ରୋଜଗାର ଠିକ୍‌ଠାକ୍ ହେବାକୁ ଲାଗିଲା ।

କଥାରେ ରହିଛି ପରିଶ୍ରମର ଫଳ ମିଠା । ପରିଣାମ ସ୍ୱରୂପ, ବୁଢ଼ୀ ମା' ବୋଉ ଏବଂ ସେମାନଙ୍କ ପରିବାରର ମନ୍ଦିର ଏଇ ତିନିବଖୁରିଆ ଛାତଘର ଖଣ୍ଡିକର ଆଜି ଚୂଡ଼ିମରା ହେଉଛି । ଖିଆପିଆ ଅନ୍ତେ ମିସ୍ତ୍ରୀ ମଜୁରିଆଏ କାମରେ ଲାଗି ପଡ଼ିଥିଲେ । ପିଣ୍ଡାରେ ବସି ପରୁଣା ଦିନର ଘଟଣାମାନ ସ୍ମରଣ କରୁଥିଲା ନିହାର । ଭିନ୍ନ ଜଗତରେ ସେ ପଦାର୍ପଣ କରିଥିଲା । ଦିବଂଗତ ପିତାର ସ୍ନେହଶୀଳ ସରଳ ଚେହେରା ଅଚାନକ ତା' ସ୍ମୃତିପଟଳରେ ଦୃଶ୍ୟ ହୋଇଥିଲା । ବାପାର ମୁଖ ମଣ୍ଡଳରେ ନୀରବ ହସ । ଜନ୍ମଦାତାର କ୍ଷଣିକ ସୂକ୍ଷ୍ମଦର୍ଶନରେ ବୁବୁର ସ୍ମୃତିବିଭୋର ଚକ୍ଷୁ ଆଦ୍ର ହୋଇଗଲା । ଜେଜୀ' ପଚାରୁଥିଲା ବୁବୁରେ, ବସି ରହଲୁ କାହିଁକି ! ଛାତ ଢ଼ଳେଇ କେତେବେଳେ ଶେଷହେବ, ଉପରକୁ ଯାଇ ଦେ'ଖ୍ । ବୁଢ଼ାମା' ଡ଼ାକରେ ସେ ପ୍ରକୁସ୍ଥିତ ହେଲା, ଭାବନା ରାଜ୍ୟରୁ ବାହାରି ଆସିଲା । ସତେ ତ, ଢ଼ଳେଇ କାମ ସରିଲେ କୁଲି ରେଜା ଓ  ମିସ୍ତ୍ରୀମାନଙ୍କ ମଜୁରି ପଇସା ପଇଠ କରିବାକୁ ହେବ । କାନ୍ଧରେ ପଡ଼ିଥିବା ଗାମୁଛାରେ ଆଖିମୁହଁ ପୋଛି ବସିବା ସ୍ଥାନରୁ ଉଠି, ବିଶେଶ୍ୱର ମହାରଣା ଓରଫ୍ ବିଶୁ ମହାରଣା ସୁତ ନିହାର ଆଗେଇଲା ଗୃହନିର୍ମାଣ କାର୍ଯ୍ୟର ଅନ୍ତିମ ପର୍ଯ୍ୟାୟରେ ସାମିଲ ହେବାକୁ ।

*ଦାରଗାଡ଼ାହି, ବାରିପଦା*
*ଦୂରଭାଷ: ୯୪୩୭୨୧୮୬୦୮*

**ପଢ଼ନ୍ତୁ !**    **ପ୍ରକାଶ ପାଇଛି !**

କଥାଶିଳ୍ପୀ **ପ୍ରଫେସର ଉପେନ୍ଦ୍ର ନାୟକ** ଙ୍କର

# ଗଳ୍ପ ସମଗ୍ର

## (ପ୍ରଥମ ଭାଗ)

ପ୍ରକାଶକ - ବିଦ୍ୟା ପବ୍ଲିଶିଂ
ଟରଣ୍ଟୋ, କାନାଡ଼ା

# ଭ୍ରମ..


## ମୂଳହିନ୍ଦୀ-ନୀଲମ୍ ଏଚ୍ ତୋଲଓ୍ୱାନୀ
## ଅନୁବାଦ-ଦେବସ୍ମିତା ବେହେରା


କୁସୁମକୁ ଲାଗୁଥିଲା କିଏ ବେଟା'ର ପିଲାମାନେ ଆଉ ଆଗଭଳି ଭଲ ପାଉନାହାନ୍ତି.. ତାକୁ ସମ୍ମାନ ଦେଉନାହାନ୍ତି । ତାକୁଏମିତି ଲାଗୁଥିଲା କି ସତେ ଯେମିତି ତା' ପୁଅ-ବୋହୂ ଅଲଗା ରହିବାକୁ ଚାହୁଁଛନ୍ତି ତା'ଠାରୁ। ହେଲେ ଏହା କୁସୁମର କେବଳ ଭ୍ରମ ଥିଲା.. କାହିଁକିନା ସତ୍ୟତା ତ କିଛି ଅଲଗା ଥିଲା।

ସେ ଥିଲେ ସତୁରୀ ବର୍ଷର ବୃଦ୍ଧା ମହିଳା ନାଁ ଥିଲା କୁସୁମ । ସ୍ୱାମୀଙ୍କର ଅକାଳ ବିୟୋଗ ପରେ ବହୁତ ବାଧାବିଘ୍ନର ସମ୍ମୁଖୀନ ହେଇ ପୁଅମାନଙ୍କର ପାଳନ-ପୋଷଣ କରିଥିଲେ, ତାଙ୍କୁ ପାଠ ପଢ଼େଇ ସମାଜରେ ସମ୍ମାନର ସହିତ ରହିବା ପାଇଁ ଯୋଗ୍ୟ କରି ଗଢିତୋଳିଥିଲେ । ପୁଅମାନେ ମଧ୍ୟ ମା'ଙ୍କର ବହୁତ ଆଦର କରୁଥିଲେ, ହେଲେ ବିବାହ ପରେ ସ୍ତ୍ରୀ ଆଉ ପିଲାମାନଙ୍କ ଭିତରେ ବ୍ୟସ୍ତ ରହିବା ଫଳରେ ସେମାନଙ୍କର ଧ୍ୟାନ ମା'ଙ୍କ ପ୍ରତିକମି ଯାଇଥିଲା।

ସେ ଅନୁଭବ କରିବାକୁ ଲାଗିଥିଲେ କି ପିଲାମାନଙ୍କର ତାଙ୍କ ପ୍ରତି ସ୍ନେହ-ମମତା କମ୍ ହେବାକୁ ଲାଗିଥିଲା । ହେଲେ ଚୁପ୍ ରହୁଥିଲେ ସେ ।


ଆଜି ଥିଲା ତାଙ୍କର ଜନ୍ମଦିନ । ହେଲେ କେହି ଜଣେ ହେଲେ ମଧ୍ୟ ଜଣେଇଲେ ନାହିଁ ତାଙ୍କୁ ଶୁଭକାମନା । ସେ ଦ୍ୱିପ୍ରହରରେ ନିଜ ରୁମ୍‌ରେ ଶୋଇଥିଲେ । ଅଚାନକ ତାଙ୍କ ନାତି ରାଘବ ତାଙ୍କୁ ଉଠେଇ କହିଲା, ଜେଜେମା ଚାଲନା ଟିକିଏ ବାହାରୁ ବୁଲିକରି ଆସିବା ।


କରୋନାର ପ୍ରକୋପ ମଧ୍ୟ ଜାରି ଥିଲା । ଏମିତି ସମୟରେ କୁସୁମଙ୍କୁ ଥଣ୍ଡା-କାଶର ପ୍ରୋବ୍ଲେମ୍ ହେବାରୁ ତାଙ୍କ ପୁଅ ଡାକ୍ତରଙ୍କ ପାଖକୁ ନେଇକରି ଗଲା ତାଙ୍କୁ । ଡାକ୍ତର ତାଙ୍କର ଲକ୍ଷଣକୁ ଦେଖି କରୋନାର ଆଶଙ୍କା ଜାହିର କଲେ । ତାଙ୍କର ସାମ୍ପଲ ନିଆଗଲା ଆଉରିପୋର୍ଟ ଆସିବା ଯାଏଁ ପରାମର୍ଶ ଦେଲେ କ୍ୱାରେଣ୍ଟିନ୍‌ରେ ରହିବା ପାଇଁ।

ତା'ପରଠୁ ଘରର ସବୁ ସଦସ୍ୟ ତାଙ୍କଠୁ ଦୂର-ଦୂରହେଇ ରହିବାକୁ ଲାଗିଲେ । ସୁରକ୍ଷା ଦୃଷ୍ଟିରୁ ତାଙ୍କୁ ଖାଦ୍ୟ ଆଉ ପାଣି ଦିଆ ଯାଉଥିଲା ଦୂରରୁ। ଏହି କଥା ବହୁତ ଦୁଃଖ ଦେଉଥିଲା ତାଙ୍କୁ..ହେଲେ ସେ କହିପାରୁନଥିଲେ କିଛି । ସେ ଏମିତି ବ୍ୟବହାର ଦେଖି ସମସ୍ତଙ୍କ ସହିତ କଥାବାର୍ତ୍ତା କରିବା ମଧ୍ୟ କମେଇ ଦେଇଥିଲେ। ସମସ୍ତେ ତିରସ୍କୃତ କରିବା ଭଳି ଲାଗୁଥିଲା ତାଙ୍କୁ ।

କିଛି ଦିନ ପରେ ରିପୋର୍ଟ ଆସିଲା ତାଙ୍କର । ରିପୋର୍ଟ ଥିଲା ନେଗେଟିଭ୍। ଔଷଧ ଠିକ୍ ସମୟରେ ଦେବା ଫଳରେ ଭଲ ହେଇ ଯାଇଥିଲା ଥଣ୍ଡା-କାଶ । ହେଲେ ତାଙ୍କ ମନରେ ଘର କରି ଦେଇଥିଲା ପିଲାମାନଙ୍କର ବ୍ୟବହାର । ତାଙ୍କୁ ଏମିତି ଲାଗୁଥିଲା ଯେମିତି ଘରେ ତାଙ୍କୁ ଆଉ କେହି ଆଦର-ସମ୍ମାନ କରୁନାହାନ୍ତି । ସେ ଏବେ ଅଧିକାଂଶ ସମୟ ଚୁପ୍‌ଚାପ୍ ରହିବାକୁ ଲାଗିଲେ । ପୁଅ-ବୋହୁ ମାନେ ତାଙ୍କ ବ୍ୟବହାରରୁ ଜାଣିସାରିଥିଲେ କି ସେ ବହୁତ ଆଘାତ ପାଇଛନ୍ତି ଭିତରେ ଭିତରେ । ହେଲେ ସେମାନେ ଆଉ ଅଧିକା କ'ଣ କରି ପାରିଥାନ୍ତେ ? କରୋନା ରୋଗଟା ହିଁ ହେଉଛି ସେମିତିଆ। ତା'ର ଏକମାତ୍ର ଉପଚାର ହେଉଛି କ୍ୱାରେଣ୍ଟିନ୍‌ରେ ରହିବା ।

ଆଜି ଥିଲା ତାଙ୍କର ଜନ୍ମଦିନ । ହେଲେ କେହି ଜଣେ ହେଲେ ମଧ୍ୟ ଜଣେଇଲେ ନାହିଁ ତାଙ୍କୁ ଶୁଭକାମନା । ସେ ଦ୍ୱିପ୍ରହରରେ ନିଜ ରୁମ୍‌ରେ ଶୋଇଥିଲେ । ଅଚାନକ ତାଙ୍କ ନାତି ରାଘବ ତାଙ୍କୁ ଉଠେଇ କହିଲା, ଜେଜେମା ଚାଲନା ଟିକିଏ ବାହାରୁ ବୁଲିକରି ଆସିବା ।

ମୋର ଇଛା ନାହିଁରେ ପୁଅ ! କହି ସେ ମନାକରିବା ସତ୍ତ୍ୱେ ମାନିଲାନି ନାତି ଟୋକା । ତେଣୁ ବାଧ୍ୟ ହୋଇ ତାଙ୍କୁ ବାହାରକୁ ଯିବାକୁ ପଡ଼ିଲା ନାତି ସହିତ । କିଛି ସମୟ ପରେ ଯେତେବେଳେ ସେ ଫେରିଲେ ସେତେବେଳେ ଘରର ରୂପ-ରଙ୍ଗ ବଦଳି ଯାଇଥିଲା । ପୁରା ଘର ସଜାହେଇଥିଲା ରଙ୍ଗ-ବିରଙ୍ଗ ଫୁଲରମାଳାରେ। ସେଣ୍ଟର ଟେବୁଲ୍ ଉପରେ ରଖାହେଇଥିଲା ଗୋଟିଏ ବଡ କେକ୍ । ତାଙ୍କର ସମ ବୟସ୍କ କିଛି ପଡୋଶୀ ମହିଳା ବସିଥିଲେ ସୋଫାରେ। ହ୍ୟାପିବାର୍ଥଡେ ମମ୍ମା, ପୁଅ-ବୋହୁଙ୍କର ସମବେତ ସ୍ୱର, ସବୁ ଭ୍ରମ ଦୂରକରି ଦେଇଥିଲା ତାଙ୍କର । ତାଙ୍କଉପରେଜମିଥିବା ଧୂଳି ସବୁ ଉଡିଗଲା ଶୂନ୍ୟରେ.. ଆଉ ତାଙ୍କୁ ବୁଝେଇଲେ କି କରୋନା ରୋଗଟା ହିଁ ହେଉଛି ଏମିତି ଯେଉଁଥିରେ ଅତ୍ୟଧିକ ସାବଧାନ ରହିବା ଉଚିତ୍ । କେକ୍ କାଟିଲାବେଳେ ଝର ଝର ହୋଇ ଲୁହ ବୋହିବାକୁ ଲାଗିଲା ତାଙ୍କ ଆଖିରୁ ଖୁସିରେ।

ଆଜି ତାଙ୍କୁ ନିଜର ପ୍ରାଧାନତ୍ୟାର ଅନୁଭବ ହେଇ ଯାଇଥିଲା । ପୁଅ-ବୋହୁ ତ ତାଙ୍କ ପାଖରେ ହିଁ ଥିଲେ। କିନ୍ତୁ ସେ ନିଜେ ଦୂରେଇ ଯାଇଥିଲେ ସେମାନଙ୍କଠୁ।

ମା' ଆମ ସମସ୍ତଙ୍କର ଅସ୍ତିତ୍ୱ କେବଳ ତୁମ ଯୋଗୁଁ ଅଛି କହି ସମସ୍ତେ କୁଣ୍ଢେଇ ପକେଇଲେ ତାଙ୍କୁ । ସବୁ ଭ୍ରମ ତାଙ୍କର ଦୂରହେଇ ଯାଇଥିଲା ଆଉ ଏବେ ସେ ସମ୍ପୂର୍ଣ୍ଣଭାବେ ଚିନ୍ତାମୁକ୍ତ ହେଇ ଯାଇଥିଲେ ।


*ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍,*
*ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨*

# ସ୍ୱପ୍ନ ନଗରୀର ଅନ୍ଧାରୀ ଗୁହା

ସୁଷମା ପରିଜା

ଯତୀନ୍‌ଙ୍କ ଆସିବା ବାଟକୁ ଚାହିଁ ଚାହିଁ ଡ୍ରଇଂ ରୁମ୍‌ର ସୋଫାଟି ଉପରେ ଢୁଳେଇ ପଡ଼ିଥିଲା ତମସା। ଆଜିକାଲି ଯତୀନ୍ ଖୁବ୍ ଡେରିରେ ଘରକୁ ଫେରନ୍ତି। ସନ୍ଧ୍ୟା ବେଳୁ ରନ୍ଧାବଢ଼ା ସାରି ବସିଥାଏ ତମସା। ଟିଭି ସାମନାରେ ବସି ବସି ଚାନେଲ୍ ବଦଳେଇ ବଦଳେଇ ସିରିଏଲ୍ ଦେଖି ଦେଖି ବୋର୍ ହୋଇଯାଏ। କେତେ ବା ସେଇ ଧରାବନ୍ଧା ଶାଶୁବୋହୂ ସିରିଏଲ୍ ଦେଖି ସମୟ କାଟିବ ? ବାହାଘରର ପରେ ପରେ ନୂଆ ହୋଇ ଏଠିକି ଆସିବା ବେଳେ ଯତୀନ୍ ଅଫିସ୍ ସରିଲା ମାତ୍ରେ ଛୁଟି ଆସୁଥିଲେ ଘରକୁ, ନିବିଡ଼ ବାହୁ ବନ୍ଧନରେ ତା'କୁ ଆବଦ୍ଧ କରି କହୁଥିଲେ" ଏଇ ଅଫିସ୍ ସମୟ ତକ ତମ ବିନା କାଟିବାକୁ କେତେ ଯେ କଷ୍ଟ ହେଉଛି, ସେକଥା ତମେ ଅନୁଭବ କରି ପାରିବନି ତନୁ ! ପାଞ୍ଚଟା ପରେ ଖାଲି ଘଣ୍ଟା ଦେଖି ଦେଖି ସମୟ ଯାଉଛି, କାମରେ ମୋଟେ ମନ ଲାଗୁନି।" ମନେ ମନେ ଆମୋଦିତ ହେଉଥିଲେ ମଧ୍ୟ ମିଛରେ ଆକଟ କରେ ତମସା। କହେ ତମେ ତ ଦୁନିଆଁରେ ଏକା ନୂଆ ବାହା ହୋଇଛ ଆଉ। କେତେ ସୁନ୍ଦର ଥିଲା ସେ ଦିନ ଗୁଡ଼ିକ ସତେ ! ଯତୀନ୍‌ର ଅମାପ ଭଲ ପାଇବାରେ ପୋତି ହୋଇ ଯାଉଥିଲା ତମସାର ଘର ଛାଡ଼ି ଆସିବାର ଦୁଃଖ। ସନ୍ଧ୍ୟା ବେଳେ ସାଥୀ ହୋଇ ଚାହା ପିଇବା ଠାରୁ ରାତିରେ ବିଛଣାକୁ ଯିବା ପର୍ଯ୍ୟନ୍ତ ଯତୀନ୍ ତା'ର ପିଛା ଛାଡୁନଥିଲେ। ପାଗଳ ପ୍ରେମିକଟିଏ ଭଳି ସବୁ ବେଳେ କଣ୍ଠଲଗ୍ନା କରି ରଖିବାକୁ ଚାହୁଁଥିଲେ। ଗେଲ କରି କରି ଆକ୍ତାମାକ୍ତା କରି ପକାଉଥିଲେ ତା'କୁ। ଖୁସିରେ ଆତ୍ମହରା ହୋଇ ଉଠୁଥିଲା ତମସା । ଭାବୁଥିଲା ତା' ନନା ସତରେ ଜଣେ ଦୂରଦର୍ଶୀ। ନହେଲେ ଏତେ ସୁନ୍ଦର ଶାଶୁ ଶଶୁର, ଏତେ ସୁନ୍ଦର ସ୍ୱାମୀ, ଧନ ଜନ ଗୋପ ଲକ୍ଷ୍ମୀ ସବୁ କ'ଣ ତା'କୁ ମିଳିଥାଆନ୍ତା।

ଯାଜପୁର ଜିଲ୍ଲା ଦଶରଥପୁର ଗାଁ'ର ପ୍ରାଇମେରୀ ସ୍କୁଲ୍ ଶିକ୍ଷକ ସଦାଶିବ ପ୍ରଧାନଙ୍କ ଝିଅ ତମସା। ଗ୍ରାଜୁଏସନ ପରେ ଆଗକୁ ପଢିବାକୁ ଇଚ୍ଛା ଥିଲେ ବି ପ୍ରାଇମେରୀ ସ୍କୁଲ୍‌ରୁ ଅବସର ନେଇଥିବା ବାପାଙ୍କ ଆର୍ଥିକ ସ୍ଥିତି ତା'କୁ ବାଧା ଦେଇଥିଲା ବାଣୀବିହାର ଯାଇ ଏମ୍ ଏ ପଢ଼ିବା ଲାଗି। ବାପାଙ୍କର ଇଚ୍ଛା ଥିଲା, ଅବସରକାଳୀନ ପ୍ରାପ୍ୟ ଯାହା ମିଳିଛି ସେଥିରେ ଏକ ମାତ୍ର କନ୍ୟା ସନ୍ତାନଟିକୁ ଯୋଗ୍ୟ ପାତ୍ରଟିଏ ଦେଖି ବାହାଘର କରିଦେବେ ଏବଂ ଯାହା ପେନସନ୍ ମିଳିବ ସେଥିରେ ଦୁଇ ପ୍ରାଣୀ ସୁଖରେ ବାକି ଜୀବନ କାଟିବେ। ସେଥିଲାଗି ତମସା ପ୍ଲସ୍ ଥ୍ରୀ ପଢ଼ିଲା ବେଳଠାରୁ ତା'ପାଇଁ ଭଲ ପାତ୍ରଟିଏ ସନ୍ଧାନ କରିବାରେ ଲାଗି ପଡ଼ିଥିଲେ ସେ। ନିଜେ ଖୁବ୍ ସ୍ୱାଭିମାନୀ ଥିଲେ ସଦାଶିବ ସାର୍। ଜୀବନରେ ଟିଉସନ କରି ଟଙ୍କା ରୋଜଗାର କରିବା ଜାଣିନଥିଲେ। ପାଠରେ ଦୁର୍ବଳ ଥିବା ପିଲାଙ୍କୁ ସେଇ ସ୍କୁଲରେ ପଢ଼ାଉଥିଲେ ସ୍କୁଲ ସମୟ ପରେ ନହେଲେ ଛୁଟିଦିନ ମାନଙ୍କରେ। କେହି ଅଭିଭାବକ ସେଥିଲାଗି ପଇସା ଦେଲେ ବିନମ୍ରତାର ସହିତ ଫେରାଇ ଦେଇ କହୁଥିଲେ ସରକାର ପରା ମତେ ଏଥିପାଇଁ ଦରମା ଦେଉଛନ୍ତି ଆଉ ଅଧିକ ନେଇ ମୁଁ କ'ଣ କରିବି। କିଏ ଅଛି ମୋର ଘରେ ଖାଇବାକୁ ? ଗୋଟିଏ ବୋଲି ଝିଅ, ବରଂ ଆପଣମାନେ ଆଶୀର୍ବାଦ କରନ୍ତୁ ସେ ବାହା ସାହା ହୋଇ ସୁଖରେ ରହୁ। ପଇସା ବଢ଼ାଉଥିବା ହାତଟି ଆପେ ଆପେ ଫେରି ଯାଉଥିଲା ପଛକୁ। ତାଙ୍କର ମୁହଁରୁ ସ୍ୱତଃ ବାହାରି ପଡୁଥିଲା ଆପଣଙ୍କ ଝିଅ ସୁଖୀ ହେଉ। ବୋଧହୁଏ ସେମିତି କିଛି ଆଶୀର୍ବାଦରେ ତମସା ପାଇଁ ପ୍ରସ୍ତାବ ଆସିଥିଲା ନରେଶପୁରର ଚୌଧୁରୀ ଘରୁ, ଜନ୍ମେଜୟ ଚୌଧୁରୀଙ୍କର ଏକମାତ୍ର ପୁତ୍ର ଯତୀନ୍ ପାଇଁ। ଚୌଧୁରୀ ଘର ଚାହୁଁଥିଲେ ସୁନ୍ଦରୀ, ସୁଶୀଳା, ଶିକ୍ଷିତା କନ୍ୟାଟିଏ, ଯିଏ ତାଙ୍କର ସୁଦୂର ମୁମ୍ବାଇରେ କଂପାନୀ ଚାକିରୀ କରିଥିବା ପୁଅର ଯତ୍ନ ନେବା ସହିତ ସମୟ ସମୟରେ

> ସେତେବେଳ ଯାଏ ତମସା ଶୋଇ ରହିଥିଲା ସେଇ ବେଡ୍ ଉପରେ। ଧାଇଁ ଯାଇ ତା' ନାକରେ ହାତ ରଖିଲା ଯତୀନ୍। ଦେଖିଲା ନିଶ୍ୱାସ ପ୍ରଶ୍ୱାସ ଠିକ୍ ଚାଲିଛି। ତା'ର ଅସଂଯତ ବେଶଭୂଷା ଦେଖି ଛାତିଟା ଫାଟି ଯାଉଥିଲା ଯତୀନ୍‌ର। କୌଣସି ପ୍ରକାର ତା'କୁ କାନ୍ଧରେ ପକାଇ ଆଣି କାର୍ ପଛ ସିଟ୍‌ରେ ଶୁଆଇ ଦେଇ ନିଜେ ଡ୍ରାଇଭ୍ କରି ଆସିଥିଲା ଘରକୁ।

ସେମାନଙ୍କର ବି ଦେଖାଶୁଣା କରିବ। ଚୌଧୁରୀ ଘର ଟଙ୍କା ପଇସା, ଜମିବାଡ଼ି, ପ୍ରତିପତ୍ତି, କେଉଁଥିରେ ଅଭାବ ନଥିଲା। ସେମାନେ ଯୌତୁକର ଖୁବ୍ ବିରୋଧୀ ଥିଲେ, ଯୌତୁକ ଭାବରେ ଟଙ୍କାଟିଏ ମଧ୍ୟ ନେବାକୁ ଇଚ୍ଛା କରୁନଥିଲେ। ଗାଁ ପାଖ ହୋଇ ଥିବାରୁ ସଦାଶିବ ପ୍ରଧାନଙ୍କ ପରିବାର ବିଷୟରେ ସେମାନେ ଭଲ ଭାବରେ ଜାଣିଥିଲେ, ସେଥିଲାଗି ପ୍ରସ୍ତାବଟି ପଡୁ ପଡୁ ସେମାନେ ରାଜି ହୋଇଗଲେ। ନିର୍ଦ୍ଧାରିତ ତିଥିରେ ଖୁବ୍ ଜାକଜମକରେ ବାହାଘର ହୋଇ ଯାଇଥିଲା ତମସା ସହିତ ଯତୀନ୍‌ର। ଝିଅ ଜ୍ୱାଇଁଙ୍କୁ ଯଥାଶକ୍ତି ଉପହାର ସହିତ ଭାର ବେଭାର ଦେଇ ବିଦା କରିଥିଲେ ସଦାଶିବ ତ୍ରିପାଠୀ। ଝିଅ ବିଦାବେଳେ ଯତୀନ୍‌ର ହାତ ଧରି କହିଥିଲେ... "ମୋ ହୃଦୟଟିକୁ ତମ ହାତରେ ଟେକି ଦେଇଛି ବାପା! ଆଜି ଠାରୁ ଆମେ ବୁଢ଼ାବୁଢ଼ୀ ଖାଲି ଶରୀରଟି ମାନ ଧରି ରହିବୁ। ଆମ ହୃଦୟଟିକୁ ସମ୍ଭାଳି ରଖିବ ତମେ। ସେ ହୃଦୟରେ କିଛି ବି ଆଘାତ ଲାଗିଲେ ଆମେ ଏଠାରେ ଶୂନ୍ୟେ ଶୂନ୍ୟେ ମରିଯିବୁ। ପିଲା ଝିଅ ଆମର। ଯଦି କିଛି ଭୁଲ କରିବସେ ତେବେ ତା'ର ଦଶ ଦୋଷ କ୍ଷମା କରିବ।" ଏମିତି କହି ସେ କାନ୍ଦି କାନ୍ଦି ଜାବୁଡ଼ି ଧରିଥାନ୍ତି ଯତୀନ୍‌କୁ। ତମସାର ମାଆ କାନ୍ଦି କାନ୍ଦି ଲୋଟି ଯାଉଥାନ୍ତି ଭୂଇଁରେ। ଜନ୍ମେଜୟ ବାବୁ ଆସି ବହୁତ ବୁଝାଶୁଝା କରି ବୋଧ କରିଥିଲେ ସେମାନଙ୍କୁ। କହିଥିଲେ.. "ସମୁଦି ଆମେ ପୁଅ ଦେଇ ଝିଅ ନେଇଛୁ। ସେ ଆମ ପାଖରେ ଝିଅ ହୋଇ ରହିବ। ପନ୍ଦର ଦିନ ପରେ ଯତୀନ୍ ଯାଇ ଘରଫର ଠିକ୍ କରି ଆସି ତମସାକୁ ସାଙ୍ଗରେ ନେଇଯିବ ମୁମ୍ବାଇ। କାହିଁକି ବ୍ୟସ୍ତ ହେଉଛନ୍ତି, ଆମେ ସାଥୀ ହୋଇ ଯିବା, ମଝିରେ ମଝିରେ ତାଙ୍କୁ ସେଠାରେ ଦେଖି ଆସିବା।" ସମୁଦିଙ୍କ ପାଖରୁ ଦି'ପଦ ସାନ୍ତ୍ୱନାର ବାଣୀ ଶୁଣି ଥୟ ପଡ଼ିଥିଲେ ଦୁଇ ପ୍ରାଣୀ।

ବାହାଘରରେ ସର୍ବାନ୍ତଃକରଣରେ ସତରେ ସୁଖୀ ହୋଇଥିଲା ତମସା। ପିତୃ ପ୍ରତିମ ଶଶୁର, ମାତୃ ପ୍ରତିମା ଶାଶୁଙ୍କ ସ୍ନେହ ଶ୍ରଦ୍ଧାରେ ବାନ୍ଧି ହୋଇ ପଡ଼ିଥିଲା। ମାସକ ପରେ ଯେଉଁଦିନ ସେ ଯତୀନ୍‌ଙ୍କ ସାଙ୍ଗରେ ମୁମ୍ବାଇ ଆସିବାକୁ ବାହାରି ଶାଶୁଙ୍କୁ ପାଦ ଛୁଇଁ ମୁଣ୍ଡିଆ ମାରିବାକୁ ଯାଇଥିଲା, ତା'କୁ କୁଣ୍ଢାଇ ଧରି ଭୋ ଭୋ କରି କାନ୍ଦି ପକାଇଥିଲେ ସେ। କହିଥିଲେ, "ଏଇ ଅଳ୍ପ ଦିନ ମଧ୍ୟରେ ତୁ ଆମକୁ ତୋ ସ୍ନେହରେ ବାନ୍ଧି ପକାଇଛୁରେ ମାଆ, ଖାଲି ଯତୀନ୍‌ର ଅସୁବିଧା ହେବ ବୋଲି ତତେ ଛାଡୁଛି ବାଧ ହୋଇ, ନହେଲେ ଜମା ଛାଡ଼ି ନଥାନ୍ତି, ତୋ ବିନା ଏ ଘରଟା ଶୂନ୍ୟ ହୋଇଯିବ। କେମିତି ରହିବୁ ଆମେ ଦି' ଜଣ।" ଗାଡ଼ିରେ ଜିନିଷ ପତ୍ର ଲଦାଲଦି କଲା ବେଳେ ଲୁହଛଳ ଛଳ ଆଖିରେ ଶଶୁର କହୁଥିଲେ, "ଆମେ ତୋ'ର ଦୁଇଟି ପୁଅ ଝିଅରେ ମାଆ! ଆମକୁ ଭୁଲିଯିବୁନି, ମଝିରେ ମଝିରେ ଫୋନ୍ କରିବୁ।" ସେଇ ମୁହୂର୍ତ୍ତରେ ତମସାର ଇଚ୍ଛା ହେଉଥିଲା ସେ ଆଉ ଯତୀନ୍‌ଙ୍କ ସହିତ ମୁମ୍ବାଇ ନଯାଇ ଏଇଠି ଶାଶୁ ଶଶୁରଙ୍କ ପାଖରେ ରହିଯିବ। ଚାଲ ଚାଲ ଟ୍ରେନ୍ ବେଳ ହୋଇଗଲାଣି କହି ଯତୀନ୍ ତରବର କଲାରୁ ବାଧହୋଇ ଗାଡ଼ିରେ ଆସି ବସିଲା ତମସା। ବାଟ ସାରା ଖାଲି ଶାଶୁ ଶଶୁରଙ୍କର କାନ୍ଦୁରାମୁହଁ ମନେପଡ଼ି ମୋଟେ ଭଲ ଲାଗୁନଥିଲା ତମସାକୁ। ଯତୀନ୍ ତା'କୁ ବାଧ କରି ବାଟରେ କ'ଣ ଦି'ଟା ଖୁଆଇଥିଲେ। ମୁମ୍ବାଇ ଆସିବାର ଦୁଇ ଚାରି ଦିନ ଯାଏ ସହଜ ହୋଇ ପାରିନଥିଲା ସେ। ସେତକ ଦିନ ସକାଳରୁ ରାତି ଯାଏ ତମସାର ପାଖେ ପାଖେ ରହି ଯତୀନ୍ ତା'କୁ ସ୍ନେହ ଆଦରରେ ପୋତି ପକାଇଥିଲେ। ଧୀରେ ଧୀରେ ସବୁ ଠିକ୍ ହୋଇ ଯାଇଥିଲା।

ଯତୀନ୍ ଗୋଟିଏ ବହୁରାଷ୍ଟ୍ରୀୟ କଂପାନୀରେ ବିଜିନେସ୍ ଡେଭେଲପମେଣ୍ଟ ମ୍ୟାନେଜର ଭାବରେ କାର୍ଯ୍ୟ କରୁଥାଆନ୍ତି। ଦିନସାରା ତାଙ୍କୁ କାମରେ ବ୍ୟସ୍ତ ରହିବାକୁ ପଡ଼େ, ତଥାପି ମଝିରେ ମଝିରେ ସମୟ ବାହାର କରି ସେ ତମସା ସହିତ ଫୋନ୍ କଥା ହୋଇ ତା'ର ଭଲମନ୍ଦ ବୁଝନ୍ତି, ସନ୍ଧ୍ୟାରେ ଶିଘ୍ର ଆସିବା ଲାଗି ପ୍ରତିଶ୍ରୁତି ଦିଅନ୍ତି ହେଲେ କାମର ଚାପରେ କେବେବି ଠିକ୍ ସମୟରେ ପହଞ୍ଚିପାରନ୍ତି ନାହିଁ। ଘରେ ବସି ବସି ସେମିତି ବୋର୍ ହେଉଥାଏ ତମସା। ଫୋନ୍‌ରେ କେବେ କେମିତି ବାପା ମାଆଙ୍କ ସହିତ ତ କେବେ ଶାଶୁ ଶଶୁରଙ୍କ ସହିତ କଥାବାର୍ତ୍ତା କରି ଭଲମନ୍ଦ ବୁଝେ। ଘରଟିରେ ଦିନଯାକ ଏକୁଟିଆପଣ ତା'କୁ ଖାଇ ଗୋଡ଼ାଏ। ଅଚିହ୍ନା ଯାଗାରେ ଅଚିହ୍ନା ଭାଷା, କାହା ସାଙ୍ଗରେ ମିଶିବ, କ'ଣ କହିବ, ଏମିତି ଭାବି ଭାବି ସବୁବେଳେ ଘରଟିରେ ଚୁପ୍ ହୋଇ ବସିଥାଏ। ଯେତିକି ସମୟ ଯତୀନ୍ ଘରେ ରୁହନ୍ତି ସେତିକି ସମୟ ସେ ଖୁବ୍ ଆନନ୍ଦରେ ରହେ, ବାକୀ ସମୟ ତା'ର ଚାହିଁଲେ ବି କଟେନା। ଧୀରେ ଧୀରେ ତମସା ବିଷାଦଗ୍ରସ୍ତ ହେବାକୁ ଲାଗିଲା କେଉଁଥିରେ ତା'ର ମନ ଲାଗିଲାନି, ସବୁବେଳେ କାନ୍ଦ କାନ୍ଦ ହୋଇ ରହିଲା, ନା ଠିକ୍‌ରେ ଖାଉଥିଲା ନା ଠିକ୍‌ରେ ଶୋଉଥିଲା। ଯତୀନ୍ ତା'ର ଏମିତି ଅବସ୍ଥା ଦେଖି ଖୁବ୍ ଦୁଃଖ କରୁଥିଲେ ମଧ୍ୟ କିଛି କରିବାର ଉପାୟ ନଥିଲା ତା'ର। ଅଫିସ୍‌ରେ ଆଗକୁ ପ୍ରମୋଶନ ଥିବାରୁ ତା'କୁ ଆହୁରି ଅଧିକ ଅଧିକ କାମ କରିବାକୁ ପଡୁଥିଲା ତେଣୁକରି ସେ ଆହୁରି ଡେରିରେ ଫେରୁଥିଲା ଘରକୁ। ତମସାର ଏମିତି ଅବସ୍ଥା ପାଇଁ ନିଜକୁ ଦୋଷୀ ଦୋଷୀ ମନେ କରୁଥିଲା ଯତୀନ୍।

ଅଫିସ୍‌ରେ ଯତୀନ୍‌କୁ ଗତ କିଛିଦିନ ଧରି ଅନ୍ୟମନସ୍କ ରହୁଥିବାର ଲକ୍ଷ୍ୟ କରି ଦିନେ ତାଙ୍କର ଟିମ୍ ମ୍ୟାନେଜର ମିଷ୍ଟର ସାହିଲ୍ ଖେଡେକର୍ ତା'କୁ ତାଙ୍କର କ୍ୟାବିନ୍‌କୁ ଡାକି କାରଣ କ'ଣ ବୋଲି ପଚାରିଲେ। ଟିମ୍ ଲିଡରଙ୍କ ସହିତ ଖୁବ୍ ଭଲ ସଂପର୍କ ଥିଲା ଯତୀନ୍‌ର। ସବୁବେଳେ ଭଲ କାମ କରୁଥିବାରୁ ସେ ଖୁବ୍ ପ୍ରଶଂସା ବି କରୁଥିଲେ ଯତୀନ୍‌କୁ। ମଧ୍ୟବୟସ୍କ ମିଷ୍ଟର ଖେଡେକର୍ ଜଣେ ଖୁସ୍ ମିଜାଜ୍‌ର ଲୋକ ହୋଇଥିବାରୁ ମଝିରେ ମଝିରେ ଷ୍ଟାଫ୍‌ମାନଙ୍କ ସହ ଥଟ୍ଟା ପରିହାସ ମଧ୍ୟ କରୁଥିଲେ। ସେଦିନ ସେମିତି ହସି ହସି କହିଲେ, "ଆରେ ଭାଇ! ନୂଆ ନୂଆ ବାହାହୋଇ ଆସିଛ, ସ୍ତ୍ରୀ ସାଙ୍ଗରେ ଝଗଡ଼ା ହୋଇଛି ନା କ'ଣ? ଏ ବୟସରେ ଏମିତି ପରିସ୍ଥିତି କେବଳ ପାରିବାରିକ କଳହ ରେ ହିଁ ହୋଇ ଥାଏ।" ବସ୍‌ଙ୍କର ଏମିତି ଆତ୍ମୀୟତା ଭରା କଥାରେ ଲୁହ ଜକେଇ ଆସିଲା ଯତୀନ୍ ଆଖିରେ।

ସେ ତାଙ୍କୁ ସବୁ ସତ କଥା କହି କିଛିଦିନ ଛୁଟି ଦେବାକୁ ଅନୁରୋଧ କଲା ତମସା ସହିତ ସମୟ କଟେଇବା ପାଇଁ। ହୋ ହୋ କରି ହସି ଉଠିଲେ ମିଷ୍ଟର ଖେଡେକର୍। ନିଜର ଚେୟାରରୁ ଉଠି ଆସି ଯତୀନ୍

କାନ୍ଧରେ ହାତ ରଖିଲେ । କହିଲେ, "ଇଏ ଗୋଟାଏ କଥା" ! ତମ ମିସେସ୍ ବୋର୍ ହେଉଛି ବୋଲି ଡିପ୍ରେସନ୍‌ରେ ଅଛି, ଏଇଟା ଖାଲି ତୁମ ମିସେସ୍‌ଙ୍କର ନୁହେଁ, ଏଇଟା ଆମ ଦେଶର କର୍ପୋରେଟ୍‌ରେ କାମ କରୁଥିବା ସବୁ ଏଂପଲୟୀ ମାନଙ୍କ ମିସେସ୍ ମାନଙ୍କର ଅବସ୍ଥା । ଆଉ ଖାସ୍ ଏଇଥି ପାଇଁ ପରା ମୋ ମିସେସ୍ ଆଉ ତାଙ୍କର ସାଙ୍ଗସାଥୀ ମାନେ ମିଶି ଗୋଟିଏ ଉଇମେନ୍ସ କ୍ଲବ କରିଛନ୍ତି । ସେଠି ସବୁ ମହିଳା ଏକତ୍ରିତ ହୋଇ ହସ ଖୁସି, କଥାବାର୍ତ୍ତା କରିବା ସହିତ ବିଭିନ୍ନ ପ୍ରକାର ସିଲେଇ, ଚିତ୍ରାଙ୍କନ, ରୋଷେଇ ଇତ୍ୟାଦି ଶିକ୍ଷା ନିଅନ୍ତି । ତୁମେ ତୁମ ମିସେସ୍‌ଙ୍କୁ ଧରି ଆମ ଘରକୁ ସନ୍ଧ୍ୟା ସମୟରେ ଆସ, ମୁଁ ମୋର ମିସେସ୍‌କୁ କହି ସବୁ ବ୍ୟବସ୍ଥା କରିଦେବି । ସବୁ ଠିକ୍ ହୋଇଯିବ । ଡୋଣ୍ଟ୍ ଓରି, ବି ରିଲାକ୍ସଡ । ନିଜ ସମସ୍ୟାର ଗୋଟିଏ ସଠିକ୍ ନିଦାନ ମିଳିଗଲା ଯତୀନ୍‌କୁ ।

ସେଦିନ ସନ୍ଧ୍ୟାରେ ବସ୍‌ଙ୍କୁ କହି ଶିଘ୍ର ଘରକୁ ଫେରି ଆସିଥିଲା ଯତୀନ୍ । ତମସା ସେମିତି ମୁହଁକୁ ଶୁଖାଇ ବସିଥାଏ ଘରେ ଯତୀନ୍‌କୁ ଶିଘ୍ର ଆସିବାର ଦେଖି ତା' ମୁହଁରେ ହସଧାରେ ଖେଳିଗଲା । ତା'କୁ କୋଳେଇ ନେଇ ଯତୀନ୍ କହିଲା, "ଚାଲ ଆଜି ଘେରାଏ ବୁଲି ଆସିବା, ଆଜି ଘରେ ରୋଷେଇ ବନ୍ଦ, ବାହାରେ ଗୋଟିଏ ଭଲ ରେଷ୍ଟୁରାଂଟ ଦେଖି ଡିନର୍ କରିବା, ମୁଁ ଟିକେ ଫ୍ରେସ୍ ହୋଇ ଆସୁଛି, ତୁମେ ବି ଫଟାଫଟ୍ ବାହାରି ପଡ଼ ।" ବହୁତ ଦିନ ପରେ ଯତୀନ୍‌ର ସେଇ ପୁରୁଣା ସ୍ନେହ ଆଦର ପାଇ ଖୁବ୍ ଖୁସି ଲାଗୁଥିଲା ତମସାକୁ । ଘର ଭିତରକୁ ପଶି ନୀଳ ରଙ୍ଗର ଶାଢ଼ୀଟି ସହିତ ମ୍ୟାଚିଂ ଜୁଏଲାରୀ ପିନ୍ଧି ନିଜକୁ ନୀଳପରୀଟିଏ ଭଳି ସଜେଇ ଯେତେବେଳେ ବାହାରକୁ ବାହାରିଲା ତମସା, ତା'କୁ ଦେଖି ଆଖି ଦୁଇଟି ବିସ୍ମୟରେ ଖୋଲା ରହିଗଲା ଯତୀନ୍‌ର । ସତରେ ଏଇ କାର୍ଯ୍ୟବ୍ୟସ୍ତତା ହେତୁ ସେ କିଛିଦିନ ହେଲାଣି ଭଲ ଭାବରେ ତମସାକୁ ଦେଖି ବି ପାରିନଥିଲା । କେତେ ସୁନ୍ଦର ଦିଶୁଛି ସେ ! ଠିକ୍ ସେଇ ଚତୁର୍ଥୀ ରାତିର ଲାଜେଇ ନବବିବାହିତା ସ୍ତ୍ରୀଟି ଭଳି । ଯତୀନ୍‌ର କାନମୂଳ ଗରମ ହେବାକୁ ଲାଗିଥିଲା । ସୋଫା ଉପରୁ ଉଠି ଯାଇ ତମସାକୁ ଜାବୁଡ଼ି ଧରି ତା' ଓଠରେ ମୁହଁକୁ ରଖିବା ପୂର୍ବରୁ ହସି ହସି ତା'କୁ ଦୂରକୁ ପେଲି ଦେଲା ତମସା ମେକ ଅପ୍ ଖରାପ ହୋଇଯିବ କହି । ମନକୁ ମାରି ଚୁପ୍ ହୋଇ ଗ୍ୟାରେଜ୍‌ରୁ ଗାଡ଼ି ବାହାର କରିବାକୁ ବାହାରି ଗଲା ଯତୀନ୍ । ବାଟସାରା ଡ୍ରାଇଭିଂ କରୁ କରୁ ପାଖରେ ବସିଥିବା ତମସା ଶାଢ଼ୀରୁ ଆସୁଥିବା ପରଫ୍ୟୁମ୍‌ର ମଧୁର ସୁଗନ୍ଧ ତା'କୁ ମତୁଆଲା କରୁଥିଲା ।

ଅଧଘଂଟା ଭିତରେ ସେମାନେ ଯାଇ ପହଞ୍ଚିଥିଲେ ମିଷ୍ଟର ଖେଡେକରଙ୍କ ବାସଭବନରେ । ବିରାଟ ଗେଟ୍ ସାମ୍ନାରେ ଠିଆ ହୋଇଥିବା ସିକ୍ୟୁରିଟିଟି ସଲାମ ଠୁକି ଗେଟ୍ ଖୋଲିଲା ପରେ ସୁନ୍ଦର ଲନ୍‌ଟି ଅତିକ୍ରମ କରି ପୋର୍ଟିକୋରେ ବ୍ରେକ୍ କଷିଲା ଯତୀନ୍ । ଆଗରୁ ଅନେକ ଥର ଅଫିସ୍ କାମରେ ବସ୍‌ଙ୍କର ଘରକୁ ଆସିଛି ଯତୀନ୍ । ବଗିଚା ଠାରୁ ଘର ପର୍ଯ୍ୟନ୍ତ ପ୍ରତ୍ୟେକ ଥର ନୂଆ ନୂଆ ଢାଂଚାରେ ସଜ୍ଜିତ ହେବାର ଦେଖିଛି । ଆହୁରି ମଧ୍ୟ ଦେଖିଛି ଉଗ୍ର ଆଧୁନିକା ମିସେସ୍ ଖେଡେକରଙ୍କୁ, ପ୍ରତ୍ୟେକ ଥର ନୂଆ ନୂଆ ବେଶ ପୋଷାକ ପିନ୍ଧି ନୂଆ ହେୟାର ଷ୍ଟାଇଲ୍‌ରେ । ବୟସ ଯେମିତି ହାର୍ ମାନିଛି ତାଙ୍କ ପାଖରେ । ସବୁ ବେଳେ ହସ ହସ ମୁହଁ, ସବୁବେଳେ ଟିପ୍ ଟପ୍, ସତେ ଯେମିତି ଏଇ ସାଙ୍ଗେ ସାଙ୍ଗେ ଡ୍ରେସିଂ ଟେବୁଲ୍ ପାଖରୁ ଉଠି ଆସିଛନ୍ତି । କାର୍‌ଟିକୁ ପାର୍କ କରି ତମସା ପଟର ଡୋର୍‌ଟି ଖୋଲି ତା'କୁ ଓହ୍ଲାଇବା ପାଇଁ କହିଲା ଯତୀନ୍ । ଏପର୍ଯ୍ୟନ୍ତ ତମସା ଭାବୁଥିଲା ଯେ ସେମାନେ କୋଉ ଗୋଟିଏ ହୋଟେଲ୍‌କୁ ଆସିଛନ୍ତି ବୋଲି । ସେ ଓହ୍ଲାଇଲା ପରେ ଯତୀନ୍ ତା'କୁ ଜଣାଇ ଦେଲା ଯେ ତା'ର ବସ୍ ଆଜି ନିମନ୍ତ୍ରଣ କରିଛନ୍ତି ସେମାନଙ୍କୁ ଡିନର୍ ପାଇଁ । ଇତସ୍ତତଃ ହେଲା ତମସା । ଯତୀନ୍‌ର ବସ୍ ମାନେ ନିଶ୍ଚୟ ଜଣେ ବଡ ଲୋକ ହୋଇଥିବେ, ଆଗରୁ ସେ କେବେ ଏତେ ବଡ଼ ଲୋକଙ୍କ ଘରକୁ ଯାଇନି କିମ୍ବା ସେମାନଙ୍କ ଆଦବକାଇଦା ବିଷୟରେ କିଛି ଜାଣିନି । କେମିତି କ'ଣ କଥାବାର୍ତ୍ତା କରିବ, କ'ଣ କହିବେ ସେ, ଏମିତି ଭାବି ଛାତିଟା ଧଡ଼ଧଡ଼ ହେଉଥାଏ ତମସାର । ତା'ର ସଙ୍କୋଚ ଭାବ ଦେଖି ଯତୀନ୍‌ଙ୍କ ପାଖକୁ ଆସି ତା' ହାତରେ ହାତ ଛନ୍ଦି ଫୁଲ ତୋଡ଼ାଟି ଧରି ଆଗେଇ ଗଲା ବସ୍‌ଙ୍କର ଡ୍ରଇଂ ରୁମ୍ ଆଡ଼କୁ । ଦରଜାରେ ହାତ ଦେଲା ପୂର୍ବରୁ ହିଁ ଦରଜା ଖୋଲି ହସି ହସି ଆଗେଇ ଆସିଲେ ମିଷ୍ଟର ସଚିନ୍ ଖେଡେକର, "ବେଲ୍ କମ୍, ବେଲ୍ କମ୍" କହି ।

ଘର ଭିତରକୁ ପାଦ ପକାଇଥିଲେ ଯତୀନ୍ ଆଉ ତମସା । ଚଟାଣରେ ପଡ଼ିଥିବା ନରମ ଗାଲିଚାରେ ଧସି ଯାଉଥିଲା ତମସାର ପାଦ । ଘରଟିର ସାଜସଜ୍ଜା ଗୋଟିଏ ରାଜମହଲ ଠାରୁ କୌଣସି ଗୁଣରେ କମ୍ ନଥିଲା । ଗୋଟିଏ ମିଠା ମିଠା ସୁଗନ୍ଧ ଖେଳି ବୁଲୁଥିଲା ଘରଟିରେ । ଆଶ୍ଚର୍ଯ୍ୟରେ ସଙ୍କୁଚିତ ହୋଇ ଯତୀନ୍‌ର ହାତ ମୁଠାରେ ଝାଳେଇ ଯାଉଥିଲା ତମସାର ହାତ । କୌଣସି ମତେ ନିଜକୁ ସମ୍ଭାଳି ଡ୍ରଇଂ ରୁମ୍‌ର ବିଶାଳକାୟ ସୋଫା ଉପରେ ବସିଲା ତମସା ଯତୀନ୍ ସହିତ । ଝଲକାଏ ସୁଗନ୍ଧ ପବନ ସାଥିରେ ନେଇ ସେଇ ରୁମ୍‌ରେ ପ୍ରବେଶ କରିଥିଲେ ମିସେସ୍ ଶୀଳା ଖେଡେକର ତାଙ୍କର ଚେହେରାକୁ ଦେଖି ତମସାର ଆଖି ଜଳକା ହୋଇ ଗଲା ଯେମିତି । ଏମିତି ସୁନ୍ଦରୀ ସ୍ତ୍ରୀ ଲୋକଟିଏ ସିଏ ଆଗରୁ କେବେ ଦେଖି ନଥିଲା । ସୋଫାରୁ ଉଠି ପଡ଼ି ମୁଣ୍ଡ ଝୁଙ୍କାଇ ନମସ୍କାର ଜଣାଇଲା ତାଙ୍କୁ । ଭଦ୍ର ମହିଳା ଜଣକ ତା'ର ନମସ୍କାରର ପ୍ରତିବଦଳରେ ହାତ ହଲାଇ ହାଏ' ଟିଏ କହି ଆସି ସାମନା ସୋଫାରେ ମିଷ୍ଟର ଖେଡେକରଙ୍କ ପାଖରେ ବସି ପଡ଼ିଲେ । ଯତୀନ୍‌ଙ୍କୁ ଲକ୍ଷ୍ୟ କରି କହିଲେ "କ୍ୟାନ୍ ୟୋର୍ ୱାଇଫ୍ ଟକ୍ ଇନ୍ ହିନ୍ଦୀ ?" ଉତ୍ତରରେ ଯତୀନ୍ କହିଲେ, "ଇଏସ୍ ଶି କ୍ୟାନ୍ ।" ତା' ପରେ ଆରମ୍ଭ ହେଲା କଥାବାର୍ତ୍ତା । ଅଳ୍ପ ସମୟ ମଧ୍ୟରେ ସହଜ ହୋଇ ଯାଇଥିଲା ତମସା ।

କଥାରେ କଥାରେ ମଣିଷଙ୍କୁ ଆପଣାର କରିନେବାର ଶକ୍ତି ଥିଲା ଖେଡେକର ଦମ୍ପତିଙ୍କ ପାଖରେ । ବସ୍‌ଙ୍କର ଏମିତି ମନଖୋଲା ହସ, ଥଟ୍ଟା ମଜା କଥା ଆଗରୁ କେବେ ଦେଖି ନଥିଲା ଯତୀନ୍ ତା'କୁ ଖୁବ୍ ଖୁସି ଲାଗୁଥିଲା । ମିସେସ୍ ଖେଡେକରଙ୍କ ସହିତ ମଧ୍ୟ ସେ କେବେ ଏମିତି ପର୍ସନାଲ ଗପସପ କରି ନଥିଲା ଆଗରୁ ଯଦିଓ ବହୁତ ଥର ଅଫିସ୍‌ର ପାର୍ଟିରେ ଅନେକ ସମୟରେ ତାଙ୍କ ସହିତ କଥାବାର୍ତ୍ତା ହୋଇଥିଲା । ସେ ଯେତିକି ପାଖେଇ ପାଖେଇ ଆସୁଥିଲେ ଯତୀନ୍ ସେତିକି ଉତ୍‌ଫୁଲ୍ଲିତ ହୋଇ ଉଠୁଥିଲା ତାଙ୍କର ଆତ୍ମୀୟତାରେ । କଥାବାର୍ତ୍ତା ଭିତରେ ତାହା

ଆଉ ପକୋଡ଼ା ଦେଇ ଯାଇଥିଲା ମେଡ୍ ସର୍ଭାଣ୍ଟ ଯାହାର ସଦ୍ ବ୍ୟବହାର କରି ସାରିଥିଲେ ସମସ୍ତେ। ଘଣ୍ଟାକୁ ଚାହିଁଲା ଯତୀନ୍, ରାତି ସାଢ଼େ ନଅଟା। ତରବର ହୋଇ ସୋଫା ଉପରୁ ଉଠିଲା ସେ। ଘରକୁ ଫେରିବା ଲାଗି ଅନୁମତି ମାଗିଲା ଖେଡେକର୍ ସାର୍‌ଙ୍କୁ। ସାର୍ କିଛି କହିବା ପୂର୍ବରୁ ତା'ର ହାତ ଧରି ବସେଇ ଦେଲେ ମିସେସ୍ ଖେଡେକର୍, "ଆରେ ବୈଠ୍ ଯାଇୟେନା ଥୋଡି ଦେର୍ ଔର୍, ଆପ୍ ସେ ବାତ୍ କର୍ କେ ବଡ଼ା ଆଚ୍ଛା ଲଗ୍ ତା ହୈ।" କୃତ୍ୟ କୃତ୍ୟ ହୋଇ ବସି ପଡ଼ିଲା ଯତୀନ୍। ଡିନର୍‌ଟା ତାଙ୍କ ସହିତ ଖାଇବା ଲାଗି ଅନୁରୋଧ କଲେ ମିଷ୍ଟର ଖେଡେକର୍। ଅନିଚ୍ଛା ସତ୍ତ୍ୱେ ମଧ୍ୟ ବସିବାକୁ ପଡ଼ିଲା ଯତୀନ୍ ଆଉ ତମସାଙ୍କୁ ଡିନର୍ ଖାଇବା ପୂର୍ବରୁ ଦୁଇ ପେଗ୍ ଡ୍ରିଙ୍କସ୍ ନେବା ଅଭ୍ୟାସ ସେମାନଙ୍କର, ତେଣୁକରି ଡାଇନିଂ ଟେବୁଲ୍ ଉପରେ ଡ୍ରିଙ୍କସ୍ ସର୍ଭ କରି ଦେଇଗଲା ମେଡ୍ ସର୍ଭାଣ୍ଟ। ଯତୀନ୍ ଆମେ ଏସବୁ ନେଉନାହିଁ କହିବାରୁ ତାଙ୍କ ପାଇଁ ଦୁଇ ଗ୍ଲାସ୍ କୋକାକୋଲା ଆଣିବା ଲାଗି ମିସେସ୍ ଖେଡେକର୍ ଆଦେଶ ଦେଲେ ମେଡ୍ ସର୍ଭାଣ୍ଟଙ୍କୁ। ଡାଇନିଂ ଟେବୁଲ୍ ଉପରେ ଭଳି କି ଭଳି ସୁସ୍ୱାଦୁ ଖାଦ୍ୟକୁ ସୁନ୍ଦର ଭାବରେ ସଜାଡିବାରେ ସାହାଯ୍ୟ କରୁଥିଲେ ମିସେସ୍ ଖେଡେକର୍। ବଳେଇ ବଳେଇ ଖୁଆଇଥିଲେ ସେମାନଙ୍କୁ। ଖାଇସାରିବା ପରେ କୋକାକୋଲା ଟିକେ ପିଇ ହାତ ଧୋଇବାକୁ ବେସିନ୍ ପାଖକୁ ଗଲା ବେଳକୁ ମୁଣ୍ଡଟା କେମିତି ଝାଙ୍କି ଦେଲା ଯତୀନ୍‌ର। ଭଲ କରି ମୁହଁରେ ପାଣି ଛାଟି ହାତ ଧୋଇ ଆସିଲା ବେଳକୁ ପୃଥିବୀଟା ଘୁରୁଥିଲା ଭଳି ଲାଗୁଥିଲା ତା'କୁ। ପଡ଼ି ଯାଉ ଯାଉ ସେ ଧରି ପକାଇଥିଲା ଡାଇନିଂ ଚେୟାର୍‌କୁ। ଧୀରେ ଧୀରେ ଆଖି ବନ୍ଦ ହୋଇଆସୁଥିଲା ତା'ର। ଶେଷଥର ପାଇଁ ଆଖି ଖୋଲି ସେ ଦେଖିଲା ଡାଇନିଂ ଟେବୁଲ୍ ଉପରେ ମୁହଁମାଡ଼ି ଶୋଇ ଯାଇଛି ତମସା।

ତା'ପରଦିନ ସକାଳୁ ତା'ର ନିଦ ଭାଙ୍ଗିଲା ବେଳକୁ ଯତୀନ୍ ପୃଥିବୀଟା ଓଲଟପାଲଟ ହୋଇ ଯାଇଥିଲା। ମୁହଁରେ ବିଶ୍ୱ ବିଜୟିନୀର ହସ ଧରି ପାରଦର୍ଶୀ ନାଇଟ୍ ଗାଉନ୍‌ରେ ତା' ବେଡ୍ ତଳକୁ ଛିଡ଼ା ହୋଇ ରହିଥିଲେ ମିସେସ୍ ଖେଡେକର୍। ନିଜର ଅର୍ଦ୍ଧ ନଗ୍ନ ଶରୀରକୁ ଚାହିଁ ଲଜ୍ଜା, ଅପମାନ ଆଉ ଘୃଣାରେ ମୁଣ୍ଡ ନୁଆଁଇ ବେଡ୍ ଉପରୁ ତଳକୁ ଓହ୍ଲେଇ ଆସିଲା ଯତୀନ୍। ତମସା କଥା ମନରେ ଆସିବା କ୍ଷଣି ଗୋଟାଏ ଝଡ଼ ଭଳି ବାହାରକୁ ବାହାରି ଆସି ଦେଖିଲା ପାଖ ରୁମ୍‌ଟିର ପରଦା ଆଢ଼େଇ ବାହାରି ଆସୁଛନ୍ତି ମିଷ୍ଟର ଖେଡେକର୍। ତାଙ୍କର ମୁକୁଳା ଛାତିରେ ଠାଆକୁ ଠାଆ ସିନ୍ଦୂର ଦାଗ ଆଉ ନଖ ଆଂପୁଡାର ଚିହ୍ନ। ନିଜର ମୁଣ୍ଡକୁ ଢୋ ଢୋ କରି କାନ୍ଥରେ ପିଟି ପକାଇଲା ଯତୀନ୍। ଓ୍ୱାଶ୍ ରୁମ୍‌ରୁ ବାହାରି ଆସି ତା'କୁ ଧରି ପକାଇଲେ ମିଷ୍ଟର ଖେଡେକର୍। ବିନ୍ଦାସ୍ ସ୍ୱରରେ କହିଲେ, "ଟେକ୍ ଇଟ୍ ଇଜି ୟାର୍! ଐସା ହୋତା ହୈ, ଇଓର୍ ପ୍ରମୋଶନ୍ ଇଜ୍ କ୍ୱାଇଟ୍ ସିକ୍ୟୋରଡ୍।"

ଯତୀନ୍ ରାଗରେ ଥରୁଥିଲା, ତା'ର ଇଚ୍ଛା ହେଉଥିଲା ବନ୍ଧୁକଟିଏ ଧରି ତା'ର ସବୁଯାକ ଗୁଳି ନିଃଶେଷ କରି ଦିଅନ୍ତା ଏଇ ଖେଡେକର୍ ଦମ୍ପତିଙ୍କ ଉପରେ। ନିଜ ଉପରେ ବି ଖୁବ୍ ରାଗ ଆସୁଥିଲା ତା'ର। ନିଜର ମୂର୍ଖାମି ଯୋଗୁ ନିଜର କେତେ ବଡ଼ କ୍ଷତି କରିବସିଲା ସିଏ। କାହାକୁ କହିବ ସେ ଏ କଥା ? କହିଲେ ସେ କାହାକୁ ମୁହଁ ଦେଖେଇବ ? ତମସାର କ'ଣ ହେବ? ଏମିତି ଅପମାନିତ ହେଲାପରେ ସେ ବଞ୍ଚିରହିପାରିବ ତ ? ଫେରିପଡି ସାର୍ଟଟି ଦେହରେ ଗଳେଇ ସେ ତମସାକୁ ଉଠାଇବା ଲାଗି ଧାଇଁ ଯାଇଥିଲା ପାଖ ରୁମ୍‌କୁ। ସେତେବେଳ ଯାଏ ତମସା ଶୋଇ ରହିଥିଲା ସେଇ ବେଡ୍ ଉପରେ। ଧାଇଁ ଯାଇ ତା' ନାକରେ ହାତ ରଖିଲା ଯତୀନ୍। ଦେଖିଲା ନିଶ୍ୱାସ ପ୍ରଶ୍ୱାସ ଠିକ୍ ଚାଲିଛି। ତା'ର ଅସଂଯତ ବେଶଭୂଷା ଦେଖି ଛାତିଟା ଫାଟି ଯାଉଥିଲା ଯତୀନ୍‌ର। କୌଣସି ପ୍ରକାର ତା'କୁ କାନ୍ଧରେ ପକାଇ ଆଣି କାର୍ ପଛ ସିଟ୍‌ରେ ଶୁଆଇ ଦେଇ ନିଜେ ଡ୍ରାଇଭ୍ କରି ଆସିଥିଲା ଘରକୁ। ଦୁଇଦିନ ଯାଏ ତମସା ଅର୍ଦ୍ଧଚେତନ ଅବସ୍ଥାରେ ରହିଥିଲା ଏବଂ ସିଏ ଅଫିସ୍ ଯିବା ବନ୍ଦ କରି ତା'କୁ ଜଗି ବସି ସେବା ଶୁଶ୍ରୁଷା କରିଥିଲା। ବହୁତ କଷ୍ଟରେ ତା'ର ଚେତା ଫେରିଥିଲା ତୃତୀୟ ଦିନ ସନ୍ଧ୍ୟାରେ। ଆଖି ଖୋଲି ଯତୀନ୍‌କୁ ସାମନାରେ ଦେଖି ତା'କୁ କୁଣ୍ଢାଇ ଧରି ବହେ କନ୍ଦା କଟା କଲା ପରେ ଚୁପ୍ ହୋଇଗଲା ଯତୀନ୍‌ର କାନ୍ଦ ଦେଖି। ସେଦିନ ସାରାରାତି ଦୁହେଁ ଦୁହିଁଙ୍କୁ ଜାବୁଡ଼ି ଧରି କାନ୍ଦି କାନ୍ଦି କଟିଲା। ନିଜର ଉଚ୍ଚାଭିଳାଷ ଆଉ ସରଳ ବିଶ୍ୱାସ ପାଇଁ ଯେଉଁ ମୂଲ୍ୟଦେବାକୁ ପଡ଼ିଥିଲା ଯତୀନ୍‌କୁ, ତାହା ତା'ର ଜୀବନରେ ସବୁଦିନ ପାଇଁ ରକ୍ତାକ୍ତ କ୍ଷତଟିଏ ହୋଇରହିଗଲା। ଯତୀନ୍‌କୁ ଆଉ ମୁହୂର୍ତ୍ତଟିଏ ବି ସେଠାରେ ରହିବାକୁ ଇଚ୍ଛା ହେଉନଥିଲା। ଯେତେଦିନ ସେ ସେଠାରେ ଥିବ, ତା' ସହିତ ଘଟିଥିବା ଦୁର୍ଘଟଣା ତା'କୁ ତିଳତିଳ କରି ଜାଳିଦେବ, ବରଂ ଗାଁକୁ ଫେରିଯିବା ଭଲହେବ।

ତା' ପରଦିନ ସକାଳୁ ଅଫିସ୍‌କୁ ନିଜର ଲାପଟପ୍‌ରେ ରେଜିଗ୍‌ନେସନ୍ ଲେଟରଟି ମେଲ୍ କରିଦେଇ, ତମସାକୁ ସାଙ୍ଗରେ ନେଇ କେବଳ କିଛି ଜରୁରୀ ଆବଶ୍ୟକୀୟ ଜିନିଷପତ୍ର ସାଙ୍ଗରେ ଆଣି ରାତିରେ ଫ୍ଲାଇଟ୍ ଧରି ଓଡ଼ିଶା ଫେରି ଆସିଥିଲା ଯତୀନ୍। ସ୍ୱପ୍ନ ନଗରୀର ମାୟା ଲୁଟି ନେଇଥିଲା ତା'ର ସାରା ଜୀବନର ସୁଖଶାନ୍ତି। ତମସା ସେମିତି ମୂକ ହୋଇ ରହିଥିଲା ଅନେକ ଦିନ। ଗାଁକୁ ଫେରିଲା ପରେ ଯତୀନ୍ ଜଣାଇ ଦେଇଥିଲା ଯେ ମୁମ୍ବାଇରେ ତମସାର ଦେହ ବହୁତ ଖରାପ ହେବାରୁ ସେ ଚାକିରୀ ଛାଡ଼ି ଦେଇ ଆସିଛି ଏବଂ ଏବେ ସେ ଗାଁରେ ରହି ଜମିବାଡ଼ିର ଦେଖାଶୁଣା କରିବ। ଉନ୍ନତ ପ୍ରଣାଳୀରେ ଚାଷ ବାସ କରି ନିଜର ଓ ନିଜ ଗାଁ'ର ଉନ୍ନତି କରିବ। ଚୌଧୁରୀ ପରିବାରର ସମସ୍ତେ ଖୁସି ହୋଇଥିଲେ ଯତୀନ୍‌ର ଏଇ ନିର୍ଣ୍ଣୟରେ। ଧୀରେ ଧୀରେ ସୁସ୍ଥ ହୋଇଥିଲା ତମସା ଏବଂ ସବୁ ଦୁର୍ଘଟଣାକୁ ଭୁଲି ନୂଆ କରି ଜୀବନ ଆରମ୍ଭ କରିଥିଲା ଯତୀନ୍ ସାଥିରେ। ବାପାଙ୍କ ସହିତ ମିଶି ତମସା ସ୍କୁଲ୍‌ଟିଏ ଖୋଲିଥିଲା ଗାଁରେ ଆଉ ପିଲାମାନଙ୍କୁ ନିଶୁଳ୍କ ଶିକ୍ଷାଦାନ କରୁଥିଲା। ସ୍ୱପ୍ନ ନଗରୀର ମାୟାଜାଲ କାଟି ସଫଳ ଚାଷୀଟିଏ ହୋଇ ସୁଖରେ ନିଜ ପରିବାର ସହିତ ଦିନ କାଟୁଥିଲା ଯତୀନ୍।

*ଶାରଳା ଭବନ, ପୋତା ପୋଖରୀ, କଟକ-୪*
*ଦୂରଭାଷ: ୯୩୩୭୨୭୨୬୪୭*

# ଓଡ଼ିଆ ଅସ୍ମିତା !

ବୀରେଶ୍ୱର ମହାନ୍ତି

ନୀଳାଚଳବାବୁ ଜଣେ ମାତୃଭାଷା ପ୍ରେମୀ ବ୍ୟକ୍ତି । ବିନା କାରଣରେ ମାତୃଭାଷା ବ୍ୟତୀତ ଅନ୍ୟ ଭାଷାରେ କଥା ହେବାକୁ ସେ ନାପସନ୍ଦ କରନ୍ତି । ନିଜ ଭାଷାର କେହି ଅନାଦର କଲେ ତାଙ୍କର କ୍ରୋଧାଗ୍ନି ପ୍ରଜ୍ୱଳିତ ହୋଇଯାଏ । ଅଗ୍ନିଶର୍ମା ହୋଇ କହନ୍ତି – "ନିଜର ଏକ ସମୃଦ୍ଧ ମାତୃଭାଷା ଥାଉଥାଉ ଅନ୍ୟ ଭାଷାରେ ବାର୍ତ୍ତାଳାପରେ କି କାର୍ଯ୍ୟ ! କଥାକଥାକେ ସେ ସ୍ୱଭାବକବି ଗଙ୍ଗାଧର ଏବଂ ବ୍ୟାସକବି ଫକୀର ମୋହନଙ୍କ ନଜିର ପେଶ୍ କରନ୍ତି । ତାଙ୍କ ଲିଖିତ ପଦ୍ୟାଂଶକୁ ଉଦ୍ଧାର କରି ଅତି ସ୍ୱାଭିମାନର ସହ ପଦେପଦେ ଆବୃତ୍ତି କରି ପକାନ୍ତି । ତେବେ ଆଜିକାଲିକା ଟୋକାଟାକେଳିଆ ଫରେନ୍ ପ୍ରେମୀଙ୍କ ମଗଜରେ ସେ ସବୁ ପ୍ରବେଶ କରିବାର ସମସ୍ତ ପଥ ରୁଦ୍ଧ । ସେମାନେ ତ ଇଂରାଜୀ ଭାଷାରେ ନିଜକୁ ପଣ୍ଡିତ ବୋଲି ବିବେଚନା କରନ୍ତି । ମାତୃଭାଷା କଥା ପଚାରେ କିଏ ? ଇଂରାଜୀରେ ପଦେ କଥା ହେଲେ କଥାଗୁଡ଼ାକ ଓଜନିଆ ହୋଇ ମୁଖରୁ ନିସୃତ ହେବା ପ୍ରାୟ ସେମାନଙ୍କୁ ବୋଧ ହୁଏ । ମାତ୍ର ତାଙ୍କୁ କାହୁଁ ଜଣାଯେ ଇଂରାଜୀ ଭାଷାର ବହୁ ପୂର୍ବରୁ ଓଡ଼ିଆ ଭାଷାର ସୃଷ୍ଟି ।

ହାଲି ଉପରେ ବାବୁ ନୀଳାଚଳ ସରକାରୀ ଚାକିରି ସମାପ୍ତ ଉପରାନ୍ତେ ଭୁବନେଶ୍ୱରର ଏକ ଅପାର୍ଟମେଣ୍ଟରେ ଫ୍ଲାଟ୍ ଗୋଟା ଖରିଦ କରି ବସବାସ କରୁଛନ୍ତି । ଅବସର ପରେ ଓଡ଼ିଆ ପ୍ରୀତି ତାଙ୍କର ଆହୁରି ପ୍ରଗାଢ଼ ଧରିଛି । ଚାକିରି ସମୟରେ ସିନା ଇଂରାଜୀରେ ମତାମତ ଲିପିବଦ୍ଧ କରିବାକୁ ପଡୁଥିଲା । ଏବେ ସେ କଟକଣାରୁ ମୁକ୍ତ ହୋଇ କିଛିଟା ହାଲୁକା ଅନୁଭବ କରୁଛନ୍ତି । କ୍ରମେ ସେ ଆପାର୍ଟମେଣ୍ଟର ଅନ୍ତେବାସୀମାନଙ୍କ ସହ ପରିଚିତ ହେଉଛନ୍ତି । ପ୍ରାତଃ ଭ୍ରମଣରେ ଆପାର୍ଟମେଣ୍ଟ୍ ପରିସରରେ ବୁଲୁଥିବା ସମୟରେ କେହିକେହି ତାଙ୍କୁ ଗୁଡ୍ ମର୍ଣ୍ଣିଂ କହି ଶୁଭେଚ୍ଛା ପ୍ରଦାନ କରନ୍ତି । ଏକଥା ନୀଳାଚଳଙ୍କର ହଜମ ହୁଏନା । ଭାବନ୍ତି, ଏ ବିଦେଶୀ ଆଦବକାଇଦା ଛାଡ଼ି ନମସ୍କାର ପୂର୍ବକ ଶୁଭେଚ୍ଛା ଜଣେଇବାରେ ଅସୁବିଧା କେଉଁଠି ? ସାନ୍ଧ୍ୟ ଭ୍ରମଣରେ ଦେଖନ୍ତି, ଅଳ୍ପ ବୟସର କଞ୍ଚା ପିଲାଗୁଡ଼ାକ କେବଳ ଇଂରାଜୀ କିମ୍ବା ହିନ୍ଦୀ ଭାଷାରେ ଅନର୍ଗଳ କଥାବାର୍ତ୍ତା କରୁଛନ୍ତି । ତାଙ୍କ ତୁଣ୍ଡରେ ଓଡ଼ିଆ ଭାଷାର ନାମ ଗନ୍ଧ ନାହିଁ।

> ତାଙ୍କର କହିବା କଥା ହେଲା ଓଡ଼ିଆରେ ବକ୍ତୃତା ଦେବା ପାଇଁ ଜଣେ ମାତ୍ର ଆଗଭର ହେଲେ ବି ଯଥେଷ୍ଟ । ମାତ୍ର ଓଡ଼ିଶା ଦିବସରେ ଓଡ଼ିଆ ବ୍ୟତୀତ ଅନ୍ୟ ଭାଷାରେ ବକ୍ତୃତା କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ସହ୍ୟ କରି ହେବନାହିଁ । ତାଙ୍କ ଜିଦ୍ ଆଗରେ ଟୋକାଙ୍କର କାତ ପାଇଲା ନାହିଁ । ନୀଳାଚଳଙ୍କର ଜିତାପଟ ହେଲା । ଓଡ଼ିଆରେ ବକ୍ତୃତା ପାଇଁ ନିଷ୍ପତ୍ତି ହୋଇଗଲା ।

ଟିଭିରେ ଉଦ୍‌ଘୋଷିକା / ଉଦ୍‌ଘୋଷକ ମାନଙ୍କର ଓଡ଼ିଆ ଶବ୍ଦ ଉଚ୍ଚାରଣରେ ଖୁବ୍ ଆହତ ହୁଅନ୍ତି ନୀଳାଚଳ । ଅଯଥା ହଳନ୍ତ୍ ପ୍ରତ୍ୟୟର ବ୍ୟବହାର କରି ଓଡ଼ିଆ ଶବ୍ଦଗୁଡାଙ୍କୁ କଦାକାର ତଥା ବିକୃତ କରି ଭାଷି ଚାଲନ୍ତି । ଓଡ଼ିଆ କହୁକହୁ ବିନା କାରଣରେ ଗୁଡ଼ାଏ ହିନ୍ଦୀ, ଇଂରାଜୀ ଶବ୍ଦ ବ୍ୟବହାର କରି ଉତ୍‌ଫୁଲିତ ହେବା ପ୍ରାୟ ବୋଧ କରନ୍ତି । ଓଡ଼ିଆ ଶବ୍ଦଗୁଡ଼ିଙ୍କର ବେଶ ପୋଷାକର ଏମନ୍ତ ପରିବର୍ତ୍ତନ କରିଦିଅନ୍ତି ଯେ ଓଡ଼ିଆ ଭାଷା ବୋଲି ଭାବିବାରେ କିଛି ସମୟ ବିଳମ୍ବ ହୋଇଯାଏ । ଏପରି କରି ଅଣଓଡ଼ିଆ ଶବ୍ଦ ଗୁଡ଼ିକର ସହି ଇସ୍ତେମାଲ୍ କରିବାରେ ସେମାନେ ନିଜକୁ ସିଦ୍ଧହସ୍ତ ବୋଲି ମନେ କରନ୍ତି । ଏ ପ୍ରକାର କାଣ୍ଡ କାରଖାନାରେ ନୀଳାଚଳବାବୁ ବ୍ୟଥିତ ହେବା ସହ ଉତ୍‌କ୍ଷିପ୍ତ ହୁଅନ୍ତି । ପଣ କରନ୍ତି, ମାତୃଭାଷାର ସୁରକ୍ଷା ପାଇଁ ଗୁଣ୍ଡୁଚି ମୂଷା ପ୍ରାୟେ ଯାହା ତାଙ୍କ ଦ୍ୱାରା ସମ୍ଭବ ହେବ, ତାହା କରିବା ପାଇଁ ପଶ୍ଚାତ୍‌ପଦ ହେବେ ନାହିଁ ।

ମାତୃଭାଷାର ଉନ୍ନତି କଳ୍ପେ କିଛି କରିବାର ବାସନାକୁ ନେଇ ମନ ଉଦ୍‌ବେଳିତ ହେଉଥିବା ସମୟରେ ସୌଭାଗ୍ୟକୁ ନୀଳାଚଳବାବୁଙ୍କୁ ଏକ ମଉକା ଜୁଟିଗଲା । ଦିନ କେଇଟାରେ ଓଡ଼ିଶା ଦିବସ । ଆପାର୍ଟ୍‌ମେଣ୍ଟ୍‌ରେ ଓଡ଼ିଶା ଦିବସ ପାଳନ କରି ଓଡ଼ିଆ ଭାଷାର ମହତ୍ତ୍ୱ ବିଷୟରେ ପିଲାମାନଙ୍କୁ ବୁଝେଇ ପାରିଲେ ଏକ ମହତ୍ କାର୍ଯ୍ୟ ହେବ ବୋଲି ମନେକରି କିଛି ମୁଣ୍ଡିମାନଙ୍କ ସହ ପରାମର୍ଶ କଲେ । ଟୋକାଟାକେଳିଆ ଦଳେ କାହୁଁ ଖବର ପାଇ ବଳେଇ ପଶି ଆଲୋଚନାକୁ କବ୍‌ଜା କରିନେଲେ । ବାବୁ ନୀଳାଚଳ ଓଡ଼ିଆରେ ଏକ ବକ୍ତୃତା ପ୍ରତିଯୋଗିତା ସହ ପିଲାଙ୍କ ମଧ୍ୟରେ ଓଡ଼ିଆ ଭାଷା ସଂସ୍କୃତିକୁ ନେଇ କିଛି ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମର ଆୟୋଜନ ପାଇଁ ପ୍ରସ୍ତାବ ରଖିଲେ । ଏତଦ୍‌ବ୍ୟତୀତ ଆଗ୍ରହୀ ବ୍ୟକ୍ତିମାନଙ୍କୁ ଓଡ଼ିଶା ଦିବସ ତଥା ଓଡ଼ିଆ ଭାଷାର ସୁରକ୍ଷା ଉପରେ ସେମାନଙ୍କର ବକ୍ତବ୍ୟ ରଖିବାକୁ ପରାମର୍ଶ ଦେଲେ ।

ଆଲୋଚନା ସମୟରେ ଓଡ଼ିଆ ଭାଷାରେ ବକ୍ତୃତା ପ୍ରତିଯୋଗିତାକୁ ନେଇ ବହୁ ବାଦାନୁବାଦ ସୃଷ୍ଟି ହେଲା । ଥୋକେ କହିଲେ ତାଙ୍କ ପିଲାଏ ଓଡ଼ିଆ ଲେଖିପଢ଼ି ଜାଣିନାହାନ୍ତି । ଏଣୁ ଇଂରାଜୀ, ହିନ୍ଦୀରେ ବକ୍ତୃତା ପ୍ରତିଯୋଗିତା ହେଉ । ଉପସ୍ଥିତ

ବ୍ୟକ୍ତିମାନଙ୍କର ଏମନ୍ତ ମାତୃଭାଷା ବିରୋଧି ଆଚରଣ ଦେଖି ନୀଳାଚଳଙ୍କର ହାଲୁକ ଶୁଖିଗଲା । ହଇହେ ଓଡ଼ିଶା ଦିବସରେ ପୁଣି ଇଂରାଜୀ, ହିନ୍ଦୀରେ ବକ୍ତୃତା ପ୍ରତିଯୋଗିତା ହେବ ! ମାତ୍ର ସେ ବି ଛାଡ଼ିବା ଲୋକ ନୁହନ୍ତି । ଓଡ଼ିଆ ଭାଷାରେ ବକ୍ତୃତା ପ୍ରତିଯୋଗିତା ପାଇଁ ଜିଗର କରିବସିଲେ । ତାଙ୍କର କହିବା କଥା ହେଲା ଓଡ଼ିଆରେ ବକ୍ତୃତା ଦେବା ପାଇଁ ଜଣେ ମାତ୍ର ଆଗଭର ହେଲେ ବି ଯଥେଷ୍ଟ । ମାତ୍ର ଓଡ଼ିଶା ଦିବସରେ ଓଡ଼ିଆ ବ୍ୟତୀତ ଅନ୍ୟ ଭାଷାରେ ବକ୍ତୃତା କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ସହ୍ୟ କରି ହେବନାହିଁ । ତାଙ୍କ ଜିଦ୍ ଆଗରେ ଟୋକାଙ୍କର କାତ ପାଇଲା ନାହିଁ । ନୀଳାଚଳଙ୍କର ଜିତାପଟ ହେଲା । ଓଡ଼ିଆରେ ବକ୍ତୃତା ପାଇଁ ନିଷ୍ପତ୍ତି ହୋଇଗଲା । ମୁଖ୍ୟବକ୍ତା ଭାବରେ ନୀଳାଚଳବାବୁଙ୍କ ମନୋନୀତ କରାଗଲା । ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ ପରେ ସଭାକାର୍ଯ୍ୟ ଆରମ୍ଭ କରିବାକୁ ଧାର୍ଯ୍ୟ କରାଗଲା । ଯୁବଗୋଷ୍ଠୀ ସବୁ କାର୍ଯ୍ୟ ତଦାରଖ କରିବେ ବୋଲି ଆଗତୁରା ତାଙ୍କ ତରଫରୁ ପ୍ରତିଶ୍ରୁତି ଦେବା ଉପରାନ୍ତେ ଓଡ଼ିଶା ଦିବସ ଆଲୋଚନାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା ।

ମନେମନେ ଆତ୍ମ ସନ୍ତୋଷ ଲାଭ କରୁଥିଲେ ନୀଳାଚଳବାବୁ । ଅତି କମ୍‌ରେ ଓଡ଼ିଶା ଦିବସରେ ଓଡ଼ିଆ ଭାଷାର ସୁରକ୍ଷା ବାବଦରେ କିଛି ଆଲୋଚନା ପାଇଁ ତ ସେ ସମସ୍ତଙ୍କୁ ପ୍ରବର୍ତ୍ତାଇ ପାରିଛନ୍ତି । ଯୋଗକୁ ପରିସ୍ଥିତିଟାଏ ତାଙ୍କୁ ସୁହେଇଗଲା । ସମସ୍ତଙ୍କୁ ବିସ୍ମିତ କରି ଓଡ଼ିଶା ଦିବସର ଦି'ଦିନ ପୂର୍ବରୁ ଅନୁଷ୍ଠିତ ହେଉଥିବା ବକ୍ତୃତା ପ୍ରତିଯୋଗିତାରେ ବାରଜଣ ପ୍ରତିଯୋଗୀ ଓଡିଆରେ ବକ୍ତୃତା ଦେବା ପାଇଁ ଉପସ୍ଥିତ ହୋଇଗଲେ । ନୀଳାଚଳଙ୍କ ମନ ଆନନ୍ଦରେ କୁଣ୍ଢେମୋଟ । ଯାହା ହେଉ କିଛି ତ ହେଲା । ପିଲାଏ ବି ପ୍ରସ୍ତୁତ ହୋଇ ଆସି ଭଲ କହିଲେ । କରତାଳି ଦେଇ ପ୍ରତିଯୋଗୀମାନଙ୍କୁ ସମସ୍ତେ ଧନ୍ୟ ଧନ୍ୟ କଲେ । ଉତ୍ସାହମୂଳକ ପୁରସ୍କାର ପାଇଁ ଆବଶ୍ୟକୀୟ ଅର୍ଥରାଶି ନୀଳାଚଳବାବୁ ପଇଠ କରିବେ ବୋଲି ସୂଚେଇ ଦେଲେ ।

ଓଡ଼ିଶା ଦିବସ ଦିନକ ଆଗରୁ ଉତ୍କଳଗୌରବ ଏବଂ ଉତ୍କଳ ମଣିଙ୍କ ଦୁଇଟି ଫଟୋ କ୍ରୟ କରି ଆଣି ଯୁବଗୋଷ୍ଠୀଙ୍କୁ ହସ୍ତାନ୍ତର କଲାବେଳେ ଲକ୍ଷ୍ୟ କଲାବେଳେ ଲକ୍ଷ୍ୟ କଲେ ଏକ ବଡ଼ ପେଣ୍ଡାଲ୍ ବନ୍ଧାଚାଲିଛି । ଓଡ଼ିଶା ଦିବସ ପାଳନ ପାଇଁ ଏତେ ବଡ଼ ପେଣ୍ଡାଲ୍‌ର ଆବଶ୍ୟକତ କ'ଣ ବୋଲି ପୁଚ୍ଛା କରନ୍ତେ କେହି ଜଣେ ଦାନ୍ତ ନେଫେଡେଇ ନୃତ୍ୟଗୀତର ସାମାନ୍ୟ ଆୟୋଜନ ହେଉଛି କହି ସେ ସ୍ଥାନରୁ ଛୁ ମାରିଲେ । ଚକୁଳି ଖାଇବାରେ ମତଲବ, ବିନ୍ଧ ଗଣିବାରେ କି ଲାଭ ଭାବି ସେ ବି ସ୍ଥାନ ପରିତ୍ୟାଗ କଲେ । ଅସଲ କଥା ହେଲା ଓଡ଼ିଶା ଦିବସ ପାଳନ । ଆଉ ଫାଲତୁ କଥାରେ ସେ ମୁଣ୍ଡ ଖେଳେଇବେ କିଆଁ ?

ଓଡ଼ିଶା ଦିବସ ଦିନ ସଂଧ୍ୟାବେଳକୁ ଏକ ବିରାଟକାୟ ମଜବୁତିଆ ପେଣ୍ଡାଲ୍ ଦେଖି ନୀଳାଚଳବାବୁ ଆଚମ୍ବିତ ହୋଇଗଲେ । ପେଣ୍ଡାଲ୍‌ର ଅଗ୍ରଭାଗରେ ମଧୁବାବୁ ଏବଂ ଗୋପବନ୍ଧୁବାବୁଙ୍କ ଫଟୋ ପାଇଁ ସ୍ଥାନ ନାହିଁ । ଏକ କୋଣ ଯାଗାରେ ଏଥିପାଇଁ ସ୍ଥାନ ନିରୂପିତ ହୋଇଛି । ଗଭୀର କ୍ଷୋଭ ସହ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କଲେ ସିନା ମନ ଭିତରେ ଅସନ୍ତୋଷ ଭାବ କୁହୁଳି ଉଠୁଥିଲା । ସତେ ଯେମିତି କିଛି ଭୁଲ୍ ହୋଇଯାଉଛି । ପ୍ରାରମ୍ଭିକ ସଂଗୀତ "ବନ୍ଦେ ଉତ୍କଳ ଜନନୀ" ବୋଲା ହେବା ପରେ ନୀଳାଚଳବାବୁଙ୍କୁ ବକ୍ତବ୍ୟ ରଖିବା ପାଇଁ ଅନୁରୋଧ କରାଗଲା ।

ବାବୁ ନୀଳାଚଳ ବକ୍ତବ୍ୟ ଦେବା ପାଇଁ ପେଣ୍ଡାଲ୍ ଉପରକୁ ଉଠି ଦେଖିଲେ ଦର୍ଶକ ମଣ୍ଡଳୀରେ ଛୋଟ ପିଲାମାନଙ୍କର ଉପସ୍ଥିତି ନଗଣ୍ୟ । ଯେଉଁମାନଙ୍କର ଓଡ଼ିଆ ଭାଷା, ଓଡ଼ିଆ ଅସ୍ମିତା ବାବଦରେ ବୁଝିବାର ଆବଶ୍ୟକତା ରହିଛି, ସେମାନଙ୍କର ହାଲୁକା ଉପସ୍ଥିତିରେ ତାଙ୍କ ମନ ପାଣିଚିଆ ଧରିଗଲା । ତଥାପି ମନକୁ ବୁଝେଇ ନେଲେ- ନାହିଁ ମାମୁ ଠାରୁ କଣା ମାମୁ ଭଲ । ଆଉ କିଛି ନ ହେଲେ ବି ଓଡ଼ିଶା ଦିବସ ପାଳନର ଶୁଭାରମ୍ଭ ହୋଇଛି ନିଶ୍ଚୟ ।

ବାବୁ ନୀଳାଚଳ ବକ୍ତବ୍ୟ ରଖିବାର ପାଞ୍ଚ ମିନିଟ୍ ସମୟ ଗତ ହୋଇଛିକି ନାହିଁ, କାର୍ଯ୍ୟକ୍ରମ ବିଷୟରେ ବୁଝାବୁଝି କରୁଥିବା ଯୁବକ ଭାଷଣ ଶୀଘ୍ର ସାରିବା ପାଇଁ କାନ ପାଖରେ କହିଦେଇ ଗଲେ । ବାବୁଙ୍କର କହିବାର ସ୍ରୋତରେ ବାଧା ଉପୁଜିଲା । ତହିଁକୁ ତାଙ୍କର ଖାତିର ନାହିଁ । ପୁଣି ମନ ବନେଇ କହି ଚାଲିଲେ- "ଓଡ଼ିଆ ଭାଷା ବହୁ ପୁରାତନ । ହାତୀଗୁମ୍ଫା ଶିଳାଲେଖରେ ତାର ପ୍ରମାଣ ଗଚ୍ଛିତ । ଇଂରାଜୀ ଏଇ କାଲିକା ଭାଷା । ୧୭୩୧ ମସିହାରେ ଇଲଣ୍ଡର ରାଜା ଜର୍ଜ ଦ୍ୱିତୀୟଙ୍କ ସମୟରେ ଏକ ଅଧିନିୟମ ଜାରି କରାଯାଇ କୁହାଗଲାଯେ ଯେଉଁ ବ୍ୟକ୍ତି ଇଂରାଜୀ ଛଡ଼ା ଫ୍ରେଞ୍ଚ୍ କିମ୍ବା ଲାଟିନ୍ ଭାଷାର ବ୍ୟବହାର ନ୍ୟାୟଳୟରେ କରିବେ, ସେମାନଙ୍କୁ ୫୦ ପାଉଣ୍ଡ ଜୋରିମାନା ଦେବାକୁ ପଡ଼ିବ । ଅର୍ଥାତ୍ ସେ ସମୟପର୍ଯ୍ୟନ୍ତ ମଧ ଇଂରାଜୀ ଇଲଣ୍ଡର ସାଧାରଣ ଲୋକଙ୍କ ଭାଷା ନ ଥିଲା । ଏପରି ସ୍ଥଳେ ଓଡ଼ିଆପରି ୨୫୦୦ ବର୍ଷ ତଳର ପୁରୁଣା ଭାଷାକୁ ଅନାଦର କାହିଁକି ?" ଏମିତି ଅନେକ କଥା ବଖାଣି ଚାଲିଥାନ୍ତି ନୀଳାଚଳବାବୁ । ଆହୁରି କେତେ କ'ଣ କହିଥାନ୍ତେ, ମାତ୍ର ପାଞ୍ଚ ମିନିଟ୍ ପରେ ଆଉ ଜଣେ ବ୍ୟକ୍ତି ଆସି କାନରେ ଫୁସ୍‌ଫୁସେଇ ଭାଷଣ ବନ୍ଦ କରିବାକୁ ଏକ ପ୍ରକାର ନିର୍ଦ୍ଦେଶ ଦେଇ ଚାଲିଗଲା ।

ଦ୍ୱନ୍ଦ୍ୱରେ ପଡ଼ିଗଲେ ନୀଳାଚଳ । ଭାଷଣ ଦେବାକୁ ଡାକି ଭାଷଣ ରୋକିବାର କାରଣ କ'ଣ ? ତେବେ ଆଉ ଦି' ଧାଡ଼ି କହି ଭାଷଣ ସମାପ୍ତ କରିବେ ବୋଲି କହିବାରୁ ତାଙ୍କ ଭାଷଣକୁ ଭଣ୍ଡର କରିବାକୁ ଯୁବଗୋଷ୍ଠୀ ଏମନ୍ତ କରତାଳି ମାଡ଼ କଲେ ଯେ ବାବୁଙ୍କର କିଛି କଥା କାହାକୁ ଶ୍ରାବ୍ୟ ହେଲା ନାହିଁ । ପ୍ରକାରାନ୍ତରେ ତାଙ୍କୁ ଭାଷଣ ବନ୍ଦ କରିବା ପାଇଁ ଏକପ୍ରକାର ବାଧ କରାଗଲା ବୋଲି ନୀଳାଚଳଙ୍କ ସମଝକୁ ଆସିଗଲା । ଦି' ଧାଡ଼ିରେ ବକ୍ତବ୍ୟ ସମାପନ ପରେ କାନମୁଣ୍ଡ ଆଉଁଷି ମଞ୍ଚରୁ ଅବତରଣ ପୂର୍ବକ ମୁହଁ ଫୁଲେଇ ବସି ରହିଲେ ।

ଏବେ ଅସଲ କାର୍ଯ୍ୟକ୍ରମର ଶୁଭାରମ୍ଭ ହେଲା । ଜନୈକ ମହିଳା ଘୋଷିକା ଇଂରାଜୀରେ ବିଭିନ୍ନ ନୃତ୍ୟଗୀତ କାର୍ଯ୍ୟକ୍ରମର ଘୋଷଣା କରିବା ଆରମ୍ଭ କରିଦେଲେ । କାନମୁଣ୍ଡ ଭାଁ ଭାଁ ହୋଇଗଲା ନୀଳାଚଳଙ୍କର । ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ପୁଣି ଇଂରାଜୀରେ ଘୋଷଣା । ଆଉ ଧୈର୍ଯ୍ୟ ଧରିପାରିଲେନି ସେ । ଚେୟାରରୁ ଉଠି ଗୃହାଭିମୁଖୀ ହେବା ବେଳକୁ ଆଧୁନିକ ସଂଗୀତର ତାଳେତାଳେ ଦଳେ ପିଲା ଉଦଣ୍ଡ ନୃତ୍ୟ ଆରମ୍ଭ କରିଦେଇଥିଲେ । ଗଭୀର ଅସନ୍ତୋଷ ଓ ବେଦନା ନେଇ ନିଜ ଫ୍ଲାଟ୍‌କୁ ଫେରି ଆସିଲେ । ଭାବୁଥିଲେ, ଏ କାର୍ଯ୍ୟକ୍ରମ ଓଡ଼ିଆ ଭାଷାର ଜୟଗାନ ନା ଅପମାନ । ସେ କ'ଣ ଚନ୍ତା କରିଥିଲେ, ହେଲା କ'ଣ, !

ରାତ୍ର ଏଗାର ପର୍ଯ୍ୟନ୍ତ କିଳିକିଳା ରାବର ପର୍ଯ୍ୟନ୍ତ କିଳିକିଳା ରାବର ସଂଗୀତ ତାଙ୍କ କର୍ଣ୍ଣରେ ପ୍ରତିଧ୍ୱନିତ ହୋଇ ଚାଲୁଥିଲା । ବ୍ୟସ୍ତ ବିବ୍ରତ ହୋଇ ଭାବୁଥିଲେ- ଏଇ କ'ଣ ଓଡ଼ିଆ ଅସ୍ମିତା !

*ସି- ୧୦୫, ଶୁଭମ୍ ରୟାଲ୍ ଆପାର୍ଟମେଣ୍ଟ,*
*ଘାଟିକିଆ, ଭୁବନେଶ୍ୱର*
*ଦୂରଭାଷ: ୯୯୩୮୬୧୫୬୭୧*

# ଫାର୍ମ ହାଉସ

## ମୂଳ ଲେଖା - ଆଣ୍ଟନ ଚେକୋଭ
## ଅନୁବାଦକ - ଚିତ୍ତରଂଜନ ପଟ୍ଟନାୟକ

"ମୁଁ ତୁମକୁ ଭଲପାଏ । ତୁମେ ମୋର ଜୀବନ, ମୋର ଖୁସୀ-ମୋର ସବୁକିଛି ! ମୋ ସ୍ୱୀକାରୋକ୍ତି ପାଇଁ କ୍ଷମା କରିଦିଅ, କିନ୍ତୁ ମୋର ନୀରବରେ କଷ୍ଟ ସହ୍ୟ କରିବାର ଆଉ ଶକ୍ତି ନାହିଁ । ମୋ ଭାବନାର ପ୍ରତିଦାନ ମୁଁ ତୁମଠାରୁ ଚାହୁଁନାହିଁ, ମୁଁ କେବଳ କିଛି ଦୟା ଚାହୁଁଛି । ଆଜି ସନ୍ଧ୍ୟା ଆଠଟା ବେଳେ ପୁରୁଣା ଗ୍ରୀଷ୍ମ ଘରକୁ ନିଶ୍ଚୟ ଆସିବ... ମୋ ନାମ ଦସ୍ତଖତ କରିବା ଅନାବଶ୍ୟକ ବୋଲି ମୁଁ ଭାବୁଛି । କିନ୍ତୁ ମୋ ଅଜ୍ଞାନତା ପାଇଁ ଭୟ କର ନାହିଁ । ମୁଁ ଯୁବତୀ ଏବଂ ଦେଖିବାକୁ ସୁନ୍ଦର...ତୁମର ଆଉ କ'ଣ ଦରକାର ?

ପାଭେଲ ଇଭାନିଚ୍ ଭିଖୋତ୍‌ସେଭ ଜଣେ ସମ୍ମାନିତ ତଥା ବିବାହିତ ବ୍ୟକ୍ତିଥିଲେ ଏବଂ ତାଙ୍କର ଫାର୍ମ ହାଉସରେ ରହୁଥିଲେ । ଯେତେବେଳେ ସେ ଏହି ଚିଠିକୁ ପଢ଼ିଥିଲେ, ସେ ତାଙ୍କର କାନ୍ଧକୁ ଟିକେ ହଲାଇଥିଲେ ଏବଂ ବିଚଳିତ ଭାବରେ ନିଜ କପାଳକୁ କୁଣ୍ଡାଇ ଥିଲେ ।

"କିଏ ଏହି ଶୟତାନ ?" ସେ ଭାବିଥିଲେ । "ମୁଁ ଜଣେ ବିବାହିତ ବ୍ୟକ୍ତି ତଥାପି ଅପ୍ରତ୍ୟାଶିତ ଭାବରେ ଏ ପରି ଅଦ୍‌ଭୁତ...ମୂର୍ଖତାପୂର୍ଣ୍ଣ ଚିଠି ! କିଏ ସେ ଏହାକୁ ଲେଖିଥାଇପାରେ ?"

ପାଭେଲ ଇଭାନିଚ୍ ତାଙ୍କ ହାତରେ ଚିଠିଟିକୁ ବହୁତ ଥର ଏପଟ ସେପଟ କଲେ, ତାକୁ ପୁଣିଥରେ ପଢ଼ିଥିଲେ ଏବଂ ଚଟାଣରେ ଛେପ ପକାଇଥିଲେ ।

"ମୁଁ ତୁମକୁ ଭଲପାଏ ।" ସେ ନକଲ କରିଥିଲେ । "ସେ ଭାବିଛନ୍ତି ଯେ, ସେ ନିଜ ପାଇଁ ଜଣେ ସ୍କୁଲ ବାଳକକୁ ପାଇଯାଇଛନ୍ତି । ଏବଂ ଗ୍ରୀଷ୍ମ ଘରେ ତାଙ୍କୁ ଭେଟିବାକୁ ମୋତେ ଦୌଡ଼ିକରି ଯିବାକୁ ପଡ଼ିବ ! କିନ୍ତୁ ମୋର ପ୍ରିୟ, ମୁଁ ତୁମକୁ କହିପାରେ ଯେ, ମୁଁ ଏହିସବୁ ପ୍ରେମ ଘଟଣା ଗୁଡ଼ିକୁ ଏବଂ ପ୍ରେମ ପୁଷ୍ପର ମହକକୁ ବହୁତ ଆଗରୁ ଛାଡ଼ି ଆସିଛି । ହୁଁ ! ବୋଧହୁଏ ତାଙ୍କ ମୁଣ୍ଡ ଠିକ୍ ନାହିଁ । ଏହି ମହିଳା ମାନେ କ'ଣ ଆମେ ତାହା ଜାଣୁ । ସେ ପ୍ରେମରେ କେତେ ଛଳନାକାରୀ ହୋଇଥିବ । ହେ ଭଗବାନ ! ସେ ଜାଣି ନଥିବା ଜଣେ ଅଜଣା ଲୋକକୁ ଏବଂ ଏକ ବିବାହିତ ଲୋକକୁ ଏପରି ପତ୍ର ଲେଖିବା ! ଏହା ପୁରାପୁରି ଅନୈତିକ ଅଟେ ।"

ତାଙ୍କର ଆଠ ବର୍ଷର ବୈବାହିକ ଜୀବନରେ ସେ ତାଙ୍କର ସୂକ୍ଷ୍ମ ଭାବନାର ଅନୁଭୂତି ଗୁଡ଼ିକ ହରାଇ ବସିଥିଲେ ଏବଂ ଏହି ଭିତରେ ସେ କୌଣସି ବ୍ୟକ୍ତିଗତ ଚିଠି ପାଇନଥିଲେ କେବଳ ସମୟେ ସମୟେ ଛୁଟି ଦିନର କିଛି ଶୁଭେଚ୍ଛା ବା ଅଭିନନ୍ଦନର ପୋଷ୍ଟକାର୍ଡ୍ ବ୍ୟତୀତ । ତେଣୁ ସେ ଯେତେ କଥା ବୁଲାଇ ଛଳନା କଲେ ମଧ୍ୟ, ଉପରୋକ୍ତ ପତ୍ରଟି ତାଙ୍କୁ ବିସ୍ମିତ କରିଦେଇଥିଲା ଏବଂ ଉତ୍ତେଜିତ ମଧ୍ୟ କରିଦେଇଥିଲା ।

ଚିଠି ପାଇବାର ଘଣ୍ଟାକ ପରେ ସେ ସୋଫାରେ ଶୋଇ ରହିଥିଲେ ଏବଂ ଭାବୁଥିଲେ :

ହଠାତ୍ ପାଭେଲ ଇଭାନିଚ୍‌ଙ୍କର ମନେପଡ଼ିଯାଇଥିଲା ଯେ, ଗତକାଲି ଏବଂ ତା ଆଗଦିନ, ଯେତେବେଳେ ସେ ସତେଜ ପବନରେ ବାହାରେ ବୁଲୁଥିଲେ ସେତେବେଳେ ଏକ ଯୁବ ବୟସର, ଚେପଟା ନାକୀ, ସୁନେଲୀ ରଙ୍ଗର ବାଳ ଥିବା ଏବଂ ହାଲୁକା ନୀଳ ରଙ୍ଗର ପୋଷାକ ପିନ୍ଧିଥିବା ମହିଳାଙ୍କୁ ରାସ୍ତାରେ ଅନେକ ଥର ମୁହାଁ ମୁହିଁ ହୋଇଥିଲେ । ସେ ମହିଳାଜଣଙ୍କ ତାଙ୍କୁ ବାରମ୍ବାର କଣେଇ କଣେଇ ଚାହୁଁଥିଲେ ଏବଂ ଯେତେବେଳେ ସେ ଗୋଟେ ବେଞ୍ଚରେ ବସିପଡ଼ିଥିଲେ ସେତେବେଳେ ସେ ଠିକ୍ ତାଙ୍କ ପାଖ ବେଞ୍ଚରେ ବସିଯାଇଥିଲେ...

"ଅବଶ୍ୟ ମୁଁ ଏକ ସ୍କୁଲ ବାଳକ ନୁହେଁ ଏବଂ ମୁଁ ଏହି ନିର୍ବୋଧ ମିଳନ ସ୍ଥଳକୁ ଦୌଡ଼ି ଯିବାକୁ ଚାହୁଁ ନାହିଁ, କିନ୍ତୁ ତଥାପି, ଏହାକୁ କିଏ ଲେଖିଛି ଜାଣିବା ନିଶ୍ଚୟ ମଜାଦାର ହେବ। ହୁଁ ! ହସ୍ତାକ୍ଷର ନିଶ୍ଚିତ ଭାବରେ ଜଣେ ମହିଳାଙ୍କର... ଚିଠିଟି ଆନ୍ତରିକତାର ସହ ଲେଖାଯାଇଛି, ପୁରାପୁରି ହୃଦୟ ଭିତରୁ। ତେଣୁ ଏହା ଥଟ୍ଟା ମଜା ହେବାର ସମ୍ଭାବନା ବହୁତ କମ। ଏହା ବୋଧହୁଏ କୌଣସି ପାଗଳ କିମ୍ବା ବିଧବାଙ୍କର କାମ ହୋଇଥିବ। ବିଧବାମାନେ ସାଧାରଣତ ବିଚିତ୍ର ଏବଂ ବହୁତ ମୂର୍ଖତାପୂର୍ଣ୍ଣ ବ୍ୟବହାର କରିଥାନ୍ତି। ହୁଁ ! ଏହା କ'ଣ ହୋଇପାରେ ?"

ଏହି ପ୍ରଶ୍ନର ଉତ୍ତର ଦେବା ଅଧିକ କଷ୍ଟକର ଥିଲା କାରଣ ଚତୁର୍ଦ୍ଦିଗରେ ଥିବା ଗ୍ରୀଷ୍ମ ଆବାସ ମଧ୍ୟରୁ ପାଭେଲ ଇଭାନିଚ୍ ନିଜ ପତ୍ନୀଙ୍କ ବ୍ୟତୀତ ଅନ୍ୟ କୌଣସି ମହିଳାଙ୍କ ସହିତ ପରିଚିତ ନ ଥିଲେ।

"ଅଦ୍‌ଭୁତ..." ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। "ମୁଁ ତୁମକୁ ଭଲପାଏ... ପ୍ରେମରେ ପଡ଼ିବାକୁ ସେ କେତେବେଳେ ସମୟ ପାଇଲେ ? ଉଲ୍ଲେଖନୀୟ ମହିଳା ! କୌଣସି ଔପଚାରିକ କଥାବାର୍ତ୍ତା ନ ହୋଇ, କୌଣସି ପରିଚିତି ନ ଥାଇ, ମୁଁ କେଉଁ ପରି ବ୍ୟକ୍ତି ନ ଜାଣି ସେ କ'ଣ ଏହିପରି ପ୍ରେମରେ ପଡ଼ିଯାଇ ପାରନ୍ତି । ଯଦି ସେ କେତୋଟି ମାତ୍ର ଝଲକରେ ପ୍ରେମରେ ପଡ଼ିଯାଇ ପାରନ୍ତି, ତେବେ ବୋଧହୁଏ ସେ ବହୁତ ଛୋଟ ଏବଂ ରୋମାଣ୍ଟିକ ହୋଇଥିବେ। ...କିନ୍ତୁ... ସେ କିଏ ?"

ହଠାତ୍ ପାଭେଲ ଇଭାନିଚ୍‌ଙ୍କର ମନେପଡ଼ିଯାଇଥିଲା ଯେ, ଗତକାଲି ଏବଂ ତା ଆଗଦିନ, ଯେତେବେଳେ ସେ ସତେଜ ପବନରେ ବାହାରେ ବୁଲୁଥିଲେ ସେତେବେଳେ ଏକ ଯୁବ ବୟସର, ଚେପଟା ନାକୀ, ସୁନେଲୀ ରଙ୍ଗର ବାଳ ଥିବା ଏବଂ ହାଲୁକା ନୀଳ ରଙ୍ଗର ପୋଷାକ ପିନ୍ଧିଥିବା ମହିଳାଙ୍କୁ ରାସ୍ତାରେ ଅନେକ ଥର ମୁହାଁ ମୁହିଁ ହୋଇଥିଲେ। ସେ ମହିଳାଜଣଙ୍କ ତାଙ୍କୁ ବାରମ୍ବାର କଣେଇ କଣେଇ ଚାହୁଁଥିଲେ ଏବଂ ଯେତେବେଳେ ସେ ଗୋଟେ ବେଞ୍ଚରେ ବସିପଡ଼ିଥିଲେ ସେତେବେଳେ ସେ ଠିକ୍ ତାଙ୍କ ପାଖ ବେଞ୍ଚରେ ବସିଯାଇଥିଲେ...

"ସେହି ମହିଳା ?" ଭିଖୋତ୍‌ସେଭ ନିଜେ ନିଜେ ଭାବିହୋଇଥିଲେ। "ଏହା ହୋଇ ପାରେନା ! ସେହି ଭଦ୍ର, କ୍ଷଣସ୍ଥାୟୀ, ସୁନ୍ଦରୀ ଯୁବତୀ ଜଣକ ମୋ ପରି ଏକ ବୁଢ଼ା ଅପରିଷ୍କାର ଲୋକସାଙ୍ଗରେ ପ୍ରକୃତରେ ପ୍ରେମ କରିପାରିବ ? ନାଁ, ଅସମ୍ଭବ।"

ମଧ୍ୟାହ୍ନ ଭୋଜନ ସମୟରେ ପାଭେଲ ଇଭାନିଚ୍, ଗଭୀର ଭାବନାରେ, ଶୂନ୍ୟ ଦୃଷ୍ଟିରେ ତାଙ୍କ ପତ୍ନୀଙ୍କୁ ଅପଲକ ନୟନରେ ଚାହିଁ ରହିଥିଲେ :

"ସେ କହୁଛନ୍ତି ଯେ ସେ ଯୁବତୀ ଏବଂ ସୁନ୍ଦରୀ... ତେଣୁ ଅନ୍ତତଃ ସେ ବୃଦ୍ଧା ନୁହନ୍ତି। ହୁଁ ! ସମସ୍ତ ସଙ୍କୋଚତା ସହକାରେ ସତ କହିବାକୁ ଗଲେ, ମୁଁ ଏତେ ବୁଢ଼ା କି ଅସୁନ୍ଦର ନୁହେଁ ଯେ, ମୋତେ କେହି ଜଣେ କେବେହେଲେ ଭଲ ପାଇପାରିବନି।

ଛାଡ଼ ! ମୋ ସ୍ତ୍ରୀ ମୋତେ ଭଲ ପାଆନ୍ତି। ଏବଂ ଏହାବ୍ୟତୀତ ପ୍ରେମ ବହୁତ ଅନ୍ଧ ହୋଇପାରେ...।"

"ତୁମେ କ'ଣ ଚିନ୍ତା କରୁଛ ?" ତାଙ୍କ ସ୍ତ୍ରୀ ପଚାରିଥିଲେ,

"କିଛିନୁହେଁ... ମୋର ଟିକିଏ ଟିକିଏ ମୁଣ୍ଡ ବିନ୍ଧା ହେଉଛି।" ପାଭେଲ ଇଭାନିଚ୍ ମିଛ କହିଥିଲେ।

ସେ ସ୍ଥିର କରିଥିଲେ ଯେ, ପ୍ରେମ ପତ୍ର ପରି ଏକ ଛୋଟ ଘଟଣା ପ୍ରତି କୌଣସି ପ୍ରାଧାନ୍ୟ ଦେବା ମୂର୍ଖାମୀ ହେବ। ସେ ଏହା ଉପରେ ଏବଂ ଏହାର ଲେଖିକାଙ୍କ ଉପରେ ହସିଥିଲେ। କିନ୍ତୁ, ହାୟ ! ପୁରୁଷର ଏହି ଶତ୍ରୁ ବହୁତ ଶକ୍ତିଶାଳୀ। ମଧ୍ୟାହ୍ନ ଭୋଜନ ପରେ ପାଭେଲ ଇଭାନିଚ୍ ତାଙ୍କ ଶଯ୍ୟା ଉପରେ ଶୋଇ ରହିଥିଲେ କିନ୍ତୁ ଶୋଇବା ପରିବର୍ତ୍ତେ ସେ ଭାବିବାକୁ ଲାଗିଥିଲେ :

"ଏବଂ ସେ ବୋଧହୁଏ ଆଶା କରୁଛନ୍ତି ଯେ ମୁଁ ଯାଇ ନିଶ୍ଚୟ ପହଞ୍ଚିବି ! ସେ କେତେ ମୂର୍ଖ ହୋଇଥିବେ ! ସେ ଯେତେବେଳେ ମୋତେ ସେ ଗ୍ରୀଷ୍ମ ଆବାସରେ ପାଇବେ ନାହିଁ ସେତେବେଳେ ସେ ଚିନ୍ତିତ ଓ ଅଧୀର ହୋଇ ପଡ଼ିବେନି କି? କିନ୍ତୁ ମୁଁ ଯାଉନାହିଁ...ଏବଂ ଏହାହିଁ ଶେଷକଥା !"

କିନ୍ତୁ ମୁଁ ଯେପରି କହିଥିଲି, ପୁରୁଷର ଏହି ଶତ୍ରୁ ବହୁତ ଶକ୍ତିଶାଳୀ।

"କିନ୍ତୁ ତା'ପରେ, ମୁଁ ଯାଇ ପାରେ, କେବଳ କୌତୁହଳବଶତଃ..." ପ୍ରାୟ ଅଧଘଣ୍ଟା ପରେ ସେ ଭାବିଥିଲେ। "ମୁଁ ଯାଇ କିଛି ଦୂରରୁ ତାଙ୍କୁ ଅନାଇ ପାରେ ଏବଂ ସେ କେମିତି ଦେଖାଯାଉଛନ୍ତି ଦେଖିପାରେ...। ଦେଖିବାଟା ବହୁତ ମଜାଦାର ତଥା କୌତୁହଳପ୍ରଦ ହେବ। କେବଳ ଖାଲି ହସିବା ପାଇଁ। କାହିଁକି ନୁହେଁ, ଯେତେବେଳେ ଗୋଟେ ସୁଯୋଗ ଆସିଛି, ମୋର କାହିଁକି ହସିବା ଉଚିତ ହେବାନାହିଁ !"

ପାଭେଲ ଇଭାନିଚ୍ ପୋଷାକ ପିନ୍ଧିବା ଆରମ୍ଭ କରିଦେଇଥିଲେ।

"ପୁରା ପୋଷାକପତ୍ର ପିନ୍ଧି କୁଆଡ଼େ ବାହାରିଛ ?" ତାଙ୍କୁ ଏକ ପରିଷ୍କାର ସାର୍ଟ ଏବଂ ସୌକୀନ ଟାଇ ପିନ୍ଧିବାର ଦେଖି ତାଙ୍କ ସ୍ତ୍ରୀ ପଚାରିଥିଲେ।

"କୁଆଡ଼େ ନୁହେଁ...ମୁଁ କେବଳ ଟିକେ ବୁଲିବାକୁ ଯାଉଛି...ମୋର ମୁଣ୍ଡ ଟିକିଏ ଟିକିଏ ବିନ୍ଧୁଛି।"

ପାଭେଲ ଇଭାନିଚ୍ ପୋଷକ ପିନ୍ଧି ସାରିବା ପରେ ସନ୍ଧ୍ୟା ସାତଟା ହେଲା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ଏବଂ ତା'ପରେ ବାହାରକୁ ଚାଲିଯାଇଥିଲେ। ଯେତେବେଳେ ଉଜ୍ଜ୍ୱଳ ସବୁଜ ରଙ୍ଗର ପୃଷ୍ଠଭୂମିରେ, ଗଛଲତାର ସବୁଜ ପତ୍ରରେ ଅସ୍ତଗାମୀ ସୂର୍ଯ୍ୟଙ୍କର ଲୋହିତ ଆଲୋକ ଖେଳାଇ ହୋଇ ପଡ଼ିଥିଲା ଏବଂ ଅନ୍ୟ ଫାର୍ମ ହାଉସ ଗୁଡ଼ିକର ଲୋକମାନେ ଭଲ ଭଲ ପୋଷାକ ପିନ୍ଧିଥିବାର ସେ ଦେଖିପାରିଥିଲେ, ସେତେବେଳେ ତାଙ୍କର ହୃତସ୍ପନ୍ଦନ ବଢ଼ିଯାଇଥିଲା,

"ଏ ଭିତରୁ କେଉଁ ଜଣକ ?" ମହିଳା ମାନଙ୍କ ମୁହଁକୁ ଲାଜେଇ ଲାଜେଇ ଅନେଇ ସେ ଭାବୁଥିଲେ। "କିନ୍ତୁ ମୁଁ ସେହି ସୁନେଲୀ ରଙ୍ଗ ବାଳ ଥିବା ମହିଳାଙ୍କୁ ଦେଖି ପାରୁନାହିଁ...ହୁଁ... ଯଦି ସେ ଏହାକୁ ଲେଖିଥିବା

ମହିଳା ହୋଇଥାନ୍ତି, ତେବେ ସେ ବୋଧହୁଏ ସେହି ଫାର୍ମ ହାଉସରେ ବସିଥିବେ...।"

ଭିଖୋତ୍‌ସେଭ ସେହି ମୁଖ୍ୟ ରାସ୍ତାରେ ପ୍ରବେଶ କରିଥିଲେ ଯାହା ପୁରୁଣା ଗ୍ରୀଷ୍ମ ଆବାସ ଯାଏଁ ଯାଇଥିଲା । ସେ ଏହାକୁ ଲମ୍ବା, ସୁସ୍ଥ ଲେମ୍ବୁ ଗଛର ସବୁଜିମା ମଧ୍ୟରେ ଦେଖିପାରୁଥିଲେ । ସେ ସେହି ଆଡ଼କୁ ଧୀରେ ଧୀରେ ଆଗେଇ ଚାଲିଲେ ।

"ମୁଁ କେବଳ ଦୂରରୁ ଟିକେ ଚାହିଁଦେବି ।" ଅନିଚ୍ଛାକୃତ ଭାବରେ ଆଗଉ ଆଗଉ ସେ ଭାବୁଥିଲେ । "ମୁଁ କ'ଣ ପାଇଁ ଭୟଭୀତ ହେଉଛି ? ଯାହାହେଲେବି, ମୁଁ ସେ ପୂର୍ବ ନିର୍ଦ୍ଧାରିତ ମିଳନ ସ୍ଥଳକୁ ଯାଉନାହିଁ । ମୁଁ କେତେ ବୋକା ! ଲଜ୍ୟା କର ନାହିଁ ! କିନ୍ତୁ ବୋଧହୁଏ ମୁଁ ସେହି ଗ୍ରୀଷ୍ମ ଆବାସ ଭିତରକୁ ଯାଇପାରେ । କିନ୍ତୁ, ନା...ମୁଁ ଯିବି ନାହିଁ ।"

ପାଭେଲ ଇଭାନିଚ୍‌ଙ୍କ ହୃଦୟର ସ୍ପନ୍ଦନ ଆହୁରି ଜୋରରେ ହେବାକୁ ଲାଗିଲା । ତାଙ୍କ ଇଚ୍ଛା ବିରୁଦ୍ଧରେ ହଠାତ୍ ସେ ନିଜକୁ ସେହି ଗ୍ରୀଷ୍ମ ଆବାସର ସ୍ୱଳ୍ପ ଆଲୋକରେ କଳ୍ପନା କରିଥିଲେ । ତାଙ୍କର କଳ୍ପନାରେ ନୀଳ ରଙ୍ଗର ପୋଷାକ ପିନ୍ଧିଥିବା ସେହି ଚେପଟାନାକୀ, ସୁନେଲୀ ରଙ୍ଗର ବାଳ ବାଲୀ, ଯୁବତୀର ଏକ ଝଲକ ଦେଖିପାରିଥିଲେ । ସେ ଯେତେବେଳେ ତାଙ୍କ ପାଖକୁ ଲାଜେଇ ଲାଜେଇ ଆସୁଥିଲା, ସେ ଦେଖିପାରିଥିଲେ ଯେ ତା ପ୍ରେମରେ ଲଜ୍ଜିତ ହୋଇ ଗୋଡ଼ରୁ ମୁଣ୍ଡ ଯାଏଁ ଥରୁଥିଲା । ସେ ତା'ର ଉଷ୍ମ ନିଶ୍ୱାସ ଅନୁଭବ କରିପାରିଥିଲେ... ଏବଂ ହଠାତ୍ ମହିଳା ଜଣଙ୍କ ତାଙ୍କୁ ଆଲିଙ୍ଗନ କରିଥିଲେ ।

"ଯଦି ମୁଁ ବିବାହିତ ହୋଇ ନ ଥାନ୍ତି, ତେବେ ଏହା ଏତେ ଖରାପ ହୋଇ ନଥାନ୍ତା ।" ସେ ଭାବୁଥିଲେ ଏବଂ ତାଙ୍କ ମନରୁ ପାପପୂର୍ଣ୍ଣ ଚିନ୍ତାଧାରାକୁ ତଡ଼ି ଦେବାକୁ ଚେଷ୍ଟା କରୁଥିଲେ । "କିନ୍ତୁ... ଜୀବନକାଳ ଭିତରେ ଥରେ ମାତ୍ର ଏହା ଚେଷ୍ଟା କରିବାରେ କୌଣସି କ୍ଷତି ହେବନାହିଁ, ନଚେତ ଏହା କ'ଣ ଜାଣି ନ ପାରି ମୁଁ ମୋର ମୃତ୍ୟୁ ଶଯ୍ୟାରେ ପହଞ୍ଚିଯାଇପାରେ... ଏବଂ ମୋର ସ୍ତ୍ରୀ... ଆଚ୍ଛା, ଏହା ତାଙ୍କର କ'ଣ କ୍ଷତି କରିବ ? ହେ ଭଗବାନ ! ଗତ ଆଠ ବର୍ଷ ଭିତରେ ମୁଁ ତାଙ୍କ ପାଖରୁ ଗୋଟେ ମୁହୂର୍ତ୍ତ ପାଇଁ ମଧ୍ୟ ଛାଡ଼ିକରି ଯାଇନାହିଁ... ଆଠ ବର୍ଷର ନିଷ୍କଳଙ୍କ ସେବା ! ଏହା ତାଙ୍କ ପାଇଁ ଯଥେଷ୍ଟ... ଏପରିକି ଏହା ଅତ୍ୟଧିକ ମଧ୍ୟ । ଧେତ୍ ତେରିକା ! କେବଳ କୌତୁହଳବଶତଃ ତାଙ୍କ ପ୍ରତି ଅବିଶ୍ୱାସୀ ହେବା ପାଇଁ ମୋର ଗୋଟେ ଦୃଢ଼ ଆଗ୍ରହ ରହିଛି ।"

ଆପାଦ ମସ୍ତକ ଥରି ଥରି ଏବଂ ନିଶ୍ୱାସ ବନ୍ଦ କରି ପାଭେଲ ଇଭାନିଚ୍ ସେହି ବୃକ୍ଷଲତା ଦ୍ୱାରା ଆଚ୍ଛାଦିତ ଗ୍ରୀଷ୍ମ ଆବାସ ଆଡ଼କୁ ଅଗ୍ରସର ହୋଇଥିଲେ ଏବଂ ଭିତରକୁ ଚାହିଁଥିଲେ । ସେ ଭିତରୁ ଆର୍ଦ୍ରତା ଏବଂ ଫିମ୍ପି ମାରିଯାଇଥିବାର ଗନ୍ଧ ଜାଣିପାରୁଥିଲେ ।

"ସେଠାରେ କେହି ନଥିବା ପରି ମନେହେଉଛି ।" ସେ ଭିତରକୁ ଯାଉ ଯାଉ ଭାବୁଥିଲେ କିନ୍ତୁ ଗୋଟେ କୋଣରେ ବସିଥିବା ଏକ ଆକୃତିକୁ ସେ ଦେଖିପାରିଥିଲେ ।

ଏହା ଜଣେ ପୁରୁଷର ଆକୃତି ଥିଲା । ପାଭେଲ ଇଭାନିଚ୍ ଅଧିକ ନିରେଖି କରି ଚାହିଁଲେ ଏବଂ ତାଙ୍କ ସ୍ତ୍ରୀଙ୍କର ଭାଇ ମିତ୍ୟାକୁ ଚିହ୍ନି ପାରିଥିଲେ । ମିତ୍ୟା ଯେ କି ସେମାନଙ୍କ ପାଖରେ ରହୁଥିଲା ।

"ଓହ, ଏହା ତୁମେ !" ନିଜର ଅସନ୍ତୁଷ୍ଟ ଭାବକୁ ନ ଲୁଚାଇ ସେ ଅସ୍ପଷ୍ଟ ଭାବରେ କହିଥିଲେ ଏବଂ ମୁଣ୍ଡରୁ ଟୋପି କାଢ଼ି କରି ବସିଯାଇଥିଲେ ।

"ହଁ, ଏହା ମୁଁ ଅଟେ ।" ମିତ୍ୟା ଉତ୍ତର ଦେଇଥିଲେ,

ମିନିଟିଏ କିମ୍ବା ବୋଧହୁଏ ଦୁଇ ମିନିଟ୍ ନୀରବରେ ବିତି ଯାଇଥିଲା ।

"କ୍ଷମା କରିବେ, ପଭଲ ଇଭାନିଚ୍," ମିତ୍ୟା କହିଥିଲା "କିନ୍ତୁ ମୁଁ ତୁମକୁ ଅନୁରୋଧ କରୁଛି ମୋତେ ଏକା ଛାଡ଼ିଦେବାକୁ । ମୁଁ ମୋର ଡିଗ୍ରୀ ଥେସିସ୍ ଉପରେ ଚିନ୍ତା କରୁଛି ଏବଂ... ଏବଂ ଅନ୍ୟ କାହାର ଉପସ୍ଥିତି, ଏପରିକି ତୁମର, ମୋତେ ବିଚଳିତ କରିଦେବ ।"

"ସେହି କ୍ଷେତ୍ରରେ ତୁମେ ତୁମପାଇଁ କୌଣସି ଏକ ଅନ୍ଧକାର ସ୍ଥାନ ଖୋଜିନେବା ଉଚିତ ହେବ ।" ପାଭେଲ ଇଭାନିଚ୍ ଖୁବ୍ ଭଦ୍ର ଭାବରେ କହିଥିଲେ । "ସତେଜ ପବନରେ ଭାବିବାଟା ଖୁବ୍ ସହଜ ହେବ ଏବଂ ମୁଁ... ମୁଁ ଏଠାରେ ପଡ଼ିଥିବା ବେଞ୍ଚ ଉପରେ ଶୋଇବାକୁ ଚାହୁଁଛି । ଯେଉଁଠାରେ ଏତେ ଗରମ ନାହିଁ ।"

"ତୁମେ ଏଠାରେ ଶୋଇବାକୁ ଚାହୁଁଛ ଏବଂ ମୁଁ ମୋ ଥେସିସ୍ ବିଷୟରେ ଚିନ୍ତା କରିବାକୁ ଚାହୁଁଛି ।" ମିତ୍ୟା ରାଗିକରି କହିଥିଲା । "ମୋର ଥେସିସ ଅଧିକ ମହତ୍ତ୍ୱପୂର୍ଣ୍ଣ ।"

ପୁନର୍ବାର ସେଠାରେ ନୀରବତା ରାଜୁତି କରିଥିଲା । ପାଭେଲ ଇଭାନିଚ୍, ଯେ କି ତାଙ୍କର କଳ୍ପନାର ଲଗାମକୁ ପୁରାପରି ସ୍ୱାଧୀନ କରିଦେଇଥିଲେ, ଏବଂ ପ୍ରତି ମୁହୂର୍ତ୍ତରେ ସେ ଘର ଆଡ଼କୁ ଆସୁଥିବା ପଦପାତର ଧ୍ୱନି ଶୁଣିବାପରି ଅନୁଭବ କରୁଥିଲେ, ହଠାତ୍ ଠିଆ ହୋଇପଡ଼ି ନିବେଦନ କରିବା ଆରମ୍ଭ କରିଦେଇଥିଲେ :

"ଦେଖ, ମିତ୍ୟା, ମୁଁ ତୁମକୁ ଅନୁରୋଧ କରୁଛି ! ତୁମେ ମୋ ଠାରୁ ବୟସରେ ସାନ ଏବଂ ମୋ ପ୍ରତି ଟିକିଏ ସମ୍ମାନ ରହିବା ଉଚିତ... ମୁଁ ଅସୁସ୍ଥ... ଏବଂ ମୁଁ ଟିକେ ଶୋଇବାକୁ ଚାହୁଁଛି... ତୁମେ ଚାଲିଯାଅ !"

"ତାହା ହେଉଛି ଅହଂଭାବ ...। ତୁମର ଏଠାରେ ରହିବା କାହିଁକି ଉଚିତ ହେବ ଏବଂ ମୁଁ କାହିଁକି ନୁହେଁ ? ମୋ ସିଦ୍ଧାନ୍ତ ଅନୁସାରେ ମୁଁ ଏଠାରୁ ଯିବିନାହିଁ ।"

"କିନ୍ତୁ ମୁଁ ତୁମକୁ ଅନୁରୋଧ କରୁଛି । ମୁଁ ଜଣେ ଅହଂକାରୀ, ଏକଛତ୍ରବାଦୀ ଏବଂ ଗୋଟେ ବୋକା... କିନ୍ତୁ ମୁଁ ପୁଣି ତୁମକୁ ଅନୁରୋଧ କରୁଛି ! ଜୀବନରେ କେବଳ ଥରକ ପାଇଁ ମୁଁ ତୁମକୁ ଭିକ୍ଷା ମାଗୁଛି ! କିଛିଟା ସମ୍ମାନ କର !"

ମିତ୍ୟା ତାଙ୍କ ମୁଣ୍ଡ ହଲାଇଥିଲେ,

"କେମିତି ଗୋଟେ ଘୁଷୁରୀ, "ପାଭେଲ ଇଭାନିଚ୍ ନିଜେ ନିଜେ ଭାବିଥିଲେ, "ଅବଶ୍ୟ ସେ ଏଠାରେ ରହିଥିବା ପର୍ଯ୍ୟନ୍ତ କୌଣସି ମିଳନ

ହୋଇପାରିବ ନାହିଁ । ତାହା କେବେହେଲେ ସମ୍ଭବ ନୁହେଁ ।"

"ଦେଖ ମିତ୍ୟା," ସେ କହିଥିଲେ, "ମୁଁ ତୁମକୁ ଶେଷଥର ପାଇଁ କହୁଛି । ତୁମେ କିପରି ଜଣେ ବୁଦ୍ଧିମାନ, ଦୟାଳୁ ଏବଂ ଶିକ୍ଷିତ ଯୁବକ, ମୋତେ ତାହା ଦେଖାଇ ଦିଅ !"

"ମୁଁ ଜାଣେନାହିଁ ତୁମେ ମୋତେ ବାରମ୍ବାର କାହିଁକି ବିରକ୍ତ କରୁଛ ।" ତାଙ୍କ କାନ୍ଧକୁ ହଲାଇ ମିତ୍ୟା ଉତ୍ତର ଦେଇଥିଲେ । "ମୁଁ କହିଥିଲି ଯେ ମୁଁ ଯିବି ନାହିଁ ଏବଂ ମୁଁ ଯିବିନାହିଁ ! ମୋ ସିଦ୍ଧାନ୍ତ ଅନୁସାରେ ମୁଁ ଏହିଠାରେ ରହିବି...।"

ସେହି ସମୟରେ ଚେପଟାନାକ ଥିବା ଜଣେ ମହିଳାଙ୍କ ମୁହଁ ହଠାତ୍ ସେହି ଗ୍ରୀଷ୍ମ ଆବାସ ଭିତରକୁ କ୍ଷଣକ ପାଇଁ ଚାହିଁଥିଲା ।

ମିତ୍ୟା ଏବଂ ପାଭେଲ ଇଭାନିଚ୍‌ଙ୍କୁ ଦେଖି ସେହି ମୁହଁଟି କଠୋର ଦୃଷ୍ଟିରେ ଅନାଇ ଅଦୃଶ୍ୟ ହୋଇଯାଇଥିଲା ।

"ସେ ଚାଲିଗଲେ !" ମିତ୍ୟାଙ୍କୁ ଘୃଣା ଦୃଷ୍ଟିରେ ଦେଖି ପାଭେଲ ଇଭାନିଚ୍ ଭାବିଥିଲେ । "ସେ ଏହି ବଦମାସକୁ ଦେଖି ପାରିଥିଲେ ଏବଂ ଏବେ ସେ ଚାଲିଯାଇଛନ୍ତି । ସବୁ ଶେଷ ହୋଇଗଲା ।"

ଭିଖୋତ୍‌ସେଭ କିଛି ମିନିଟ ଅପେକ୍ଷା କରିଥିଲେ, ତା'ପରେ ସେ ଠିଆ ହୋଇଥିଲେ, ତାଙ୍କ ଟୋପି ପିନ୍ଧିଥିଲେ ଏବଂ କହିଥିଲେ :

"ତୁମେ ଗୋଟେ ଘୁଷୁରୀ, ଗୋଟେ ବଦମାସ ଏବଂ ଜଣେ ଦୁର୍ଜନ ! ହଁ ଗୋଟେ ଘୁଷୁରୀ ! ତୁମେ ଗୋଟେ ଛୋଟ ଲୋକ ଏବଂ... ଏବଂ ମୂର୍ଖ । ମୁଁ ତୁମ ସହିତ ଆଉ କେବେହେଲେ କଥା ହେବିନାହିଁ ।"

"ଏହା ଶୁଣି ମୁଁ ଅତ୍ୟନ୍ତ ପ୍ରୀତ ହେଲି ।" ମିତ୍ୟା ରାଗିକରି କହିଥିଲେ । ସେ ମଧ୍ୟ ଠିଆ ହୋଇଯାଇଥିଲେ ଏବଂ ତାଙ୍କ ଟୋପି ପିନ୍ଧିଥିଲେ । "ମୁଁ ତୁମକୁ ଜଣାଇଦେବି ଯେ, ବର୍ତ୍ତମାନ ତୁମର ଉପସ୍ଥିତି ମୋ ପ୍ରତି ଏପରି ଏକ ଅବିଚାର କରିଛି ଯାହାପାଇଁ ମୁଁ ମୋ ଜୀବନର ଶେଷ ପର୍ଯ୍ୟନ୍ତ ତୁମକୁ କ୍ଷମା କରିପାରିବିନାହିଁ ।"

ପାଭେଲ ଇଭାନିଚ୍ ସେ ଗ୍ରୀଷ୍ମ ଆବାସ ଛାଡ଼ିଥିଲେ ଏବଂ ରାଗରେ ଲମ୍ବା ଲମ୍ବା ପାଦ ପକାଇ ତାଙ୍କ ନିଜ ଫାର୍ମ ହାଉସକୁ ଯାଇଥିଲେ । ଟେବୁଲ ଉପରେ ପ୍ରସ୍ତୁତ ହୋଇ ରହିଥିବା ରାତ୍ରୀ ଭୋଜନ ମଧ୍ୟ ତାଙ୍କୁ ଶାନ୍ତ କରିବା ପାଇଁ ଯଥେଷ୍ଟ ନଥିଲା ।

"ଏହିପରି ଏକ ସୁଯୋଗ ସାରା ଜୀବନକାଳ ଭିତରେ ଥରଟିଏ ହିଁ ଆସିଥାଏ ।" ସେ ରାଗରେ ଥରୁଥିଲେ । "ଏବଂ ତାଙ୍କୁ ସେହି ସମୟରେ ଯିବାକୁ ଥିଲା ଏବଂ ହସ୍ତକ୍ଷେପ କରିବାର ଥିଲା ! ବର୍ତ୍ତମାନ ସେ ମହିଳା ଜଣଙ୍କ ଅପମାନିତ ହୋଇଛନ୍ତି... ଭୀଷଣ ଭାବରେ ବିବ୍ରତ ହୋଇପଡ଼ିଛନ୍ତି ।"

ରାତ୍ରିଭୋଜନ ସମୟରେ ପାଭେଲ ଇଭାନିଚ୍ ଏବଂ ମିତ୍ୟା ଉଦାସ ନୀରବତା ମଧ୍ୟରେ ସେମାନଙ୍କ ପ୍ଲେଟକୁ ଚାହିଁରହିଥିଲେ । ଉଭୟେ ତାଙ୍କର ସମସ୍ତ ହୃଦୟ ସହିତ ଅନ୍ୟ ଜଣଙ୍କୁ ଘୃଣା କରୁଥିଲେ ।

"ତୁମେ କ'ଣ ପାଇ ହସୁଛ ?" ପାଭେଲ ଇଭାନିଚ୍ ଜୋରରେ ରାଗିକରି ତାଙ୍କ ସ୍ତ୍ରୀଙ୍କୁ ପଚାରିଥିଲେ । "ବିନା କାରଣରେ କେବଳ ବୋକାମାନେ ହିଁ ହସିଥାନ୍ତି ।"

ତାଙ୍କ ସ୍ତ୍ରୀ ତାଙ୍କ ସ୍ୱାମୀଙ୍କର କ୍ରୋଧିତ ଚେହେରାକୁ ଚାହିଁଥିଲେ ଏବଂ ହସରେ ଫାଟିପଡ଼ିଥିଲେ ।

"ଆଜି ସକାଳେ ତୁମେ କେଉଁ ଚିଠି ପାଇଥିଲ ?" ସେ ପଚାରିଥିଲେ ।

"ମୁଁ? ମୁଁ କୌଣସି ଚିଠି ପାଇନାହିଁ..." ପାଭେଲ ଇଭାନିଚ୍ ବିଭ୍ରାନ୍ତ ମନରେ ଉତ୍ତର ଦେଇଥିଲେ । "ଏହା କେବଳ ତୁମର କଳ୍ପନା ମାତ୍ର..."

"କହିବା ଜାରି ରଖ । ମଜା କରୁଛ ? ମାନିଯାଅ ଯେ ତୁମେ ଚିଠି ପାଇଛ ! ମୁଁ ଜାଣିଛି କାରଣ ମୁଁ ହିଁ ସେହି ଯିଏକି ଚିଠି ପଠାଇଥିଲା । ସଙ୍କୋଚତାର ସହ କହୁଛି ହା-ହା-ହା !"

ପାଭେଲ ଇଭାନିଚ୍ ପୁରା ନାଲି ପଡ଼ିଯାଇଥିଲେ ଏବଂ ତାଙ୍କ ପ୍ଲେଟ ଉପରେ ଝୁଙ୍କି ପଡ଼ିଥିଲେ ।

"ଏହା ଏକ ମୂର୍ଖାମୀ ଥଟ୍ଟା", ସେ ଗର୍ଜି ଉଠିଥିଲେ,

"କିନ୍ତୁ ମୁଁ ଆଉ କ'ଣ କରିପାରିଥାନ୍ତି ?" ତୁମେ ନିଜେ ଦେଖିନିଅ....

ଆମେ ଆଜି ଘରର ଚଟାଣ ଗୁଡ଼ିକ ସଫା କରିବାର ଥିଲା ଏବଂ ମୁଁ କେମିତି ତୁମ ଦୁଇଜଣଙ୍କୁ ଘରୁ ବାହାର କରିପାରିଥାଆନ୍ତି ? ଏହା ହିଁ କେବଳ ଗୋଟିଏ ରାସ୍ତା ଥିଲା... କିନ୍ତୁ ହେ ମୂର୍ଖ ବ୍ୟକ୍ତି ଆଦୌ କ୍ରୋଧ କରନାହିଁ । ସେହି ଫାର୍ମ ହାଉସରେ ତୁମକୁ ଏକୁଟିଆ ଲାଗିବ ନାହିଁ, ତେଣୁ ମୁଁ ମିତ୍ୟାକୁ ଠିକ୍ ସେହିପରି ଏକ ଚିଠି ପଠାଇଥିଲି । ମିତ୍ୟା, ତୁମେ କ'ଣ ସେହି ଫାର୍ମ ହାଉସରେ ଥିଲ ?"

ମିତ୍ୟା ଦାନ୍ତଦେଖାଇ ହସିଥିଲେ ଏବଂ ତାଙ୍କ ପ୍ରତିଦ୍ୱନ୍ଦୀଙ୍କୁ ଘୃଣା ଚକ୍ଷୁରେ ଦେଖିବା ବନ୍ଦ କରିଦେଇଥିଲେ ।

*୩୦(ପି) ଗଜପତି ନଗର, ଭୁବନେଶ୍ୱର*
*ଦୂରଭାଷ: ୯୯୩୭୫୪୨୯୧୫*

# ଜୀବନ ରେଖା

ଚୌଧୁରୀ ବରଦାପ୍ରସନ୍ନ ଦାସ

ପୁରୀରେ ରହଣି କାଳରେ ରେଲୱେ୍ କଲୋନୀରେ ଥିବା କ୍ୱାଟର୍ସରୁ ରାତି ଡିଉଟି ପାଇଁ ଗଲାବେଳେ ଅଧିକାଂଶ ସମୟରେ ଜଣେ ଲୋକଙ୍କୁ ଭେଟେ। ସେ କାହାକୁ ଖୋଜିଲା ପରି ଲାଗେ । ହୁଏତ ଦିନେ ଅଧେ କେହି କାହାକୁ ଖୋଜିବାକୁ କି କ'ଣ ଦେଖିବାକୁ ଆସିପାରେ ହେଲେ  ସବୁଦିନେ ଏତେ ରାତିରେ ପୁଣି ଏକୁଟିଆ ଏ ନିକାଞ୍ଚନ ଯାଗାକୁ ଆସିବ ବା କାହିଁକି ? ତଥାପି ତ ଲୋକଟା ଚୋର କି ତସ୍କର ପରି ଲାଗୁନାହିଁ ? ପାଗଳ ବୋଲି ବି ତ ଲାଗୁନାହିଁ । ହାତରେ ବି ଅସ୍ତ୍ରଶସ୍ତ୍ର କିଛି ନାହିଁ ।

କାହାକୁ କ'ଣ ଖୋଜୁଛନ୍ତି ? କିଏ ଆସିବାର ଅଛି କି ? ମନର ବଢିବଢି ଯାଉଥିବା କୌତୁହଳକୁ ଚାପିରଖି ପଚାରିଦେଲି । ମୋତେ କିଛି ପଚାରିଲା ଭଳି ସେଇ ଭଦ୍ରଲୋକ ଜଣକ ଚାହିଁଲେ । ଟିକିଏ ରହି ଗମ୍ଭୀର ଭାବରେ ଚଉଦିଗକୁ ଚାହିଁ କହିଲେ, ହଁ କାଲେ କିଏ ଆସିଯିବ ? ଉତ୍ତରଟା ମୋତେ ଗୋଟାଏ ପୁରା ପାଗଳ ନହେଲେ ବି ଅର୍ଦ୍ଧପାଗଳର ଉତ୍ତର ପରି ଲାଗିଲା । ଯିଏ ବି ଆସିବ ରେଲୱେ୍ ପ୍ଲାଟ ଫର୍ମର ଗେଟ ପାଖକୁ ଆସିବ। କେହି ବିନା ଟିକେଟଧାରୀ ଇଂଜିନ କି ଗାର୍ଡ ଡବା ପଟରୁ ପଛପଟୁ ପଶିପାରେ । ହେଲେ ତାଳବଣିଆର ଏ ନିକାଞ୍ଚନ ସ୍ଥାନର ଠିକଣା କିଏ ବା କାହାକୁ ଦେଇଥିବ ? ଚାରିଆଡେ ଛାଇ ଆଲୁଅର ଖେଳ । ମଝିରେ ମଝିରେ ଜହ୍ନ ଆଲୁଅ ପରି ଲମ୍ବା ଆଲୁଅ ପକାଇ ଶବ୍ଦ କରି ଚାଲିଯାଉଥିବା ରେଳ ଇଂଜିନର ଶବ୍ଦ  । କେବେକେବେ ପ୍ଲାଟଫର୍ମ ଖାଲି ନଥିଲେ ସିଗ୍ନାଲର ନାଲି ଆଲୁଅ ପାଖରେ ଅପେକ୍ଷା କରେ ।

ଆହୁରି ଆଶ୍ଚର୍ଯ୍ୟ ହେଲି ଯେଉଁଦିନ ସେଇ ରହସ୍ୟମୟ ବ୍ୟକ୍ତିଜଣକ ପାଖକୁ ଆସି କହିଲେ ସାର୍ ମୁଁ ଆପଣଙ୍କୁ ଖୋଜୁଥିଲି । ଏଥର ମୋର ଧାରଣା ଦୃଢ ହେଲା ଯେ ଏ ଜଣେ ପାଗଳ । ଡିଉଟି ସମୟ ହୋଇଗଲାଣି ବୋଲି କହି ମୁକୁଳି ଚାଲିଗଲା ବେଳେ ଭଦ୍ରଲୋକ ଜଣକ କହିଲେ, ସାର୍ ମୁଁ ତଥାପି ସୂର୍ଯ୍ୟୋଦୟକୁ ଅପେକ୍ଷା କରିଛି । ତଥାପି ସୂର୍ଯ୍ୟୋଦୟକୁ ଅପେକ୍ଷା ଶବ୍ଦ କେତେଟା ବାଧ କଲା ପଛକୁ ଫେରି ଚାହିଁବାକୁ । ଆହୁରି ଚକିତ କରି ସେ କହିଲେ ବିଶ୍ୱାସ ଅଛି ମୋର ଖୋଜୁଥିବାଲୋକକୁ ଆପଣ ପାତାଳରୁ ଆକାଶକୁ ବାଟ କଢେଇ ନେବେ । ଭାବିଲି, ଏ ଦୁଇଟି ତ ମୋର ଦୁଇଟି ପୁରୁଣା ଗଳ୍ପର ଶୀର୍ଷକ । ମନଗଢା ନୁହେଁ , ମନକୁ ଛୁଇଁଥିବା ସତ କଥାକୁ ରୂପ ଦେଇଛି ଗଳ୍ପରେ । ଏ ପର୍ଯ୍ୟନ୍ତ ମୁକୁଳି ଯିବାକୁ ଚାହୁଁଥିବା ଲୋକଟି ମୁହଁକୁ ମୁଁ ଚାହିଁଲି । ଅଟକିବାକୁ ମନ ହେଲା । ପକେଟରୁ ମୋବାଇଲ ଫୋନ୍ ବାହାର କରି ରିଲିଭ ହେବାକୁ ଥିବା ବନ୍ଧୁଙ୍କୁ ଟିକିଏ ଡେରି ହେବ ବୋଲି କହିଲି । ସାର୍ ମୁଁ ଆପଣଙ୍କୁ ଚିହ୍ନିଛି, ଆପଣ ଗୋପାଳପୁର ବେଳାଭୂମିର କ୍ୱାଟର୍ସରେ ବୋହୂଟିର ଜୀବନରେ ସୂର୍ଯ୍ୟୋଦୟ ସ୍ୱପ୍ନ ଆଣିଛନ୍ତି, କଟକରେ ପାତାଳିକୁ ଚାଲିଯାଉଥିବା ଜାନକୀଙ୍କୁ ପୁଣି ଅଯୋଧ୍ୟାର ରାଣୀ କରିଛନ୍ତି । କିନ୍ତୁ ମୋତେ ଏବେ କ'ଣ କହିବେ ବୋଲି ପ୍ରଶ୍ନକଲା ଭଳି ଆଖିରେ ଚାହିଁଲି ମୁଁ । ଆଗରେ ଜଣେ ଜୀବନ୍ତ ମଣିଷଙ୍କୁ ଦେଖୁଥିଲେ ବି ଭାବୁଥାଏ, କେହି ଅଶରୀରୀ ନୁହେଁ ତ ? ଏ ସବୁ ସ୍ଥାନକୁ ନେଇ ଅନେକ ଭୂତପ୍ରେତର କାହାଣୀ ବି ଶୁଣାଯାଏ । ମୋର ବ୍ୟସ୍ତତା ବୁଝିପାରି ଯେତେବେଳେ ସେ କହିଲେ, ଆଜି ଆପଣଙ୍କର ଡିଉଟି ବେଳ ପ୍ରାୟ ହୋଇଗଲାଣି ମୁଁ ଫାଙ୍କା ସମୟରେ ଭେଟିବି । ଆଗ୍ରହରେ ହଁ ଭରିଦେଲି ।

ଅନେକ ବର୍ଷ ତଳର କଥା ସେତେବେଳେ ଏତେ ଟ୍ରେନ ଯା ଆସ କରୁନଥିଲା । ଏତେ ଆଲୁଅ ନଥିଲା । ସିଗ୍ନାଲର ଆଲୁଅ ଜୁଳୁଜୁଳିଆ

> ବନ୍ଦ କରାହୋଇଥିବା ଇଲେକ୍ଟ୍ରି ସୁଇଚକୁ ଟିପିଦେଲେ ଆଲୁଅରେ ତାଙ୍କ ମୁହଁଟା ନୂଆନୂଆ ଲାଗିଲା । ଛୁକଛୁକ ଶବ୍ଦକରି ଜଗନ୍ନାଥ ଏକ୍ସପ୍ରେସ ଚାଲିଗଲା । ପରେପରେ ଆଉ ଗୋଟିଏ ଟ୍ରେନ୍ । ଦାର୍ଶନିକ ସ୍ୱରରେ ଆଗନ୍ତୁକ ଭଦ୍ରଲୋକ କହିଲେ, ସାର୍ ଏ ସଂସାରରେ ମୁହୂର୍ତ୍ତଟା ଗୋଟାଏ ବଡ ବିଚିତ୍ର ଜିନିଷ ନା ! ରାଜଗାଦିରେ ବସିବାକୁ ଥିବା ରାମଚନ୍ଦ୍ର ବଣକୁ ଯାଆନ୍ତି ପୁଣି ମନ୍ଦିର ପାହାଚରେ ବସି ମୁଠେ ଖାଦ୍ୟର ଚିନ୍ତା କରୁଥିବା କପିଳା ମୁଣ୍ଡରେ ଶିରିପା ପିନ୍ଧି ଗଜପତି କପିଳେନ୍ଦ୍ର ଦେବ ହୁଏ ।

ପୋକ ପରି ଦେଖାଯାଆନ୍ତି । ଏଇ ଯୋଉ କ୍ୱାଟର୍ସରେ ଆପଣ ରହୁଛନ୍ତି ସେତେବେଳେ ଜଣେ ଆର୍‌ଏମ୍‌ଏସ୍ କର୍ମଚାରୀ ଏଠି ରହୁଥିଲେ । ତାଙ୍କର ବି ଆପଣଙ୍କ ପରି ବେଳେବେଳେ ରାତି ଡିଉଟି ପଡେ । ସେଦିନ ଏଠି ଛାଇ ଆଲୁଅ ଭିତରେ ମୁଁ ଅପେକ୍ଷା କରିଥିଲି ଆସିବାକୁ ଥିବା ଟ୍ରେନକୁ । ସେ ସମୟରେ ଜଗନ୍ନାଥ ଏକ୍ସପ୍ରେସ୍ ଆସେ । ପୁଣି ଭାବୁଥିଲି କାଳେ ଆଗରୁ ଆଉ କୋଉ ଗାଡି ଆସିପାରେ ।

କଥାବାର୍ତ୍ତା ଭିତରେ ଆଉଥରେ ଆଗନ୍ତୁକଙ୍କ ମୁହଁକୁ ଚାହିଁଲି ମୁଁ । କ'ଣ ସେ କହିବେ । ସେ ଏତେ ବର୍ଷ ତଳର କାହାଣୀ ମୋତେ କାହିଁକି ବା କହୁଛନ୍ତି । ଭୟ ଆସୁଥିଲା, କ୍ୱାଟର୍ସ ବହୁତ ପୁରୁଣା ଯାର କିଛି ରହସ୍ୟ ଅଛି କି ? କହୁଥିଲେ ଆଗନ୍ତୁକ ଭଦ୍ରଲୋକ । "ଆରେ ଆପଣ" ? ଡାକରେ ସେଦିନ ମୁଁ ନିର୍ବାକ ହୋଇ ଅନେଇଲି । ଅପ୍ରତିଭ ଲାଗିଲା । ସେ ଭଦ୍ରଲୋକ ଥିଲେ ଏଇ କ୍ୱାଟର୍ସର ଅଧିକାରୀ । ପ୍ରାୟ ରାତି ଡିଉଟି ଯାଉଥିଲେ । ମନେପଡିଲା ତାଙ୍କ ଗାଆଁର ଜମିଜମା ଚକବନ୍ଦୀ କ୍ୟାମ୍ପରେ ମୁଁ କିଛିଦିନ ଚାକିରି କରୁଥିଲି । ଯିବା ଆସିବାରେ ସାମାନ୍ୟ ପରିଚୟ । କିନ୍ତୁ ଅନ୍ତରଙ୍ଗ ପରି ଡାକିନେଲେ ଘରକୁ । କିଛି ପଚାରି ନଥିଲେ ।

ବନ୍ଦ କରାହୋଇଥିବା ଇଲେକ୍ଟ୍ରି ସୁଇଚକୁ ଟିପିଦେଲେ ଆଲୁଅରେ ତାଙ୍କ ମୁହଁଟା ନୂଆନୂଆ ଲାଗିଲା । ଛୁକଛୁକ ଶବ୍ଦକରି ଜଗନ୍ନାଥ ଏକ୍ସପ୍ରେସ ଚାଲିଗଲା । ପରେପରେ ଆଉ ଗୋଟିଏ ଟ୍ରେନ୍ । ଦାର୍ଶନିକ ସ୍ୱରରେ ଆଗନ୍ତୁକ ଭଦ୍ରଲୋକ କହିଲେ, ସାର୍ ଏ ସଂସାରରେ ମୁହୂର୍ତ୍ତଟା ଗୋଟାଏ ବଡ ବିଚିତ୍ର ଜିନିଷ ନା ! ରାଜଗାଦିରେ ବସିବାକୁ ଥିବା ରାମଚନ୍ଦ୍ର ବଣକୁ ଯାଆନ୍ତି ପୁଣି ମନ୍ଦିର ପାହାଚରେ ବସି ମୁଠେ ଖାଦ୍ୟର ଚିନ୍ତା କରୁଥିବା କପିଳା ମୁଣ୍ଡରେ ଶିରିପା ପିନ୍ଧି ଗଜପତି କପିଳେନ୍ଦ୍ର ଦେବ ହୁଏ । ଆମ କଥା ହେବା ଭିତରେ ଚା କପ୍‌ଟାଏ ଧରି ସ୍ତ୍ରୀ ଆସିଲେ । କହିବାକୁ ପଡିନି । ଘରକୁ ଯିଏ ଆସିଲେ ତାଙ୍କ ଆଖିରେ ସେ ଅତିଥି । ତାଙ୍କୁ ଦେଖୁଦେଖୁ ଠିଆ ହୋଇପଡି ନମସ୍କାର କଲି । ଆରେ , ସେ ଆପଣଙ୍କ ଆଗରେ ପିଲା । ନମସ୍କାର କାଇଁ କଲେ ।

ମୋତେ କଥା ସାରିବାକୁ ନ ଦେଇ ସେ ଭଦ୍ରଲୋକ କହିଲେ, ସେଦିନ ରାତିରେ ବିଳମ୍ବିତ ରାତିରେ ଏ ଘରର ଆଲୁଅ ଜଳିଲା ପରେ ଏମିତି ଜଣେ ଦେବୀ ଚା କପ୍‌ଟିଏ ମୋ ହାତକୁ ବଢେଇ ଦେଇଥିଲେ । ଟ୍ରେନ ପରେ ଟ୍ରେନ୍ ଚାଲିଯାଉଥାଏ । ମୁଁ ଉଠିବାକୁ ତତ୍ପର ହେଉଥାଏ । ସ୍ୱଳ୍ପ ପରିଚିତ ଆରଏମଏସ କର୍ମଚାରୀଜଣକ ଅତି ପରିଚିତ ପରି ବାଧ୍ୟକଲେ ରାତିରେ ତାଙ୍କ ଘରେ ରହିବାକୁ । କ'ଣ କହିବି କହିବି ବୋଲି ହେବା ଭିତରେ ତାଙ୍କ ସ୍ତ୍ରୀ ସଫା ଲୁଗାଟିଏ ଆଣି ବଢେଇ ଦେଲେ ପିନ୍ଧିବାକୁ । ମନେ ମନେ ଭାବୁଥିଲି ଏ ପ୍ରକାର ଆଦର ଆଜି ହଜି ଗଲାଣି । ସମାଜ ଆମକୁ ସବୁକଥାରେ ସନ୍ଦେହ ଆଉ ଅବିଶ୍ୱାସ କରିବାକୁ ବାଧ୍ୟ କରୁଛି ।

ହସି ଉଠିଲେ ଭଦ୍ରଲୋକ । ଜାଣିଛନ୍ତି ନା ସେଦିନ ତାଙ୍କ ଦାଣ୍ଡଘରେ ପଡିଥିବା ତକ୍ତପୋଷ ଖଟ ଉପରେ ଗଭୀର ନିଦରେ ଶୋଇଗଲି ମୁଁ । ହସି ହସି କହିଲେ, ସେତେବେଳେ ଆଙ୍ଗୁଠିରେ ଗଣିଲା ପରି ଅଳ୍ପ କେତେକ ଘରେ ଗଦିଥିଲା । ହେଲେ ଏଇ ସବୁ କାଠ ପଟାର ଟାଣ ଖଟଗୁଡାକ ଶୋଇଲା ବେଳେ ମଣିଷକୁ ଯେମିତି ଜାବୁଡି ଧରୁଥିଲେ । ହାତ କାଚର ରୁଣଝୁଣ ଶବ୍ଦରେ ସକାଳ ଆସୁଛି ବୋଲି ଲାଗିଲା । ଆର.ଏମ୍.ଏସର ସେ ବାବୁଙ୍କ ସ୍ତ୍ରୀ ପ୍ରାୟ ବାସନ ମାଜୁଥିଲେ । ସେ କାଳରେ ସକାଳ ଆସୁଥିଲା ବାସନ ମାଜିବାର ଟୁଣଟାଣ ଶବ୍ଦ କି ବୋଉ ଅବା ପତ୍ନୀଙ୍କ ଶଙ୍ଖାର ରୁଣଝୁଣ ଶବ୍ଦ ପୁଣି ଦାଣ୍ଡ ପହଁରିବାର ଶବ୍ଦରେ । ଏ ସବୁ ଶବ୍ଦର ଗୋଟାଏ ମଧୁର ସୁର ଥାଏ । ନିରବତା ଭିତରେ ଗୋଟାଏ ତରଙ୍ଗ ତୋଳେ ଏଇ ଶବ୍ଦ । ସ୍ୱପ୍ନ ଦେଖିଲା ପରି ଲାଗୁଥାଏ । ଭାବୁଥିଲି କେଉଁଠି ଥାଆନ୍ତି, କେଉଁଠି ଅଛି ? ଏବେ ତ ମୋର ପ୍ରାଣହୀନ ଶରୀରଟା କେତେଗଡ ହୋଇ ଗଡୁଥାଆନ୍ତି ରେଳ ଧାରଣା କଡରେ । ବିଧାତାର ଖେଳ ମୋତେ ଆଶ୍ଚର୍ଯ୍ୟ କଲା । ଭାବିଲି ଏ ଭଦ୍ରଲୋକ କ'ଣ ଦେବଦୂତ । ଘର ଭିତରୁ ଘଣ୍ଟି ଶବ୍ଦ ଶୁଣି ଉଠି ବସିଲି ମୁଁ । ଦେବ ଆରାଧନା ଭିତରେ ସକାଳ ଆସୁଛି ।

ବାପା, ଚା । ସୁନ୍ଦର ଆଦରର ସମ୍ଭାଷଣଟିଏ ଶୁଭିଲା ଭିତରୁ । ଗତ ରାତିରେ ଜାଣିଥିଲି ଭଦ୍ରଲୋକଙ୍କର ବାପ, ମା'ରହୁଛନ୍ତି ଏଠି । ତା'ପରେ ଦେଖିଲି ସାରା ପରିବାରଟା ଚଳଚଞ୍ଚଳ ହୋଇ ଉଠିଲା । ମୋର ନିଦଭାଙ୍ଗି ଥିବାର ପ୍ରାୟ ଜାଣି ପାରିଲେ ଭଦ୍ରଲୋକ । ମୋ ପରି ସବୁବେଳେ ଅଲୋଡା ମଣିଷଟା ଗୋଟାଏ ଅତିଥି ପାଲଟିଗଲା । କ୍ୱାଟର୍ସ ଭିତରେ ବସି ମୁଁ ଦେଖୁଥାଏ ଗୋଟାକପରେ ଗୋଟାଏ ଟ୍ରେନ ଯାଉଚି ପୁଣି ଆସୁଚି । ଲାଗିଲା,ଏ ଯନ୍ତ୍ର ଗୁଡାକ ଜୀବନ୍ତ । ମନେହେଲା ଏମାନେ ଯେମିତି ସୁଖ ଖୋଜିଖୋଜି ଦଉଡିଛନ୍ତି । ଏ ଅନ୍ୱେଷଣ ସରୁନାହିଁ ବରଂ ପାଲଟିଛି ଗୋଟାଏ ଅସରନ୍ତି ଯାତ୍ରା ।

ଭଦ୍ରଲୋକଙ୍କର ଘରର ନାଟକର ପ୍ରତ୍ୟେକ ଚରିତ୍ରକୁ ମୁଁ ଦେଖୁଥିଲି । ବାପା ତାଙ୍କର ହାତରେ ବ୍ୟାଗଟିଏ ଧରି ବାହାରିଗଲେ ବାହାରକୁ । ଫେରିଲା ବେଳେ ହାତରେ ଗୋଟାଏ ଭରା ପରିବା ବ୍ୟାଗ । ଛନଛନିଆ ଶାଗପତ୍ର ଗୁଡାକ ଢଳଢଳ ହେଉଥିଲେ ଉପରେ । କ୍ଷୀର କ୍ୟାନଟାଏ ବି ଥିଲା ଆର ହାତରେ । "ଯେତେ ମନା କଲେ ବି ବାପା ମାନିବେନି, ସକାଳୁ ବାହାରିଯିବେ," କହୁଥିଲେ ଗୃହକର୍ତ୍ତ୍ରୀ । ସତରେ ବୟସ୍କମାନଙ୍କର ଗୋଟାଏ ଅଲଗା ମନ । ଜୀବନ ସରିଆସିଲା ବେଳକୁ ପ୍ରାୟ ଜୀବନ ପ୍ରତି ନିହତ ବଢିଯାଏ । ସଂପର୍କୀୟମାନଙ୍କୁ ଅଧିକରୁ ଅଧିକ ଆଖି ପୁରେଇ ଦେଖିବାକୁ ଇଚ୍ଛା ହୁଏ । ବୟସ୍କ ଲୋକମାନଙ୍କ ଆଖିରେ ରୋଜଗାରିଆ ପୁଅଟା ବି ଗୋଟାଏ କଅଁଳ ପିଲାପରି ଦେଖାଯାଏ । ଶୁଣିଲି ଗୃହକର୍ତ୍ତାଙ୍କର ବାପା ଗାଆଁରେ ରହନ୍ତି । ମାଆ ବି ସେଇଠି । ଗାଆଁର ଠାକୁର, ଧାନବିଲକୁ ଭୁଲନ୍ତି ନାହିଁ ହେଲେ ଖେଳପଡିଆର ବଲ ପରି ଖାଲି ଧାଆଁନ୍ତି ପୁଅ ପାଖକୁ ପୁଣି ଘରକୁ । ବୁଢା ବାପ ମାଆଙ୍କର ଏଇ ନିରନ୍ତର ଭାବେ ଏପଟସେପଟ ଯିବା ଆସିବାକୁ ଶଂକାକୁଳ ଭାବରେ ଦେଖୁଥିଲେ ବି କିଛି କହିପାରନ୍ତି ନାହିଁ ପୁଅ ବୋହୂ । ଆଜିକାଲିକାର ରାସ୍ତାଘାଟରେ ଭୟ ଅନେକ । କେତେବେଳେ କ'ଣ ହେବ କହିହେବନି । ତଥାପି ପୁଅବୋହୂ ବୁଝନ୍ତି ଏଇ ବୟସ୍କ ମଣିଷ ଦିଇଟାଙ୍କର ମନକୁ ।

ସେଦିନ ଖରାବେଳେ ମୁଁ ଏକୁଟିଆ ଥିଲା ବେଳେ ଗୃହକର୍ତ୍ତାଙ୍କର ବାପା ଆସି ମୋ ପାଖରେ ବସିଲେ । ମୁହଁରେ କହିଲା କହିଲା ଭାବ । ଆଜାକାଲି ଜଣକୁ ଜଣେ ଏକୁଟିଆ ପାଇଲେ ଖାଲି ଅନ୍ୟ ନାଆଁରେ ଗପେ । କଥାନୁହେଁ ବରଂ ଅଭିଯୋଗ । ସବୁବେଳେ କଟୁକ୍ତିରେ ଭର । ମତେ ଚମକେଇ ଦେଇ ବୟସ୍କ ଲୋକଜଣକ କହିଲେ ବାବୁ, ମୁଁ ଘରୁ ଝିଅ ବିଦାକଲା ପରେ ଝିଅକୁ ପାଇଛି । ମୋ ଜନ୍ମକଲା ମାଆକୁ ଜନ୍ମର ଅଳ୍ପଦିନ ପରେ ହରେଇଚି । ହେଲେ ଆଜି ଭାବୁଚି ମୋ ବୋଉ ପୁଣି ଜନ୍ମ ହେଇ ବୋହୂ ଭାବରେ ଏ ଘରକୁ ଆସିଛି ।

ପାଖ ରେଳଲାଇନରେ ଟ୍ରେନ ସବୁ ଅପ୍ ଡାଉନ୍ ହୋଇ ଚାଲିଥାଆନ୍ତି ।

କିଏ କିଏ ବି ଆଉଟର ସିଗନାଲ ପାଖରେ ଘଡିଏ ଠିଆ ହୋଇ ଅପେକ୍ଷା କରନ୍ତି ପ୍ଲାଟଫର୍ମ ଖାଲି ହେବାକୁ । ଗତ ରାତିରେ ଟ୍ରେନର ଏଇ ଶବ୍ଦ ପାଖରେ ମୁଁ ସମର୍ପଣ କରିବାକୁ ଆସିଥିଲେ ବି ତାର ଚିତ୍କାର ଭୟଙ୍କର ଲାଗୁଥାଏ । ଟ୍ରେନଚକ ତଳେ ରକ୍ତର ଲହଡା ମୋ ଆଖିକୁ ଲାଲ କରି ଦେଉଥାଏ । ତଥାପି ଜୀବନକୁ ଶେଷ କରିଦେବାର ଲିପ୍ସା ପାଖରେ ସବୁ ହାରିଯାଉଥାଏ । ହେଲେ ଆଜି ଟ୍ରେନର ଶବ୍ଦଟା ମଧୁର ଲାଗୁଥାଏ । ଟ୍ରାକ୍ ଚେଞ୍ଜକଲାବେଳେ ବି ଅଙ୍କାବଙ୍କା ହୋଇ ଚାଲୁଥିବା ସାପପରି ଟ୍ରେନ ପହଁରିଯାଉଥାଏ ଗୋଟିକରୁ ଆଉ ଗୋଟିଏ ଟ୍ରାକକୁ ।

ଭାଉଜ, ଏ କପଡା ଆଉ ପୁରୁଣା ବ୍ଲାଉଜଟା ନିଅ । ଏଇ ମାପରେ କରିବ । ଏଇଟା ଗୋଟାଏ ନୂଆ ଶାଢୀ, ଏଥିରେ ଗୋଟାଏ ଫଲ୍ ଲାଗିବ । ଏକଥା କହି ଗୃହକର୍ତ୍ତ୍ରୀଙ୍କ ହାତକୁ ପ୍ୟାକେଟଟା ଧରେଇ ଦେଇ ଚାଲିଗଲା ସିଲେଇ କରିବାକୁ ଲୁଗା ଦେବାକୁ ଆସିଥିବା ପ୍ରାୟ ପଡିଶା ଘରର ଝିଅଟା । ଜାଣିଲି ଘରେ ମେସିନ ଅଛି । କାନ୍ଥକୁ ଡେରାହୋଇ କଟିଂ ବୋର୍ଡ ଥୁଆ ହୋଇଛି । ଖରାବେଳେ ମେସିନର ଘରଘର ଶବ୍ଦ ଶୁଭୁଥିଲା । ବୁଝିପାରିଲି, ମହିଳାଜଣକ ଘରର ରୋଜଗାର ବଢେଇବାକୁ ଲୁଗାପଟା ବି ସିଲେଇ କରୁଛନ୍ତି । ସିଟିପରେ ସିଟି ମାରି ଡବଲ ଇଂଜିନ ଲଗେଇ ସାମନା ରେଲୱେ ଟ୍ରାକରେ ଚାଲିଗଲା ସେଦିନର ସାଉଥ ଇଷ୍ଟର୍ଣ୍ଣ ରେଳପଥର କୁଇନ ଗାଡି ପୁରୀ ହାଓରା ଏକସ୍‌ପ୍ରେସ । ସେତେବେଳେ କୋଇଲା ଇଂଜିନର ଯୁଗ । ଟାଣିବାର ଶକ୍ତି କମ୍ । ଆରପଟେ ଗାଡିରେ ଲାଗେ ବାଇଶିଟା ଡବା । ସେଇଥିପାଇଁ ଡବଲ ଇଂଜିନ୍ । ପରିବାରର ଆୟ ବଢେଇବା ପାଇଁ ଏଠିବି ଲାଗିଛି ଡବଲ ଇଂଜିନ । ସ୍ୱାମୀ ସ୍ତ୍ରୀ ରୋଜଗାର ପାଇଁ ଖଟୁଛନ୍ତି ।

ମୁଁ ଯେତେବେଳେ ତାଙ୍କ କ୍ୱାଟର୍ସ ଛାଡିବାକୁ ଚାହିଁଲି ମୋତେ ସେ ଅଟକେଇ ଦେଇ କହିଲେ, ଏବେ ନୁହେଁ । ଯଦିଓ ଲୌକିକତା ଦୃଷ୍ଟିରୁ ତାଙ୍କ ଘର ଛାଡିବାକୁ ଚାହୁଁଥିଲି ମନରେ କିନ୍ତୁ ଏଇ ମଧୁର ସଂପର୍କର ପାରାବାରରେ ଉବୁଟୁବୁ ହେବାକୁ ଇଛାଥାଏ । ନା ଏବେ ନୁହେଁ ବୋଲି ସେ କାହିଁକି କହିଲେ ଆଉ ମୋ ମନରେ କ'ଣ ବାଧ କରୁଥିଲା ସେ ଜାଗା ନ ଛାଡିବାକୁ ପ୍ରାୟ ଆମେ ଅବଚେତନ ମନରେ ଅନୁଭବ କରୁଥିଲୁ । କ'ଣ ପାଇଁ ତାଳବଣିଆ ପାଖ ରେଳଲାଇନର ଏଇ ନିକାଞ୍ଚନ ସ୍ଥାନକୁ ବାଛନ୍ତି ତା' କାହାକୁ ଅଜଣା ନୁହେଁ, ସଂସାରରେ ସବୁ ସଂପର୍କ ଉପରେ ଅବିଶ୍ୱାସ ଆସିଲେ ବି ସଂସାର ଯୁଦ୍ଧରେ ଝୁଣ୍ଟିପଡି ଲହୁ ଲୁହାଣ ହେଲେ ମଣିଷ ଜୀବନକୁ ସାରି ଦେବାକୁ ସ୍ୱର୍ଗଦ୍ୱାର ନୁହେଁ ଏଇ ନିକାଞ୍ଚନ ରେଳଧାରଣା ପାଖକୁ ଆସେ । ସାପର ଲହଲହ ଜିହ୍ୱାପରି ରେଳଧାରଣାଟା ତା ଆଗରେ ଚକ ଚକ କରେ । ସେ ଭାବେ ଏଇ ହେଉଛି ନିର୍ବାଣର ମାର୍ଗ । ସ୍ୱପ୍ନ ଆଉ ପରାଜୟର ସନ୍ଧିକ୍ଷଣରେ ସେ ବରିନିଏ ଏଇ ବାଟକୁ । ଜାଣିପାରେନା ପ୍ରତ୍ୟେକ ପରାଜୟ ପରେ ଆଗକୁ ଗୋଟାଏ ସମ୍ଭାବନାର ସବୁଜ ଉପତ୍ୟକା ଅଛି । ଅଦୃଷ୍ଟକୁ ସେ ଦେଖିପାରେନା ହେଲେ ଅଦୃଷ୍ଟ ତାକୁ ଅହରହ ଆଶୀର୍ବାଦ କରୁଥାଏ । ଆତ୍ମହତ୍ୟାର ମୁହୂର୍ତ୍ତରୁ ଉତୁରି ଆସିଲେ ତାର ସ୍ୱପ୍ନ ଆଉ ସାଧନାର ବେଗ ବଢିଯାଏ । ସେ ସାଫଲ୍ୟର ଶୀର୍ଷରେ ପହଁଚେ ।

ଆଗନ୍ତୁକ ଭଦ୍ରଲୋକ କହୁଥିଲେ ମୋର ପରିବାର ଥିଲା ପରସ୍ପର ପ୍ରତି ସନ୍ଦେହରେ ଭରପୁର, ନିଜର ଲୋକଙ୍କ ପାଖରେ ବି ଆମେ ଥିଲୁ ସ୍ୱାର୍ଥପର । ସ୍ତ୍ରୀଙ୍କ ପାଖରେ ମୋ ବାପା ବୋଉ ଥିଲେ ଦିଇଟା ଅଲୋଡା ପ୍ରାଣୀ । ସେମାନଙ୍କର ମନୋଭାବ ବି ପରସ୍ପର ପ୍ରତି ଥିଲା ବିଷାକ୍ତ । ସକାଳର ସୂର୍ଯ୍ୟ ଏଠି କଅଁଳ କିରଣ ନୁହେଁ ପ୍ରଚଣ୍ଡ ରୌଦ୍ରତାପ ଆଣି ଆସେ । କଳହ ଥିଲା ଘରର ମୂଳମନ୍ତ୍ର । ନା ମୋ' ବାପା ନା ମୋର ଅତ୍ୟନ୍ତସୁନ୍ଦରୀ ସ୍ତ୍ରୀ କେହି ବାଦ ଯାଉନଥିଲୁ ଏଇ ଦ୍ୱନ୍ଦ୍ୱରୁ । ଆରପଟେ ମୋର ସୀମିତ ରୋଜଗାର ଆଉ ଖର୍ଚ୍ଚର ବାଟ ଅନେକ । ଗୋଟେ ପ୍ରକାର ସବୁ ଚାଲିଥିଲା ହେଲେ ଯେଉଁଦିନ ମୋ ସ୍ତ୍ରୀ ମୋ ପୌରୁଷକୁ ଧୀକ୍କାର କରି କହିଲେ ମୋର ଗୋଟାଏ ଦିନର କସମେଟିକ ଖର୍ଚ୍ଚକୁ ତମର ମାସକର ଦରମା ଅଭାବ । ମୋ ତୁଣ୍ଡରୁ ବି ତାଙ୍କ ଚରିତ୍ରକୁ ଆକ୍ଷେପ କରି ଶବ୍ଦ ଛୁଟିଲା । ବାପା ବୋଉ ବି ଯୋଡି ହେଲେ ଏଇ ଯୁଦ୍ଧରେ । ସେତେବେଳେ ତାଳବଣିଆର ଏଇ ନିକାଞ୍ଚନ ସ୍ଥାନ ଆଶ୍ରୟ ଦେବାକୁ ଡାକିଲା । କିନ୍ତୁ ମୋ ପରିବାରରେ ମଧୁର ସଂପର୍କର ସୁପ୍ତ ଝରଣାଟି ବେଗବତୀ ହେଲା ଯେତେବେଳେ ସେଇ ଆର.ଏମ.ଏସ୍ କର୍ମଚାରୀଙ୍କ ପରିବାର ଗୋଟାଏ ଭାବଗତ ସଂପର୍କରେ ଆମ ସହ ଯୋଡି ହେଲେ । ତା'ପର କାହାଣୀ ଆପଣଙ୍କ ଆଗରେ ।

କ୍ଷଣିକ ଆଘାତ ଆତ୍ମହତ୍ୟା ଭଳି ଏପରି ଚରମ ନିଷ୍ପତ୍ତି ନେବାକୁ ପ୍ରବର୍ତ୍ତାଏ । ଧାରଣା ହୁଏ ଏଇ ଲୋକମାନଙ୍କ ଉପରେ ମୁଁ ପ୍ରତିଶୋଧ ନେଇ କନ୍ଦେଇ ଦେବି । କିନ୍ତୁ ସେଇ ଘଡିଟା ମଣିଷ ବର୍ତ୍ତିଗଲେ ସ୍ୱପ୍ନ, ସାଧନା ଆଉ ପ୍ରଭୂତ ସମ୍ଭାବନାର ଉପତ୍ୟକାରେ ସେ ପହଁଚିଯାଏ । ଜୀବନଟା ଆପଣାର ଲାଗେ । ଏଇ କ୍ୱାଟର୍ସରୁ ମୁଁ ସେଇ ଶିକ୍ଷା ପାଇଲି । ସେଇ ମୁହୂର୍ତ୍ତରୁ ଶୋକଗ୍ରସ୍ତ, ଶାପଗ୍ରସ୍ତ ମଣିଷମାନଙ୍କୁ ଟାଣିନେଇ ସ୍ୱପ୍ନର ସରଗରେ ପହଁଚେଇବାକୁ ମୁଁ ପ୍ରତି ରାତିର ନିରୋଳା ମୁହୂର୍ତ୍ତରେ ଏଇ ତାଳବଣିଆକୁ ଆସେ । ସେମାନଙ୍କ ଆଖି ସାଥୀରେ ମୋ ଆଖି ମିଶିଲେ ଆମେ ପରସ୍ପରକୁ ଆଗରୁ ଚିହ୍ନିଲା ଚିହ୍ନିଲା ପରି ଲାଗୁ । ଏକଲା ମୁହୂର୍ତ୍ତଟା କୋଳାହଳର ମୁହୂର୍ତ୍ତ ପାଲଟେ । ମୃତ୍ୟୁ ବଦଳରେ ଅମୃତ ଚାଖନ୍ତି ଏଇ ମଣିଷମାନେ । ଜୀବନଠୁ ଦୂରେଇ ନ ଯାଇ ଜୀବନକୁ ଜାବୁଡି ଧରନ୍ତି ଏମାନେ । କାଳବେଳଟା ପରିଣତ ହୁଏ ଅମୃତ ବେଳାରେ । ପରିବାରରେ ବଞ୍ଚିବାଟା ଗୋଟାଏ କଳା ପାଲଟେ । କୁହନ୍ତୁ ତ ଯଦି ଆରଏମଏସର ସେଇ ଭଦ୍ରଲୋକଙ୍କ ଚିହ୍ନରା ଆଖିରେ ମୁଁ ସେଦିନ ପଡିନଥାଆନ୍ତି ମୁଁ ଆଜି କେଉଁଠି ଥାଆନ୍ତି । ମୋର ଆଦରର ପରିବାର ହୁଏତ ଥାଆନ୍ତେ ବଡଦାଣ୍ଡରେ ।

ହେଲେ ଆଜି ମୋ ବୟସ ଅତିକ୍ରାନ୍ତ କିନ୍ତୁ ଆପଣଙ୍କ ଲେଖନୀର କଳାରେ ଏଇ ଅଶରିରୀର ଚରିତ୍ର ହୋଇପାରିବ ଚିର କିଶୋର ଆଉ ଅମୃତ । ଗୋଟିଏ ଗଳ୍ପ ମଞ୍ଜୁଷାରେ ମୋର ଜୀବନ କାହାଣୀ କି ଅର୍ପି ଦେଇପାରିବେ କି ମହାକାଳ ପାଖରେ । ଉଜୁଡି ଯାଉଥିବା ପରିବାର ଆଉ ଜୀବନଯୁଦ୍ଧରେ ହାରି ପଳାୟନ କରୁଥିବା ମଣିଷମାନଙ୍କ ପାଇଁ ଆଙ୍କି ଦେଇପାରିବେ କି ଏକ ଜୀବନ ରେଖା ।

କଥା ସରିଲା ବେଳକୁ ଶୁଭୁଥିଲା ଶାନ୍ତ ଭାବରେ ଚାଲିଯାଉଥିବା ରେଳଗାଡିର ଶବ୍ଦ । ଶବ୍ଦ ନୁହେଁତ ସୁମଧୁର ଜୀବନ ସଂଗୀତ । ରେଳଧାରଣା ଦେଖାଗଲା ଅନନ୍ତକୁ ଲମ୍ବିଯାଇଥିବା ଜୀବନରେଖା ।

*ବାରଙ୍ଗ, କୋଟିଆଁ, ଜଗତସିଂହପୁର*
*ଦୂରଭାଷ: ୯୯୩୭୦୯୨୨୫୯*

# ସର୍ବଶ୍ରେଷ୍ଠ ଦାନୀ

ରବିନାରାୟଣ ଦାଶ

(ସ୍ୱର୍ଗପୁରରୁ ଗୋଟିଏ ପୁରାଣ କଥା)

ସ୍ୱର୍ଗପୁରର ଉଚ୍ଚ ମଣ୍ଡପରେ- ଯେଉଁଠି ପବନ ମଧ୍ୟ ବେଦମନ୍ତ୍ର ଗାଏ, ଯେଉଁଠି ହଜାର ସୂର୍ଯ୍ୟର ଆଲୋକ ଝଲମଲ କରେ- ସେଠି କଳ୍ପବୃକ୍ଷ ତଳେ ଗୋଟିଏ ଦିନ ବସିଥିଲେ ପାଞ୍ଚ ମହାନ ଦାନୀ।

ଦଧିଚି ଋଷି-
ଯିଏ ଦେବତାଙ୍କ ବିଜୟ ପାଇଁ ଅସ୍ଥି ଦାନ କରିଥିଲେ-

ମହାରାଜ ବଳି-
ଯିଏ ବାମନ ଭଗବାନଙ୍କୁ ନିଜ ରାଜ୍ୟ ସହିତ
ନିଜକୁ ମଧ୍ୟ ଦାନ କରିଦେଇଥିଲେ।

ରାଜା ଶିବି-
ଯିଏ ଡରିଥିବା କପୋତକୁ ବଞ୍ଚାଇବାକୁ ନିଜ
ଶରୀରର ମାଂସ କାଟି ଦେଲେ।

ରାଜା ହରିଶ୍ଚନ୍ଦ୍ର -
ସତ୍ୟ ଓ ଧର୍ମ ପାଇଁ ରାଜସିଂହାସନ, ସୁଖ ଓ
ସମ୍ମାନ - ସବୁକିଛି ତ୍ୟାଗ କରିଥିଲେ।
ଏବଂ ଅଙ୍ଗରାଜ କର୍ଣ୍ଣ-
ଯିଏ ଦେଇଦେଇ ଶେଷରେ ନିଜ ପ୍ରାଣକୁ ମଧ୍ୟ ଦାନ କରିଦେଲେ।

> ଆଜି ଆମେ ହିସାବ କରି ଦାନ କରୁ। ଆୟର ଏକ ପଞ୍ଚମାଂଶ। କିନ୍ତୁ ସତ୍ୟ ଦାନ ଫୁଲର ସୁଗନ୍ଧ ପରି- ଦେଖାଯାଏ ନାହିଁ, କିନ୍ତୁ ସବୁକୁ ପରିବର୍ତ୍ତନ କରିଦିଏ। ଭଗବାନ ମନ୍ଦିର ଖୋଜିବାକୁ ନୁହେଁ, ଏମିତି ହୃଦୟ ଖୋଜି ଏହି ପୃଥିବୀକୁ ଆସନ୍ତି।

ସେମାନେ ପୃଥିବୀର ସୌନ୍ଦର୍ଯ୍ୟ ଓ ନିଷ୍କାମ ଦାନର ମହତ୍ତ୍ୱ ନେଇ ଶାନ୍ତ ଭାବେ କଥା ହେଉଥିଲେ। ଦେବତାମାନେ ଶ୍ରଦ୍ଧାର ସହିତ ସେ କଥା ଶୁଣୁଥିଲେ।

ସେଇ ସମୟରେ ସେଠି ଦେବର୍ଷି ନାରଦ ମୁନି ଆସି ପହଞ୍ଚିଲେ। ତାଙ୍କ ଆଖି ଦୁଇଟି ଚଞ୍ଚଳ ହସରେ ଝଲମଲ କଲା। 'ଶାନ୍ତି ଭଲ,' ସେ ମନେ ମନେ ଭାବିଲେ, "କିନ୍ତୁ ଟିକେ ବିତର୍କ ହେଲେ ଧର୍ମ ଅଧିକ ସ୍ପଷ୍ଟ ହୁଏ।"

ସେ ଗୋଟିଏ ଦେବଦ୍ୱାରପାଳଙ୍କ କାନରେ ଧୀରେ କହିଦେଲେ- "ଜାଣିଛ କି?" ପାଞ୍ଚ ମହାନ ଦାନୀଙ୍କ ମଧ୍ୟରେ ଝଗଡ଼ା ଲାଗିଛି- କିଏ ସର୍ବଶ୍ରେଷ୍ଠ !"

ସନ୍ଧ୍ୟା ହେଲା ବେଳକୁ ସେ କଥା ସ୍ୱର୍ଗପୁର ସାରା ବ୍ୟାପିଗଲା।
ଅପ୍ସରା, ଗନ୍ଧର୍ବ, ଦେବତା - ସମସ୍ତେ ପକ୍ଷ ନେଲେ।
ମହାଦେବ କହିଲେ-
"ବଳି ହେଉଛନ୍ତି ସର୍ବଶ୍ରେଷ୍ଠ-
ପ୍ରତିଜ୍ଞା ରକ୍ଷା ପାଇଁ ନିଜକୁ ଦେଇଦେଲେ।"
ବିତର୍କ ବଢ଼ିଲା।
ଶେଷରେ ମହାଦେବ ମନ୍ଦ ହସି କହିଲେ-
"ସତ୍ୟ ଯେବେ ପ୍ରକାଶ ପାଇବ,
ମୋତେ ପୁନଃ ଡାକିବେ।"

ନାରଦ ବୈକୁଣ୍ଠରେ ପହଞ୍ଚିଲେ।
ଅନନ୍ତ ଶେଷ ଉପରେ ଭଗବାନ ବିଷ୍ଣୁ ଶାନ୍ତ
ଭାବେ ବିରାଜମାନ ଥିଲେ।
"ପ୍ରଭୁ," ନାରଦ କହିଲେ,
"ସ୍ୱର୍ଗପୁର ଗୋଳମାଳରେ ଭରିଗଲା।
କିଏ ସର୍ବଶ୍ରେଷ୍ଠ ଦାନୀ?"

ବିଷ୍ଣୁ ହସିଲେ।
"ନାରଦ,
ବତାସ ତୁମେ ଆରମ୍ଭ କଲ, ଏବେ ତୁମେ ହିଁ ଶାନ୍ତ କର।" ଭୂଲୋକକୁ ଯାଅ। ଯମୁନା କୂଳରେ ଗୋଟିଏ ଗରିବ ଚାଷୀ ରହେ। ତାଙ୍କଠାରୁ ଗୋଟିଏ ମୁଠି ଚାଉଳ ମାଗ। ଯାହା ଦେଖିବ, ମୋତେ କହିବ।"

ଗରିବ ଚାଷୀ-
ଗୋଟିଏ ରହୁଥିବା ଝୋପଡ଼ି ପାଖକୁ ଗଲେ ନାରଦ ମୁନି। ଫଟା କାନ୍ଥ, ଛପର ଅଧା ଉଡ଼ିଯାଇଛି।

ବାହାରେ ଦୁର୍ବଳ ଚାଷୀ ଜଣକ ଶୁଖିଲା ଜମିକୁ ଚାଷ କରୁଥିଲେ।
ନାରଦ କହିଲେ- "କିଛି ଖାଇବାକୁ ମିଳିବ କି ?"
ଚାଷୀ ହାତ ଯୋଡ଼ି କହିଲେ- "ମହାରାଜ, ଭିତରକୁ ଆସନ୍ତୁ।"
ଭିତରେ ସ୍ତ୍ରୀ ଧିରେ କହିଲେ- "ଏତିକି ଚାଉଳ ଅଛି- ଆଜି ପାଇଁ"
ଚାଷୀ ମନ୍ଦ ହସି କହିଲେ- "ଅତିଥି ଖାଇଲେ ଭଗବାନ ଖାଆନ୍ତି।
ଆସନ୍ତାକାଲିର ଭୋକ ଆଜିର ଲଜ୍ଜାଠାରୁ କମ୍।"

ସେମାନେ ସମସ୍ତ ଭାତ ବାଢ଼ିଦେଲେ। ନାରଦ କହିଲେ- "ଟିକେ ନିଜ ପାଇଁ ରଖ।"
ଚାଷୀ କହିଲେ- "ମୋର କିଛି ନୁହେଁ। ଶ୍ୱାସଟିଏ ମଧ୍ୟ ତାଙ୍କ ଦାନ। ସେ ମାଗିଲେ, ମୁଁ କିପରି ନା କହିବି ?"

ସେଇ କ୍ଷଣେ ଚତୁର୍ଦ୍ଦିଗ ଆଲୋକ ଭରିଗଲା। ଭଗବାନ ବିଷ୍ଣୁ ସାକ୍ଷାତ ପ୍ରକଟ ହେଲେ।

ବିଷ୍ଣୁ କହିଲେ-
"ତୁମେ ମହାନ।
ଗର୍ବ ପାଇଁ ନୁହେଁ, ପ୍ରେମ ପାଇଁ ଦାନ କଲ।
ଯିଏ ଶେଷ ଦାନାଟିକୁ ମଧ୍ୟ ଆନନ୍ଦରେ ଦିଏ
ସେଇ ସର୍ବଶ୍ରେଷ୍ଠ ଦାନୀ।"
ନାରଦଙ୍କ ଆଖି ଭିଜିଗଲା।

ସ୍ୱର୍ଗପୁରର ରାୟ-
ସ୍ୱର୍ଗପୁରରେ ସବୁ ଦେବତା ଏକତ୍ର ହେଲେ।
ନାରଦ କହିଲେ-
"ଦଧିଚି, ବଳି, ଶିବି, ହରିଶ୍ଚନ୍ଦ୍ର ଓ କର୍ଣ୍ଣ -
ସମସ୍ତେ ମହାନ।

କିନ୍ତୁ ସେଇ ନାମହୀନ ଚାଷୀ- ଯିଏ ନିଜ ଶେଷ ଦାନା ଦାନ କଲା- ସେଇ ହେଉଛି ସର୍ବଶ୍ରେଷ୍ଠ।"

ଶିବ ହସିଲେ, ପାର୍ବତୀଙ୍କ ଆଖି ଭିଜିଗଲା।
ପାଞ୍ଚ ମହାନ୍ ଦାନୀ ହାତଯୋଡ଼ି କହିଲେ-

"ଚାଷୀ ଜଣକ ଆମକୁ ନମ୍ରତା ସ୍ମରଣ କରାଇଦେଲେ।"
ନାରଦ ଗାଇଲେ-
"ସୁନା ସିଂହାସନରେ ନୁହେଁ
ଶେଷ ଦାନା ଦେଇଥିବା ହୃଦୟରେ
ଦାନର ମୁକୁଟ ରହେ।"

ସ୍ୱର୍ଗପୁରରେ ମଧ୍ୟ ଏହା ସ୍ମରଣ କରାଇବାକୁ ପଡ଼ିଲା-
ଦାନ ଶକ୍ତି ନୁହେଁ,
ଦାନ ହେଉଛି ସମର୍ପଣ।

ସେ ଚାଷୀ ପାଖରେ କିଛି ନଥିଲା- ନା ଧନ, ନା ନାମ, ନା ରାଜ୍ୟ। ତଥାପି ତା'ଙ୍କ ଖୋଲା ହାତରେ ଥିଲା- ଅତୁଟ ଭରସା। ସେ ବିଶ୍ୱାସରେ ଦେଲା, ନିଜେ ଭୋକରେ ରହି ଅନ୍ୟକୁ ଖୁଆଇଲା। ସେଇଠି ପୃଥିବୀ ସ୍ୱର୍ଗ ହେଲା।

ଆଜି ଆମେ ହିସାବ କରି ଦାନ କରୁ। ଆୟର ଏକ ପଞ୍ଚମାଂଶ। କିନ୍ତୁ ସତ୍ୟ ଦାନ ଫୁଲର ସୁଗନ୍ଧ ପରି- ଦେଖାଯାଏ ନାହିଁ, କିନ୍ତୁ ସବୁକୁ ପରିବର୍ତ୍ତନ କରିଦିଏ। ଭଗବାନ ମନ୍ଦିର ଖୋଜିବାକୁ ନୁହେଁ, ଏମିତି ହୃଦୟ ଖୋଜି ଏହି ପୃଥିବୀକୁ ଆସନ୍ତି।






# ଭାଗ୍ୟର ଖେଳ

**ପ୍ର. ଗିରିଜା ଶଙ୍କର ଶର୍ମା**

ଅସ୍ଥିରତା ଭିତରେ ସ୍ୱପ୍ନମାନଙ୍କର
ଶ୍ୱାସରୁଦ୍ଧ ହେବାର ଦୁଃସମୟ
ଏବେ ଫୁଲ ଫୁଟି ନାହିଁ
ଆଗକୁ ଫୁଟିବ କି ନାହିଁ, ଜଣା ନାହିଁ।

ଏବେ ସମସ୍ତେ କ୍ରୁର
କାହାଠୁ ଶୁଣିବାକୁ ମିଳେନି, ସାନ୍ତ୍ୱନାର ବାଣୀ।
ପର୍ଦ୍ଦା ପଛର ଲୋକଙ୍କ ମୁରୁକି ହସାରେ
ଆମର ସଂପର୍କ ଓ ଭବିଷ୍ୟତ
ରହିଯାଏ ବିତର୍କିତ ବିନ୍ଦୁଟିଏ ହୋଇ।

ସବୁ ଭୁଲ ମୋର, ସବୁ ଦୁର୍ଭାଗ୍ୟ ମୋର
ଅନ୍ୟମାନଙ୍କର ସବୁ ଭଲ
ମୋ ହାତ ଛୁଇଁ ପାରେନା ଉଚ୍ଚରେ ଥିବା ଆକାଶକୁ।
ମାଟିକୁ ବି ଛୁଇଁ ପାରେନା,
ମୁଁ ତ୍ରିଶଙ୍କୁ ପରି ଝୁଲି ରହେ
ମାଟି ଓ ଆକାଶ ମଝିରେ।

ପାଷାଣୀ ଅହଲ୍ୟା ଚିତ୍ ମାରି ଶୋଇଥାଏ
ଶୁଖିଲା କାଠଗଡ଼ ପରି।
ଅପେକ୍ଷା କରିଥାଏ ନବ କଳେବରକୁ।
ଦିନପରେ ଦିନ, ମାସ ପରେ ମାସ
ବର୍ଷ ପରେ ବର୍ଷ ବିତିଯାଏ
କ୍ୟାଲେଣ୍ଡରର ପୃଷ୍ଠା ପରି
ହଠାତ୍ ଭାଗ୍ୟର ଉଦୟ ହୁଏ।
ଶ୍ରୀରାମଙ୍କ ପଦ ସ୍ପର୍ଶରେ
ପାଷାଣ ଦେହରେ ଫୁଟିଉଠେ ଲାବଣ୍ୟ।
ଭାଗ୍ୟ ବଦଳି ଯାଏ ଅହଲ୍ୟାର।

ଏବେ ମୁଁ ବି ସେଇ ଅବସ୍ଥାରେ
ଭାଗ୍ୟ ହିଁ ବୋଧହୁଏ
ମୋ ଆଗାମୀ ଦିନରେ ରାସ୍ତା ଦେଖାଇବ
ଭାଗ୍ୟ ବଦଳିଲେ, ମୋ ସ୍ୱପ୍ନରେ ଡେଣା ଖଂଜିହେବେ
ମୁଁ ବି ଉଡ଼ିପାରିବି
ନୀଳ ଆକାଶରେ ଉର୍ଦ୍ଧ୍ୱରେ।

*ଧନକଉଡ଼ା, ସମ୍ବଲପୁର-୭୬୮୦୦୬*
*ଦୂରଭାଷ: ୮୯୧୭୪୯୪୦୯୫*

# ଲେଉଟାଣି କଥା

**ବସନ୍ତ କୁମାର ମିଶ୍ର**

ମୁଁ ଜାଣେନା
ଘଣ୍ଟା କେବେ ବନ୍ଦ ହେବ
କିଏବା ଜାଣିଛି ?
ତଥାପି ଲାଗୁଛି ବ୍ୟାଟେରୀ ସରି ଆସିଲାଣି
ଯେବେ ହେଉ, ବେଶୀଦିନ ନାହିଁ।
କେତେ କଥା, ଅସୁମାରୀ ଅନୁଭବ
ସବୁକୁ ଗାରେଇ ଦେବାକୁ ମନ
ବେଳ ନାହିଁ, ଯାହା ଥିଲା ସଂଗ୍ରାମରେ,
ଥକା ମାରିବାରେ ଗଲା ବା କାଲିକୁ ଠେଲି ଠେଲି
ଅସରନ୍ତି କାଲିର ପ୍ରତ୍ୟୟରେ ଅବ୍ୟକ୍ତ ରହିଲା।
ଆଙ୍ଗୁଠି ଗଣା ଦିନ ଭିତରେ
କେଉଁଠୁ ଆରମ୍ଭ, କି ରୂପ ଭେକ ଦେବି ?
ଓଃ ! ଶବ୍ଦମାନଙ୍କର ଭିଡ଼ ଆଉ ଠେଲାପେଲା
ମୋତେ ନିଶବ୍ଦ ଓ ନିଷ୍କ୍ରିୟ କରନ୍ତି
କହିବି କହିବି ଭାବି ବେଳ ସରିଗଲା।
ମନଟା ଉଚ୍ଛୁରି ଉଠୁଛି, ହୃଦୟ ରୁ ରକତ ଝରୁଛି
କଲମରେ କାଳି ଥାଇ ବି କାଗଜରେ ଆଙ୍କି ହେଉନି
କହିବାକୁ ଚାହିଁଲେ ବି ଶୁଣିବ ବା କିଏ ?
ମୂକ, ନିର୍ବାକ, ସୃଜନ ହୀନ,
ଅନେକ ସୃଷ୍ଟିର
ସୁପ୍ତ ଆଗ୍ନେୟଗିରିଟିଏ, ମୁଁ ବିଚରା।
ମୋ ଲୁହର ଲାଭାରେ ଉଚ୍ଛୁରେ
ଜୀବନରେ ଯନ୍ତ୍ରଣାର, ସଂଘର୍ଷର ସୁଦୀର୍ଘ

ସୁଡ଼ଙ୍ଗଟିଏ
ମୋ ସରଳତା ମୋ ନୀରବତା ମୋ ସଂଯମତା
ମୋ ଅତୁଟ ବିଶ୍ୱାସ ଆଜି ବହିଯାଏ
ଗୁପ୍ତ ଅବା ଲୁପ୍ତ ସରସ୍ୱତୀ ପରି
ପ୍ରଚଣ୍ଡ କିନ୍ତୁ ପ୍ରଚ୍ଛନ୍ନ ସ୍ରୋତରେ।
ମୋ ନାଟକର ଅଭିନେତା, ଦର୍ଶକ, ମୁଁ ସବୁ
ସବୁ ସ୍ୱଗତୋକ୍ତି, ମଉନ କରତାଳି ଆଉ ଗାଳି
ଶୁଣେ ମହାଶୂନ୍ୟ କାନ
ସବୁ ଭାବଭାଷା ଦୁଃଖ ଶୋକ ସ୍ୱପ୍ନ ମୋହ
ସେଇଠି,
କେବଳ ସେଇଠି ହିଁ ଲୀନ।

*ଅବସରପ୍ରାପ୍ତ ବରିଷ୍ଠ ପ୍ରାଧ୍ୟାପକ*
*ଦୂରଭାଷ: ୯୭୭୮୨୬୧୨୧୪*

# ତିନୋଟି କବିତା

**ଡ. ଲିଙ୍ଗରାଜ ରଥ**

**ନୂଆ ନୂଆ ଆଶା ଭରେ**
ବିଫଳତା ସିନା ସରଜେ ହତାଶା...
ପରାଜିତ - ମନ ପରେ,
ବିଫଳତା ସଦା ବିଜୟୀ ମନରେ
ନୂଆ ନୂଆ ଆଶା ଭରେ।

**ତୁମ ସ୍ମୃତି**
ଜଳାଇ ଦେଇନି ତୁମ ଚିଠି ସବୁ
ସାଇତିଛି କେଉଁଦିନୁ
ଚିଠି ଜଳିଲେ ବି ତୁମ ସ୍ମୃତି କୁହ
ଲିଭିଯିବ କି ମୋ ମନୁ ? ?

**ଅଶ୍ରୁ**
ଅଶ୍ରୁ ନୁହଁଇ କିଛି ଟୋପା ଜଳ
ଯାହା ତୋଳେ ଦିଶୁଥାଇ,
ଏହାହିଁ ତ ଭାଷା - ଆମ ହୃଦୟର
ଯାହା ହୁଏ ନାହିଁ କହି।

*ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର*
*ଘର ନଂ: ୧୧-ଜି, ଗତିକୃଷ୍ଣ ଗ୍ରୀନ୍, ଟଙ୍କପାଣି ରୋଡ଼, ରଙ୍ଗବଜାର,*
*ଅଲାରପୁର, ଜି.: ଖୋର୍ଦ୍ଧା*
*ପିନ୍-୭୫୨୧୦୦*
*ଦୂରଭାଷ: ୯୪୩୭୦୧୪୨୪୪*

# ଛୁଞ୍ଚ ସୂତା

**ଅକ୍ଷୟ ପାତ୍ର**

କେବଳ ଛୁଞ୍ଚିରେ କ'ଣ କପଡ଼ା ସିଇଁ ହୁଏ ?
ଲୋଡ଼ାପଡ଼େ ସୂତା।

କେବଳ କଥାରେ କ'ଣ ମନ ଜିଣିହୁଏ ?
ଲୋଡ଼ାପଡ଼େ ମମତା।

ଛୁଞ୍ଚି -
ସୂତାର ସାହାରାରେ
ରଫୁକରେ କପଡ଼ା
ହେଲେ ତା' କ'ଣ ଆଉ ଫେରାଇପାରେ
ପୋଷାକର ହୃତ ଦୃଢ଼ତା ?

ରୂପାନ୍ତରଣଶୀଳ ସମୟ
ସାମାଜିକତାର ସାହାରାରେ
କେବେ କେବେ ହୁଏତ ମଲମ ଲଗାଏ
ମରମ ତଳର ଘା'ରେ
ହେଲେ ତା' କ'ଣ ଆଉ ଫେରାଇପାରେ
ନିସର୍ଗ ଘଟିତ
ଏକଦା ଉଚ୍ଚାଟକ
ବାସନ୍ତୀକ ସତେଜତା ?

ଛୁଞ୍ଚି ବିନା ସୂତା
ଦରଦ ବିନା କଥା
କେବେବି ଯୋଡ଼ିଦେଇପାରେ
ଫଟା କପଡ଼ା କି ଭଙ୍ଗାମନ ?
ତୁଟିଯାଇଥିବା ସମ୍ବନ୍ଧ କି ଚଡ଼କି ଯାଇଥିବା ଆଇନାରେ
ବିଂବିତ ମୁହଁ ?

ଆହ !
ଛୁଞ୍ଚି ଯଦି ହୁଏ
ବିଦୀର୍ଣ୍ଣ ମନଃସ୍ଥିତିକୁ ଫଟା କପଡ଼ା ପରି
ଯୋଡ଼ା ଯୋଡ଼ି କରିବାର ଏକ ତୀକ୍ଷ୍ଣ
ଅଥଚ ପ୍ରତୀକାତ୍ମକ ସାଧନ

ପୁଣି ସମାବେଶୀ ବାରତା
ସୂତା ହେବ
ସବୁକୁ ଆପଣେଇ
ସବୁକୁ ଗଅଁଠେଇ ରଖିବାର
ଅଳୀକ ଅଥଚ ଆବେଗିକ ଶ୍ରବଣତା
ମମତାବୋଳା ଅଠା !

*ଇଂରାଜୀ ବିଭାଗ ମୁଖ୍ୟ, ହିନ୍ଦୋଳ ମହାବିଦ୍ୟାଳୟ, ଖଜୁରିଆକଟା,*
*ଢେଙ୍କାନାଳ-୭୫୯୦୨୦*
*ଦୂରଭାଷ: ୭୦୭୭୯୮୪୯୬୦*

# ଆହେ ଦୟାମୟ

**ବିଭୂତି ଭୂଷଣ ତ୍ରିପାଠୀ**

ସବୁଙ୍କୁ ଶୁଣିଲି ସବୁତ ମାନିଲି
କିମ୍ବା ଥରେ ତାଙ୍କୁ ଦେଖିନପାରିଲି
ଗଡ଼ିଲା ବୟସ ଆୟୁରେ ନିରାଶ,
ମିଛ ହୋଇବକି ମନର ବିଶ୍ୱାସ ।

ଯିଏ ଚାଲିଗଲେ ମୋହରି ଆଗରେ,
କେହି କହିଲେନି ଦେଖିଛନ୍ତି ଥରେ ।
ବାର ଓଷା କରି କରନ୍ତି ଗୁହାରୀ,
ତାଙ୍କୁ ଦେଖନ୍ତେକି ଯିବା ଆଗୁ ଫେରି ।

କିଏ କହେ ଥରେ ଶୁଣିଥିଲା ଧ୍ୱନି,
ପାଉଜି ଧ୍ୱନିରେ କରୁଣ ରାଗିଣୀ ।
ନିଶ୍ଚଳ ହୋଇଲା ମନ ମରିଗଲା,
ଦେଖିବା ଆଶା ତାଙ୍କ ଅଧୁରା ରହିଲା ।

ଶରଧା ବାଲି ଲାଗେ ଧୀରେ କୁହେ,
ଅନେକ ପ୍ରତୀକ୍ଷା ନିଷ୍ଫଳ ହୁଏ ।
ଚେତନା ହୋଇ ଯେ ଜଡ଼କୁ ଖେଳାନ୍ତି
ଚର୍ମ ଚକ୍ଷୁରେ କି ଧରା ସେ ପଡ଼ନ୍ତି ।

*ପ୍ଲଟ ସଂଖ୍ୟା-୭୭୫, ପୁରୁଣା ପୋଷ୍ଟ ଅଫିସ୍ ଗଳି,*
*ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର*
*ଦୂରଭାଷ: ୯୪୩୭୭୬୪୩୭୦*

# ତୁମ ଲାଜ ଅଭିମାନ

**ପ୍ରଶାନ୍ତ କୁମାର ଦାଶ**

ଲାଜ ଲାଜ ଅଭିମାନ
ଲୋଡ଼ାନାହିଁ ଆଉ
କେତେଦିନ ଦେଉଥିବ
ବିରହର ଦାଉ ॥

ସୁଖ ଦୁଃଖ ଦୁଇଭାଇ
ହସ ଲୁହ ବନ୍ଧୁ
ଢାଳିପାରିବନି ସାଥୀ
ଆଉ ଲୁହ ବିନ୍ଦୁ ॥

ମହୁପରି ମିଠା ତୁମ
ପ୍ରୀତିମୟ କଥା
ତୁମକୁ ନପାଇ ପାଏ
କୋହ ଲୁହ ବ୍ୟଥା ॥

ଦୁଃଖର ସଉଦା କରି
ତୁମକୁ ମୁଁ ଝୁରେ
କାହିଁ କେତେ ଦିନୁ ଅଛ
ପ୍ରିୟା ବହୁଦୂରେ ॥

ଦୁଃଖତ ଆଣିବ ଡାକି
ସକାଳ ମୋ ପାଶେ
ମାତିଯିବା ଆମେ ଦୁହେଁ
ପ୍ରେମ ପ୍ରୀତି ଆଶେ ॥

ସୁଖର ପଣତ ଦେବ
ମୋ ଦେହରେ ଢାଙ୍କି
ସରାଗେ ମଧୁର ଚୁମା
ଗାଲେ ଦେବି ଆଙ୍କି ॥

*କୁଞ୍ଜର, ସଙ୍ଗଲାଇ, ପିପିଲି, ପୁରୀ*
*ଦୂରଭାଷ: ୯୬୬୮୮୨୨୧୯୦*



# କାରିଗର

ରୀନାରାଣୀ ରାଉତରାୟ

ଯିଏ ଗଢ଼ିବା ଜାଣିଛି ସେ ହିଁ କେବଳ କାରିଗର ।
ସୀମାହୀନ ଆକୃତିକୁ ଜାବୁଡ଼ି ଧରି
କିଏ ଜଣେ ବିଦୀର୍ଣ୍ଣ କରୁଛି ଛାତି ।
କି ଦିନ କି ରାତି ଗମ୍ଭୀରା ଭିତରୁ ଶୁଭୁଛି
ତାର ଠକ୍‌ଠକ୍ ଶବ୍ଦର ନିନାଦ ।
ରାତି ଦିନ ଏକାକାର କରି ଲହୁ ଲୁହାଣ ହୋଇ
ସବୁତକ ଶୂନ୍ୟତାକୁ ସାଉଁଟି ଆଣି
ଏକାଠି ଠୁଳେଇଲା ପରେ ତିଆରି ହେବ ସାକାର ବ୍ରହ୍ମ ।
ନାଁ ଭୋକ ନାଁ ଶୋଷ
ମାୟା ମୋହର ଏ ଅଳୀକ ସଂସାରରେ
ଅବୁଝା ଦୁଃଖମାନଙ୍କର ଅଝଟ
ଅକୁହା ସୁଖମାନଙ୍କର ଆକଟକୁ ଆଡ଼କରି
ଅହରହ ସେ ତାଙ୍କରି କାମରେ ଲାଗିଥାନ୍ତି ।
ସେ ବିଛେଇଲେ ଚାରିଆଡ଼େ ରହସ୍ୟମୟ ଅନ୍ଧାର
ହସରେ ଭରିଲେ ଉଜ୍ଜ୍ୱଳ ଆଲୋକ
ଖଞ୍ଜିଲେ ଗର୍ଭରେ ନଭମଣ୍ଡଳ
ଆକାଶ, ସୂର୍ଯ୍ୟ, ଚନ୍ଦ୍ର ସହିତ ଅନେକ ଗ୍ରହ ନକ୍ଷତ୍ର ଓ ଧୂମକେତୁ
ପାହାଡ଼, ନଦୀ, ସମୁଦ୍ର, ଜଙ୍ଗଲ
ମଣିଷ, ପଶୁ, ପକ୍ଷୀଙ୍କ ପରି ଜୀବଜଗତ ।
ସାରା ବ୍ରହ୍ମାଣ୍ଡକୁ ନେଇ ଗଢ଼ିଲେ ପିଣ୍ଡ
ନିଜ ଆତ୍ମାକୁ ରଖିଦେଲେ ଜୀବନ
ଅଲୌକିକ ଆନନ୍ଦ ରଚି କଲେ ସମ୍ମୋହନ ।
ସୃଷ୍ଟି ଏବଂ ପ୍ରଳୟ ପରି ଚାଲିଥାଏ ତାଙ୍କର
ଏମିତି ତିଆରି କରିବା ପୁଣି ଭାଙ୍ଗିଦେବା କାମ
ବାରମ୍ବାର ଭଙ୍ଗାଗଢ଼ାରେ ଥକିଯାଇ ଥରେ ସେ ଟିକେ ରହିଯାଇ
ତନ୍ନ ତନ୍ନ କରି ଦେଖିଲେ ।
କେବେବି କୌଣସି ଆକାର ଦେଇ ପାରୁନଥିବା
ଗୋଟେ ଅଣାକାର ସ୍ୱରୂପ ତାଙ୍କୁ ଚାହିଁ ହସୁଥିଲା ନୀରବରେ ।
ସେ ଅଟକି ଯାଇ ଅନେଇ ରହିଲେ ତାକୁ
ନିଜଭିତରୁ କେହି ଜଣେ କହୁଥିଲା ତାଙ୍କୁ ନିଃଶବ୍ଦରେ
କଣ ଖୋଜୁଛ ଏଇ କ୍ଷଣ ଭଙ୍ଗୁର ଦୃଶ୍ୟମୟ ଜଗତରେ ?
ଖୋଲା ଆଖିରେ ଖୋଜିପାରୁ ନଥିବା ତୁମ ଖୁସିକୁ
ଥରେ ଅନ୍ତଃଦୃଷ୍ଟିରେ ଦେଖ
ତୁମରି ଭିତରେ ସେ କେମିତି ପରିପୂର୍ଣ୍ଣ ।

# ମନପକ୍ଷୀ

ଡ.ଚନ୍ଦ୍ରକଳା ନାୟକ

ମନର ଗହନ ବନରେ
ନୀଡଟିଏ ହୁଏ ବାଟବଣା
ଚେତନ ଓ ଅବଚେତନରେ
ମିଥ୍ୟା ଓ ସତ୍ୟର ଆଢୁଆଳେ
ପ୍ରତିଥର ପରି
ହଜାଇ ଖୋଜୁଥାଏ
କେଉଁଠି ତାର ଅଜ୍ଞାତ ଠିକଣା ।
କେତେ ସମ୍ମୋହନ
କେତେ ଆଲିଙ୍ଗନ
କେତେ ପୁଣି କାକରଭିଜା ସଂଧ୍ୟା
ହୁଂଟାର ଛାଡୁଥିବା ମଣିଷର
ବିକଟାଳ ରଡି
ସମୟର ପରବର୍ତ୍ତୀ ଧାରାକୁ ।
ମନଟା ତାର ଅବଶ ହୋଇଯାଏ
ଖୋଜେ ଜୀବନରୁ ମୁକ୍ତି
ହେଲେ ବାନ୍ଧିରଖେ ତାକୁ ବନ୍ଧନ
ପିଠିରେ କୁଜ ପରି କ୍ରୁରତାର ବୋଝ
ଉଡିବୁଲୁଥିବା ସେ ନୀଡ
ଏବେ ଅବଶ ଓ କ୍ଳାନ୍ତ
ତା ଡେଣା ବି ତ ଏବେ ସ୍ଥବିର ।
ଜନ୍ମମୃତ୍ୟୁର ତାଳେ ତାଳେ
ଜୀବନ ସଙ୍ଗୀତ ଗୁଣୁଗୁଣୁ କରେ
ଅନବରତ କେହି ଅପରିଚିତ ଜଣେ
ବିଭ୍ରାନ୍ତ କରେ ତାକୁ
ନୀଡଟି ବିରକ୍ତ ହୋଇ
କାହିଁକି ଶବ୍ଦ କରେ ନୀରବରେ
କାହାପାଇଁ ଗୀତଗାଏ
ଚିରନ୍ତନୀ ପରି ଶୋଇଯାଏ ...
ସେ କେବଳ ବୁଝେ ଆଉ ଜାଣେ
ତା କଥା କିଏବା ଜାଣିବ ।

*ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର*
*ଦୂରଭାଷ: ୯୪୩୭୯୫୭୬୧୭*

# ମୁଁ ଏବେ ବୁଢ଼ା ନାଉରି

ଜୟଶ୍ରୀ ପଟ୍ଟନାୟକ

ମୁଁ ଏବେ ବୁଢ଼ା ନାଉରି
ବର୍ଷ ତମାମ ରାଗ ରାଗିଣୀରେ
ସକଳ ଅନୁଭୂତିକୁ ତୁମ କୋଳରେ
ବାଣ୍ଟିଦେଇ ବାହୁଡ଼ି ଯାଉଛି ସ୍ମୃତିହୋଇ।

ତୁମସାଥେ କଟିଥିଲା ମୋର ବାରମାସ ଛଅ ଋତୁ
ଉଦୟ ସୂର୍ଯ୍ୟର ସ୍ୱର୍ଣ୍ଣିମ ପ୍ରଭାତ ଠାରୁ
ଅସ୍ତ ସୂର୍ଯ୍ୟର ଲାଲିମା ଯାଏ
ମୁଁ ଥିଲି ତୁମରି ସାଥେ।
କେବେ ଭୟାବହ ଯୁଦ୍ଧରେ ତ
କେବେ ବର୍ଷା ବନ୍ୟା ବିଭୀଷିକାରେ
କେବେ ଦରଦାମ ବୃଦ୍ଧିରେ ତ
ଅଣ୍ଟି ପଇସାରେ ସୁନା କାଠି ନ କିଣି ପାରିବାର ଅଭାବରେ
କେବେ ନ୍ୟାୟ ନ ପାଇ କଳିକାଟେ ଦଗଧିଭୂତ ହେଲାବେଳେ
କେବେ ସୁଭଦ୍ରା ଯୋଜନାରେ ଖୁସି କିଣୁଥିଲା ବେଳେ
କେବେ କଳଙ୍କରେ ଚିରିଛି ଛାତି
ପରସ୍ତ ପରସ୍ତ ସ୍ମୃତିରେ ଲେଖିଛି
ହସ ଲୁହ ଭରା କାହାଣୀ।

ଏବେ ମୁଁ ବୁଢ଼ା ନାଉରି, ବସିଛି ଘାଟରେ
ଆଗରେ ସ୍ୱପ୍ନ ଓ ସମ୍ଭାବନାମୟ ଜୀବନ
ପିଠି ପଛେ ଲାଉ ହୋଇଥିବା ଅତୀତ
ମଝିରେ ବର୍ଷ ତମାମ ଧାଇଁ ଧାଇଁ ଥକି ପଡ଼ିଥିବା ଜୀବନ
ନୂଆ ନାଆରେ ବସିଲେ ଦେଖିପାରିବ
ସ୍ୱପ୍ନ ସମ୍ଭାବନାର ମହଣେ ସପନ
ଅନୁଭବିବ ନୂତନତ୍ୱର ମିଠା ମାଦକତା
ଲେଖିବ ଦିନଲିପିରେ ନୂଆ ନୂଆ କଥା
ମୁଁ ବସିଥିବି ଘାଟରେ ବୁଢ଼ା ନାଉରି ସାଜି
ବିଗତ ଦିନର ସ୍ମୃତିଟେ ହୋଇ।

*ଗଙ୍ଗନଗର, ଭୁବନେଶ୍ୱର*
*ଦୂରଭାଷ: ୭୯୭୮୧୧୦୪୭୪*



# ପାଦ ଚିହ୍ନ

ଶିବ ଶଙ୍କର ଦାସ

ଆସ ଦେଖ,
କେମିତି ଏକ ଅଦୃଶ୍ୟ ନିଆଁରେ
ମୁଁ ଜଳୁଛି ଗୋଟାପଣେ
ଜଳି ଜଳି ତରଳି ଯାଉଛି
ମୋ ରୋଗଣା ଦେହର ସମସ୍ତ
ହାଡ଼, ମାଂସ ଆଉ ରକ୍ତ... !

ସତରେ...
ତୁମେ ସେ ଗୋଧୂଳିର
ଗେରୁଆ ରଂଗରେ
ଅଚାନକ୍ ହଜିଗଲା ପରେ,
ଆଉ ଆଗଭଳି ଲାଗୁନି
ଏ ଶୀତୁଆ ସକାଳ,
ଭଲ ବି ଲାଗୁନି
ସକାଳର ପରସ୍ତ ପରସ୍ତ କୁହୁଡ଼ି
କି କୁହୁଡ଼ିର
ସେ ଅଜଣା ମାୟାଜାଲ... ! !

ହିଁ...
ପାରିବ ଯଦି ଆସ,
ଦେଖିବ, କେମିତି ଏବେ
ମୋ ଦେହ ଆଉ ମୁହିଁ ସାରା
ପୋଡ଼ା କ୍ଷତର ଦାଗ
କଳା କଳା ଦାଗ ସବୁ
ମୁହିଁ ଲୁଚେଇଛନ୍ତି
ମୋ ଅନାଥ ହୃଦୟର
ଚାରିକାନ୍ଥ ଭିତରେ... ! ! !

ସତରେ...,
ତୁମେ ଗଲାପରେ,
ଏ ଶୀତୁଆ ସକାଳଟା
ଏବେ ପାଲଟିଛି ମୋ ପାଇଁ
ଗୋଟେ ଅଭିଶପ୍ତ ରାତି,
ଆଉ ସେ ରାତ୍ରିର
ବହଳ ଅନ୍ଧାର ଭିତରେ
ମୁଁ କେବଳ ଖୋଜୁଛି ତୁମକୁ,

ତୁମର ସେ ଅଳତା ଲଗା
ପାଦ ଚିହ୍ନକୁ...।

*ବିଭାଗୀୟ ମୁଖ୍ୟ, ପ୍ରାଣୀ ବିଜ୍ଞାନ ବିଭାଗ, ହିନ୍ଦୋଳ ମହାବିଦ୍ୟାଳୟ,*
*ଢେଙ୍କାନାଳ-୨୦*
*ଦୂରଭାଷ: ୯୯୩୮୦୪୬୪୪୬*

# ପଛ ପୃଷ୍ଠା

**ମନୋରଂଜନ ଶରଣ**

ଖୋଲିବାକୁ ପଛ ପୃଷ୍ଠା ଅଣ୍ଟୁନି ସମୟ
ଆଗାମୀ କାଲିର ଜ୍ୟୋତ୍ସ୍ନା ନିଶ୍ଚଳ ଆକାଶ,
ତୁମେ ଅବା ଖରାଦିନ ଚନ୍ଦନ ପୂର୍ଣ୍ଣିମୀ
ସେଇ ଫୁଲ ମହକର ଜ୍ୱଳନ୍ତ ନିର୍ଯାସ।
ମେଲି ଅଛି ମୁକ୍ତା ବଂଧ ମିଠାର ପସରା
ଅରଣ୍ୟରେ କାମନାର ଖରସ୍ରୋତା ଜଳ,
ଗୋମତୀ ପାଣିରେ ଭରା ଆଖିର ଆଲୁଅ
ସ୍ୱେଦର ବରଷା ବିନ୍ଦୁ ଉତ୍ତପ୍ତ ଅନଳ।
ନିଷିଦ୍ଧ ଫଳର ସ୍ୱାଦ ମେଘ ଆକର୍ଷଣ
ନୀରବ କବିତା ଧାଡ଼ି ଲମ୍ବେ ଜନ୍ମାନ୍ତର,
ଦେଖନାହିଁ ମୁହଁ ତୁମ ନଇ ଦର୍ପଣରେ
ଉଡ଼ିବୁଲେ ଚିଲ ଆଖି ଖୋଜୁଛି ଶିକାର।
ଦିଅ ଛାଡ଼ି ଏ ସହର ଖରାଦିନ ନିଆଁ
ଧୂଳି ଭରା ଆକାଶରେ ଅସ୍ଥିର ନିଶ୍ୱାସ,
ଦୃଷ୍ଟି ଆମ ଅଭିଶପ୍ତ ରାହୁ ଗ୍ରାସ ପରି
ଲୁଚିଅଛି ଗୁପ୍ତ ଅଗ୍ନି ପାହାଡ଼ ପାଉଁଶ।

ଖୁବ୍ ଭଲ ଗାଆଁ ତୁମ ଗୀତ ଜୋଛନାର
ଖେଳେ ହଂସ, ନାଚେ ଶିଖି ମେଘର ଦୁଆରେ,
ଆଖି ମାରେ ତାରାପୁଞ୍ଜ ବଉଦ ଭିତରୁ
ଦେଖିବାକୁ ଝେରା ହସ ଯମୁନା କୂଳରେ।
ପବନଟା ଅଲାଜୁକ ବୁଝୁନି ସମୟ
ଚୁମା ଦିଏ ଦେହେ ତୁମ ଗୋଲାପି ଓଠରେ,
ଘୁରୁଥାଏ ବସଂତଟା ଡାଆଣାଂକ ପରି
ଛୁଇଁ ତୁମ ବେକ ହାତ ଛାତିର ଆସରେ।
ଦିଅନ୍ତ ନି ପାଟିରେ ମୋ ମଳୟ ଋତୁରୀ
ଦେଖିବାକୁ ବନ୍ଦ ଆଖି ଶିହରଣ ଝର,
ନୀଳସ୍ୱପ୍ନ ଅଗଣାରେ ଅନ୍ତରୀକ୍ଷ ଜାଲ
ଧ୍ୟାନ ଧ୍ୟେୟ ଏକାକାର ଅନନ୍ତ ସାଗର।
କିଏ ବା କରିବ ମତେ ନଇ ପାଣି ହାତ
କରିବାକୁ କୁତୁ କୁତୁ ଦେହରେ ତୁମର,
ଅବା ଏକ ସର୍ବଗ୍ରାସୀ ଅଗ୍ନିମୟ ଜିଭ
ଶୋଷିବାକୁ ସୁପ୍ତ ରସ ଗତାୟୁ ଯୁଗର।
ଜାଣିବ କେବେ ବା ତୁମେ କସ୍ତୁରୀ ସୁଗଂଧ
ବାଣ୍ଟି ଦେଇ ସମ୍ମୋହନ ଉଚ୍ଛା ଉଚ୍ଛା ଢେଉ,
ପହଁରେ ମୁଁ କୁହୁଡ଼ିରେ କେତେ ବାଟ ସ୍ୱର୍ଗ
ହସୁଛି ପୃଥିବୀ ଜହ୍ନ ହଜିଛି ଚିଟାଉ।

ତୋଫାନ ଅଂଧାରେ ମାଗେ ମୁକ୍ତିର ଝଲକ
ଶିରାଳ ହାତରେ ରଖି ଟଗର କଢ଼କୁ,
ମିଳୁ ମୋତେ ରୂପ ହୀନ ବତୀ ଖୁଣ୍ଟ ଆଭା
ଡେଇଁବାକୁ ଶିଶୁପରି ନିର୍ଲିପ୍ତ କୋଳକୁ।

*୬୨, ଗୌତମ ନଗର, ଭୁବନେଶ୍ୱର-୧୪*
*ଦୂରଭାଷ: ୯୪୩୭୯୬୦୪୬୦*

# ଆମର ଗୀତ ଶିଖିବା

**ସ୍ନେହା ରଥ**

ଦିନେ ଆଇ କହିଲା - ଅଜା କୁ
ଆହେ, ଶୁଣୁଛ - ମନ ହେଉଛି ମୋର,
ଆମେ ଦୁହେଁ ଗୀତ ଶିଖିବା।
ଅଜା କହିଲେ - ହୋଇଲୁ କି ବାଇ
ତୋତେ ଷାଠିଏକୁ ମୋତେ ଚଉଷଠି କି ଗୀତ ଶିଖିବା ?
ଖାଲି ଲୋକହସା ହେବା।
ଆଇ କହିଲା-
ଲତା ମଙ୍ଗେସକର କି ମହମ୍ମଦ ରଫି ଷ୍ଟାର ସିଙ୍ଗର ହେବା-
ନହେଲେ ନାହିଁ,
ଭଜନ, ଜଣାଣ ଗାଇବା ଠାକୁରଙ୍କୁ ଚାହିଁ
ଆଇର ଗୀତ ଶିଖିବା ଝୁଙ୍କ ଦେଖି
ଅଜା, ଆଇକୁ ସାଥୀରେ ନେଇ
ସଙ୍ଗୀତ ବିଦ୍ୟାଳୟରେ ନାଁ ଲେଖାଇଲେ ଯାଇ।
ଗୁରୁଜୀ କହିଲେ - ପ୍ରଥମେ ତୁମେ ସା, ରେ, ଗା, ମା
ଶିଖିବ।
ତାପରେ ଧୀରେ, ଧୀରେ ଗୀତ ଗାଇବା ଶିଖିଯିବ।

ଗୁରୁଜୀ ତାଗିଦ୍ କରି କହିଲେ,
ରିୟାଜ କରିବ ନିତି ପ୍ରତିଦିନ।
ଆଈ କି ଜାଣେ ରିୟାଜ ଫିୟାଜ??
ଦିନେ ସକାଳୁ ଆଈ ଗାଇଲା ବସି
ସା, ରେ, ଗା, ମା, ପା, ଧା, ନି, ସା
ଚୂଡ଼ା ସଙ୍ଗେ ଦହି ମିଶା।
ହଇରେ! ସନିଆ, ନଟିଆ କୁଆଡ଼େ ଗଲ?
ଭୋକରେ ମୋର ହଁସା ଗଲାଣି ଉଡ଼ି
ପିଢ଼ା, ପାଣି ଦେଇ ଜଲଦି ବାଢ଼େ ପଖାଳ, ବଡ଼ି
ସେଇଠୁ ଅଜା ଆସିଲେ ଧାଇଁ,
କହିଲେ ଆଈକୁ-
ଗୀତ ଶିଖିବା ତୋର ଏଇଠି ଥାଉ।
ଭଜନ, ଜଣାଣ ଗାଇବାର ଅନ୍ତ ହେଉ।
ଆଈର କାରନାମା ଦେଖି,
ନାତି, ନାତୁଣୀ ଆସିଲେ ଧାଇଁ
ଗୀତ ଗାଇ, ଗାଇ ନାଚିଲେ ତାକ୍, ଧୀନ୍, ଧୀନ୍।

*୪ବି, ଜୟଦୁର୍ଗା ନଗର, କଟକ ରୋଡ଼, ବମିଖାଲ,*
*ଭୁବନେଶ୍ୱର-୭୫୧୦୦୬*
*ଦୂରଭାଷ: ୯୪୩୭୨୧୧୮୦୩*

# ଝିଅଟିଏ ମୁଁ ଝିଅଟିଏ

**ଇତିଶ୍ରୀ ପତି**

ଝିଅଟିଏ ମୁଁ ଝିଅଟିଏ
ମୋ ମାଁ ପାଇଁ ମୁଁ ଝିଅଟିଏ
ମୋ ମାଁ ପାଇଁ ମୁଁ ହୀରାଟିଏ।
ମୋ ବାପାର ଆଖିର ତାରାଟିଏ।
ଝିଅଟିଏ ମୁଁ ଝିଅଟିଏ।

ଅନେକ ସପନ ଦେଖୁଥାଏ।
କିଛି ସତ କିଛି ମିଛ ହୁଏ।
ଝିଅଟିଏ ମୁଁ ଝିଅଟିଏ।
ଯୌତୁକ ଜୁଇରେ ଜଳିଯାଏ।
ଗର୍ଭରେ ଥାଇ ହତ୍ୟା ହୁଏ।
ଇଚ୍ଛା ନଥାଇ ବି ମରିଯାଏ।
ଝିଅଟିଏ ମୁଁ ଝିଅଟିଏ।

ବାପ ଘର ଅଗଣାରେ ଫୁଲଟିଏ।
ଗାଁ ଦାଣ୍ଡ ଧୂଳିରେ ଖେଳୁଥାଏ।
ଶାଶୁଘର ଅଗଣା ଚଉଁରା ମୂଳରେ ନିତି
ସଞ୍ଜବତୀ ଜାଳୁଥାଏ।
ଝିଅଟିଏ ମୁଁ ଝିଅଟିଏ।

ସେନେହ ରଙ୍କୁଣୀ କଳିଟିଏ।
ପତି ପାଇଁ ସଜ୍ଜା ସାଥୀଟିଏ।
ଝିଅଟିଏ ମୁଁ ଝିଅଟିଏ।

ଭାଇ ପାଇଁ ଖେଳ ସାଥୀଟିଏ।
ଆଗାମୀ ପିଢ଼ି କି ଜନ୍ମ ଦିଏ।
ଅମୃତର ମଧୁ ଢାଳିଦିଏ।
ଝିଅଟିଏ ମୁଁ ଝିଅଟିଏ।

*ପ୍ଲଟ ନଂ. ୩୩୯୭/୪, ପୁରୁଣା ଭୁବନେଶ୍ୱର,*
*ଲିଙ୍ଗରାଜ ନଗର, ଲେନ୍-୭,*
*ଭୁବନେଶ୍ୱର-୭୫୧୦୦୨*
*ଦୂରଭାଷ: ୭୬୫୫୦୨୯୩୯୬*

# ଏଇ ଜୀବନ!

**ରାହାସ କୁମାର ବେହେରା**

ଏଇ ଜୀବନ!
ତାକୁ ମାପିଛି, ପରଖି ଦେଖିଛି-
ପାଖରୁ ଅତି ପାଖରୁ,
ଜାଣିଛି ଅଛି କେତେ ଦୁଃଖ, କେତେ ସୁଖ,
ଯେତେ ସବୁ ଅନୁଭୂତି ସଜଡ଼ା / ଅସଜଡ଼ା
ତା'ର ଅକୁହା କଥା।

ଯେବେ ଆସିଲି ଏ ଧରାକୁ
ଶୁଣିଲି ପ୍ରଥମେ ନିଜର କୁଆଁ କୁଆଁର ନିରୀହ, ନିଷ୍ପାପ ବିକଳ କ୍ରନ୍ଦନ,
ଥିଲା ହସ, ଆନନ୍ଦ ସବୁରି,
ଆଉ –
ଯେବେ ଯିବି ଫେରି
ପୁଣି ସେହି କ୍ରନ୍ଦନେ ଘେରି ରହିବି ଶୂନ୍ୟରୁ ମହାଶୂନ୍ୟ, ଆଖପାଖ
ପୃଥିବୀ, କିଛି ଲୁହ, କିଛି ସ୍ମୃତି, ବିସ୍ମୃତି, ଲମ୍ବା ଅବସୋସର
ଅସରନ୍ତି ପଥ।

ଶୁଭୁଥିବ କଳରୋଳ-

କିନ୍ତୁ ମୁଁ କାନ୍ଦୁଥିବି ନୀରବେ ଭିତରରେ ବାହୁନି କୁହୁଳି କୁହୁଳି,
କେହି ଯେମିତି ପାରିବେନି ଜାଣି,
ପଡ଼ିରହିଥିବି ତଳେ ସେମିତି ମାଟି କାମୁଡ଼ି,
ଗୋଟେ ବାସି ଶବ ମାତ୍ର ହୋଇ।

କେତେ ଦହଗଂଜ ଏ ଜୀବନ-
ପେଟ ପାଇଁ କେତେ ଧାଁ ଧପଡ଼, ନିରନ୍ତର ଯେପରି ନିଃସ୍ୱ ଯାଯାବର।
ଗାଁରୁ ସହର,
ସହରୁ ପୁଣି ଅନ୍ୟଠି-
ଦୁଇ-ଚାରି ଦିନର ଅସ୍ଥିର ଭଙ୍ଗା ଅବୋଧ ଆଶ୍ରୟ।

କେମିତି ବଞ୍ଚିବି, କେମିତି ବଢ଼ିବି
କେମିତି ଗଢ଼ିବି ମୋ ପିଲାମାନଙ୍କୁ ?
ପେଟ ଓ ସମ୍ପର୍କ - ବୋହି ବୋଝର ଗୁଞ୍ଜନ।

କେତେ ଅଭିନୟ ଏ ଜୀବନରେ-
କେବେ ବାପା, କେବେ ମାଆ,
କେବେ ପୁଅ, କେବେ ସ୍ୱାମୀର ରୂପ।

ଗୋଟେ ଦେହରେ କେତେ ମୋହ
କେତେ ଅଙ୍ଗଭଙ୍ଗୀ, କେତେ ଦେଖାଣ, ଅଭିଭାଷଣ, ଅଭିବାଦନ,
ସମ୍ମୋହନ,
ସବୁକୁ 'ହଁ' କହିବାକୁ ପଡ଼େ,
ଏବଂ 'ନା'ର ଭିତରେ ମଧ୍ୟ ଲୁଚିଯାଏ ଗୋଟେ ନକଲି 'ହଁ'।

ଜୀବନ ଅଢ଼େଇଦିନର-
କେବେ ଆରମ୍ଭ, କେବେ ଶେଷ ଜଣା ପଡ଼େନାହିଁ
ଅଛି କୋଠା ବାଡ଼ି, ସେହି ରାଜରାସ୍ତା
ଅଛି ଷଠି ଘର, ମୋ ପିଲାଦିନର
ଅଛନ୍ତି ସାଙ୍ଗ ସାଥି ଘଟଣା, ଦୁର୍ଘଟଣାର
ହେଲେ -
ଯିବେନି କେହି,
ଯିବି ପାପ ଓ ପୁଣ୍ୟ ଯାହା ସାଥିରେ ନେଇ।

ସବୁଠି ଥିବେ ସମସ୍ତେ,
କିନ୍ତୁ ମୁଁ ନଥିବି,
ଜଗତ ଯେପରି ଚାଲୁଛି,
ସେପରି ଚାଲୁଥିବ ଅବଳେ ଅହରହ...।

*ବାଲ୍ୟମ୍ବା, ଭାପୁର, ଢେଙ୍କାନାଳ-୭୫୯୦୧୫*
*ଦୂରଭାଷ: ୯୪୩୮୧୧୪୩୬୮*

# ଠେକରା

**ମୋହନ କୁମାର ସ୍ୱାଇଁ**

ଠେକରା, ଏକ ପଙ୍ଗୁର ଚଳନ୍ତି ପାଦୁକା
ଗୋଟେ ଅନ୍ଧର ନୟନ,
ବୟସ୍କର ବଙ୍କୁଲି ବାଡ଼ି,
ପାକୁଆ ପାଟିର ମାଢ଼ି।

ଭଙ୍ଗା ଗଞ୍ଜାର ନୁଆଁଣିଆ ଭାଗ
ଉଠାଇବା ବିକଳ୍ପ ହିଁ ଠେକରା
ଉଈଚରା ଘରଖୁଣ୍ଟ ଯୋଡ଼ାଇବା
ଆଶ୍ରା ହିଁ ଠେକରା
ଦୁର୍ବଳ କବିତାରେ ବଳିଷ୍ଠ କବିଙ୍କ
ଶବ୍ଦ ପୁଞ୍ଜର ଖେଞ୍ଚ ହିଁ ଠେକରା।

ଠେକରାର ବି ଆୟୁଷ ଅଛି
ଓଜନ ଅଛି, ଜୀବନ ଅଛି
ଆଶା ଅଛି, ଭରସା ଅଛି
ଅର୍ଦ୍ଧରାତ୍ରି ଚିରୁଗୁଣି ଠାରୁ
ଆତ୍ମରକ୍ଷା କରିବାର
ବିକଳ୍ପ ରହିଛି।

ଭୂମିଷ୍ଠ ହେବାକୁ ଏଡ଼େଇଦିଏ
ଶୀତ ଓ ତାପକୁ ଉଡ଼େଇଦିଏ
ବେଳ ବେଳକୁ ଚଳେଇ ନିଏ
ପୁନଶ୍ଚ.....
ପୁନଶ୍ଚ ପରିହାସକୁ ବି
କୋଳେଇ ନିଏ।

କଦାଚିତ ପାକୁଆ ପାଟିର ଦାନ୍ତ ବନି
ବଳ ଯୋଗାଏ ପେଟକୁ
ବେଳ ଅବେଳରେ ସୁପ୍ତପ୍ରାୟ ଲୋଟିଥିବା
ଫସଲକୁ ଗୋଡ଼ ଦେଇ
ଠିଆ କରେ ସୁନାମୁଖି କ୍ଷେତକୁ।

*ବେଣାପୁର, କଣ୍ଟି ଗାଡ଼ିଆ, ଯାଜପୁର*
*ଦୂରଭାଷ: ୮୧୧୮୦୯୯୦୩୮*

ଧର୍ମ

# ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗଜୋଦ୍ଧାରଣ ବେଶ

ଇଂ. ପ୍ରଶାନ୍ତ କୁମାର ଆଚାର୍ଯ୍ୟ

ବିଶ୍ୱନିୟନ୍ତା ସେହି ପରଂବ୍ରହ୍ମ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବେଶ ପରିପାଟି ପୃଥିବୀରେ ଅଦ୍ୱିତୀୟ ଓ ଅନନ୍ୟ । ପ୍ରତ୍ୟେକଟି ବେଶ ଭିତରେ ଅନ୍ତଃସଲୀଳା ଫଲଗୁ ଭଳି ପ୍ରବାହିତ ରହିଛି ମାନବର ଦିବ୍ୟତା ଆଡକୁ ଯିବାର ମହାବାର୍ତ୍ତା । ସର୍ବଧର୍ମ ସମନ୍ୱୟର ପ୍ରତିଭୂ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ ପରିପାଟୀ ଯେତିକି ଜ୍ଞାନଗର୍ଭିତ ସେତିକି ଲୋକମତ ପିଣ୍ଡିତ । ଅର୍ଥାତ୍ ଈଶ୍ୱରୀୟ ଛଟା ସାଙ୍ଗକୁ ଲୋକାଚ୍ଚର ବା ପାରମ୍ପରିକ ଦୃଷ୍ଟିଭଙ୍ଗୀ ମିଶି ତାଙ୍କ ତତ୍ତ୍ୱ ଓ ଲୀଳାକୁ ହୃଦୟଗ୍ରାହୀ କରି ଗଢିତୋଳିଛି । ପୁରୁଷୋତ୍ତମ ଗୀତାରେ ବର୍ଣ୍ଣନା ରହିଛି –

ତୋର ବିବିଧ ବେଶ ଦେଖି
ନିର୍ମଳ ହେଲା ବେନି ଆଖି ॥
ଧନ୍ୟ ତୋ ନୀଳାଦ୍ରୀ ମଣ୍ଡଳ
ଭକତ ଭାବେ ହେଲୁ ଭୋଳ ॥

x x x

ନାହିଁ ସେ ବେଶର ଉପମା
ବାକ୍ୟେ କେ ବର୍ଣ୍ଣିବ ମହିମା ॥

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବିଶେଷ ଆକର୍ଷଣୀୟ ବେଶ ହେଉଛି ଚବିଶଟି । ଏଇ ଚବିଶ ସଂଖ୍ୟା ଏକ ଆଧାତ୍ମିକ ସଂଖ୍ୟା । ଅର୍ଥାତ୍ ପୌରାଣିକ ସିଦ୍ଧାନ୍ତରେ ଅବତାର ଅସଂଖ୍ୟ ହେଲେ ହେଁ ତନ୍ମଧ୍ୟରେ ଚବିଶଟି ଅବତାର ପ୍ରସିଦ୍ଧ । ପୁଣି ଦିନରାତି ମିଶି ଚବିଶ ଘଣ୍ଟା । ଏଣୁ ପ୍ରଭୁଙ୍କ ବେଶର କାଳନିୟମକୁ ଦୃଷ୍ଟିଦେଲେ ଏଭଳି ଭାବ ସ୍ୱତଃ ମନରେ ଉଦୟ ହୋଇଥାଏ । ଅଖିଳ ବ୍ରହ୍ମାଣ୍ଡ ନାୟକ ଶ୍ରୀଜଗନ୍ନାଥ ପୁଣି ଅବତାର ନୁହଁନ୍ତି । ସିଏ ସ୍ୱୟଂ ଅବତାରୀ । ତେଣୁ ଶ୍ରୀମଦ୍‌ଭଗବତ୍ ଗୀତା ଅନୁସାରେ "ଯେ ଯଥା ମାଂ ପ୍ରପଦ୍ୟନ୍ତେ ତା ସ୍ତେଥୈବ ଭଜାମ୍ୟହମ"ନ୍ୟାୟରେ ସେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ତଦ୍‌ଗତ ଚେତନାରେ ଭକ୍ତ ଜନମନକୁ ହଜାଇଦିଅନ୍ତି । ତେବେ ଏହି ଚବିଶଗୋଟି ବେଶ ଏକ ନିର୍ଦ୍ଦିଷ୍ଟ ପକ୍ଷରେ ନହୋଇ କୃଷ୍ଣ ଓ ଶୁକ୍ଳ ଉଭୟ ପକ୍ଷରେ ସଂପାଦିତ ହୋଇଥାଏ ।

ଏ ସମସ୍ତ ବେଶ ବିନ୍ୟାସ ମଧ୍ୟରେ ଗଜ ଉଦ୍ଧାରଣ ବେଶ ଏକ ସ୍ୱତନ୍ତ୍ର ବାର୍ତ୍ତା ପ୍ରଦାନ କରିଥାଏ । ଗଜ ଉଦ୍ଧାରଣ ଘଟଣାକୁ ନେଇ ଉତ୍କଳୀୟ ସାହିତ୍ୟ ବହୁଭାବରେ ଋଦ୍ଧିମନ୍ତ । ଘଟଣାଟି ଥିଲା ଏୟା ଯେ ଏକଦା ଏକ ତୃଷାର୍ତ୍ତ ଗଜ ପ୍ରାଣ ବଞ୍ଚାଇବା ପାଇଁ ପାଣି ଖୋଜି ଯାଉଥିଲା ନଦୀର କୂଳକୁ । ବିସ୍ତିର୍ଣ୍ଣ ଉତ୍ତପ୍ତ ବାଲୁକାରାଶି ଉପରେ ଏକକ ଉଦ୍ଦେଶ୍ୟରେ ଯାଉଥିଲା ବେଳେ ଦୃଶ୍ୟମାନ ହେଲା ତତଲାବାଲିରେ ଛଟପଟ ହେଉଥିବା କୁମ୍ଭୀରଟିଏ । କୁଟାଖିଅକୁ ଆଶ୍ରାଭଳି କୁମ୍ଭୀରଟିର ଆତୁର ଇଙ୍ଗିତରେ ଗଜ ଉଠାଇନେଇଥିଲା ତାକୁ ନିଜ ଶୁଣ୍ଢରେ । ନଦୀକୂଳରେ କୁମ୍ଭୀରଟିର ଶରୀରଟିକୁ ପାଣିରେ ଧୋଇଦେଇ ତାକୁ ନଦୀକୁ ଠେଲିଦେଇ ନିଜେ ଗଜରାଜ ପଶିଗଲା ନଦୀରେ । କୁମ୍ଭୀରଟି ଆଖିରୁ ଉତ୍ତପ୍ତ ବାଲୁକାରାଶି ଧୋଇଗଲାପରେ ତାକୁ ଦୃଶ୍ୟମାନ ହୋଇଥିଲେ ବିଶାଳ ହସ୍ତୀ । ଲୋଭେଇ ଗଲା କୁମ୍ଭୀର । ଗଜରାଜର ସାହାଯ୍ୟ ମୁହୂର୍ତ୍ତରେ ସେ ପାଶେରିଗଲା । ଗଜରାଜ ଢୋକେ ପାଣି ପିଇଥିଲା କି ନାହିଁ ହଠାତ୍ କୁମ୍ଭୀରଟି ଆକ୍ରମଣ କଲା । ପାଣି ପିଇ ଜୀବନ ବଞ୍ଚାଇବା ଅପେକ୍ଷା କୁମ୍ଭୀର ପାଟିରୁ ଆପଣାକୁ ରକ୍ଷାକରିବା ହୋଇପଡିଥିଲା ତା ପାଇଁ ମହାପ୍ରଶ୍ନ । ତୃଷାର୍ତ୍ତ ଅଶାନ୍ତ ମନକୁ ଶାନ୍ତ କରିବାର ସାଧନ ହେଲା ପାଣି । ପାଣିଲକ୍ଷ୍ୟରେ ନଦୀକୁ ପଶିଲା । କୁମ୍ଭୀର ନେଲା ଟାଣି । ଖାଲି ଟାଣିନେଲା ନାହିଁ, ଏତେ ବଡ ଜୀବ ହାତୀଟାକୁ ପାଣିରେ ବୁଡେଇଲା ଉଠେଇଲା । ହାତୀବିକଳ ହେଲା ନିଶ୍ୱାସରେ ପବନରେ ପ୍ରାଣ

> ଇତିହାସ ଅନୁସାରେ ସମ୍ରାଟ ଚୋଡଗଙ୍ଗଦେବଙ୍କ ଧର୍ମପତ୍ନୀ କସ୍ତୁରୀ ପାଟ୍ଟମହାଦେଇ ଏ ବେଶ ପ୍ରଥମେ ଆରମ୍ଭ କରାଇଥିଲେ । ଏ ବେଶରେ ଶ୍ରୀଜଗନ୍ନାଥ ବିଷ୍ଣୁ ରୂପରେ ଗରୁଡପୃଷ୍ଠରେ ଆରୋହଣ କରନ୍ତି । ଚତୁର୍ଭୁଜରେ ଶଙ୍ଖଚକ୍ର ଗଦାପଦ୍ମ ଶୋଭାପାଉଥାଏ । ଅଙ୍କ ମଣ୍ଡନ କରିଥାନ୍ତି ସ୍ୱୟଂ ଲକ୍ଷ୍ମୀ ଠାକୁରାଣୀ । ଏହିଦିନ ବଳଭଦ୍ର ଶଶିବର୍ଣ୍ଣ ଶୁକ୍ଳାମ୍ବରଧାରୀ ଭାବେ ହୁଅନ୍ତି ଆଦିନାରାୟଣ । ରକ୍ତାକ୍ତ ଗଜ ପତିତ ହୋଇଥାଏ ରତ୍ନ ସିଂହାସନର ନିମ୍ନଭାଗରେ ।

ବଞ୍ଚାଇବା ପାଇଁ । ହା ଦୁର୍ଭାଗ୍ୟ ତା ପାଇଁ ଆଉ ପାଣିନୁହେଁ ବରଂ ମହା ଆବଶ୍ୟକତା ପବନ । ସେତକ ସମ୍ଭବ ନହେବାରୁ ଅଶାନ୍ତ ମନ ତାର ବିଚଳିତ ଭାବେ ଈଶ୍ୱରଙ୍କୁ ସ୍ମରଣ କଲା । ଅନନ୍ୟୋପାୟ ହୋଇ ଆଗତ ନିଶ୍ଚିତ ମୃତ୍ୟୁକୁ ଅଗତ୍ୟା ସ୍ୱୀକାର କରାବେଳେ ସଚେତନ ଭାବେ ଈଶ୍ୱରଙ୍କୁ ସ୍ମରଣ କରିବା ଥିଲା ନିଶ୍ଚିତଭାବେ ତା ପୂର୍ବଜନ୍ମର ସୁକୃତ । ମୃତ୍ୟୁଭୋଗୀ କେହିବି ପ୍ରାଣୀ ଯନ୍ତ୍ରଣାରେ ଶେଷନିଶ୍ୱାସ ସମୟରେ ସଚେତନ ଭାବେ ଈଶ୍ୱରଙ୍କୁ ସ୍ମରଣ କରିପାରେନାହିଁ ବୋଲି ଆମ ପରମ୍ପରାରେ ଏତେ ପୂଜାପାର୍ବଣ ଓ ପୁରାଣର ସୃଷ୍ଟି । ମନୁଷ୍ୟେତର ପ୍ରାଣୀ ହାତୀଠାରେ ଏଭଳି ବିଲକ୍ଷଣ ନିଶ୍ଚୟ ଯୁଗଯୁଗର ମନୁଷ୍ୟ ପାଇଁ ଲକ୍ଷଣୀୟ ଉଦାହରଣ । କଥାବସ୍ତୁରେ ଅବଲୀଳାକ୍ରମେ ଭଗବାନ ଗଜର ଆର୍ତ୍ତ ଆକୁଳ ଚିତ୍କାର ଶୁଣି ନିଜ ଆୟୁଧ ଚକ୍ରରାଜଙ୍କୁ ପ୍ରୟୋଗ କଲେ । ଚକ୍ରରାଜ ଆସି ନକ୍ରରାଜକୁ ହତ୍ୟାକରି ଗଜକୁ ନିଶ୍ଚିତ ମୃତ୍ୟୁରୁ ଉଦ୍ଧାର କଲେ । ଉଦ୍ଧାର ହେବାପରେ ଗଜରାଜଙ୍କ ଅଶାନ୍ତି ଦୂରହୋଇ ମନରେ ଶାନ୍ତି ବିରାଜମାନ କଲା ।

ଏତିକି ଘଟଣାକୁ ତର୍ଜମା କଲେ ଜଣାଯାଏ ଯେ କୁମ୍ଭୀର ଦ୍ୱାରା ଖଣ୍ଡିଆ ଖାବରା ହୋଇଥିବା ଗଜରାଜ ଜଳସମାଧିରୁ ସିନା ବର୍ତ୍ତିଗଲା । ହେଲେ ତା ଦେହର କ୍ଷତ ତାକୁ ଅନେକ ଡେରିରେ ମୃତ୍ୟୁମୁଖରେ ପକାଇଥିବ । ସେତିକି ସମୟ ବିଚରା ଗଜରାଜ ଅନେକ ଦୁଃଖ ଓ ଯନ୍ତ୍ରଣା ପାଇଥିବ । ଦେହଛାଡିଲାପରେ ଗଜରାଜଙ୍କ ଗମନକଲେ ସ୍ୱର୍ଗକୁ । ଏବଂ ପୁରାଣ କାହାଣୀ ମୁତାବକ ଗଜ ପହଞ୍ଚିବା ବହୁ ପୂର୍ବରୁ ଚକ୍ର ଆଘାତରେ ମୁକ୍ତି ପାଇଥିବା ନକ୍ର ସ୍ୱର୍ଗରେ ପହଞ୍ଚିସାରିଥିଲ । ଅଶାନ୍ତ ଦେହବାଦୀ ଉଭୟ ପଶୁ ଭଗବାନଙ୍କ ସାନିଧ ପ୍ରାପ୍ତ ହୋଇ ପ୍ରଚଣ୍ଡ ପ୍ରଶାନ୍ତି ଲାଭ କରିଥିଲେ । ସେଇ ସ୍ଥିତିକୁ ସାଇତି ରଖିବା ଲକ୍ଷରେ ଅବତାରୀ ଶ୍ରୀଜଗନ୍ନାଥଙ୍କ ଗଜ ଉଦ୍ଧାରଣ ବେଶର ପରିକଳ୍ପନା ବେଶ୍ ହୃଦ୍ୟ ।

ମାଘପୂର୍ଣ୍ଣିମାରେ ଏ ଦୃଶ୍ୟ ଶ୍ରୀମନ୍ଦିରରେ ଦୃଷ୍ଟି ପଥାରଢ ହୁଏ । ଭାଗବତୀୟ ପୃଷ୍ଠଭୂମିରେ ଏ ବେଶର ଅନୁଷ୍ଠାନ ଖୁବ୍ ପ୍ରାଚୀନ । ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାର ସ୍ତୁତି ବହନକରେ ଗଜ ଉଦ୍ଧାରଣ ବେଶ । ଆର୍ତ୍ତ ଗଜେନ୍ଦ୍ର ସେଦିନ ବିକଳରେ ସ୍ତୁତି କରିଥିଲା -'ଫୁଲ୍ଲାରବିନ୍ଦ ଗଜେନ୍ଦ୍ର ଲୋଚନାୟ' ଏହି ସ୍ତୁତି ସହ ଶ୍ରୀଜଗନ୍ନାଥଙ୍କ ଲୋଚନର ସାଦୃଶୟ୍ୟ ଆପେ ଆପେ ସ୍ମରଣକୁ ଆସେ । ଇତିହାସ ଅନୁସାରେ ସମ୍ରାଟ ଚୋଡଗଙ୍ଗଦେବଙ୍କ ଧର୍ମପତ୍ନୀ କସ୍ତୁରୀ ପାଟମହାଦେଇ ଏ ବେଶ ପ୍ରଥମେ ଆରମ୍ଭ କରାଇଥିଲେ । ଏ ବେଶରେ ଶ୍ରୀଜଗନ୍ନାଥ ବିଷ୍ଣୁ ରୂପରେ ଗରୁଡପୃଷ୍ଟରେ ଆରୋହଣ କରନ୍ତି । ଚତୁର୍ଭୁଜରେ ଶଙ୍ଖଚକ୍ର ଗଦାପଦ୍ମ ଶୋଭାପାଉଥାଏ । ଅଙ୍କ ମଣ୍ଡନ କରିଥାନ୍ତି ସ୍ୱୟଂ ଲକ୍ଷ୍ମୀ ଠାକୁରାଣୀ । ଏହିଦିନ ବଳଭଦ୍ର ଶଶିବର୍ଣ୍ଣ ଶୁକ୍ଳାମ୍ବରଧାରୀ ଭାବେ ହୁଅନ୍ତି ଆଦିନାରାୟଣ । ରକ୍ତାକ୍ତ ଗଜ ପତିତ ହୋଇଥାଏ ରତ୍ନ ସିଂହାସନର ନିମ୍ନଭାଗରେ । ଏସବୁ ଦୃଶ୍ୟ ବାସ୍ତବରେ ପୁରାଣର କାହାଣୀକୁ ଜୀବନ୍ତଭାବରେ ଉପସ୍ଥାପିତ କରି ପାପତାପ ସନ୍ତାପ କବଳିତ ଜୀବଗଣଙ୍କୁ ପ୍ରଶାନ୍ତଚେତା ହେବାରୁ ଅନୁପ୍ରେରିତ କରିଥାଏ ।

**୧. ଯୌବନଂ ଧନ ସଂପତ୍ତି ପ୍ରଭୁତ୍ୱଂ ଅବିବେକିତା,**
**ଏକୈକମ୍ ଅନର୍ଥାୟ କିମୁ ଯତ୍ର ଚତୁଷ୍ଟୟ ॥**

ଋଷି ପ୍ରତିମ ପଣ୍ଡିତମାନଙ୍କର ଏ ହିତୋପଦେଶ ବାଣୀଟି ସମାଜର ସମସ୍ତବର୍ଗଙ୍କ ପାଇଁ ଆଦର୍ଶ ହେବା ଉଚିତ୍ । ଯୌବନ,ଧନ,ସଂପତ୍ତି ଓ ପ୍ରଭୁତ୍ୱର ଉପସ୍ଥିତିରେ ଯଦି ଅବିବେକି ପଣିଆର ମିଶ୍ରଣ ହୁଏ ତାହେଲେ ତା ଅଭିଶାପ ଓ ସର୍ବନାଶର କାରଣ ହୁଏ । ବିଶ୍ୱ ନିୟାମକଙ୍କ ନିର୍ଦ୍ଧାରିତ ନିତି ଓ ନିୟମର ଯେ ଉଚ୍ଛୃଙ୍ଖଳା ଓ ଅସଦ୍‌ଆଚରଣ କରେ କୃତକର୍ମଫଳ ଭୋଗିବା ହିଁ ତାର ସାର ହୁଏ । ସେ ରାବଣ,କଂସ,ହିଟ୍‌ଲର ହୁଅନ୍ତୁ ବା, ଧନପତି କୁବେର ବ୍ରହ୍ମା କୁମର (ସନତକୁମର) ଦ୍ୱାରପାଳ ଜୟ ବିଜୟ ହୁଅନ୍ତୁ ।

"କର୍ମଫଳ ପ୍ରାଣୀ ଅବଶ୍ୟ ଭୁଞ୍ଜଇ କେ କରିପାରିବ ଆନ ।
ଶତ ପ୍ରତିଶେଧ ଲଂଘି ପଶିଥାଏ କର୍ମଫଳ ବଳବାନ ॥''

ସନାତନ ହିନ୍ଦୁ ଜ୍ୟୋତିଷ ଶାସ୍ତ୍ରର ଏ ସୁଦୃଢ ଯୁକ୍ତି ଓ ବିଶ୍ୱାସ । ଭୃଗୁଙ୍କ ବିଚାରରେ ବିଧାତାଙ୍କର ବି ଭାଗ୍ୟରେଖା ଓ କର୍ମଫଳ ସ୍ରଷ୍ଟାଙ୍କ କ୍ୟାମେରା ପରଦାରେ ଲିପିବଦ୍ଧ । ପ୍ରାରବ୍ଧର ପଶାକାଠିରେ ମହା ମହା ପ୍ରତାପି ସୁର ବୀରମାନେ ବି ଧରାଶାୟୀ ଓ ବିଧାତା ଦଣ୍ଡରେ ଦଣ୍ଡିତ ଏହା ମଧ୍ୟ ଦୃଢ ସତ୍ୟ ।

ପୂର୍ବଜନ୍ମରେ ଦ୍ରାବିଡ ରାଜା ଇନ୍ଦ୍ରଦ୍ୟୁମ୍ନ, ରାଜମନ୍,ଯୌବନମନ, ପ୍ରଭୁ ମଦରେ ମତୁଆଲା । ଅବିବେକିତାର ଆବରଣ ଉଆସରେ କ୍ଷମତା ଲିପସାର ସସାଗରା ଧରା ଜିତିବାର ଝୁଙ୍କ । ... ଅତିଥି ସେବୟୀ ଗୃହସ୍ଥସ୍ୟ ଧର୍ମ । ମଳୟ ପର୍ବତରେ ତପସ୍ୟା ରତ ଅଗସ୍ତି ମୁନି ଶିଷ୍ୟ ଉପଶିଷ୍ୟଙ୍କ ସହ ଅକସ୍ମାତ୍ ଇନ୍ଦ୍ରଦ୍ୟୁମ୍ନଙ୍କ ରାଜ ଅତିଥିଶାଳାର କ୍ଷୁଧିତ ଅତିଥି । ରାଜମନ ମତ ଇନ୍ଦ୍ରଦ୍ୟୁମ୍ନଙ୍କଠାରେ 'ଗଜ' ଗୁଣ ଅର୍ଥାତ୍ ଅଜ୍ଞାନ ଓ ମୋହ ଅରଣ୍ୟ ହେଲେ ହଜିଯାଇଥିବା ହେତୁ । ଅଗସ୍ତିଙ୍କ ଅଭିଶାପରେ ଇନ୍ଦ୍ରଦ୍ୟୁମ୍ନ ଗଜ ଜନ୍ମ ପ୍ରାପ୍ତି ହେଲେ । ଝଡ ପର ସୃଷ୍ଟିର ପ୍ରକୃତି,ପରି,ପୂର୍ବାପର ଘଟଣାରେ ଅଘଟଣ ଘଟଣାର ଅନେକ ଘନଘଟା ।

ସୁବିସ୍ତିର୍ଣ୍ଣ କ୍ଷୀର ସାଗର ମଧ୍ୟରେ ତ୍ରିକୁଟ ପର୍ବତ ମାଳାର ନିଘଞ୍ଚ ବନାନୀ । ସ୍ୱୟଂ ବରୁଣ ଦେବଙ୍କ ବିହାର ସ୍ଥଳୀ , ଫୁଲ,ଫଗୁଣର ଅପୂର୍ବ ଉଦ୍ୟାନ । ଆତପ-ତାପ ତୃଷିତ ବିହାରସ୍ଥଳୀ, କ୍ଷୀର ସାଗର ଅମୃତ ଜଳରେ ସପରିବାରେ ସ୍ନାନ ସମୟରେ ଏକ ବିଶାଳ କୁମ୍ଭୀର କବଳରେ କବଳିତ ହେଲେ । ଜୀବନ ବଂଚାଇବା ଲାଳସାରେ ଗଜରାଜଙ୍କର ସମସ୍ତ ଶକ୍ତି ବ୍ୟର୍ଥ ହେଲା ।

"ଗ୍ରାହ ଧଇଲା ଅକସ୍ମାତେ ॥ ଗଜ ଚରଣ ଦୃଢ ମତେ ॥
ମୁଖରୁ ରୁଧିର ଗଳଇ ॥ କେବେହେଁ ଗଜନ ଚଳଇ ॥

**୨. "ନମସ୍ତେ ପ୍ରଭୁ ଭଗବାନ ॥ ଅଶେଷ ବ୍ରହ୍ମାଣ୍ଡ ଜୀବନ''**
**ସେ ବିଷ୍ଣୁ ରଖୁ ମୋର ପ୍ରାଣ ॥ ତା'ପାଦେ ପଶିଲି ଶରଣ ''**
**(ଭା:ଜଗନ୍ନାଥ ଦାସ)**

ସୁବର୍ଣ୍ଣ ପଦ୍ମ ଉଚ୍ଚେକର ॥ ଡାକଇ ରଖ ଚକ୍ରଧର । ଗ୍ରାହ ପଣିତ ଗଜଦେଖି ॥ ତକ୍ଷଣେ ଗୁରୁଡଉପେକ୍ଷି ॥

ଜଳେ ପଶିଲେ ଚକ୍ରପାଣି ॥ ରକ୍ତେ କୁମ୍ଭୀର ମୁଣ୍ଡହାଣୀ । କୁମ୍ଭାର

ମୁଖୁବନମାଳୀ । ହସ୍ତିଚରଣ ହସ୍ତେ ତୋଳି ॥

ଶ୍ରୀହରିଙ୍କ ଚକ୍ର ଦ୍ୱାରା ନକ୍ର ବି ମୁକ୍ତ ହୋଇଛି । କୁମ୍ଭୀର ପୂର୍ବ ଜନ୍ମରେ ହୁ ହୁ ନାମ ଗନ୍ଧର୍ବ ଥିଲେ । ଏକଦା ଗଡଖାଇ ପ୍ରମୋଦଉଦ୍ୟାନ ବେଷ୍ଟିତ ପୁଷ୍କରଣୀରେ ରମଣୀମାନଙ୍କ ସହ ଜଳକ୍ରିଡା କରୁଥିବାବେଳେ, ଉକ୍ତ ସରୋବରରେ ଶିଷ୍ୟଙ୍କ ସହ ସ୍ନାନ କରୁଥିବା "ଦେବଳ'' ମୁନିଙ୍କ ପାଦ କୁମ୍ଭୀର ଭଳି ଟାଣି ତାଙ୍କୁ ଅପଦସ୍ତ କରିବାରୁ ମୁନିଙ୍କ ଶାପରେ କୁମ୍ଭୀର ଜନ୍ମ ପ୍ରାପ୍ତ ହେଲେ । ଗନ୍ଧର୍ବ ନିଜ କୃତକର୍ମରୁ ମୁକ୍ତି ପାଇବାର ଉପାୟ ପାଇଁ ପ୍ରାର୍ଥନା କରିବାରୁ ଦେବଳ, କହିଥିଲେ କ୍ଷୀର ସାଗରରେ ଗଜ ଉଦ୍ଧାର ବେଳେ ତୁମେ ଶ୍ରୀହରିଙ୍କ ଚକ୍ର ଦ୍ୱାରା ତୁମର ନକ୍ର ଜନ୍ମରୁ ମୁକ୍ତି ମିଳିବ ।

ଯେତେବେଳେ ଜୀବନର ଶକ୍ତି ସାମର୍ଥ୍ୟ, ଅହଂକାର ବଳବୀର୍ଯ୍ୟର ସମସ୍ତ ନିଷ୍କ୍ରିୟ ହୁଏ ସେତେବେଳେ ସେ ହାତଯୋଡି ଆତ୍ମ ସମର୍ପଣ କରେ । ଭଗବାନଙ୍କ ଆସନ ଟଳମଳ ହୁଏ । ସେତେବେଳେ ଭଗବାନ ଜୀବନ ଧରି ଆବିର୍ଭାବ ହୋଇ ତାର ଦୁଃଖ ହରଣ କରି ହରିନାମର ଯଶ ରଖନ୍ତି ।

ଏହାହିଁ ଗଜ ଉଦ୍ଧାର ଚରିତର ଚମତ୍କାରିତା । ଯାହା ଆଜି ଇଂରାଜୀ ଫେବୃଆରୀ ୧ତାରିଖ ରବିବାର ଶ୍ରୀକ୍ଷେତ୍ର ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ହରି, ଗଜଉଦ୍ଧାରଣ ବେଶରେ ବିଭୂଷିତ ହୋଇ ଗଜରାଜଙ୍କ ଅମର ଗାଥାର ଅମୃତ ଉପାଖ୍ୟାନ ଆଲେଖ୍ୟର ଆଲୋଡନ ଓ ଆକର୍ଷଣର ଅଭିବ୍ୟକ୍ତି ଆଶିର୍ବାଦ ପ୍ରଦାନ କରୁଛନ୍ତି ।

ଏକ ଭୟାବହ ଅଶାନ୍ତ ପରିସ୍ଥିତିରେ ପଚିସଢି ନିଜର ସମସ୍ତ କର୍ମ,କଳା, କୌଶଳ ପ୍ରୟୋଗ କରି ପରାସ୍ତ ସୈନିକଟି ପରି ସମସ୍ତ ତେଜ ଓ ବୀର୍ଯ୍ୟର ଉପଯୋଗ ଫଳପ୍ରସୂ ନହେବାପରେ ଏକ ଶାନ୍ତ ମସ୍ତିଷ୍କ ଓ ହୃଦୟରେ ପ୍ରଭୁଙ୍କ ନିକଟରେ ସମର୍ପିତ ହୋଇ ସେହି ପ୍ରଶନ୍ତ ଆନନ୍ଦ ଓ ଆଶିଷର ପ୍ରାପ୍ତିରୁ ହିଁ ତୃପ୍ତି । ଏହା ହିଁ ଏହି ବେଶର ମହାତ୍ମ୍ୟ ।

- ଜୟଜଗନ୍ନାଥ-

*ଜ୍ୟୋସ୍ନା, ୨୧୮, ବିଡିଏ କଲୋନୀ*
*ବରମୁଣ୍ଡା, ଭୁବନେଶ୍ୱର*

**DM Associates**
**Chartered Accountants**
**307, Block - A, 3rd Floor, Nirmala Plaza**
**Forest Park, Bhubaneswar**
**Ph.: +91 674 259511-13**
**Telefax : +91 674 2595912**

***We undertake***
***Auditing, Taxation, Consultancy outsourcing***

ତନ୍ମାତ୍ର




# 'ବରବଧୂ'

ବ୍ୟାନର : ୟ୍ୟୁଜ୍‌ଫୁଲ୍ ଗାରବେଜ୍ କ୍ରିଏସନ, ପ୍ରଯୋଜକ : ଚନ୍ଦ୍ର ମଣି, କାହାଣୀ, ଚିତ୍ରନାଟ୍ୟ, ସଂଳାପ ଓ ନିର୍ଦ୍ଦେଶନା : ବିଶ୍ୱରଞ୍ଜନ ପ୍ରଧାନ, ସଙ୍ଗୀତ : ଗୌରବ ଆନନ୍ଦ ଓ ଭାରତ ହିତାର୍ଥ। ବିଭିନ୍ନ ଭୂମିକାରେ:- ଶୈଳେନ୍ଦ୍ର ସାମନ୍ତରାୟ, ଶୀବାନୀ ସଙ୍ଗୀତା, ଶୁଭାଶିଷ ଶର୍ମା, ସୂର୍ଯ୍ୟମୟୀ ମହାପାତ୍ର, ଜୟଶ୍ରୀ ଷଡ଼ଙ୍ଗୀ, ହର ରଥ ପ୍ରମୁଖ।

ଖୁବ୍ ନିକଟରେ ମୁକ୍ତିଲାଭ କରିଛି ନୂଆ ଓଡ଼ିଆ ଚଳଚ୍ଚିତ୍ର "ବର ବଧୂ"। ବିଶ୍ୱରଂଜନ ପ୍ରଧାନ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର କଥାବସ୍ତୁ ଏହିପରି। ଓଡ଼ିଶାର ଏକ ଛୋଟ ଗାଁର ଜଣେ ଯୁବ ସ୍ନାତକ ବିଜୁ, ଭୁବନେଶ୍ୱରରେ ଦୁଇ ବର୍ଷର ପ୍ରସ୍ତୁତି ସତ୍ତ୍ୱେ ସରକାରୀ ଚାକିରି ନପାଇବାରୁ ଘରକୁ ଫେରିଯାଏ। ସେତେବେଳେ ଏକ ସୁବର୍ଣ୍ଣ ସୁଯୋଗ ଆସେ: ଗାଁରେ ଅଙ୍ଗନବାଡ଼ୀ ଶିକ୍ଷକଙ୍କ ପାଇଁ ଏକ ସରକାରୀ ଚାକିରି ଖୋଲିଯାଏ। ବିଜୁଙ୍କ ମାଉସୀ ଜୁଲି, ଯିଏ ନିଜେ ଜଣେ ଅଙ୍ଗନବାଡ଼ି ଶିକ୍ଷୟିତ୍ରୀ ବିଜୁକୁ ଏ ଚାକିରୀ ବିଷୟରେ କୁହେ। କିନ୍ତୁ ଏକ ଅସୁବିଧା ଯେ ଚାକିରି କେବଳ ମହିଳାଙ୍କ ପାଇଁ। ଜୁଲି ବିଜୁଙ୍କୁ ପରାମର୍ଶ ଦିଏ ଯେ ସେ ତୁରନ୍ତ ଜଣେ ସମ୍ଭାବ୍ୟ କନ୍ୟାଙ୍କୁ ବିବାହ କରୁ, ଯାହା ଦ୍ୱାରା ସେ ଚାକିରି ନେଇପାରିବେ। ବିଜୁ ଏଥିରେ ରାଜି ହୁଏ।

ସୁମନ, ଏକ ଗରିବ ପରିବାରର ଜଣେ ସ୍ମାର୍ଟ ଏବଂ ମହତ୍ତ୍ୱାକାଂକ୍ଷୀ ଝିଅ। ତାଙ୍କ ମାଆ ମାଳତୀ ଦେବୀ ଗୋଟିଏ ସର୍ତ୍ତରେ ତା'ର ବିବାହ ଦେବାକୁ ରାଜି ହୁଅନ୍ତି। ପ୍ରଥମେ ଚାକିରି, ତା'ପରେ ବିବାହ। କିନ୍ତୁ ସୁମନଙ୍କ ଚାକିରି ପାଇବା ପାଇଁ, ତାଙ୍କୁ ପ୍ରଥମେ ବିଜୁଙ୍କୁ ବିବାହ କରିବାକୁ ପଡ଼ିବ। ଏପରି ଅବସ୍ଥାରେ ସେମାନେ ସେମାନଙ୍କର ବିବାହକୁ ଜାଲ କରିବାକୁ ନିଷ୍ପତ୍ତି ନିଅନ୍ତି। ସେତେବେଳେ ରୋଲର-କୋଷ୍ଟର ଯାତ୍ରା ଆରମ୍ଭ ହୁଏ। ବିଜୁ, ସୁମନ ଏବଂ ସେମାନଙ୍କ ପରିବାର ରେକର୍ଡ଼ ସମୟରେ ଜାଲ ବିବାହ କାଗଜପତ୍ର ପାଇବା ପାଇଁ ସେମାନଙ୍କର କଠିନ ପରିଶ୍ରମ ଓ ଅର୍ଜିତ ଟଙ୍କା ଖର୍ଚ୍ଚ କରି ବହୁ ସ୍ଥାନକୁ ଦୌଡ଼ନ୍ତି। ଯେତେବେଳେ ବହୁ ଖର୍ଚ୍ଚାନ୍ତ ହୋଇ ଉଚ୍ଚ ସ୍ତରରେ ଚାକିରୀ ପାଇଁ ସବୁ ଠିକ୍ କରନ୍ତି ସେତେବେଳେ ଗ୍ରାମରେ ପୁଣି ଏକ ସମସ୍ୟା ଦେଖାଦିଏ। ଗ୍ରାମ ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମ କମିଟି ଚାହେଁ ଯେ ଏହି ଚାକିରୀ ପାଇଁ ସେମାନଙ୍କର ନିଜର ପ୍ରାର୍ଥୀ ରାଜନୈତିକ ଅନୁଗ୍ରହ ପାଇପାରିବେ। ମନୋନୀତ ପ୍ରାର୍ଥୀ ଅନ୍ୟ କେହି ନୁହେଁ ବରଂ ବିଜୁଙ୍କ ସବୁଠାରୁ ଭଲ ବନ୍ଧୁ ଶୁକ୍ଲାଙ୍କ ସ୍ତ୍ରୀ ଗୀତା। ଏ ଖବର ଶୁଣି ବିଜୁ ଭାଙ୍ଗି ପଡ଼େ। ଗୋଟିଏ ପଟେ, ସୁମନଙ୍କ ସହିତ ତାଙ୍କର ସ୍ୱପ୍ନର ଜୀବନ ମିଳିପାରୁଛି। ଅନ୍ୟପକ୍ଷରେ, ତାଙ୍କ ରାସ୍ତାରେ କଣ୍ଟା ହୋଇ ଠିଆ ହେଉଛି ତାଙ୍କ ପିଲାଦିନର ବନ୍ଧୁ ଶୁକ୍ଲା। ଶୁକ୍ଲାକୁ ବିଶ୍ୱାସଘାତକତା କରିବା ସେମାନଙ୍କ ବନ୍ଧନକୁ ଭାଙ୍ଗି ପକାଇବ; କିନ୍ତୁ ସୁମନଙ୍କଠାରୁ ଦୂରେଇ ଯିବା ଅର୍ଥ ତାଙ୍କ ଭବିଷ୍ୟତକୁ ହରାଇବା। ପ୍ରେମ ଏବଂ ବିଶ୍ୱସ୍ତତା ମଧ୍ୟରେ ଫସି ରହିଥିବା ବିଜୁ ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ କ'ଣ ନିଷ୍ପତ୍ତି ନିଏ। ଏହାର ଉତ୍ତର ପାଇବା ପାଇଁ ଦେଖନ୍ତୁ ଫେବୃୟାରୀ ୧୩ ରେ ମୁକ୍ତିଲାଭ କରିବାକୁ ଥିବା ଓଡ଼ିଆ ଚିତ୍ର "ବର ବଧୂ"।

*ସୌଜନ୍ୟ: "ଚଳଚ୍ଚିତ୍ର ଜଗତ"*

ଖେଳ ଓ ଖେଳାଳୀ




# ସଲାମ୍ ଟିମ୍ ଇଣ୍ଡିଆ ଟି-୨୦ ବିଶ୍ୱକପ୍ ୨୦୨୬

ଆଇ.ସି.ସି. ଟି-୨୦ ବିଶ୍ୱକପ୍‌ର ଦଶମ ସଂସ୍କରଣର ଫାଇନାଲରେ ଦମ୍‌ଦାର ବିଜୟ ହାସଲ କରି ଭାରତ ରେକର୍ଡ଼ ତୃତୀୟ ଥର ପାଇଁ ବିଶ୍ୱ ଚାଂପିୟାନ ହୋଇଛି। ପୂର୍ବରୁ ଇଣ୍ଡିଜ ଓ ଇଂଲଣ୍ଡ ଦୁଇଥର ଲେଖାଏଁ, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା ଓ ପାକିସ୍ତାନ ଥରେ ଲେଖାଏଁ ଏହି ବିଶ୍ୱକପ୍ ହାସଲ କରିଛନ୍ତି। ଚଳିତ ବର୍ଷ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଥର ଫାଇନାଲ ପ୍ରବେଶ କରିଥିଲେ ମଧ୍ୟ ଭାରତ ଦ୍ୱାରା ଅତ୍ୟନ୍ତ ଶୋଚନୀୟ ଭାବରେ ୯ ରନ୍‌ରେ ପରାସ୍ତ ହୋଇଛି।

ଏହି ଫାଇନାଲରେ ଜିତିବା ପାଇଁ ଭାରତୀୟ ଦଳ ଯେଉଁ ଯାତ୍ରା କରିଥିଲା ସେଥିରେ ପ୍ରଥମ ରାଉଣ୍ଡ ରବିନ ଓ ଦ୍ୱିତୀୟ ସୁପର ପର୍ଯ୍ୟାୟରେ ଥରେ ଲେଖାଏଁ ସଂକଟର ସମ୍ମୁଖୀନ ହୋଇଥିଲା। ରାଉଣ୍ଡ ରବିନ୍ ପର୍ଯ୍ୟାୟରେ ଆମେରିକା ସହିତ ଖେଳିଥିବା ମ୍ୟାଚ୍‌ରେ ୭ ଉଇକେଟ ହରାଇ ୭୭ ରନ୍ କରିବାପରେ ସଂକଟରେ ପଡ଼ିଯାଇଥିଲା ଦଳ। ସୂର୍ଯ୍ୟ କୁମାରଙ୍କ ତେଜୀୟାନ ରନ୍ ଦଳକୁ ଏକ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇ ଦେବାରୁ ଭାରତ ପରାଜୟ ଏଡ଼ାଇ ଯାଇପାରିଥିଲା। କିନ୍ତୁ ସୁପର-୮ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକା ଠାରୁ ମାତ୍ର ୧୧୧ ରନ୍ କରି ପରାସ୍ତ ହେବାରୁ ଦଳର ସେମିଫାଇନାଲ ପ୍ରବେଶ ନେଇ ସମସ୍ତଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ସେତେବେଳେ ଆବଶ୍ୟକ ପଡୁଥିଲା ଜିମ୍ବାୱେ ଓ ଇଣ୍ଡିଜ ବିରୁଦ୍ଧରେ ନିଶ୍ଚିତ ବିଜୟ ଯାହାକି ଭାରତ ନିଜର ତେଜୀୟାନ ବ୍ୟାଟିଂ ଦ୍ୱାରା ହାସଲ କରିନେଇଥିଲା ଅତି ସହଜ ଢଙ୍ଗରେ।

ପୂର୍ବରୁ ଅଷ୍ଟ୍ରେଲିଆ ଓ ପାକିସ୍ତାନ ବାଦ୍ ପଡ଼ିଥିବା ଫଳରେ ଭାରତର କଣ୍ଟକିତ ପଥ କିଛିଟା ପରିସ୍କାର ହୋଇଯାଇଥିଲା। ଅନ୍ୟ ଗ୍ରୁପ୍‌ରେ ପ୍ରଥମ ସ୍ଥାନ ହାସଲ କରିଥିବା ଇଂଲଣ୍ଡ ବିରୁଦ୍ଧରେ ସେମିଫାଇନାଲ ମୁକାବିଲା ଏତେ କଷ୍ଟକର ମନେ ହେଉନଥିଲା କାରଣ ଦକ୍ଷିଣ ଆଫ୍ରିକା ସହିତ ଏହି ସେମିଫାଇନାଲ ଖେଳିବା ପାଇଁ କିଛିଟା କଷ୍ଟର ସମ୍ମୁଖୀନ ହେବାକୁ ପଡ଼ିଥାଆନ୍ତା। ଗୋଟିଏ ପଟରେ ଭାରତ ଇଂଲଣ୍ଡକୁ ହରାଇ ଫାଇନାଲକୁ ଯିବାବେଳେ ଅନ୍ୟ ପଟରୁ ଅପ୍ରତ୍ୟାଶିତ ଭାବରେ ଦକ୍ଷିଣ ଆଫ୍ରିକାକୁ, ଦମ୍‌ଦାର ପ୍ରଦର୍ଶନ ଦ୍ୱାରା ପରାସ୍ତ କରି ନ୍ୟୁଜିଲାଣ୍ଡ ଉତ୍ତୀର୍ଣ୍ଣ ହୋଇଯାଇଥିଲା ଫାଇନାଲକୁ।

ଭାରତ ନ୍ୟୁଜିଲାଣ୍ଡ ମଧ୍ୟରେ ଫାଇନାଲକୁ ନେଇ ବିଶେଷଜ୍ଞମାନେ ଭିନ୍ନ ଭିନ୍ନ ମତାମତ ରଖୁଥିଲେ। କେହି କେହି କହୁଥିଲେ ନ୍ୟୁଜିଲାଣ୍ଡର ବ୍ୟାଟିଂ ଶକ୍ତି ଭାରତଠାରୁ ଅଧିକ। କେହି କେହି ମଧ୍ୟ କହୁଥିଲେ ନ୍ୟୁଜିଲାଣ୍ଡର ବୋଲିଂ ଉଚ୍ଚକୋଟୀର। ଆହୁରି ମଧ୍ୟ କୁହାଯାଉଥିଲା ଯେ ଆଇ. ସି. ସି. ପ୍ରତିଯୋଗିତାରେ ଭାରତ ବିରୁଦ୍ଧରେ ନ୍ୟୁଜିଲାଣ୍ଡର ରେକର୍ଡ଼ ବହୁତ ଭଲ ଏବଂ ଭାରତ କେବେହେଲେ ଏଭଳି ନକ୍ ଆଉଟ୍ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡକୁ ହରାଇବା ନଜିର ନାହିଁ। ଏ ସବୁ ମଧ୍ୟରେ ସମସ୍ତେ ଭୁଲିଯାଇଥିଲେ ଯେ ପୂର୍ବରୁ ଲିଗ୍ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡକୁ ଇଂଲଣ୍ଡ ଚକ୍‌ମା ଦେଇଥିଲା ଏବଂ ସମଗ୍ର ପ୍ରତିଯୋଗିତାରେ କେବଳ ଦକ୍ଷିଣ ଆଫ୍ରିକାକୁ ଛାଡ଼ିଦେଲେ କାହାରି ବିରୁଦ୍ଧରେ ନ୍ୟୁଜିଲାଣ୍ଡ ଦମ୍‌ଦାର

ବ୍ୟାଟିଂ କରିପାରିନଥିଲା । ଠିକ୍ ସେହିପରି ଦଶା ଥିଲା ବୋଲରମାନଙ୍କର ସମୁଦାୟ ଲିଗ୍ ପର୍ଯ୍ୟାୟରେ । ଅପର ପକ୍ଷରେ ଭାରତ ଦୁଇଥର ଦୁଇଶହରୁ ଉର୍ଦ୍ଧ୍ୱ ରନ୍ ସ୍କୋର କରିବା ସହିତ ଇଣ୍ଡିଜ ବିରୁଦ୍ଧରେ ୧୯୯ ସ୍କୋର କରିଥିଲା । ତେଣୁ ଏଭଳି ଯୁକ୍ତିକୁ ଭୁଲ ପ୍ରମାଣିତ କରିଥିଲେ ଭାରତୀୟ ଦଳ ଫାଇନାଲରେ ନିଜର ମୌଳିକ ବ୍ୟାଟିଂ ଶକ୍ତି ପ୍ରଦର୍ଶନରେ । ପ୍ରତିଯୋଗିତାର ଫାଇନାଲ ପରେ ଯେଉଁମାନଙ୍କୁ ଶ୍ରେଷ୍ଠତମର ସ୍ୱୀକୃତି ଦିଆଗଲା ତନ୍ମଧ୍ୟରେ ଥିଲେ ବ୍ୟାଟିଂରେ ସାମସନ ଓ ବୋଲିଂରେ ବୁମରା । ତେଣୁ ସବୁ ବିଭାଗରେ ଭାରତ ସମସ୍ତ ଦଳମାନଙ୍କଠାରୁ ଥିଲା ବେଶ୍ ଆଗରେ ।

ଭାରତର ଏଇ ଆକର୍ଷଣୀୟ ବିଜୟ ପାଇଁ ଦଳକୁ ଓ କୋଚଙ୍କୁ ଯେତେ ପ୍ରଶଂସା କଲେ ମଧ୍ୟ ଏହା କମ୍ ହେବ । କେବଳ ଏତିକି କୁହାଯାଇପାରେ 'ସଲାମ୍ ଟିମ୍ ଇଣ୍ଡିଆ' ।

ଏଇ ଫାଇନାଲରେ ବିଜୟ ସହିତ ଭାରତ ଦ୍ୱାରା ଯେଉଁ ନିମ୍ନଲିଖିତ ରେକର୍ଡ଼ ଗୁଡ଼ିକ ପ୍ରତିଷ୍ଠିତ ହେଲା ସେଗୁଡ଼ିକ ପ୍ରଣିଧାନ ଯୋଗ୍ୟ ।

- ସର୍ବାଧିକ ତିନିଥର ଟି-୨୦ ବିଶ୍ୱକପ୍ ବିଜୟୀ
- ପ୍ରଥମ ଥର ପାଇଁ ଲଗାତାର ଦୁଇଥର ବିଶ୍ୱକପ୍ ବିଜୟୀ
- ଫାଇନାଲ ମ୍ୟାଚ୍‌ରେ କୌଣସି ଦଳର ସର୍ବାଧିକ ସ୍କୋର
- ନିଜ ଦେଶ ମାଟିରେ କୌଣସି ଦେଶର ପ୍ରଥମ ବିଶ୍ୱକପ୍ ବିଜୟ
- ଫାଇନାଲ ମ୍ୟାଚ୍‌ରେ କୌଣସି ବ୍ୟାଟରଙ୍କ ଦ୍ରୁତତମ ଅର୍ଦ୍ଧଶତକ (ଅଭିଷେକ ୧୮ବଲ୍‌ରେ ୫୧ ରନ୍)
- ଫାଇନାଲ ମ୍ୟାଚ୍‌ରେ କୌଣସି ଖେଳାଳୀଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର (ସଂଜୁ ସାମସନ - ୮୯)
- କୌଣସି ଦଳ ଦ୍ୱାରା ବିଶ୍ୱକପ୍‌ରେ ଓପନିଂରେ ସର୍ବାଧିକ ଭାଗିଧାରୀ (ସାମସେନ - ଅଭିଷେକଙ୍କର ୯୮ ରନ୍)
- ଫାଇନାଲର କୌଣସି ଇନିଂସରେ ସର୍ବାଧିକ ଛକା (ଭାରତ ୧୮ଟି)
- କୌଣସି ପ୍ରତିଯୋଗିତାରେ ସର୍ବାଧିକ ଥର ୨୫୦ ସ୍କୋର
- ପ୍ରତିଯୋଗିତାରେ ସର୍ବାଧିକ ଉଇକେଟ ହାସଲ (ବୁମରା - ୧୪ ଓ ବରୁଣ - ୧୪)
- ସର୍ବାଧିକ ଦର୍ଶକ ସଂଖ୍ୟା ( ଜି ହଟ୍‌ଷ୍ଟାରରେ ୭୧ କୋଟି ଦର୍ଶକ)

**ବିଶ୍ୱକପ୍‌ର ଦଶ ଜଣ ଶ୍ରେଷ୍ଠ ବ୍ୟାଟର୍**

| | | |
|---|---|---|
| ପାରହାନ | (ପାକିସ୍ଥାନ) | ୩୮୩ |
| ଟିମ୍ ସିଫର୍ଟ | (ନ୍ୟୁଜିଲାଣ୍ଡ) | ୩୨୬ |
| ସଂଜୁ ସାମସନ | (ଭାରତ) | ୩୨୧ |
| ଇଷାନ କିଶନ | (ଭାରତ) | ୩୧୭ |
| ଫିନ୍ ଆଲେନ | (ନ୍ୟୁଜିଲାଣ୍ଡ) | ୨୯୮ |
| ବ୍ରିଆନ ବେନେଟ | (ଜିମ୍ବାୱେ) | ୨୯୨ |
| ମାର୍କରାମ | (ଦକ୍ଷିଣ ଆଫ୍ରିକା) | ୨୮୬ |
| ବେଥେଲ | (ଇଂଲଣ୍ଡ) | ୨୮୦ |
| ହେଟ୍‌ମାୟର | (ଇଣ୍ଡିଜ) | ୨୪୮ |
| ସୂର୍ଯ୍ୟକୁମାର | (ଭାରତ) | ୨୪୨ |

**ବିଶ୍ୱକପ୍‌ର ଦଶ ଜଣ ଶ୍ରେଷ୍ଠ ବୋଲର୍**

| | | |
|---|---|---|
| ବୁମରା | (ଭାରତ) | ୧୪ |
| ବରୁଣ ଚକ୍ରବର୍ତ୍ତୀ | (ଭାରତ) | ୧୪ |
| ସାଡଲି ଭାନ୍ | (ଆମେରିକା) | ୧୩ |
| ମୁଜା ରବାନି | (ଜିମ୍ବାୱେ) | ୧୩ |
| ଆଦିଲ ରସିଦ | (ଇଂଲଣ୍ଡ) | ୧୩ |
| ଲୁଙ୍ଗି ନିଗଡ଼ି | (ଦକ୍ଷିଣ ଆଫ୍ରିକା) | ୧୨ |
| ରଚିନ ରବୀନ୍ଦ୍ରା | (ନ୍ୟୁଜିଲାଣ୍ଡ) | ୧୧ |
| ମାର୍କୋ ଜାନସେନ୍ | (ଦକ୍ଷିଣ ଆଫ୍ରିକା) | ୧୧ |
| ଥିକ୍‌ସାନା | (ଶ୍ରୀଲଙ୍କା) | ୧୧ |
| ବୋସ୍କ | (ଦକ୍ଷିଣ ଆଫ୍ରିକା) | ୧୧ |

Postal Regd. No. CK (C)/91/2024-2026

**The Samaroha** March - 2026, Vol. - 35, Issue - 6

RNI Regd. No. : 034056/1981

KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is- Unity & Teamwork with*





*Commitment and Dedication*

*Our Motto – No Words but Deeds*





*Aiming for Excellence in Achievement with Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

**₹ 20/-**

Date of Publication : 16.03.2026
Facebook: The Samaroha
E-mail: thesamaroha@gmail.com, Website: www.samaroha.in